
# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୫/୨୦୧୯ (୧୬ ପୃଷ୍ଠା) | Bhubaneswar, Friday, March 15/2019 | ★★★★★★

୪୫ଶ ଭାଗ ୧୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-

### ଦୀପା ଫାଇନାଲରେ

ଭାରତର ଦୀପା କର୍ମକାର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ୱାର୍ଲ୍ଡ କପ୍ ଭଲ୍ଟ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

୧୪ ୦୨

### ‘ଓମେନ୍ ଇନ୍ ଦି ୱାର୍ଲଡ ସମିଟ୍’ରେ ବକ୍ତୃତା ଦେବେ ପ୍ରିୟଙ୍କା

‘ଓମେନ୍ ଇନ୍ ଦି ୱାର୍ଲଡ ସମିଟ୍-୨୦୧୯’ରେ ବକ୍ତୃତା ଦେବା ପାଇଁ ଭାରତୀୟ ଫିଲ୍ମ ତାରକା ପ୍ରିୟଙ୍କା ଚୋପ୍ରା ମନୋନୀତ ହୋଇଛନ୍ତି।



## ମୁମ୍ବାଇରେ ଫୁଟ୍ ଓଭରବ୍ରିଜ ଭୁଶୁଡି ୬ ମୃତ, ୩୩ ଆହତ



**ମୁମ୍ବାଇ,୧୪।୩**

ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ ରେଳଷ୍ଟେଶନ ନିକଟରେ ଥିବା ଏକ ଫୁଟ୍ ଓଭରବ୍ରିଜ ଗୁରୁବାର ସନ୍ଧ୍ୟାରେ ଭୁଶୁଡ଼ି ପଡ଼ିବାରୁ ୨ ନର୍ସଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଛି ଓ ଅନ୍ୟ ୩୩ ଜଣ ଆହତ ହୋଇଛନ୍ତି। ମୃତ ମହିଳା ନର୍ସଦ୍ୱୟ ହେଲେ ଅପୂର୍ବା ପ୍ରଭୁ(୩୫) ଓ ରଞ୍ଜନା ତାମ୍ବେ (୪୦)। ସେମାନେ ନାଇଟ ସିଫ୍ଟ ଡ୍ୟୁଟି କରିବାକୁ ଯାଉଥିଲେ। ଅନ୍ୟ ଯେଉଁମାନେ ପ୍ରାଣ ହରାଇଛନ୍ତି ସେମାନେ ହେଲେ ଜାହିଦ ସିରାଜ ଖାନ (୩୨), ଭକ୍ତି ସିନ୍ଦେ (୪୦), ମୋହନ କୟାଲ୍ଗୁଡେ (୫୮) ଏବଂ ତାପେନ୍ଦ୍ର ସିଂ (୩୫)। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ କର୍ମଚାରୀ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ସାମିଲ ହୋଇଥିଲେ। ସନ୍ଧ୍ୟା ୭ଟା ୩୫ରେ ଓଭରବ୍ରିଜରେ ପ୍ରବଳ ଗହଳି ଥିବାବେଳେ ତାହା ଭୁଶୁଡ଼ି ପଡ଼ିଥିଲା। ଆହତମାନଙ୍କୁ ଜିଟି ହସ୍ପିଟାଲ ଏବଂ ସେଣ୍ଟ ଜର୍ଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉକ୍ତ ଓଭରବ୍ରିଜ ସିଏସଟି ପ୍ଲାଟଫର୍ମ ୧ର ଉତ୍ତର ପାର୍ଶ୍ୱ ଏବଂ ବି.ଟି. ଲେନ୍‌କୁ ସଂଯୋଗ କରୁଥିଲା। ଏହା ଭୁଶୁଡ଼ି ପଡିବାରୁ ଯାତାୟାତ ☞ପୃଷ୍ଠା-୪

## ବିଜେଡିରୁ ବଳଭଦ୍ରଙ୍କ ଇସ୍ତଫା

**ଭୁବନେଶ୍ୱର,୧୪।୩(ବ୍ୟୁରୋ):** ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ ପାଇନାହିଁ। ଏବେ ବି ଆଶାୟୀଙ୍କ ଭିଡ ନବୀନ ନିବାସରେ ଲାଗିରହୁଛି। ହେଲେ ଏହା ମଧ୍ୟରେ ଶାସକ ବିଜେଡି ଏମ୍‌ପି ବଳଭଦ୍ର



ମାଝି ଗୁରୁବାର ଦଳରୁ ଇସ୍ତଫା ପ୍ରଦାନ କରିଛନ୍ତି। ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶଙ୍କୁ ବଳଭଦ୍ର ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ସେ ବ୍ୟକ୍ତିଗତଭାବେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ଚାହିଁଥିଲେ,ହେଲେ ତାହା କାର୍ଯ୍ୟବ୍ୟସ୍ତତା କାରଣରୁ ସମ୍ଭବ ହୋଇପାରି ନାହିଁ। ନିଜ ଇସ୍ତଫାପତ୍ରରେ ସଭାପତିଙ୍କୁ ବଳଭଦ୍ର ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କ ନିର୍ଦ୍ଦେଶ ଏବଂ ନବରଙ୍ଗପୁର ବିଧାୟକମାନଙ୍କ ପରାମର୍ଶ କ୍ରମେ ସରକାରୀ ଚାକିରି ୭ ବର୍ଷ ଥାଇ ଅବସର ଗ୍ରହଣ କରଥିଲି। ଏହା ପରେ ବିଜେଡିରୁ ପ୍ରାର୍ଥୀ ଭାବେ ନବରଙ୍ଗପୁର ଲୋକ ସଭା ଆସନରୁ ଲଢି ବିଜୟୀ ହୋଇଥିଲି। ନେତୃତ୍ୱ ☞ପୃଷ୍ଠା-୪

## ପଦ୍ମ ଧରିଲେ ଦାମ

**ଭୁବନେଶ୍ୱର,୧୪।୩ (ବ୍ୟୁରୋ):** ରାଜନୀତିରେ ସବୁ ସମ୍ଭବ, ଏକଥା ପ୍ରମାଣ କରିବାର ଆବଶ୍ୟକତା ନାହିଁ। ନିର୍ବାଚନୀ ତାରିଖ ଘୋଷଣା ହେବାର ଦିନ କେଇଟା ମଧ୍ୟରେ ଏସବୁ ଆପେଆପେ ପ୍ରମାଣିତ



ହୋଇଯାଉଛି। ସବୁଠାରୁ ବଡ କଥା ହେଉଛି, ବିଜେଡିରୁ କିଛିଦିନ ତଳେ ବହିଷ୍କୃତ ହୋଇଥିବା ବରିଷ୍ଠ ନେତା ଦାମୋଦର ରାଉତ ଗୁରୁବାର ଭାଜପାରେ ଯୋଗଦେଇଛନ୍ତି। ବିଜେଡିରୁ ବହିଷ୍କୃତ ହେବାପରେ ଭାଜପା ନେତାଙ୍କୁ ମଧ ବୁଲିବୁଲି ସମାଲୋଚନା କରୁଥିଲେ ମଧ ଶେଷରେ ଦାମ ପଦ୍ମ ଧରିଛନ୍ତି। ଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟଠାରେ ଗୁରୁବାର ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାମଙ୍କୁ ଉତ୍ତରୀୟ ପିନ୍ଧାଇ ଥିବାବେଳେ ଦଳର ☞ପୃଷ୍ଠା-୮

### ମୋଦିଙ୍କ ବହିର୍ବ୍ୟାପାର ନୀତି କୂଟନୈତିକ ବିପର୍ଯ୍ୟୟର ସମାହାର: କଂଗ୍ରେସ

# ଆଝାର ବିଫଳତାରୁ ବିବାଦ

**ନୂଆଦିଲ୍ଲୀ,୧୪।୩(ପି.ଟି.)**

ଥରେ ନୁହେଁ କି ଦୁଇଥର ନୁହେଁ, ଚାରି ଚାରିଥର କଣ୍ଟା ସାଜିଲାଣି ଚାଇନା। ଜମ୍ମୁ-କଶ୍ମୀରରେ ଯେତେବେଳେ କୌଣସି ବଡ଼ଧରଣର ଆକ୍ରମଣ ହୋଇଛି, ସେଥିରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ସମ୍ପୃକ୍ତି ପଦାକୁ ଆସିଛି। ଏହାକୁ ନେଇ ଜୈଶ୍ ମୁଖ୍ୟ ମାସୁଦ୍ ଆଝାରଙ୍କୁ ନେଇ କଠୋର ହୋଇଛି ଭାରତ। ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଆଝାରଙ୍କୁ କଳାତାଲିକାଭୁକ୍ତ କରିବା ପାଇଁ ଭାରତ ଉଦ୍ୟମ ଚଳାଇଥିବାବେଳେ

### ଚାଇନାକୁ ନେଇ ବାକ୍‌ଯୁଦ୍ଧ

- ଜିନ୍‌ପିଙ୍ଗ୍‌ଙ୍କୁ ଭୟ କରୁଛନ୍ତି ଦୁର୍ବଳ ମୋଦି: ରାହୁଲ
- ନେହେରୁଙ୍କ ଯୋଗୁ ୟୁଏନ୍‌ଏସ୍‌ସିରେ ଚାଇନା: ଭାଜପା

ପାକିସ୍ତାନର ସବୁଦିନିଆ ବନ୍ଧୁ ଚାଇନା ନିଜ ଭିଟୋ କ୍ଷମତା ପ୍ରୟୋଗ କରି ତାକୁ ଭଣ୍ଡୁର କରିଛି। ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବହିର୍ବ୍ୟାପାର ନୀତି ଉପରେ ପ୍ରଶ୍ନ ଉଠାଇଛି କଂଗ୍ରେସ। ଅନ୍ୟପକ୍ଷରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଯୋଗୁ ଚାଇନା ୟୁଏନ୍‌ଏସ୍‌ସିରେ ସ୍ଥାନ ପାଇଛି ବୋଲି କଂଗ୍ରେସକୁ ଜବାବ ଦେଇଛି ଭାଜପା।

ପୁଲଓ୍ୱାମା ଆକ୍ରମଣରେ ୪୯ ଯବାନ ଶହୀଦ ହେବା ପରେ ଆଝାରଙ୍କୁ କଳାତାଲିକାଭୁକ୍ତ କରିବା ପାଇଁ ଭାରତର ଅନୁରୋଧ କ୍ରମେ ୟୁଏନ୍‌ଏସ୍‌ସିର ୩ ସ୍ଥାୟୀ ସଦସ୍ୟ ଆମେରିକା, ଫ୍ରାନ୍ସ ଓ ବ୍ରିଟେନ ଉଦ୍ୟମ କରିଥିଲେ। ଗତ ୨୭ ତାରିଖରେ ୧୨୬୭ ଅଲ୍ କାଏଦା କଟକଣା କମିଟିରେ ପିଟିଶନ ଦାଏର କରିଥିଲେ। ଆପତ୍ତି ଗ୍ରହଣ ପାଇଁ ୧୦ ଦିନିଆ ଅବଧି ଶେଷ ହେବାର ଠିକ୍ ପୂର୍ବରୁ ଅର୍ଥାତ୍ ବୁଧବାର ଭାରତୀୟ ସମୟ ରାତି ୧୨ଟା ୩୦ରେ ଚାଇନା ଆଝାରଙ୍କ ବିରୋଧରେ ପ୍ରମାଣ ମାଗି ଏହି ପ୍ରସ୍ତାବକୁ ଅଟକାଇ ଦେଇଥିଲା। ଏହାକୁ ନେଇ ଭାରତରେ ରାଜନୀତି ସରଗରମ ହୋଇଛି। ମୋଦିଙ୍କ ବହିର୍ବ୍ୟାପାର ନୀତି କୂଟନୈତିକ ବିପର୍ଯ୍ୟୟର ସମାହାର ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଆଝାରଙ୍କୁ ବିଶ୍ୱସ୍ତରୀୟ ଆତଙ୍କବାଦୀ ଘୋଷଣା ପ୍ରସ୍ତାବ କାଟ୍ ଖାଇବାରେ ଚାଇନାର ଭୂମିକା ନିନ୍ଦନୀୟ। ଆତଙ୍କବାଦ ନିରୋଧୀ ଲଢ଼େଇରେ ବିଶ୍ୱ ପାଇଁ ଏହା ହେଉଛି ଏକ ☞ପୃଷ୍ଠା-୪




ଭୋପାଳରେ ସଂସ୍କୃତି ବଞ୍ଚାଅ ମଞ୍ଚ କର୍ମୀମାନେ ଗୁରୁବାର ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କ ବିରୋଧରେ ସ୍ଲୋଗାନ ଦେଇ ତାଙ୍କ ଫଟୋ ପୋଡୁଛନ୍ତି।

## ଟିଟିଲାଗଡ଼ରେ ଶିଶୁ ବଳି ସନ୍ଦେହ

**ଟିଟିଲାଗଡ଼, ୧୪।୩ (ଡି.ଏନ୍.ଏ.)**

- ପୋଲ କଡ଼ରେ ପଡ଼ିଛି ମୃତଦେହ
- ସାମାନ୍ୟ ଦୂରରେ ହୋଇଛି ହୋମ
- ରଖାଯାଇଛି ଚାଉଳ, ନଡ଼ିଆ ଆଦି ପୂଜା ସାମଗ୍ରୀ
- କଣ୍ଟେଇ ଉପରେ ରକ୍ତ ଢଳାଯାଇଥିବା ସନ୍ଦେହ



ଶିଶୁ ବଳିରେ ବ୍ୟବହୃତ ପୂଜା ସାମଗ୍ରୀ।

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବହିଦାର ପଡାମୁଣ୍ଡ ପୋଲ କଡରେ ଗୁରୁବାର ଏକ ଶିଶୁର ମୃତଦେହ ପଡିଛି। ଶିଶୁଟି କାହାର ତାହା ଜଣାପଡ଼ି ନ ଥିଲେ ହେଁ ପାରିପାର୍ଶ୍ୱିକ ସ୍ଥିତିରୁ କେହି ବଳି ଦେଇଥିବା ସାଧାରଣରେ ସନ୍ଦେହ କରାଯାଉଛି। ଏହି ଘଟଣା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

ଦେଖଣାହାରୀଙ୍କ କହିବା ଅନୁଯାୟୀ, ଟିଟିଲାଗଡ ଉପଖଣ୍ଡ ଅଞ୍ଚଳରେ ନରବଳି ବିଭିନ୍ନ ସମୟରେ ଚର୍ଚ୍ଚାର ବିଷୟ ରହିଆସିଛି। ଗତ ଦଶହରା ସମୟରେ ସିନ୍ଧେକେଲା ଗ୍ରାମର ଜଣେ ଶିଶୁକୁ ଉଦନ୍ତୀ ନଦୀ କଡରେ ବଳି ଦିଆଯାଇଥିବା ଘଟଣା ମନରୁ ନ ଲିଭୁଣୁ ଏଭଳି ଆଉ ଏକ ଘଟଣା ଚହଳ ପକାଇ ଦେଇଛି। ଶିଶୁର ମୃତଦେହ ପଡ଼ିଥିବା ସ୍ଥାନଟି ଟିଟିଲାଗଡ଼ ରେଳ ଜଙ୍କସନରୁ କଣ୍ଟାବାଞ୍ଜି ଏବଂ ବଲାଙ୍ଗୀର ପଟକୁ ଯାଇଥିବା ଦୁଇ ରେଳଧାରଣାର ମଝି ତଥା ଏକ ଅପନ୍ତରିଆ ସ୍ଥାନ। ସେଠାରୁ କିଛି ଦୂରରେ ପୂଜାର୍ଚ୍ଚନା କରାଯାଇଛି। ଉକ୍ତ ଅଞ୍ଚଳକୁ ଲୋକେ ପ୍ରାୟ ଯାଉ ନ ଥିବାରୁ କେଉଁ ଦିନ ☞ପୃଷ୍ଠା-୪

## ଇସ୍ତାହାର କମିଟି ଘୋଷଣା କଲା ବିଜେଡି

**ଭୁବନେଶ୍ୱର,୧୪।୩(ବ୍ୟୁରୋ)**

- ବେଦପ୍ରକାଶ ଅଧ୍ୟକ୍ଷ
- ପ୍ରସନ୍ନ, ପଦ୍ମନାଭ ପ୍ରମୁଖ ସହଅଧ୍ୟକ୍ଷ
- କମିଟିରେ ସବୁ ବର୍ଗର ପ୍ରତିନିଧିତ୍ୱ

ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ନିଜର ଇସ୍ତାହାର କମିଟି ଗଠନ କରିଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦଳର ଇସ୍ତାହାର କମିଟି ଘୋଷଣା କରିଛନ୍ତି। ବରିଷ୍ଠ ନେତା ତଥା ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କୁ ଏହାର ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। କମିଟିରେ ସବୁ ବର୍ଗଙ୍କୁ ପ୍ରାଧାନ୍ୟ ଦିଆଯାଇଛି।

ଏହି କମିଟିରେ ସହଅଧ୍ୟକ୍ଷ ଭାବେ ପ୍ରସନ୍ନ ଆଚାର୍ଯ୍ୟ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ମଙ୍ଗଳା କିଷାନ, ପଦ୍ମନାଭ ବେହେରା ଏବଂ କସ୍ତୁରୀ ମହାପାତ୍ରଙ୍କୁ ମନୋନୀତ କରାଯାଇଛି। କମିଟିର ସଦସ୍ୟଭାବେ ଅନଙ୍ଗ ଉଦୟ ସିଂଦେଓ, ଭର୍ତ୍ତୃହରି ମହତାବ, ଡ. ଅଚ୍ୟୁତ ସାମନ୍ତ, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ଡ. ଅରୁଣ କୁମାର ସାହୁ, ସୁଦାମ ମାର୍ଣ୍ଡି, ରମେଶ ଚନ୍ଦ୍ର ମାଝିଙ୍କୁ ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସୁବାସ ସିଂହ, ଡ. ମିନତି ବେହେରା, ଲୋପାମୁଦ୍ରା ବକ୍ସିପାତ୍ର, ନବ ଦାସ, ଡ. ଦିଲୀପ ତିର୍କୀ, ରବି ନାରାୟଣ ନନ୍ଦ, ଇଂ. ନଳିନୀକାନ୍ତ ପ୍ରଧାନ, ଆଇନଜୀବୀ ଅସୀମ ଅମିତାଭ ଦାସ, ମୁନ୍ନା ଖାଁ, ଅନନ୍ତ ନାରାୟଣ ଜେନା, ଡ. ସସ୍ମିତ ପାତ୍ର, ଶ୍ରୀମୟୀ ମିଶ୍ର, ତେଜେଶ୍ୱର ପରିଡା, ଚିନ୍ମୟ ସାହୁ, ଅମରେଶ ପତ୍ରୀ ଏବଂ ରାଣାପ୍ରତାପ ପାତ୍ରଙ୍କୁ ସାମିଲ କରାଯାଇଛି। ବଲାଙ୍ଗୀରରୁ ସୁଜାତା ମିଶ୍ର, ସୁନ୍ଦରଗଡ଼ର ସରସ୍ୱତୀ କିଷାନ, ମୟୂରଭଞ୍ଜ ବିଷ୍ଣୁପ୍ରିୟା ଦାସ, କଳାହାଣ୍ଡିର ପଙ୍କଜିନୀ ମଙ୍ଗରାଜ, କେନ୍ଦୁପତ୍ର ତୋଳାଳି ନେତ୍ରୀ ମାମିନା ନାୟକ, କୃଷକ ନେତା କିଶୋର ଦେବତା ମଧ ଇସ୍ତାହାର କମିଟିରେ ସ୍ଥାନ ପାଇଛନ୍ତି।

ମାର୍ଚ୍ଚ ୫ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୩ ତମ ଜୟନ୍ତୀରୁ ‘ଘରେ ଘରେ ଶଙ୍ଖ- ମତାମତ ଦିଅନ୍ତି ଆପଣ, ପାଳନ କରନ୍ତି ନବୀନ’ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହା ଜରିଆରେ ତୃଣମୂଳରୁ ଇସ୍ତାହାର ପ୍ରସ୍ତୁତି ନେଇ ମତାମତ ସଂଗ୍ରହ କରାଯାଇଥିଲା। ଏହାକୁ ଆଧାର କରି ନିର୍ବାଚନ ଇସ୍ତାହାର ପ୍ରସ୍ତୁତ କରାଯିବ ବୋଲି ଦଳର ସଭାପତି ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ଅନ୍ୟ ଦୁଇ ପ୍ରମୁଖ ଦଳ ଇସ୍ତାହାର କମିଟି ବହୁ ପୂର୍ବରୁ ଘୋଷଣା କରି କାର୍ଯ୍ୟ ଆରମ୍ଭ କରିସାରିଛନ୍ତି।

### ଆଜିର ସମ୍ପାଦକୀୟ

**ନିରାପତ୍ତା ଆଗ**

### ଆଜିର ମନ୍ତବ୍ୟ

“୨୬/୧୧ ମୁମ୍ବାଇ ଆକ୍ରମଣ ପରେ ଆତଙ୍କବାଦୀଙ୍କ ବିରୋଧରେ ପର୍ଯ୍ୟାପ୍ତ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା କଂଗ୍ରେସ।

– ନିର୍ମଳା ସୀଥାରାମନ୍, ପ୍ରତିରକ୍ଷାମନ୍ତ୍ରୀ

### କିଛି ତଥ୍ୟ

୨୦୧୭-୧୮ରେ ଭାରତ ୭୬.୨ ବିଲିୟନ ଡଲାରର ଇଞ୍ଜିନିୟରିଂ ଗୁଡ୍‌ସ ରପ୍ତାନି କରିଛି।

– ଇଇପିସି


NECC NATIONAL EGG CO-ORDINATION COMMITTEE | 14.03.2019 | Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 83 | 136 | 146 |
| BLS | 83 | 136 | 146 |
| ANG | 82 | 135 | 145 |

*Conditions Apply

Eggs Retail Price- 46/-Dozen

Issued in the Interest of Consumers


### ଏପ୍ରିଲ ୨୩: ୨୦ ଆସନରେ ଭୋଟ୍

# କେରଳରେ କଡ଼ା ମୁକାବିଲା

**ଥିରୁଭାନନ୍ତପୁରମ୍/ନୂଆଦିଲ୍ଲୀ,୧୪।୩**


### ବାମପନ୍ଥୀଙ୍କ ଶେଷଗଡ଼ରେ ଅଙ୍କକଷା

- ୨୦୦୪ର ସଫଳତା ଦୋହରାଇବାକୁ ଆଶାବାଦୀ ଏଲ୍‌ଡିଏଫ୍
- ସାବରିମାଲା, କେନ୍ଦ୍ର ଅବହେଳାକୁ ପ୍ରସଙ୍ଗ କରିବେ ବାମପନ୍ଥୀ
- ସରକାର ବିରୋଧୀ ହାୱାରୁ ଫାଇଦା ଆଶାରେ ୟୁଡିଏଫ୍
- ଆର୍‌ଏସ୍‌ଏସ୍ ଯୋଗୁ ଭାଜପା ନେଇପାରେ ନିର୍ଣ୍ଣାୟକ ଭୂମିକା




ସାଧାରଣ ନିର୍ବାଚନ ପାଇଁ ଗତ ୧୦ ତାରିଖରେ କାର୍ଯ୍ୟସୂଚୀ ଘୋଷଣା ପରେ ବାମପନ୍ଥୀଙ୍କ ଶେଷଗଡ଼ ଭାବେ ପରିଚିତ କେରଳରେ ରାଜନୈତିକ ଉଷ୍ମତା ବୃଦ୍ଧିପାଇବାରେ ଲାଗିଛି। ଏଥର ଶାସକ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ଏବଂ ବିରୋଧୀ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ୍) ମଧ୍ୟରେ କଡ଼ା ମୁକାବିଲା ହେଉଛି। ଅନ୍ୟପକ୍ଷରେ ରାଜ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଯୋଗୁ ଭାଜପାର ସାଙ୍ଗଠନିକ ସ୍ଥିତି ସୁଦୃଢ଼ ହୋଇଥିବାରୁ ଗୈରିକ ଦଳ ମଧ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେଇପାରେ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି।

ଦକ୍ଷିଣ ଭାରତର ଅନ୍ୟତମ ପ୍ରମୁଖ ରାଜ୍ୟ କେରଳରେ ମାର୍କ୍ସବାଦୀ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍)



ପିନାରାୟି ବିଜୟନ୍

ନେତୃତ୍ୱାଧୀନ ଏଲ୍‌ଡିଏଫ୍ ସରକାର ଚାଲିଛି। ରାଜ୍ୟର ୨୦ ଲୋକ ସଭା ଆସନ ପାଇଁ ଏପ୍ରିଲ ୨୩ (ତୃତୀୟ ପର୍ଯ୍ୟାୟ)ରେ ଭୋଟଗ୍ରହଣ କରାଯିବ। ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାକୁ ଦୃଷ୍ଟିରେ ରଖି ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ପୂର୍ବରୁ ସମସ୍ତ ୨୦ ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରି ଅନ୍ୟ ଦଳଗୁଡ଼ିକଠାରୁ ପ୍ରଚାରରେ ଆଗୁଆ ରହିଛି ବାମ ସାମ୍ମୁଖ୍ୟ। ସେମାନଙ୍କ ମଧ୍ୟରୁ ☞ପୃଷ୍ଠା-୪

# ‘ମୋଦି କେବଳ ଅମ୍ବାନୀ, ନୀରବଙ୍କ କଥା ଶୁଣୁଛନ୍ତି’

**ଥ୍ରିଶୂର,୧୪।୩(ପି.ଟି.)**



ରାହୁଲ ଗାନ୍ଧୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀ, ମତ୍ସ୍ୟଜୀବୀ ଓ ଛୋଟ ବ୍ୟବସାୟୀଙ୍କ ସ୍ୱରକୁ ଅଣଦେଖା କରୁଛନ୍ତି। ତାଙ୍କ ଏନ୍‌ଡିଏ ସରକାର କେବଳ ଶିଳ୍ପପତି ଅନିଲ ଅମ୍ବାନୀ ଓ ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ କଥା ଶୁଣୁଛନ୍ତିବୋଲି ଗୁରୁବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି।

ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିବା ପରେ କେରଳରେ ଦଳର ପ୍ରଚାର ଆରମ୍ଭ କରିଛନ୍ତି କଂଗ୍ରେସ ମୁଖ୍ୟ ରାହୁଲ। ଥ୍ରିଶୂର ନିକଟସ୍ଥ ଥ୍ରିପ୍ରାୟାରରେ ଅଲ୍ ଇଣ୍ଡିଆ ଫିଶରମ୍ୟାନ୍ କଂଗ୍ରେସ ପକ୍ଷରୁ ଆୟୋଜିତ ଜାତୀୟ ମତ୍ସ୍ୟଜୀବୀ ସଂସଦକୁ ସମ୍ବୋଧିତ କରି ରାହୁଲ କହିଛନ୍ତି, ଭାରତରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଲୋକଙ୍କ ସ୍ୱରକୁ ଶୁଣିବା। ହେଲେ ବର୍ତ୍ତମାନର ସରକାର କେବଳ ଅମ୍ବାନୀ ଓ ନୀରବଙ୍କ ଗୁହାରି ଶୁଣୁଛନ୍ତି। ସେମାନଙ୍କ ଯାହା ଦରକାର ସେମାନେ ପ୍ରଧାନମନ୍ତ୍ରୀଙ୍କୁ ଜଣାଉଛନ୍ତି। ମୋଦି ତାକୁ ୧୦ ସେକେଣ୍ଡରେ ପୂରଣ କରୁଛନ୍ତି। ମାତ୍ର ସାଧାରଣ ଲୋକଙ୍କ କଥାକୁ ମୋଦି ଅଣଦେଖା କରୁଛନ୍ତି। ଅସାଧୁ ଲୋକେ ପ୍ରଧାନମନ୍ତ୍ରୀଙ୍କ ମାର୍କେଟିଂ କରୁଥିବାରୁ ଏଥର ନିର୍ବାଚନ କଂଗ୍ରେସ ବନାମ ମୋଦି ହେବ। କଂଗ୍ରେସ କେନ୍ଦ୍ରରେ ☞ପୃଷ୍ଠା-୪

## ଜଳିଗଲା ବରଯାତ୍ରୀ ବସ୍

### ଜଣେ ଜୀବନ୍ତ ଦଗ୍ଧ



ଜଳିଯାଇଥିବା ବସ୍‌କୁ ଲୋକେ ଦେଖୁଛନ୍ତି।

**କେନ୍ଦୁଝର/ଢେଙ୍କିକୋଟ, ୧୪।୩ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ସାନ୍ତରାପୁର ଗ୍ରାମର ବେହେରାସାହିରେ ବୁଧବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ବରଯାତ୍ରୀ ନେଇ ଆସିଥିବା ଏକ ବସ୍ ହଠାତ୍ ଜଳିଯିବାରୁ ସେଥିରେ ଶୋଇଥିବା ଜଣେ ବରଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଏଯାଏ ମୃତକଙ୍କ ପରିଚୟ ମିଳିପାରି ନାହିଁ। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ପୋଲିସ ଅନୁମାନ କରୁଛି। ହେଲେ ଏପର୍ଯ୍ୟନ୍ତ ପ୍ରକୃତ କାରଣ ଜଣାପଡିନାହିଁ।

ବେହେରାସାହିର ଗଣନାଥ ବେହେରା ପୁଅ ଶ୍ରବଣ କୁମାରଙ୍କ ବିବାହ ଲାଗି ଏକ ବସ୍ (ନଂ. ଓଆର୦୯ ଏନ୍-୫୬୨୯) ଭଡ଼ାରେ ଆଣିଥିଲେ। ବରଯାତ୍ରୀମାନେ ଉକ୍ତ ☞ପୃଷ୍ଠା-୪



" ଆଝାର ପ୍ରସଙ୍ଗରେ ଚାଇନାର ଆଭିମୁଖ୍ୟ ଯଥାର୍ଥ। ଏହାଦ୍ୱାରା ମାମଲାର ପୁଙ୍ଖାନୁପୁଙ୍ଖ ଓ ଗଭୀର ସମୀକ୍ଷା ପାଇଁ ସମୟ ମିଳିବା ସହ ଆଲୋଚନା ଜରିଆରେ ସ୍ଥାୟୀ ସମାଧାନ ଲାଗି ସମ୍ପୃକ୍ତ ପକ୍ଷଙ୍କୁ ସୁଯୋଗ ଦେବ।

- ଲୁ କାଙ୍ଗ୍, ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର

## ସଂକ୍ଷେପରେ

### ଭାରତରେ ୬ ଆଣବିକ ପ୍ରକଳ୍ପ ନିର୍ମାଣ କରିବ ଆମେରିକା

**ୱାଶିଂଟନ୍,୧୪।୩(ପି.ଟି)**-ଭାରତରେ ୬ଟି ଆଣବିକ ଶକ୍ତି କାରଖାନା ପ୍ରତିଷ୍ଠା ପାଇଁ ଉଭୟ ଆମେରିକା ରାଜି ହୋଇଛି। ଏହାଦ୍ୱାରା ଦ୍ୱିପାକ୍ଷିକ ବେସାମରିକ ଆଣବିକ ଶକ୍ତି ସହଯୋଗ ତ୍ୱରାନ୍ୱିତ ହୋଇପାରିବ। ଭାରତ-ଆମେରିକା ପ୍ରତିରକ୍ଷା ନିରାପତ୍ତା ସଂକ୍ରାନ୍ତୀୟ ଆଲୋଚନାର ନବମ ପର୍ଯ୍ୟାୟ ବୈଠକର ଉଦ୍‌ଯାପନୀ ଉତ୍ସବରେ ଦୁଇ ଦେଶ ପକ୍ଷରୁ ଏକ ମିଳିତ ବିବୃତିରେ ଏହା କୁହାଯାଇଛି। ଭାରତୀୟ ବୈଦେଶିକ ସଚିବ ବିଜୟ ଗୋଖ୍‌ଲେ ଏବଂ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ଓ ଅନ୍ତର୍ଜାତୀୟ ନିରାପତ୍ତା ଦାୟିତ୍ୱରେ ଥିବା ଆମେରିକାର ପରରାଷ୍ଟ୍ର ଅନୁସଚିବ ଆଣ୍ଡ୍ରିଆ ଥମ୍ପସନ୍ ବୈଠକରେ ସହ-ଅଧ୍ୟକ୍ଷତା କରିଥିଲେ।

### ସୋନିଆଙ୍କ ସହଯୋଗୀ ଟମ୍ ଭଡକ୍କନ୍ ଭାଜପାରେ



**ନୂଆଦିଲ୍ଲୀ,୧୪।୩(ପି.ଟି.)**-ଉପା ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ଟମ୍ ଭଡକ୍କନ୍ ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ବାଲାକୋଟରେ ବାୟୁସେନାର ଆକ୍ରମଣକୁ ନେଇ କଂଗ୍ରେସର ଆଭିମୁଖ୍ୟକୁ ସେ ସମାଲୋଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କ ଉପସ୍ଥିତିରେ ଭଡକ୍କନ ଭାଜପାରେ ଯୋଗଦେବା ପରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ଭେଟିଥିଲେ।

### ୫୦% ଭୋଟ ଯାଞ୍ଚ ଲାଗି ୨୧ ଦଳର ଆବେଦନ ଶୁଣାଣି ଆଜି

**ନୂଆଦିଲ୍ଲୀ,୧୪।୩**-ଲୋକ ସଭା ନିର୍ବାଚନ ଫଳାଫଳ ଘୋଷଣା ପୂର୍ବରୁ ୫୦ ପ୍ରତିଶତ ଭୋଟର ପେପର ଟ୍ରେଲ୍ ଯାଞ୍ଚ ଲାଗି ୨୧ ବିରୋଧୀ ଦଳ ଗୁରୁବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶୁକ୍ରବାର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଉକ୍ତ ଆବେଦନର ଶୁଣାଣି କରିବେ।

### ଭାଜପାରେ ଅର୍ଜୁନ ସିଂ



**ନୂଆଦିଲ୍ଲୀ,୧୪।୩(ପି.ଟି.)**-ତୃଣମୂଳ କଂଗ୍ରେସ ନେତା ତଥା ପଶ୍ଚିମବଙ୍ଗରୁ ୪ ଥର ବିଧାୟକ ଥିବା ଅର୍ଜୁନ ସିଂ ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ଫଳରେ ଆଗାମୀ ନିର୍ବାଚନରେ ପଶ୍ଚିମବଙ୍ଗରେ ଗୈରିକ ଦଳ ପାଇଁ ସମ୍ଭାବନା ବୃଦ୍ଧି ପାଇଛି। ଭାଜପା ସାଧାରଣ ସମ୍ପାଦକ କୈଳାସ ବିଜୟଭର୍ଗୀୟ ଏବଂ ପଶ୍ଚିମବଙ୍ଗ ନେତା ମୁକୁଲ ରୟଙ୍କ ଉପସ୍ଥିତିରେ ଦଳରେ ସାମିଲ ହେବା ଅବସରରେ ଅର୍ଜୁନ ତୃଣମୂଳ କଂଗ୍ରେସ ନେତ୍ରୀ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସମାଲୋଚନା କରିଛନ୍ତି।

## ■ କର୍ତ୍ତାରପୁର କରିଡରକୁ ନେଇ ଅଟ୍ଟାରି ସୀମାରେ ଭାରତ-ପାକିସ୍ତାନ ପ୍ରତିନିଧି

# ଉତ୍ତେଜନା ବେଳେ ଆଲୋଚନା

**ଅଟ୍ଟାରୀ,୧୪।୩(ପି.ଟି.)**



ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯୁଗ୍ମ ସଚିବ ଏସ୍‌ସିଏଲ୍ ଦାସ (ମଝି)।

- ■ ପୁଲ୍‌ୱାମା ଆକ୍ରମଣ ପରେ ପ୍ରଥମ ଦ୍ୱିପାକ୍ଷିକ ବୈଠକ
- ■ ଭିଜାମୁକ୍ତ ଯାତ୍ରା ଅନୁମତି ପାଇଁ ଦାବିକଲା ଭାରତ
- ■ କରିଡର ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ଉଭୟ ପକ୍ଷର ସହମତି




ପୁଲ୍‌ୱାମା ଆକ୍ରମଣରେ ୪୯ ସିଆରପିଏଫ୍ ଯବାନ ଶହୀଦ ହେବା ପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଆକ୍ରମଣକୁ ଗୁରୁବାର ମାସେ ପୂରିଥିବାବେଳେ କର୍ତ୍ତାରପୁର କରିଡରକୁ ନେଇ ନିକଟତର ହୋଇଛନ୍ତି ଦୁଇ ପଡ଼ୋଶୀ।

କର୍ତ୍ତାରପୁରସ୍ଥିତ ଗୁରୁଦ୍ୱାର ସାହିବ କରିଡରକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଗୁରୁବାର ଅଟ୍ଟାରୀ ସୀମାରେ ଆଲୋଚନା ହୋଇଛି। ପୁଲ୍‌ୱାମା ଆକ୍ରମଣର ଠିକ୍ ମାସକ ପରେ ଦୁଇ ଦେଶର ଅଧିକାରୀଙ୍କ ମଧ୍ୟରେ ଏହା ପ୍ରଥମ ବୈଠକ। ଏହି ଧର୍ମପୀଠକୁ ପ୍ରତିଦିନ ପାକିସ୍ତାନ ୫,୦୦୦ ତୀର୍ଥଯାତ୍ରୀଙ୍କୁ ଭିଜାମୁକ୍ତ ପ୍ରବେଶ ଅନୁମତି ଦେବାକୁ ଭାରତ କହିଛି। ପଞ୍ଜାବର ଗୁରଦାସପୁର ଜିଲା ଏବଂ ସୀମା ସେପଟ କର୍ତ୍ତାରପୁର ସାହିବ ମଧ୍ୟରେ ତୀର୍ଥଯାତ୍ରୀଙ୍କ ପାଇଁ ଯୋଜନାବଦ୍ଧ କରିଡର ଖୋଲିବା ନେଇ ବୈଠକରେ ଉଭୟ ଦେଶର ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଦିନକୁ ଅନ୍ୟୂନ ୫୦୦୦ ତୀର୍ଥଯାତ୍ରୀଙ୍କୁ ଅନୁମତି ଦେବା ଲାଗି ନୂଆଦିଲ୍ଲୀ ପକ୍ଷରୁ ଦାବି କରାଯାଇଥିବା ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଏସ୍.ସି.ଏଲ୍. ଦାସ ଖବରଦାତାମାନଙ୍କୁ କହିଛନ୍ତି। ଶିଖ୍‌ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବ ତାଙ୍କ ଜୀବନର ଶେଷବର୍ଷ କର୍ତ୍ତାରପୁରରେ କଟାଇଥିଲେ। ତେଣୁ ସେଠାକୁ ଭାରତୀୟ ଏବଂ ଭାରତୀୟ ବଂଶୋଦ୍ଭବଙ୍କୁ ପ୍ରବେଶ ଅନୁମତି ମିଳିବା ଆବଶ୍ୟକ ବୋଲି ନୂଆଦିଲ୍ଲୀ ଜଣାଇଛି। ସେହିପରି ସପ୍ତାହ ସାରା ତୀର୍ଥଯାତ୍ରୀଙ୍କୁ ଦର୍ଶନ ଅନୁମତି ଦିଆଯିବା ଲାଗି ଭାରତ ଦାବି କରିଛି। କରିଡର ସମ୍ପୂର୍ଣ୍ଣ ଭିଜାମୁକ୍ତ ହେବା ଉଚିତ। କାଗଜପତ୍ର ଏବଂ ପ୍ରକ୍ରିୟାକୁ ନେଇ ଅତିରିକ୍ତ ପ୍ରତିବନ୍ଧକ ରହିବା ଅନୁଚିତ ବୋଲି ଭାରତ କହିଛି। ଶ୍ରୀ ଦାସ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବାବେଳେ ପାକିସ୍ତାନ ଟିମ୍ ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ (ଏସ୍‌ଏ ଏବଂ ସାର୍କ) ମହମ୍ମଦ ଫୈଜଲଙ୍କ ନେତୃତ୍ୱରେ ଆସିଥିଲେ। ଦୁଇ ପକ୍ଷ ମଧ୍ୟରେ ପ୍ରସ୍ତାବିତ ରାଜିନାମାର ବିଭିନ୍ନ ଦିଗ ଓ ବ୍ୟବସ୍ଥା ସମ୍ପର୍କରେ ଗଠନମୂଳକ ଆଲୋଚନା ହୋଇଥିଲା। କର୍ତ୍ତାରପୁର କରିଡର ତୁରନ୍ତ କାର୍ଯ୍ୟକ୍ଷମ ଲାଗି ଉଭୟପକ୍ଷ ରାଜି ହୋଇଛନ୍ତି।

## ଆଝାରଙ୍କୁ ମାଗିଲେ ସୁଷମା

**ନୂଆଦିଲ୍ଲୀ,୧୪।୩**

### ଜେଇଏମ୍ ମୁଖ୍ୟଙ୍କୁ ହସ୍ତାନ୍ତର କରି ରାଷ୍ଟ୍ରନୀତିଜ୍ଞର ପ୍ରମାଣ ଦିଅନ୍ତୁ ଇମ୍ରାନ



ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଶାନ୍ତି ଚାହୁଁଥିଲେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟ ମାସୁଦ ଆଝାରଙ୍କୁ ଭାରତକୁ ହସ୍ତାନ୍ତର କରନ୍ତୁ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଆହ୍ୱାନ ଦେଇଛନ୍ତି। ଏକ ସମ୍ମିଳନୀକୁ ସମ୍ବୋଧିତ କରି ସୁଷମା କହିଥିଲେ, ଯଦି ଇମ୍ରାନ ଜଣେ ବଡ଼ ରାଷ୍ଟ୍ରନେତା ଏବଂ ଭାରତ ସହ ସୁସମ୍ପର୍କ ଚାହୁଁଥାନ୍ତି ତେବେ ଆଝାରଙ୍କୁ ହସ୍ତାନ୍ତର କରି ସେ ନିଜ ମହାନତାର ପ୍ରମାଣ ଦିଅନ୍ତୁ।

ସୁଷମା କହିଛନ୍ତି, ପୁଲ୍‌ୱାମା ଆକ୍ରମଣ ପରେ ଭାରତୀୟ ବାୟୁସେନା ବାଲାକୋଟରେ କେବଳ ଜେଇଏମ୍ ଶିବିରକୁ ଟାର୍ଗେଟ କରିଥିଲା। ପରଦିନ ଜେଇଏମ୍ ତରଫରୁ ପାକିସ୍ତାନ ବାୟୁସେନା ଭାରତୀୟ ସେନା ଘାଟିକୁ କାହିଁକି ଆକ୍ରମଣ କରିଥିଲା। ପଡୋଶୀ ଦେଶ ଆତଙ୍କବାଦୀଙ୍କୁ ଆଶ୍ରୟ ଦେବାସହ ପାଣ୍ଠି ଯୋଗାଉଛି। ଭାରତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେ ପାକିସ୍ତାନ ପ୍ରତିଜବାବ ଦେଉଛି। ଇସ୍‌ଲାମାବାଦ ଆତଙ୍କବାଦୀ ସଂଗଠନଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରବା ଯାଏ ଆଲୋଚନା ଅସମ୍ଭବ ବୋଲି ସୁଷମା ସ୍ପଷ୍ଟ କରିଛନ୍ତି।

## ବିଳମ୍ବିତ ହେବ ବ୍ରେକ୍‌ଜିଟ୍

### କାଟ୍ ଖାଇଲା ଦ୍ୱିତୀୟ ଗଣଭୋଟ ପ୍ରସ୍ତାବ



ବ୍ରିଟେନ ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ ଥେରାସା ମେ

**ଲଣ୍ଡନ,୧୪।୩(ପି.ଟି.)**- ବ୍ରିଟେନ ପାର୍ଲାମେଣ୍ଟ ଗୁରୁବାର ବ୍ରେକ୍‌ଜିଟ୍ ସକାଶେ ଦ୍ୱିତୀୟ ଗଣଭୋଟ ପାଇଁ ସଂଶୋଧନ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଛି। ମତଦାନ ବେଳେ ବିରୋଧୀ ଲେବର ପାର୍ଟିର ଅଧିକାଂଶ ଏମ୍‌ପି ଏଥିରୁ ବିରତ ରହିଥିଲେ। ଫଳରେ ପ୍ରସ୍ତାବ ସପକ୍ଷରେ ମାତ୍ର ୮୫ ଭୋଟ ପଡ଼ିଥିବାବେଳେ ବିରୋଧରେ ୩୩୪ ଏମ୍‌ପି ମତଦାନ କରିଛନ୍ତି। ଏଥିଯୋଗୁ ତଥାକଥିତ ପିପୁଲ୍ସ ଭୋଟ (ଜନମତ) ପାଇଁ ଅଭିଯାନ ଚଳାଇଥିବା ପ୍ରଚାରକମାନଙ୍କୁ ଶକ୍ତ ଝଟ୍‌କା ଲାଗିଛି। ମାର୍ଚ୍ଚ ୨୯ରେ ୟୁରୋପୀୟ ସଂଘ (ଇୟୁ)ରୁ ବ୍ରିଟେନ ଅଲଗା ହେବା ପାଇଁ ପୂର୍ବରୁ ସ୍ଥିର ହୋଇଥିଲା। କିନ୍ତୁ ଏହି ପରିଣାମ ଆସିବା ପରେ ବ୍ରେକ୍‌ଜିଟ୍‌କୁ ଆଉ ୩ ମାସ ଘୁଞ୍ଚାଇ ଦିଆଯାଇପାରିବ। ଆସନ୍ତା ସପ୍ତାହରେ ହେବାକୁ ଥିବା ୱିଥ୍‌ଡ୍ରାଲ୍ ଡିଲ୍‌କୁ ଏମ୍‌ପିମାନେ ସମର୍ଥନ କଲେ ଜୁନ୍ ୩୦ରେ ବ୍ରେକ୍‌ଜିଟ୍ ହେବ। ଯଦି ଏମ୍‌ପିମାନେ ସମର୍ଥନ ନ କରନ୍ତି ତେବେ ପ୍ରକ୍ରିୟାକୁ ଅଧିକ ଅଧିକ ବିଳମ୍ବିତ କରିବାକୁ ଉଦ୍ୟମ କରାଯିବ। ତେବେ ଏଥିପାଇଁ ଇୟୁର ଅନ୍ୟ ୨୭ ସଦସ୍ୟ ରାଷ୍ଟ୍ରଙ୍କ ସହମତି ଲୋଡ଼ା ବୋଲି ପ୍ରଧାନମନ୍ତ୍ରୀ ଥେରାସା ମେ କହିଛନ୍ତି।

## ■ ରାଫାଲ ଦସ୍ତାବିଜକୁ ନେଇ ବିଶେଷାଧିକାର ଦାବି କଲା କେନ୍ଦ୍ର

# ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୧୪।୩(ପି.ଟି.)**



ରାଫାଲ ମାମଲାରେ ସୁପ୍ରିମକୋର୍ଟଙ୍କ ପୂର୍ବ ରାୟର ସମୀକ୍ଷା ପାଇଁ ହୋଇଥିବା ରିଭ୍ୟୁ ପିଟିଶନରେ ଆବେଦନକାରୀ ଗୋପନୀୟ ଦସ୍ତାବିଜ ସଂଯୋଗ କରିଥିବାରୁ ଏହାକୁ ବାଦ୍ ଦେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆବେଦନ ହୋଇଥିଲା। ଉକ୍ତ ଦସ୍ତାବିଜ ଉପରେ କେବଳ ସରକାରଙ୍କର ବିଶେଷାଧିକାର ରହିଥିବା ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଦାବି କରିଛନ୍ତି। ଫଳରେ ଗୋପନୀୟତାର ଉଲ୍ଲଂଘନ ହୋଇଛି କି ନାହିଁ ଏହା ଅଦାଲତ ପ୍ରଥମେ ଅନୁଧାନ କରିବେ। ପରେ ରାଫାଲ ରାଜିନାମା ତଥ୍ୟକୁ ଯିବେ ବୋଲି କୋର୍ଟ କହିବା ସହ ରାୟ ସଂରକ୍ଷିତ ରଖିଛନ୍ତି।

ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ ହେବା ପରେ ଦସ୍ତାବିଜର ଗୋପନୀୟତା ଧାରଣା ବଦଳିଗଲାଣି ବୋଲି ସର୍ବୋଚ୍ଚ ଅଦାଲତ ସୂଚାଇଥିଲେ। ଆବେଦନକାରୀ ସରକାରଙ୍କ ବିନା ଅନୁମତିରେ ରାଫାଲ ଯୁଦ୍ଧବିମାନ ଚୁକ୍ତିନାମାର ଗୋପନୀୟ ଦସ୍ତାବିଜକୁ ବେଆଇନ ଭାବେ ହାସଲ କରିବା ସହ ଏହାକୁ ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ତେଣୁ ସେମାନଙ୍କ ପିଟିଶନକୁ ଖାରଜ କରାଯାଉ ବୋଲି ଆର୍ଟର୍ନି ଜେନେରାଲ ଖଣ୍ଡପୀଠକୁ କହିଥିଲେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠରେ ବେଣୁଗୋପାଳ କହିଥିଲେ, ପ୍ରତିରକ୍ଷା ମନ୍ତ୍ରଣାଳୟର ଦସ୍ତାବିଜ ଅଦାଲତରେ ଦାଖଲ କରିବା ଅଧିକାର ସରକାରୀ ଗୋପନୀୟତା ଆଇନ ଦେଇନାହିଁ। ଆବେଦନକାରୀ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଦସ୍ତାବିଜର ଫଟୋ କପି କୋର୍ଟରେ ଉପସ୍ଥାପନ କରି ଗୋପନୀୟତା ଆଇନର ଉଲ୍ଲଂଘନ କରିଛନ୍ତି।

## ନିର୍ବାଚନରେ ତ୍ରୁଟି ପାଇଁ ସ୍ଥାନ ନାହିଁ: ସିଇସି

**ନୂଆଦିଲ୍ଲୀ,୧୪।୩(ପି.ଟି.)**-ନିର୍ବାଚନ ପରିଚାଳନା ବେଳେ କୌଣସି ପ୍ରକାର ତ୍ରୁଟିକୁ ବରଦାସ୍ତ କରାଯିବ ନାହିଁ ବୋଲି ଗୁରୁବାର ପର୍ଯ୍ୟବେକ୍ଷକମାନଙ୍କୁ ରୋକ୍‌ଠୋକ୍ ଶୁଣାଇଦେଇଛନ୍ତି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନୀଲ ଆରୋରା। ଗୁରୁବାର ନୂଆଦିଲ୍ଲୀସ୍ଥିତ ନିର୍ବାଚନ ସଦନରେ ୧,୮୦୦ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ଏକ ବୈଠକ କରାଯାଇଛି। ଏଥିରେ ଲୋକ ସଭା ଓ ବିଧାନସଭାଗୁଡ଼ିକର ନିର୍ବାଚନ ପରିଚାଳନା ନେଇ ବିସ୍ତୃତ ଆଲୋଚନା ହେବା ସହ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନଙ୍କୁ ସେମାନଙ୍କ ଭୂମିକା ଓ ଦାୟିତ୍ୱ ନେଇ ଅବଗତ କରାଯାଇଛି।

## ମରଣଯନ୍ତା ପାଲଟିଛି ଫୁଟ୍ ଓଭରବ୍ରିଜ୍



ଦକ୍ଷିଣ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ ରେଲୱେ ଷ୍ଟେଶନ ଓ ଆଜାଦ ମଇଦାନ ଥାନାକୁ ସଂଯୋଗ କରୁଥିବା ଫୁଟ୍ ଓଭରବ୍ରିଜ୍ ଗୁରୁବାର ଭୁଶୁଡ଼ିପଡ଼ିବା ପରେ ଉଦ୍ଧାର କାର୍ଯ୍ୟ ଚାଲିଛି।

### ରେଳମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ



ପୀୟୂଷ ଗୋୟଲ

**ନୂଆଦିଲ୍ଲୀ,୧୪।୩(ପି.ଟି.)**-ମୁମ୍ବାଇର ଫୁଟ୍ ଓଭରବ୍ରିଜ ଭୁଶୁଡ଼ିବା ଘଟଣାରେ କଂଗ୍ରେସ ଉଭୟ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦାୟୀ କରିଛି। ଏଥିପାଇଁ ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କ ବହିଷ୍କାର ଦାବି କରିଛି କଂଗ୍ରେସ। ଏଥିପାଇଁ କେନ୍ଦ୍ରର ମୋଦି ସରକାର ଏବଂ ମହାରାଷ୍ଟ୍ର ସରକାର ଅପରାଧୀ ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି।

### ନାଁ ପାଇଥିଲା 'କସବ ବ୍ରିଜ୍'

ଭୁଶୁଡ଼ି ପଡିଥିବା ଫୁଟ୍ ଓଭରବ୍ରିଜ କସବ ବ୍ରିଜ ଭାବେ ପରିଚିତ ଥିଲା। ୨୬/୧୧ ମୁମ୍ବାଇ ଆକ୍ରମଣ ବେଳେ ପାକିସ୍ତାନୀ ଆତଙ୍କବାଦୀ ଅଜମଲ କସବ ଏବଂ ଇସ୍‌ମାଇଲ ଖାନ୍ ଉକ୍ତ ବ୍ରିଜ ଦେଇ ଆସି ଛତ୍ରପତି ଶିବାଜୀ ଟର୍ମିନସ୍‌ର ଯାତ୍ରୀ ପ୍ରକୋଷ୍ଠରେ ପ୍ରବେଶ କରି ଆଖିବୁଜା ଗୁଳି ଚଳାଇବା ସହ ଗ୍ରେନେଡ ଫିଙ୍ଗିଥିଲେ। ସେମାନଙ୍କ ଆକ୍ରମଣରେ ୫୮ ଜଣଙ୍କ ମୃତ୍ୟୁ ହେବା ସହ ୧୦୪ ଜଣ ଆହତ ହୋଇଥିଲେ।

### ବଞ୍ଚାଇଦେଲା ଲାଲ୍ ସିଗ୍‌ନାଲ

ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ ରେଲଷ୍ଟେସନ ଫୁଟ୍ ଓଭରବ୍ରିଜ ଗୁରୁବାର ସନ୍ଧ୍ୟାରେ ଭୁଶୁଡିବା ବେଳେ ଏହା ନିକଟରେ ଥିବା ଟ୍ରାଫିକ ପୋଷ୍ଟର ଲାଲ୍ ସିଗ୍‌ନାଲ ଅନେକ ବାଇକ ଆରୋହୀଙ୍କ ଜୀବନ ବଞ୍ଚାଇଥିବା କୁହାଯାଉଛି। ଲାଲ୍ ସିଗ୍‌ନାଲ ଯୋଗୁ ଟ୍ରାଫିକ ପୋଷ୍ଟରେ ସେମାନେ ଅଟକି ରହିଯାଇଥିଲେ। ନଚେତ ସେମାନେ ଓଭରବ୍ରିଜ ତଳକୁ ଆସି ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।



ଭୁଶୁଡ଼ି ପଡ଼ିଥିବା ଫୁଟ୍ ଓଭରବ୍ରିଜ୍।

### ପ୍ରଧାନମନ୍ତ୍ରୀ, କଂଗ୍ରେସ ଅଧ୍ୟକ୍ଷଙ୍କ ଶୋକ



ନରେନ୍ଦ୍ର ମୋଦି

ଫୁଟ ଓଭରବ୍ରିଜ ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେହିପରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମୃତକଙ୍କ ଲାଗି ଶୋକବ୍ୟକ୍ତ କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

### ୫ ଲକ୍ଷ ଟଙ୍କା ସହାୟତା ଘୋଷଣା

ବ୍ରିଜ ଭୁଶୁଡିବା ଘଟଣାରେ ମୃତକଙ୍କ ପରିବାର ଲାଗି ମହାରାଷ୍ଟ୍ର ସରକାର ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେହିପରି ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ସହ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। କର୍ତ୍ତୃପକ୍ଷ ବ୍ରିଜର ଷ୍ଟ୍ରକ୍‌ଚର ଯାଞ୍ଚ କରିବା ପରେ କୌଣସି ତ୍ରୁଟି ନ ଥିବା କହିଛନ୍ତି। ବ୍ରିଜ ଭୁଶୁଡିବା ଦୁର୍ଭାଗ୍ୟଜନକ ବୋଲି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ କହିବା ସହ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ଫୁର୍‌ସତ

### ଇତିହାସର ଆଇନାରେ

### ମାର୍ଚ୍ଚ ୧୫ର ପ୍ରମୁଖ ଘଟଣା

**୧**୯୯୦ ମାର୍ଚ୍ଚ ୧୫ରେ ସୋଭିଏଟ୍ ସଂଘର ପ୍ରଥମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ ମିଖାଇଲ୍ ଗୋର୍ବାଚୋଭ୍। ୧୯୩୧ ମାର୍ଚ୍ଚ ୨ରେ ଜନ୍ମଗ୍ରହଣ କରିଥିବା ଗୋର୍ବାଚୋଭ୍ ସୋଭିଏଟ୍ ସଂଘର ଅଷ୍ଟମ ତଥା ଶେଷନେତା ଭାବରେ ବିବେଚିତ। ସେ ୧୯୮୫ରୁ ୧୯୯୧ ମଧ୍ୟରେ ଗଭର୍ନିଂ କମ୍ୟୁନିଷ୍ଟ ପାର୍ଟିର ଜେନେରାଲ ସେକ୍ରେଟାରି ଏବଂ ୧୯୯୦ରୁ ୧୯୯୧ରେ ସୋଭିଏଟ୍ ସଂଘର ରାଷ୍ଟ୍ରପତି ଥିଲେ।

**୨**୦୧୧ ମାର୍ଚ୍ଚ ୧୫ରେ ସିରିଆରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା। ସିରିଆ ରାଷ୍ଟ୍ରପତି ବାଶର ଅଲ୍-ଆସଦଙ୍କ ବହିଷ୍କାର ଦାବିରେ ଦେଶର ଜନସାଧାରଣଙ୍କ ଦ୍ୱାରା ଏକ ସଶସ୍ତ୍ର ବିପ୍ଳବ ଆରମ୍ଭ ହୋଇଥିଲା। ସିରିଆ ସରକାରଙ୍କୁ କେତେକ ବିଦେଶୀ ମିତ୍ରରାଷ୍ଟ୍ର ସମର୍ଥନ କରିଥିବା ବେଳେ ଆଉ କେତେକ ବିଦେଶୀ ରାଷ୍ଟ୍ର ଉଭୟ ସିରିଆ ସରକାର ଏବଂ ଦେଶର ଜନସାଧାରଣଙ୍କୁ ସଶସ୍ତ୍ର ସଂଗ୍ରାମରୁ ବିରତ ରହିବା ପାଇଁ ପରାମର୍ଶ ଦେଇଥିଲେ।

## ନୋବେଲ ଶାନ୍ତି ଦୌଡ଼ରେ ସ୍ୱିଡେନ୍ ସମାଜସେବୀ

**କୋପେନ୍‌ହାଗେନ୍:**



ଗ୍ରେଟା ଥୁନ୍‌ବର୍ଗ

ଚଳିତବର୍ଷ ନୋବେଲ ଶାନ୍ତି ପାଇଁ ସ୍ୱିଡେନ୍‌ର ୧୬ବର୍ଷ ବୟସ୍କା ସମାଜସେବୀ ଗ୍ରେଟା ଥୁନ୍‌ବର୍ଗ ମନୋନୀତ ହୋଇଛନ୍ତି। ଜଳବାୟୁ ପରିବର୍ତ୍ତନ ବିରୋଧରେ ତାଙ୍କର ଶାଣିତ ସ୍ୱର ପାଇଁ ସେ ନୋବେଲ ଶାନ୍ତି ପାଇବା ସମ୍ଭାବନା ଅଛି। ନରୱେର ଡେପୁଟି ଆଣ୍ଡ୍ରେ ଓଭଷ୍ଟିଗାର୍ଡଙ୍କ କହିବାନୁଯାୟୀ, ସେ ଏବଂ ସୋସିଆଲିଷ୍ଟ ଲେଫ୍ଟ ପାର୍ଟିର ଅନ୍ୟ ଦୁଇ ପାର୍ଲାମେଣ୍ଟାରିଆନ୍ ଥୁନ୍‌ବର୍ଗଙ୍କୁ ମନୋନୀତ କରିଛନ୍ତି। କାରଣ ବିଶ୍ୱରେ ଯୁଦ୍ଧ ଓ ବିବାଦ ପାଇଁ ଜଳବାୟୁ ପରିବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଏବଂ ଏଥିପାଇଁ ସେ ଯେଉଁ ଗଣ ଆନ୍ଦୋଳନ ଆରମ୍ଭ କରିଛନ୍ତି ଏହା ଶାନ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖେ। ଗତବର୍ଷ ଥୁନ୍‌ବର୍ଗ ପ୍ରତି ଶୁକ୍ରବାର ସ୍କୁଲ ଯିବା ବନ୍ଦ କରି ସ୍ୱିଡେନ୍ ସଂସଦ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ଜଳବାୟୁ ପରିବର୍ତ୍ତନ ବିରୋଧରେ ଫଳପ୍ରଦ ପ୍ରତିକାର ପାଇଁ ସେ ଦାବି କରିଥିଲେ। ପୋଲାଣ୍ଡ ଓ ଡାଭୋସ ଫୋରମ୍‌ରେ ହୋଇଥିବା ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଓଜସ୍ୱିନୀ ଭାଷଣ ଦେବା ପରେ ତମାମ୍ ବିଶ୍ୱର ତରୁଣପିଢ଼ିଙ୍କ ପାଇଁ ସେ ପାଲଟିଯାଇଥିଲେ ଉଦାହରଣ। ସେହିଦିନଠାରୁ ସେ ତାଙ୍କର ଉଦ୍ୟମ ଜାରି ରଖିଛନ୍ତି।

ପାକିସ୍ତାନୀ ସାମାଜିକ କର୍ମୀ ମଲାଲା ୟୁସଫ୍‌ଜାଇ ୨୦୧୪ରେ ମାତ୍ର ୧୭ବର୍ଷ ବୟସରେ ସର୍ବକନିଷ୍ଠ ନୋବେଲ ଶାନ୍ତି ବିଜୟିନୀ ହେବାର ଗୌରବ ଅର୍ଜନ କରିଥିଲେ। ଚଳିତବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇଁ ୩୦୪ ପ୍ରାର୍ଥୀ ରହିଛନ୍ତି। ତନ୍ମଧ୍ୟରେ ୨୧୯ ବ୍ୟକ୍ତିବିଶେଷ ରହିଥିବା ବେଳେ ୮୫ଟି ସଂଗଠନ ରହିଥିବା ନରୱେ ନୋବେଲ କମିଟି ପକ୍ଷରୁ କୁହାଯାଇଛି। ପ୍ରତିବର୍ଷ ନୋବେଲ୍ ପୁରସ୍କାର ପ୍ରତିଷ୍ଠାତା ଆଲ୍‌ଫ୍ରେଡ ନୋବେଲଙ୍କ ମୃତ୍ୟୁବାର୍ଷିକୀ ଡିସେମ୍ବର ୧୦ରେ ନୋବେଲ ପୁରସ୍କାର ପ୍ରଦାନ କରାଯାଏ। ୨୦୧୮ ନୋବେଲ ଶାନ୍ତି ପୁରସ୍କାର କଙ୍ଗୋ ସମାଜସେବୀ ଡେନିସ୍ ମୁକ୍ୱେଜ୍ ଏବଂ ଇରାକ୍‌ର ନାଦିଆ ମୁରାଦଙ୍କୁ ପ୍ରଦାନ କରାଯାଇଥିଲା। ଯୌନହିଂସାକୁ ଯୁଦ୍ଧ ଓ ସଶସ୍ତ୍ର ବିପ୍ଳବର ଅସ୍ତ୍ର ଭାବେ ବ୍ୟବହାର କରାଯାଉଥିବାରୁ ଏହାର ବିଲୋପ ପାଇଁ ସେମାନେ ସଂଗ୍ରାମ ଜାରି ରଖିଥିଲେ ବୋଲି ନୋବେଲ କମିଟି ପକ୍ଷରୁ କୁହାଯାଇଛି।

## ମହିଳା ବିଶ୍ୱ ସମିଟ୍‌ରେ ଯୋଗଦେବେ ପ୍ରିୟଙ୍କା



**ଲସ୍ ଏଞ୍ଜେଲସ୍:** 'ୱମେନ୍ ଇନ୍ ଦି ୱାର୍ଲଡ ସମିଟ୍-୨୦୧୯'ରେ ବିଶିଷ୍ଟ ମହିଳା ବକ୍ତା ତାଲିକାରେ ସ୍ଥାନ ପାଇଛନ୍ତି ଭାରତୀୟ ଫିଲ୍ମ ତାରକା ପ୍ରିୟଙ୍କା ଚୋପ୍ରା। ୩୬ବର୍ଷ ବୟସ୍କା ଅଭିନେତ୍ରୀ ଜଣେ ସମାଜସେବୀ ଓ ଉଦ୍ୟୋଗୀ ଭାବେ ତାଙ୍କ କ୍ୟାରିୟର ବିଷୟରେ ବର୍ଣ୍ଣନା କରିବେ। 'ୱମେନ୍ ଇନ୍ ଦି ୱାର୍ଲଡ'ର ପ୍ରତିଷ୍ଠାତା ଟିନା ବ୍ରାଉନ୍‌ଙ୍କ ଦ୍ୱାରା ଏପରି ଏକ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବାବେଳେ ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ହାସଲ କରିଥିବା ମହିଳାମାନେ ନିଜସ୍ୱ ଅନୁଭୂତି ବିଷୟ ବର୍ଣ୍ଣନା କରିବେ।

ଲିଙ୍କନ ସେଣ୍ଟରଠାରେ ଉକ୍ତ ଅନୁଷ୍ଠାନର ଦଶମ ବାର୍ଷିକ ଉତ୍ସବ ପାଳିତ ହେବାକୁ ଯାଉଛି। ଏପ୍ରିଲ ୧୦ରୁ ୧୨ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଏହି ଉତ୍ସବରେ ଉଡାଖବରକୁ ବିରୋଧ କରିବା, '# ମିଟୁ' ଆନ୍ଦୋଳନକୁ ଆଗେଇ ନେବା ଏବଂ ସାମ୍ବାଦିକତାର ସୁରକ୍ଷା କରିବା ଭଳି ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯିବ। ୨୦୦୯ରେ ଆରମ୍ଭ ହୋଇଥିବା 'ୱମେନ୍ ଇନ୍ ଦି ୱାର୍ଲଡ ସମିଟ୍' ଅଭିଯାନରେ ସାମିଲ ଅଛନ୍ତି ଆମେରିକୀୟ କୂଟନୀତିଜ୍ଞ ତଥା ଲେଖିକା ହିଲାରି କ୍ଲିଣ୍ଟନ୍, ନାଇଜେରୀୟ ଔପନ୍ୟାସିକା ଚିମାମନ୍ଦା ଗୋଜି ଆଡିଚି ଏବଂ ପୂର୍ବତନ ପ୍ଲାନ୍ଡ ପ୍ୟାରେଣ୍ଟହୁଡ୍ ପ୍ରେସିଡେଣ୍ଟ ସିସାଇଲ୍ ରିଚାର୍ଡସ।



ଲୋକ ସଭା ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ସତ୍ତ୍ୱେ ଗୁରୁବାର ନୋଇଡାରେ ଏକ କାର୍ ଭିତରୁ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜବତ ହୋଇଛି। ନୋଇଡାର ଫେଜ୍ ୩ ପୋଲିସ ଷ୍ଟେଶନ୍ ଅଧୀନ ବେହଲଲ୍‌ପୁର ଗାଁ ନିକଟରେ ମଧ୍ୟାହ୍ନରେ କାର୍‌ଟିକୁ ତନଖି ପାଇଁ ଅଟକାଯାଇଥିଲା। ଯାଞ୍ଚ କରିବାବେଳେ କାର୍‌ରୁ ୧.୧୬କୋଟିର ନଗଦ ଟଙ୍କା ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଆୟକର ବିଭାଗକୁ ସୂଚନା ଦିଆଯିବା ସହିତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।



ଟିକେଟ ପାଇବା ପାଇଁ ନବୀନ ନିବାସଠାରେ ଅପେକ୍ଷା କରିଥିବା ଆଶାୟୀ ମହିଳା।



ଆଶାୟୀ ଏମ୍‌ପି ଓ ବିଧାୟକମାନେ।



କନ୍ଧମାଳ ଜିଲା ଟିକାବାଲିରୁ ଆସି ଟିକେଟ ଅପେକ୍ଷାରେ ଥିବା ନେତ୍ରୀ ଓ ନେତା।

# ଆଶାୟୀଙ୍କୁ ସନ୍ତୁଷ୍ଟ ହେଉନି ସହଜ

- ୨ୟ ପର୍ଯ୍ୟାୟ ନେଇ ପ୍ରାଥମିକ ଆଲୋଚନା
- ଆସନ ପିଛା ଅଧଡଜନ ଆଶାୟୀ

**ଭୁବନେଶ୍ୱର,୧୪।୩(ବ୍ୟୁରୋ):** ସାଧାରଣ ନିର୍ବାଚନ ଘୋଷଣା ହେବା ଦିନଠାରୁ ନବୀନ ନିବାସରେ ଗହଳଚହଳ ଲାଗିରହିଛି। ଶାସକ ଦଳ ବିଜେଡିର ଟିକେଟ ହାତେଇବା ପାଇଁ ଆଶାୟୀଙ୍କ ଲମ୍ବାଲାଇନ ଲାଗିଛି। ହେଲେ ଏହା ବିଜେଡି ପାଇଁ ଅସନ୍ତୋଷର କାରଣ ହୋଇଛି। ଆସନ ପିଛା ଅଧଡଜନରୁ ଅଧିକ ଆଶାୟୀ ହିଁ ବିଜେଡି ମୁଣ୍ଡବିନ୍ଧାର କାରଣ। ସବୁ ଆଶାୟୀଙ୍କୁ ସନ୍ତୁଷ୍ଟ ନ କଲେ ଭୋଟ ବିଭାଜନର ଭୟ ଦଳକୁ ଘାରିଛି। ପ୍ରଥମ ପର୍ଯ୍ୟାୟ ପାଇଁ ୪ ଲୋକ ସଭା ଏବଂ ୨୮ ବିଧାନସଭା ଆସନ ଲାଗି ଆଲୋଚନା ସରିଛି। ହେଲେ ତାଲିକା ଘୋଷଣା ହୋଇନାହିଁ। ଗୁରୁବାର ପୂର୍ବାହ୍ନ ଏବଂ ଅପରାହ୍ନରେ ଦୁଇଟି ପର୍ଯ୍ୟାୟ ବହୁ ନେତା, ଏମ୍‌ପି,ମନ୍ତ୍ରୀ, ବିଧାୟକଙ୍କୁ ଦେଖିବାକୁ ମିଳିଛି। ପ୍ରଥମ ଦୁଇ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଚୂଡାନ୍ତ କରିବା ପାଇଁ ନେତାମାନଙ୍କୁ ନବୀନ ନିବାସ ଡକାଯାଇଥିବା ସୂଚନା ମିଳିଛି।

ବଲାଙ୍ଗୀର, କଳାହାଣ୍ଡି ଏବଂ ଗଞ୍ଜାମ ଜିଲା ନେତାମାନଙ୍କୁ ଗୁରୁବାର ନବୀନ ନିବାସ ଡକାଯାଇଥିବା ଜଣାପଡିଛି। ଅର୍କ କେଶରୀ ଦେଓ, ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, କଳିକେଶ ସିଂ ଦେଓ, ପୁଷ୍ପେନ୍ଦ୍ର ସିଂ ଦେଓ, ଦିବ୍ୟଶଙ୍କର ମିଶ୍ର, ବିଧାୟକ ବଳଭଦ୍ର ମାଝି, ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଏବଂ ବିକ୍ରମ ପଣ୍ଡାଙ୍କୁ ନବୀନ ନିବାସରେ ଦେଖିବାକୁ ମିଳିଛି। କଳାହାଣ୍ଡି ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଚୂଡାନ୍ତ କରିପାରୁ ନ ଥିବା ଜଣାପଡିଛି। ନବୀନ ନିବାସରେ ଅର୍କ କେଶରୀ ଦେଓଙ୍କ ସହ ତାଙ୍କ ସ୍ତ୍ରୀଙ୍କୁ ମଧ ଦେଖିବାକୁ ମିଳିଥିଲା। ଅର୍କଙ୍କ ପୁନର୍ବାର ପ୍ରାର୍ଥିତ୍ୱ ନେଇ ଦଳ ରାଜି ନାହିଁ। ତେଣୁ ମହିଳା କାର୍ଡରେ ସେ ନିଜ ସ୍ତ୍ରୀଙ୍କୁ ପ୍ରାର୍ଥୀ କରିବା ପାଇଁ ଚେଷ୍ଟା ଚଳାଇଥିବା ସୂତ୍ରରୁ ପ୍ରକାଶ। ଏମ୍‌ପି ବଳଭଦ୍ର ମାଝିଙ୍କ ଇସ୍ତଫା ପରେ ମନ୍ତ୍ରୀ ରମେଶ ମାଝି ନବରଙ୍ଗପୁର ଲୋକ ସଭା ପ୍ରାର୍ଥୀ ହେବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ସେହିପରି ବଳଭଦ୍ର କିମ୍ବା ତାଙ୍କ ସ୍ତ୍ରୀଙ୍କୁ ଝରିଗାଁ ବିଧାନସଭା ଆସନରୁ ପ୍ରାର୍ଥୀ କରିବାକୁ ଭାଜପା ଅନାଇ ବସିଛି। ହେଲେ ଏନେଇ ଭାଜପା କିମ୍ବା ବଳଭଦ୍ରଙ୍କଠାରୁ ସ୍ପଷ୍ଟ ସୂଚନା ମିଳିନାହିଁ। ତାଙ୍କ ଇସ୍ତଫା ପରେ ବିଜେଡି ପ୍ରାର୍ଥୀ ତାଲିକା ଘୋଷଣା ବିଳମ୍ବ କରିପାରେ ବୋଲି ସୂତ୍ରରୁ ପ୍ରକାଶ। ଏମାନଙ୍କ ବ୍ୟତୀତ ରଘୁନାଥ ସାହୁ , ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଅଭିନେତା ଅରିନ୍ଦମ ଦାସ, ଆଠଗଡର ପୂର୍ବତନ ବିଧାୟକ ରମେଶ ରାଉତଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ବାଚନ କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବା ବେଳେ ନବୀନ ନିବାସରେ ରମେଶ ରାଉତଙ୍କ ଆବିର୍ଭାବ ଭିନ୍ନ ଚର୍ଚ୍ଚାକୁ ଜନ୍ମ ଦେଇଛି।

ଗୁରୁବାର ଦ୍ୱିତୀୟାର୍ଦ୍ଧରେ ସଞ୍ଜୟ ଦାସବର୍ମା, ନଗେନ୍ଦ୍ର ପ୍ରଧାନ, ସୂର୍ଯ୍ୟ ପାତ୍ର, ଦେବରାଜ ମହାନ୍ତି, ଯୋଗେନ୍ଦ୍ର ବେହେରା, ଅରୁଣ ସାହୁ, ପ୍ରଫୁଲ୍ଲ ସାମଲ, ମହେଶ୍ୱର ମହାନ୍ତି, ପୂର୍ଣ୍ଣ ସେଠୀ, ଚନ୍ଦ୍ରଶେଖର ସାହୁ, ସୌମ୍ୟରଞ୍ଜନ ପଟ୍ଟନାୟକ, ଅଚ୍ୟୁତ ସାମନ୍ତ ଏବଂ ବିଜୟ କୁମାର ମହାନ୍ତି ପ୍ରମୁଖଙ୍କୁ ଦେଖିବାକୁ ମିଳିଥିଲା। ଦ୍ୱିତୀୟାର୍ଦ୍ଧ ବୈଠକରେ ଇସ୍ତାହାରର ରୂପରେଖ ନେଇ ଆଲୋଚନା ହୋଇଛି। ତେବେ ମନ୍ତ୍ରୀ ସୂର୍ଯ୍ୟ ପାତ୍ର ଏବଂ ରମେଶ ଚ୍ୟାଉ ପଟ୍ଟନାୟକଙ୍କୁ ନିଜ ନିଜ ଆସନରୁ ଲଢିବା ପାଇଁ ଗ୍ରୀନ୍ ସିଗ୍‌ନାଲ ମିଳିନାହିଁ। ଉଭୟ ସ୍ଥାନ(ଦିଗପହଣ୍ଡି ଏବଂ ବ୍ରହ୍ମପୁର ବିଧାନସଭା)ରେ ଦଳ ନୂଆ ମୁହଁ ଖୋଜୁଛି।

## ସଂକ୍ଷେପରେ

### ଆଜି ରାହୁଲଙ୍କ ବରଗଡ଼ ଗସ୍ତ



**ବରଗଡ଼ ଅଫିସ୍,୧୪।୩:** ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ବରଗଡ଼ ଜିଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ସେ ଅପରାହ୍ନ ପ୍ରାୟ ୧ଟାରେ ବରଗଡ଼ ସହର ଉପକଣ୍ଠ ନୂଆ ସରସରା ପଡ଼ିଆରେ ନିର୍ମିତ ଅସ୍ଥାୟୀ ମଞ୍ଚକୁ ପହଞ୍ଚି ଜନସାଧାରଣଙ୍କୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ରାହୁଲଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦଳୀୟ ନେତୃବୃନ୍ଦ ସଫଳ କରିବାରେ ଲାଗି ପଡ଼ିଥିବାବେଳେ ପୋଲିସ ପ୍ରଶାସନ ମଧ୍ୟ ରାହୁଲଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି। ସୂଚନା ଅନୁଯାୟୀ, ରାହୁଲ ନୂଆଦିଲ୍ଲୀରୁ ବାହାରି ମଧ୍ୟାହ୍ନ ପ୍ରାୟ ୧୨ଟାରେ ରାୟପୁରରେ ଏକ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମରେ ଯୋଗଦେବେ। ପରେ ସେ ହେଲିକପ୍ଟର ଯୋଗେ ଆସି ଅପରାହ୍ନ ପ୍ରାୟ ୧ଟା ସୁଦ୍ଧା ବରଗଡ଼ ସହର ଉପକଣ୍ଠ ନୂଆ ସରସରା ପଡ଼ିଆର ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚିବେ। ସେଠାରେ ନିର୍ମିତ ମଞ୍ଚରେ ସେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା ପରେ ଅପରାହ୍ନ ପ୍ରାୟ ୨ଟା ୧୫ମିନିଟ୍‌ରେ ରାୟପୁର ଅଭିମୁଖେ ଯିବା କାର୍ଯ୍ୟକ୍ରମ ରହିଛି। ରାହୁଲଙ୍କ ଗସ୍ତ ପୂର୍ବରୁ ଗୁରୁବାର ସୁଦ୍ଧା ଏଆଇସିସି ସମ୍ପାଦକ ଶେକ୍ ମସ୍ତାନ ଅଲ୍ଲୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ଏମ୍‌ପି ଶରତ ପଟ୍ଟନାୟକ ପ୍ରମୁଖ ବରଗଡ଼ ପହଞ୍ଚି ସାରିଥିବାବେଳେ ସ୍ଥାନୀୟ କଂଗ୍ରେସ କର୍ମୀମାନେ ସହରରେ ଏକ ବାଇକ୍ ରାଲି କରିଥିଲେ।




## ବିରୂପାରେ ବୁଡ଼ିଗଲେ ୨ ଛାତ୍ର

**ଜଣଙ୍କ ମୃତଦେହ ଉଦ୍ଧାର**

**ଡେରାବିଶ, ୧୪।୩ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଦେଇ ପ୍ରବାହିତ ବିରୂପା ନଦୀର ଛୋଟିଠାରେ ନିର୍ମାଣାଧୀନ ବିଜୁ ସେତୁ ନିକଟରେ ଗୁରୁବାର ପୂର୍ବାହ୍ନରେ ଗାଧୋଉଥିବା ବେଳେ ୨ ଛାତ୍ର ବୁଡ଼ିଯାଇଥିଲେ। ବହୁ ଖୋଜାଖୋଜି ପରେ ଅପରାହ୍ନରେ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ରାତି ସାଢ଼େ ୭ଟା ସୁଦ୍ଧା ଅନ୍ୟଜଣଙ୍କର ପତ୍ତା ମିଳି ନ ଥିଲା। ମୃତକ ଜଣକ ହେଲେ ଛୋଟି ଗ୍ରାମର ପ୍ରକାଶ ଦାସଙ୍କ ପୁଅ ଆକାଶ (୧୮)।

ପ୍ରକାଶ ଯେ, ଆକାଶ ଓ ତାଙ୍କ ସାଙ୍ଗ ସେହି ଗ୍ରାମର ସନ୍ତୋଷ ପ୍ରଧାନଙ୍କ ପୁଅ ଦିବ୍ୟଜ୍ୟୋତି (୧୬) ପୂର୍ବାହ୍ନ ସାଢ଼େ ୧୦ଟା ବେଳେ ବିରୂପା ନଦୀକୁ ଗାଧୋଇବାକୁ ଯାଇଥିଲେ। ଉଭୟେ ପହଁରି ଘାଟ ପାରି ହୋଇ କିଛି ଦୂରକୁ ଚାଲି ଯିବା ପରେ ଗଭୀର ସ୍ରୋତ ଥିବାରୁ ସେମାନେ ବୁଡ଼ି ଯାଇଥିଲେ। ନଦୀ କୂଳରେ ଗାଧୋଉ ଥିବା ଅନ୍ୟ କେତେଜଣ ସେମାନେ ବୁଡ଼ି ଯାଉଥିବା ଦେଖି ଚିତ୍କାର କରିଥିଲେ। ସଙ୍ଗେ ସଙ୍ଗେ ନଦୀକୂଳରେ ଶତାଧିକ ଲୋକ ରୁଣ୍ଡ ହୋଇଯିବା ସହ ଖବରପାଇ ଡେରାବିଶ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ଛୋଟି ଘାଟଠାରୁ ୫୦ମିଟର ଦୂରରୁ ଆକାଶଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ନିକିରେଇ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ, ଏନ୍‌ଡିଆର୍‌ଏଫ୍ ଟିମ୍ ସମେତ ଛୋଟି ସରପଞ୍ଚ କୁମାର ଚନ୍ଦ୍ର ବଳଙ୍କ ତତ୍ତ୍ୱାବଧାନରେ କେତେଜଣ ଯୁବକ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବା ଜଣାପଡ଼ିଛି। ଖବରପାଇ ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଜିଲା କଂଗ୍ରେସ ସଭାପତି ଚିନ୍ମୟ ପ୍ରସାଦ ବେହୁରା ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ସୂଚନାଯୋଗ୍ୟ, ଦିବ୍ୟଜ୍ୟୋତି ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ଆକାଶ ମାଟ୍ରିକ ପାସ୍ କରି ଘରେ ଥିଲେ।

## କଂଗ୍ରେସରେ ଯଜ୍ଞେଶ୍ୱର



**ଭୁବନେଶ୍ୱର, ୧୪।୩ (ବ୍ୟୁରୋ):** ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ ଗୁରୁବାର କଂଗ୍ରେସରେ ଯୋଗ ଦେଇଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ ଯଜ୍ଞେଶ୍ୱର ବିଧିବଧ ଭାବେ ନିଜ ସମର୍ଥକମାନଙ୍କ ସହ ଦଳରେ ସାମିଲ ହୋଇଛନ୍ତି। ଯଜ୍ଞେଶ୍ୱରଙ୍କୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ଯଜ୍ଞେଶ୍ୱର କହିଛନ୍ତି, ସାରାଭାରତ ବର୍ଷରେ କଂଗ୍ରେସ ହିଁ କେବଳ ଗଣତନ୍ତ୍ରକୁ ସୁରକ୍ଷା ଦେଇପାରିବ। ନିରଞ୍ଜନଙ୍କ ନେତୃତ୍ୱରେ ଓଡିଶାରେ ରାଜନୈତିକ ପରିବର୍ତ୍ତନ ସମ୍ଭବ ବୋଲି ଯଜ୍ଞେଶ୍ୱର କହିଛନ୍ତି। ଅନ୍ୟପଟେ ନିରଞ୍ଜନଙ୍କ ପୌରୋହିତ୍ୟରେ 'କଂଗ୍ରେସ' ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରେ ନିରଞ୍ଜନ କହିଛନ୍ତି, ଭାରତବର୍ଷରେ ଏକମାତ୍ର ଦଳ କଂଗ୍ରେସ ଯିଏ ତଳେ ପଡିଥିବା ମଣିଷର କଥା ସବୁବେଳେ ଚିନ୍ତା କରିଆସିଛି। ଅନ୍ୟ ରାଜନୈତିକ ଦଳମାନେ କେବଳ ଭୋଟ ରାଜନୀତି କରୁଥିବା ବେଳେ କଂଗ୍ରେସ ଦଳ ଭାରତବାସୀଙ୍କ ସାମୂହିକ ବିକାଶକୁ ଗୁରୁତ୍ୱ ଦେଇଛି। 'କଂଗ୍ରେସ' ପୁସ୍ତକଟି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ ଅଲ୍ଲୀଙ୍କୁ ଉତ୍ସର୍ଗ କରାଯାଇଛି। ଅପରପକ୍ଷରେ ଜ୍ଞାନଦେବ ବେଉରାଙ୍କୁ ଗୁରୁବାର ପିସିସି ମୁଖପାତ୍ର ଭାବେ ନିଯୁକ୍ତି ଦିଆଯାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।









ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସିପିଆଇ(ଏମ୍ଏଲ୍) ରେଡ୍‌ଷ୍ଟାର ପକ୍ଷରୁ ଗୁରୁବାର ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଦଳ ପକ୍ଷରୁ ୫ଟି ଲୋକ ସଭା ଏବଂ ୩ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ରାଜ୍ୟ ସମ୍ପାଦକ ଶିବରାମଙ୍କ ସୂଚନା ଅନୁଯାୟୀ ପୁରୀ ଲୋକ ସଭାରୁ ରଞ୍ଜନ ମିଶ୍ର, ଭୁବନେଶ୍ୱର-ପ୍ରମିଳା ବେହେରା, ଆସିକା-ଶଙ୍କର ସାହୁ, କନ୍ଧମାଳ-ଚୁନା ମଲିକ ଏବଂ କୋରାପୁଟ ଆସନରୁ ରାଜେନ୍ଦ୍ର କେଣ୍ଡୁକା ପ୍ରାର୍ଥୀ ହେବେ। ସେହିପରି ଲକ୍ଷ୍ମୀପୁର ବିଧାନସଭାରୁ ପୂର୍ଣ୍ଣ ମାଣ୍ଡିଙ୍ଗ୍, ଭଞ୍ଜନଗର-ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଏବଂ ଭୁବନେଶ୍ୱର(ଉତ୍ତର)ରୁ ରାଜେନ୍ଦ୍ର ପ୍ରସାଦ ବାରିକ ପ୍ରାର୍ଥୀ ହେବେ। ବ୍ରହ୍ମପୁର ବିଧାନସଭା ଆସନରେ ଦଳ ଅବନୀ ଗୟାଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କରିବ ବୋଲି ଘୋଷଣା କରିଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ପାୟଲ
ପରିବାରବର୍ଗ


ଶ୍ରଦ୍ଧାଞ୍ଜଳି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

### automobile

**SALE**

Mitsubishi Lancer modified, Cedia sports, Cruze, Hyundai Elantra, Pajero SFX, Passat. 7381091234, 9861194627. D-65382

### real estate

**SALE**

Private plot for sale near AIIMS Hospital, Doon school, Sijua, Bhubaneswar 657/- sqft. 9437335686, 7008487006. D-66407

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Xavier University ନିକଟରେ ରାସ୍ତାଥାଇ ପ୍ଲଟ 4,50,000/- ଦିଆଯାଉଅଛି। Sasmita-9853150290. D-65383

Twincityର middlepoint (Phulnakhara)ରେ ନିର୍ମିତ Grandbazar NH-5ରୁ walkable distanceରେ ଘରବାରି plot କିଣନ୍ତୁ। Abhaya-8144647993. D-65381

Gharabadi yellowzone plot near AIIMS Hospital, immediate possession. 9938670164, 6370907396. D-66027

2/3 BHK flat near Infocity, Chandrasekharpur, Contact: 9337737185, 9439197755. D-49288

Ready to move 3 BHK Flat near Budheswari Temple, Cuttack Road, Contact: 9439197755, 9337737185. D-49289

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଛାରୁ ବିକ୍ରିହେବ। 9178660666. D-66023

ନଖରା ତ୍ରିନାଥବଜାରଠାରେ SC ଘରବାରି plot 1200କୁ 3,60,000/- general plot 1200କୁ 5,40,000/- (outright) 9776934361, 7749026703. D-65385

ଭୁବନେଶ୍ୱର ଜଟଣୀଗେଟ୍ କିଛିଦୂରତାରେ 1200 sqft. 1,80,000/-, BEC କଲେଜ ଠାରେ 1200କୁ 3,00,000/- (outright). 9776934361, 7749026703. D-65386

Prime location main road side private 3tier house for sale near Brit Colony Badagada, Bhubaneswar. Contact: 9040337729, 9861037729. D-63939

Patia KIIT ଜଗନ୍ନାଥ ମନ୍ଦିରଠାରେ residential plot 30'road, electricity ପାଚେରିସହ 1150/-. 8658935829. D-65392

**Gharabari plot with 30' road & compoundwall at Brahmanajharilo Cuttack 68,000 sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65857

ଘରବାରି ପ୍ଲଟ ବାଉଣ୍ଡାରିୱାଲ, ଇଲେକ୍ଟ୍ରିସିଟି ସୁବିଧାଥାଇ ବାଲିଅନ୍ତା, ପାହାଳ, ନଖରା, DPS, Dadhichi, କୋରଡ଼କଣ୍ଟା ଓ ରଙ୍ଗବଜାରଠାରେ ବିକ୍ରିହେବ: 8249870448. D-65391

### to-let

Small office space in Esplanade-1, Rasulgarh, Rent: Rs. 25,000/-, Contact: 9338556528, 9337737185. D-49290

**First floor 3bed, dining, drawing, kitchen, parkings, Rs. 15000/- for lease office, guest house near Cuttack road. 8847882402, 8763862809.** D-11653

### packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-11547

### healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-65600

Rejuvenate and Ayurvedic full body massage by smart therapist. 9114402304. D-65599

Ayurvedic full body massage ladies/ gents experts therapist. 8338097451. D-65853

Sampark ayurvedic massage club fully relaxed by smart lady, home service available. 8280102993. D-65855

Herbal full body massage with refreshment by well trained therapist. 7381239385, 06742540855. D-66028

Experience full body massage with us by experts. Enquiry. 0674259782 2, 7377048581. D-66029

Herbal full body massage by smart/ expert therapist. Contact: 8338067247. D-66030

Newly opening ayurvedic body massage smart therapist, Shree herbal. 7750020754. D-66031

Improving your health, skin care through expert therapist, excellent offer. 9668374480. D-66032

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



**ସ୍ୱର୍ଗତ କାଶୀନାଥ ରଥ**
(୧୯୩୦-୨୦୧୯)
ବୀରରାମଚନ୍ଦ୍ରପୁର, ପୁରୀ
ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ।
ଧ-୧୧୬୫୨

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ମନୋରମା ନାୟକ**
(ଶିକ୍ଷୟିତ୍ରୀ)
ଆବିର୍ଭାବ: ୧୧।୧୧।୧୯୬୬
ତିରୋଧାନ: ୨୭।୦୩।୨୦୧୫
(ଫାଲ୍‌ଗୁନ ମାସ ଶୁକ୍ଳ ନବମୀ)
ରେମୁଆଁ, ତାଳଚେର
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ସ୍ୱାମୀ: ମୋହନ, ପୁତ୍ର: ମନୋରଞ୍ଜନ, ଝିଅ: ମୋନାଲିସା, ମା, ବାପା, ଶୋକସନ୍ତପ୍ତ ପରିବାରବର୍ଗ।
ଧ-୧୧୬୩୮

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସୁହାସିନୀ ତ୍ରିପାଠୀ**
ଆବିର୍ଭାବ: ୦୪।୦୪।୧୯୪୧
(ରାମ ନବମୀ)
ତିରୋଧାନ: ୨୫।୦୨।୧୯୮୮
(ଫଗୁ ନବମୀ)
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ଟୁଟୁ, କୁମୁନୁ, ରାମ, ନିତୁ, ବାବୁନା, ମାମୁନୀ, କୁଟୁ, ପ୍ରାଚୀ, ତୁକି, ଫୁକି, ସାଇଭି ଏବଂ ନଇସ୍, ବନ୍ଧୁ ଓ ପରିବାରବର୍ଗ।
ଧ-୬୬୪୦୮

**ସ୍ମୃତି ସ୍ତମ୍ଭ**
**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଡା: ପ୍ରଭୁ କଲ୍ୟାଣ ତ୍ରିପାଠୀ**
ଆବିର୍ଭାବ: ତା୨୧।୧୨।୧୯୭୨
ତିରୋଧାନ: ତା ୪।୩।୨୦୧୯
୨୩୨/A ଶହୀଦ୍ ନଗର, ଭୁବନେଶ୍ୱର
ଆଜି ଦ୍ୱାଦଶାହରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସମସ୍ତ ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୧୧୬୫୪

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ**



**✓ ଗୋପୀନାଥ ନନ୍ଦ**
ଅବସରପ୍ରାପ୍ତ ଯୁଗ୍ମ ଶାସନ ସଚିବ
ଜନ୍ମସ୍ଥାନ : ଖଣ୍ଡସାହୀ, ବାସସ୍ଥାନ : ୮୩, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ଜନ୍ମ - ୧୩.୧୨.୧୯୨୮
ସ୍ୱର୍ଗାରୋହଣ, -୨୪.୦୨.୨୦୧୮
ବିଗତ ବର୍ଷର ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରିଛୁ ତୁମର ଅନୁପସ୍ଥିତି। ତୁମେ ଥିଲ ଆମ ପ୍ରେରଣାର ଉତ୍ସ। ଶ୍ରୀ ଜଗନ୍ନାଥ ଓ ମା' ବୁଦ୍ଧେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା, ତୁମ ଗଢ଼ା ସଂସାରକୁ ଖୁସିରେ ଭରିଦିଅ।
ପୁତ୍ର - ଦାମୋଦର, ପଦ୍ମନାଭ, ପୁତ୍ରବଧୂ- ମାମୀ ଓ ପିଙ୍କି, କନ୍ୟା- ଡାଃ ରୁକ୍ମଣୀ, ଇନ୍ଦ୍ରାଣୀ, କଲ୍ୟାଣୀ, ନାତି ନାତୁଣୀ ଏବଂ ପରିବାର ବର୍ଗ।
ଧ-୧୧୬୫୯

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**


## ପ୍ରଥମ ପୃଷ୍ଠାରୁ...

### କେରଳରେ କଡ଼ା...

୧୪ ଜଣ ସିପିଆଇଏମ୍ ଚିହ୍ନରେ ଲଢ଼ିବେ। ଅନ୍ୟ ୨ ଜଣ ଏଲ୍‌ଡିଏଫ୍ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇବେ। ଅବଶିଷ୍ଟ ୪ ଆସନ ସିପିଆଇକୁ ଛାଡ଼ି ଦିଆଯାଇଛି। ଅନୁରୂପ ଭାବେ ବାମ ସାମ୍ମୁଖ୍ୟର ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିବାରେ ଲାଗିଛନ୍ତି। ହେଲେ ଭାଜପା ଏବଂ କଂଗ୍ରେସ ଏଯାଏ ସେମାନଙ୍କ ପ୍ରାର୍ଥୀ ଚୂଡ଼ାନ୍ତ କରିପାରି ନାହାନ୍ତି। ସିପିଆଇଏମ୍ ସମ୍ପାଦକ କୋଡିୟେରି ବାଲାକ୍ରିଷ୍ଣନ୍ କହିଛନ୍ତି, ବିଜୟନ୍ ସରକାରଙ୍କ ଉତ୍ତମ ପ୍ରଦର୍ଶନ ଏବଂ କେରଳ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାତରଅନ୍ତର ନୀତିକୁ ନେଇ ରାଜ୍ୟବାସୀ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ୨୦୦୪ ସାଧାରଣ ନିର୍ବାଚନ ଭଳି ଏଥର ମଧ୍ୟ ଭୋଟର ବାମ ଦଳଗୁଡ଼ିକୁ ୨୦ରୁ ୧୮ ଆସନରେ ବିଜୟୀ କରାଇବେ। ଏଲ୍‌ଡିଏଫ୍ ଆବାହକ ତଥା ପୂର୍ବତନ ଏମ୍‌ପି ଏ. ବିଜୟରାଘବନ୍ କହିଛନ୍ତି, ସାବରିମାଲା ମନ୍ଦିରରେ ସବୁ ବୟସର ମହିଳାଙ୍କ ପ୍ରବେଶ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେବ। ଏହି ପ୍ରସଙ୍ଗରେ ଗତବର୍ଷ ସୁପ୍ରିମକୋର୍ଟଙ୍କ ରାୟକୁ ବିଜୟନ୍ ସରକାର ଯେପରି ଅନୁପାଳନ ଓ ପରିଚାଳନା କଲେ ତାହା ପ୍ରଚାରରେ ସ୍ଥାନ ପାଇବ। ଭାଜପା ରାଜ୍ୟ ସଭାପତି ପିଏସ୍ ଶ୍ରୀଧରନ୍ ପିଲାଇ କହିଛନ୍ତି, ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଉପାୟରେ ଦଳ ନିର୍ବାଚନ ଲଢ଼ି ସଫଳତା ହାସଲ କରିବ। ହେଲେ ପ୍ରାର୍ଥୀ ଘୋଷଣା ନ କରିବାର କାରଣ ସମ୍ପର୍କରେ ସେ କିଛି ମତ ଦେଇନାହାନ୍ତି। କଂଗ୍ରେସ ମୁଖପାତ୍ର ଜ୍ୟୋଥି ଚମକାଲା କହିଛନ୍ତି, ୟୁଡିଏଫ୍ ରାଜ୍ୟ କିମ୍ବା କେନ୍ଦ୍ରରେ କ୍ଷମତାରେ ନାହିଁ। ତେଣୁ ସରକାର ବିରୋଧୀ ହାୱାକୁ ନେଇ ଏହି ସାମ୍ମୁଖ୍ୟ ନିର୍ବାଚନ ଲଢ଼ିବ। ଖୁବ୍‌ଶୀଘ୍ର ୟୁଡିଏଫ୍‌ର ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

୨୦୧୪ ସାଧାରଣ ନିର୍ବାଚନରେ ସାରା ଦେଶରେ ସିପିଆଇଏମ୍ ୯ଟି ଆସନରେ ବିଜୟୀ ହୋଇଥିଲା, ଯହିଁରୁ କେବଳ ୫ଟି କେରଳର ହୋଇଥିବାବେଳେ ପଶ୍ଚିମବଙ୍ଗ ଓ ତ୍ରିପୁରାରୁ ୨ଟି ଲେଖାଏ ଆସନରେ ସଫଳତା ମିଳିଥିଲା। ତେବେ ସିପିଆଇଏମ୍ ନେତୃତ୍ୱାଧୀନ ଏଲ୍‌ଡିଏଫ୍ ଷୋଡ଼ଶ ଲୋକସଭାକୁ ୮ ଏମ୍‌ପିଙ୍କୁ ପଠାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଓ ଅନ୍ୟ ୨ ଜଣ ବାମଦଳ ସମର୍ଥିତ ସ୍ୱାଧୀନ। କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଗତଥର ରାଜ୍ୟରେ ୧୨ ଆସନ ଦଖଲ କରିଥିଲା। ସେହିପରି ୧୪୦ ଆସନ ବିଶିଷ୍ଟ କେରଳ ବିଧାନସଭାର ନିର୍ବାଚନ ୨୦୧୬ ମେ ୧୬ରେ ଅନୁଷ୍ଠିତ ହୋଇଥିଲା। ବିଧାନସଭାର ୯୧ ଆସନ ଏଲ୍‌ଡିଏଫ୍ ଦଖଲ କରି ସରକାର ଗଢ଼ିଥିବାବେଳେ ୟୁଡିଏଫ୍‌କୁ ୪୭ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଭାଜପା କେବଳ ଖାତା ଖୋଲିବାରେ ସକ୍ଷମ ହୋଇଥିଲା। ଅନ୍ୟ ଗୋଟିଏ ଆସନ ଖାଲି ପଡ଼ିଛି। ତେବେ ଭଗବାନଙ୍କ ନିଜ ଦେଶ ଭାବେ ପରିଚିତ ଏହି ରାଜ୍ୟରେ ବିଧାନସଭା ନିର୍ବାଚନ ଓ ଲୋକ ସଭା ନିର୍ବାଚନର ମତଦାନ ଭିନ୍ନ ପ୍ରକାର ହୋଇଥାଏ।

ଲୋକ ସଭା ନିର୍ବାଚନର ଫଳ ମେ ୨୩ରେ ପ୍ରକାଶ ପାଇବାକୁ ଥିବାବେଳେ ଏହି ଦିନ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ତାଙ୍କ ସରକାରଙ୍କ ତୃତୀୟ ବର୍ଷପୂର୍ତ୍ତି ପାଳନ କରିବେ। ଏଥିଲାଗି ସାଧାରଣ ନିର୍ବାଚନରେ ଏଲ୍‌ଡିଏଫ୍‌ର ବିପୁଳ ସଫଳତା ଏହି ଉତ୍ସବର ଉଲ୍ଲାସକୁ ବହୁଗୁଣିତ କରିବ ବୋଲି ବିଜୟନ୍ ଆଶା ବାନ୍ଧିଛନ୍ତି। ନିର୍ବାଚନ ଫଳ ସିପିଆଇଏମ୍ ସପକ୍ଷରେ ଗଲେ ଦଳରେ ବିଜୟନ୍ ସବୁଠୁ ପ୍ରଭାବଶାଳୀ ନେତା ଭାବେ ପରିଗଣିତ ହେବେ। ଅନ୍ୟଥା ପଶ୍ଚିମବଙ୍ଗ ଓ ତ୍ରିପୁରାରେ ବାମଦୁର୍ଗ ଭୁଶୁଡ଼ିବା ଭଳି ସ୍ଥିତି କେରଳରେ ମଧ୍ୟ ଦେଖିବାକୁ ମିଳିବ।

### ଜଳିଗଲା ବରଯାତ୍ରୀ...

ବସ୍‌ରେ ସଦର ଥାନା କେନ୍ଦୋଇପଶିସ୍ଥିତ କନ୍ୟାଘରକୁ ଯାଇଥିଲେ। ସେଠାରେ ବରଯାତ୍ରୀଙ୍କୁ ଧରି ବସ୍ ଫେରିବା ପରେ ବେହେରାସାହିରେ ରହିଥିଲା। ଭୋର୍‌ରୁ ବସ୍ ଯିବ ବୋଲି କହି ଡ୍ରାଇଭର ଦୋଳଗୋବିନ୍ଦ ଗିରି ନିଜ ଗ୍ରାମ ନୁଗୁରିପଶିକୁ ଚାଲିଯାଇଥିଲେ। ମାତ୍ର ବସ୍ ଭିତରେ କେହି ଜଣେ ଶୋଇପଡିଥିଲେ। ବିଳମ୍ବିତ ରାତିରେ ହଠାତ୍ ବସ୍‌ଟି ହୁ ହୁ ହୋଇ ଜଳିବାକୁ ଲାଗିଥିଲା। ପାଖ ପଡୋଶୀମାନେ ନିଆଁ ଜଳୁଥିବା ଦେଖି ପାଟି କରିବାରୁ ଆଖପାଖ ଘର ଲୋକେ ଉଠି ଘଟଗାଁ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ, ଘଟଗାଁ ଥାନା ଆଇଆଇସି ବନ୍ଦନା ପାତ୍ର, ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଳିକ, ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡା ତୁରନ୍ତ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ସେତେବେଳକୁ ବସ୍ ସମ୍ପୂର୍ଣ୍ଣ ଜଳିଯାଇଥିଲା। ବସ୍ ମଧ୍ୟରେ ଥିବା ଉକ୍ତ ଯୁବକ ମଧ୍ୟ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଘଟଗାଁ ଥାନା ଆଇଆଇସି ବନ୍ଦନା ପାତ୍ର ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରିବାକୁ ବେହେରାସାହିବାସୀ ଦାବି କରିଛନ୍ତି।

### ଟିଟିଲାଗଡ଼ରେ ଶିଶୁ...

ଏହି ପୂଜାର୍ଚ୍ଚନା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ସେଠାରେ ଥିବା ପୋଲ ତଳେ ଚାଉଳ, ଦର୍ପଣ, ସିନ୍ଦୂର, କଳସ, ନଡ଼ିଆ, ନୂଆ କପଡା, ଫୁଲ ଆଦି ଅନେକ ପୂଜା ସାମଗ୍ରୀ ପଡ଼ିଛି। ହୋମ କରାଯାଇଛି। ପୂଜା କରାଯାଇଥିବା ଏକ କଣ୍ଡେଇ ଉପରେ ରକ୍ତ ଢଳାଯାଇଥିବା ଅନୁମାନ କରାଯାଇଛି। ତେଣୁ ଶିଶୁଟିକୁ ବଳି ଦିଆଯାଇଥିବା ସନ୍ଦେହ ଦୃଢ଼ୀଭୂତ ହେଉଛି। ଘଟଣା ସମ୍ପର୍କରେ ବଲାଙ୍ଗୀର ଜିଆରପି ଥାନା ଅଧିକାରୀ ଦୁର୍ଗାଚରଣ ପ୍ରଧାନଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ଏ ସଂକ୍ରାନ୍ତରେ ସେ କିଛି ଜାଣି ନ ଥିବା କହିଛନ୍ତି। ତଥାପି ଘଟଣାର ତଦନ୍ତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

### ମୋଦି କେବଳ...

କ୍ଷମତାସୀନ ହେଲେ ମତ୍ସ୍ୟଜୀବୀଙ୍କ ପାଇଁ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ କରିବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ସେ ଯୁବକଂଗ୍ରେସ କର୍ମୀ ସୁହେବଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ଗତବର୍ଷ ଫେବୃୟାରୀରେ ସୁହେବଙ୍କୁ ସିପିଆଇଏମ୍ କର୍ମୀମାନେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

### ଆଜ୍‌ହାର ବିଫଳତାରୁ...

କଳାଦିବସ। ୫୬ ଇଞ୍ଚ ଛାତିର ଆଲିଙ୍ଗନ କୂଟନୀତି ଏବଂ ଚାଇନା ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କୁ ଗୁଜରାଟ ଡକାଇ ଦୋଳିରେ ଝୁଲାଇବା ମୋଦିଙ୍କ ବିଫଳତା। ଏଥିଯୋଗୁ ଉଭୟ ଚାଇନା ଓ ପାକିସ୍ତାନ ଭାରତକୁ ନାଲିଆଖି ଦେଖାଉଛନ୍ତି ବୋଲି ସୁର୍ଜେୱାଲା ଟୁଇଟ୍ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି, ଦୁର୍ବଳ ମୋଦି ଜିନ୍‌ପିଙ୍ଗ୍‌ଙ୍କୁ ଭୟ କରୁଛନ୍ତି। ଏଥିପାଇଁ ଆଜ୍‌ହାରଙ୍କୁ ସୁରକ୍ଷା ଦେଉଥିବା ଚାଇନା ବିରୋଧରେ ମୋଦି ପଦୁଟିଏ ମଧ୍ୟ କହୁନାହାନ୍ତି। ନିର୍ମମ ହତ୍ୟା ପାଇଁ ଦାୟୀ ଜଣେ ଆତଙ୍କବାଦୀଙ୍କୁ ଭାଜପା ପୁଣିଥରେ ଛାଡ଼ିଦେଇଛି ବୋଲି ରାହୁଲ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ୧୯୯୯ରେ କାନ୍ଦାହାର ବିମାନ ଅପହରଣ ପରେ ୧୭୬ ଯାତ୍ରୀଙ୍କ ମୁକ୍ତି ବଦଳରେ ଆଜ୍‌ହାରଙ୍କ ସମେତ ୩ ଆତଙ୍କବାଦୀଙ୍କୁ ତତ୍କାଳୀନ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଛାଡ଼ିଦେଇଥିଲା।

ଅନ୍ୟପକ୍ଷରେ କଂଗ୍ରେସର ସମାଲୋଚନାକୁ ନେଇ ଜବାବ ରଖିଛି ଭାଜପା। ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି, କଂଗ୍ରେସ ଅଧ୍ୟକ୍ଷ ରାହୁଲ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟ ଉତ୍ସବ ପାଳନ କରିବା ସଦୃଶ। ୨୦୦୯ରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଅମଳରେ ଆଜ୍‌ହାର ପ୍ରସଙ୍ଗରେ ଚାଇନା କଣ୍ଟା ସାଜିଥିବାବେଳେ ରାହୁଲ କାହିଁକି ଚୁପ୍ ରହିଥିଲେ ବୋଲି ରବିଶଙ୍କର ପ୍ରଶ୍ନ କରିଛନ୍ତି। ସେହିପରି ଭାଜପା ପ୍ରଚାର କମିଟି ଅଧ୍ୟକ୍ଷ ଅରୁଣ ଜେଟ୍‌ଲୀ କହିଛନ୍ତି, ଚାଇନାକୁ ୟୁଏନ୍‌ଏସ୍‌ସିରେ ସ୍ଥାୟୀ ସଦସ୍ୟତା ଦେବାରେ ରାହୁଲଙ୍କ ଅଣଜେଜେବାପା ନେହେରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଉଭୟ କଶ୍ମୀର ଓ ଚାଇନା ପ୍ରସଙ୍ଗରେ ମୂଳ ଭୁଲ୍ ଜଣେ ବ୍ୟକ୍ତିଙ୍କ ଦ୍ୱାରା ହୋଇଥିଲା ବୋଲି ୧୯୫୫ ଅଗଷ୍ଟ ୨ରେ ମୁଖ୍ୟମନ୍ତ୍ରୀମାନଙ୍କୁ ନେହେରୁ ଲେଖିଥିବା ଏକ ପତ୍ରର ଅବତାରଣା କରି ଜେଟ୍‌ଲୀ କହିଛନ୍ତି।

### ବିଜେଡିରୁ ବଳଭଦ୍ରଙ୍କ...

ଏବଂ ତାଙ୍କ ମଧ୍ୟରେ ଦୂରତା ବଢିଯାଇଛି। କିଛି ବ୍ୟକ୍ତିବିଶେଷ ନେତୃତ୍ୱକୁ ବିଭ୍ରାନ୍ତି କରିବା ସହ ତାଙ୍କ ସଫଳତା ସମ୍ପର୍କରେ ଜଣାଉ ନ ଥିବା ଭଳି ସାଂଘାତିକ ଅଭିଯୋଗ କରିଛନ୍ତି ବଳଭଦ୍ର। ସେହିପରି ଦଳୀୟ କାର୍ଯ୍ୟକ୍ରମ ଏବଂ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରୁ ତାଙ୍କୁ ଦୂରେଇ ରଖାଯାଉଛି। ଏମିତି କି ଦଳୀୟ କାର୍ଯ୍ୟକ୍ରମ ସମ୍ପର୍କରେ ତାଙ୍କୁ ଶେଷ ମୁହୂର୍ତ୍ତରେ ଜଣାଯାଇଥିଲା। ଏହା ଦ୍ୱାରା ସେ ବହୁ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଭାଗ ନେବାରେ ବଞ୍ଚିତ ହୋଇଛନ୍ତି। ଚଳିତ ସାଧାରଣ ନିର୍ବାଚନ ପୂର୍ବରୁ ତାଙ୍କ ସହିତ ଧୋକା ହୋଇଥିବା ବଳଭଦ୍ର ମତ ରଖିଛନ୍ତି। ଦଳ ଭିତରେ ଅଲୋଡ଼ା ହୋଇଯାଇ ଥିବାରୁ ସେ ଦଳରେ ରହିବାକୁ ଚାହୁଁନାହାନ୍ତି। ନବୀନ ପଟ୍ଟନାୟକଙ୍କ ପ୍ରତି ବ୍ୟକ୍ତିଗତ ଭାବେ କୌଣସି ଅସନ୍ତୋଷ ନ ଥିବା ବଳଭଦ୍ର ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ବିଜେଡିର ଶୀର୍ଷ ନେତୃତ୍ୱରୁ ମିଳିଥିବା ଖବର ଅନୁଯାୟୀ ମନ୍ତ୍ରୀ ରମେଶ ମାଝି ନବରଙ୍ଗପୁର ଲୋକ ସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇପାରନ୍ତି। ତେଣୁ ବଳଭଦ୍ରଙ୍କୁ ସମୟକ୍ରମେ ଅଣଦେଖା କରାଯାଇଥିବା ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ସେହିପରି ରମେଶଙ୍କ ପ୍ରାର୍ଥୀତ୍ୱକୁ ବଳଭଦ୍ର ସ୍ୱାଗତ କରିଛନ୍ତି। ନିଜ ଇସ୍ତଫାପତ୍ରରେ ବିଗତ ୫ ବର୍ଷରେ ନବରଙ୍ଗପୁରରେ ହୋଇଥିବା କେତେକ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି।

### ମୁମ୍ବାଇରେ ଫୁଟ୍ ଓଭରବ୍ରିଜ...

ବାଧାପ୍ରାପ୍ତ ହୋଇଛି। ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ମୁମ୍ବାଇ ପୋଲିସ ଲୋକଙ୍କୁ ପରାମର୍ଶ ଦେଇଛି। ରେଳ ବିଭାଗ ଏବଂ ବିଏମ୍‌ସି ମିଳିତ ଭାବେ ଦୁର୍ଘଟଣାର ତଦନ୍ତ କରିବେ ବୋଲି ରାଜ୍ୟ ଶିକ୍ଷାମନ୍ତ୍ରୀ ବିନୋଦ ତାୱଡେ ଘୋଷଣା କରିଛନ୍ତି। ଗତବର୍ଷ ଜୁଲାଇରେ ଅନ୍ଧେରିରେ ଏକ ଫୁଟ୍ ଓଭରବ୍ରିଜ ଭୁଶୁଡିଥିଲା। ୨୦୧୭ରେ ଏଲଫିନଷ୍ଟୋନ୍‌ବ୍ରିଜ ଭୁଶୁଡିବା ପରେ ଦଳଚକଟା ଯୋଗୁ ୨୩ଜଣଙ୍କ ମୃତ୍ୟୁ ଘଟିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଭାଗ୍ୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟିଥିଲେ ମଧ୍ୟ ଷଡ଼ାଷ୍ଟକ ଗୁରୁ ଅଭିଳଷିତ କାମରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟିକରିବେ। ଦୀର୍ଘ ଦିନର କ୍ରନିକ୍ ରୋଗପୀଡାଜନିତ ଅସୁସ୍ଥତା କ୍ରମଶଃ ଭଲ ଦିଗକୁ ଗତି କରିବ। ମାତ୍ର ଆର୍ଥିକ ଅଭିବୃଦ୍ଧି, ଯାତ୍ରା କେତେକାଂଶରେ ଶାନ୍ତି ପ୍ରଦାୟକ ହେବ। ପରିବହନ, ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ସମାଧାନ କରିପାରିବେ।

**ବୃଷ** - ଶନିକ୍ଷେତ୍ରସ୍ଥ ରାଶ୍ୟାଧିପ ଶୁକ୍ର ଷଡ଼ାଷ୍ଟକ ସ୍ଥିତିରେ ଚନ୍ଦ୍ରଙ୍କଠାରୁ ରହି ପୁରୁଣା ରୋଗ ପୀଡ଼ା ଓ ସମସ୍ୟା ଭିତରେ ହିଁ ଗତି କରାଇବେ। ଫଳତଃ କାର୍ଯ୍ୟହାନି ସାଙ୍ଗକୁ ସ୍ୱାସ୍ଥ୍ୟର ଅବନତି ପରିଲକ୍ଷିତ ହେବା କାରଣରୁ ମାନସିକ ବ୍ୟସ୍ତତା ବୃଦ୍ଧି ପାଇବ। ଅର୍ଥ ସମ୍ପର୍କିତ ଅଭାବକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ।

**ମିଥୁନ** - ଧନାଧିପ ଚନ୍ଦ୍ର ରାଶିରେ ରହି ପ୍ରତ୍ୟେକ ଦିଗରୁ ସଫଳତା ପ୍ରଦାନ କରିବେ। ନିଜର ଉଦାରତା ଓ ମିଷ୍ଟଭାଷୀ ଗୁଣରୁ କୌଣସି ସମୟ ଦୀର୍ଘସ୍ଥାୟୀ ହେବନାହିଁ। ହାତରୁ ଖର୍ଚ୍ଚ କରି ନିଜ କାମ ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ।

**କର୍କଟ** - ଆକସ୍ମିକ ଭାବରେ ଦ୍ୱାଦଶ ଚନ୍ଦ୍ରଙ୍କ ପ୍ରଭାବରେ ଦୂରଯାତ୍ରା ଓ ବ୍ୟୟ ବହୁଳତା ଟେନ୍‌ସନର କାରଣ ହେବ। ତଥାପି ଅନ୍ୟାନ୍ୟ ଗ୍ରହ ସମ୍ପର୍କରୁ କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭର ସୌଭାଗ୍ୟ ପାଇ ଖୁସି ହେବେ। ପ୍ରତିବନ୍ଧକ ମଧ୍ୟରେ ଅଟକି ରହିଯାଇଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ହେବ। ପାରିବାରିକ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ସିଂହ** - ସମସ୍ୟା ରହିଥିଲେ ମଧ୍ୟ ଏକାଦଶସ୍ଥ ଚନ୍ଦ୍ର ଓ ରାଶ୍ୟାଧିପଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟି କାମକୁ ଅଗ୍ରଗାମୀ କରାଇବ। ଅବଶ୍ୟ ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ଆବଶ୍ୟକତା ପରିପୂର୍ଣ୍ଣ କରି ନ ପାରନ୍ତି। ରାଜନୀତି ସ୍ତରରେ, ସଭାସମିତିରେ, ଯାତ୍ରା, ବାଣିଜ୍ୟରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**କନ୍ୟା** - ଭଲ ଓ ମନ୍ଦର ଛାଇ ଆଲୁଅ ଖେଳ ଭିତର ଦେଇ ଆଜିର ଦିନଟି ଅତିବାହିତ ହେବ। ହାତକୁ ନେଇଥିବା କାମଗୁଡିକ ସମ୍ପନ୍ନ କରିବାରେ ବିଳମ୍ବ ଘଟିପାରେ। କିନ୍ତୁ ଜମିଜମା କାରବାରରେ ଅର୍ଥ ଲାଭରୁ କିମ୍ବା କଳ୍ପନାର ବାହାରେ ଥିବା କୌଣସି କାର୍ଯ୍ୟ ହାସଲ ହେତୁ ଖୁସି ରହିବେ। ସଭାସମିତି, କଳା, ସାହିତ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**ତୁଳା** - କର୍ମାଧିପ ଭାଗ୍ୟସ୍ଥାନରେ ରହିଥିବାରୁ ଆଶା ପୂରଣ ଅବଶ୍ୟ ହେବ କିନ୍ତୁ ରାହୁଙ୍କ ପ୍ରଭାବରେ ସମସ୍ୟା ମଧ୍ୟଦେଇ। ଶାରୀରିକ ଦୁର୍ବଳତାଜନିତ ଯାତ୍ରା କାଳରେ କୌଣସି ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡିବ। ରପ୍ତାନି ବାଣିଜ୍ୟରେ ସମସ୍ୟା ରହିବ ନାହିଁ। ପରିସ୍ଥିତିର ପ୍ରଭାବରେ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ।

**ବିଛା** - ଅଷ୍ଟମ ଚନ୍ଦ୍ର ହେତୁ ପ୍ରତ୍ୟେକ କାମରେ କିଛିଟା ଅଶାନ୍ତି ଓ ସମସ୍ୟାର ଝଲକ ଦେଖିବାକୁ ମିଳିପାରେ। ଫଳତଃ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଅଫିସ କାମରେ ସହକର୍ମୀଙ୍କ ଆଚରଣ ଅଥବା ଘଟିଯାଉଥିବା ଘଟଣାବଳୀ ଅସ୍ୱାଭାବିକ ମନେ ହୋଇପାରେ। ଅପରାହ୍ନରେ ବନ୍ଧୁମିଳନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ସୂଚନା ରହିଛି।

**ଧନୁ** - ଦୈହିକ ଦୁର୍ବଳତା ବ୍ୟତୀତ ଅନ୍ୟ ପ୍ରତ୍ୟେକ ବିଷୟ ଭଲ ରହିବ। କିନ୍ତୁ ଶନିଙ୍କ ପ୍ରଭାବରୁ ସାଧାରଣ ବିଳମ୍ବ ଓ ସମସ୍ୟା ପ୍ରାଥମିକ ଅବସ୍ଥାରେ ଦେଖାଦେଇପାରେ। ସାମୟିକ ଭାବେ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ନିର୍ମାଣ, ଚୁକ୍ତିପତ୍ର, ମାମଲାମକଦ୍ଦମା, ବ୍ୟବସାୟ, ଯାତ୍ରା ଓ ପାରିବାରିକ ସ୍ଥିତି ମୂଳା ନକ୍ଷତ୍ର ସକାଶେ ଭଲ ରହିବ ନାହିଁ।

**ମକର** - କୌଣସି ଅଭାବ ନ ଥିଲେ ମଧ୍ୟ ନିଜର ମନ ଅନୁଯାୟୀ କେତେକ କାମରେ କେତୁଜନିତ ବାଧା ଉପୁଜିପାରେ। ପଡୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ମନରେ ଅସ୍ଥିରତା ସୃଷ୍ଟି କରିପାରନ୍ତି। ଅବଶ୍ୟ ଉପସ୍ଥିତବୁଦ୍ଧି ପ୍ରୟୋଗ କରି ନିଜ ଲୋକମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ଜମିଜମା ବିବାଦ, ପରିବହନ, ନିର୍ମାଣ, ରାଜନୀତିରେ ସୁଫଳ ପାଇବେ।

**କୁମ୍ଭ** - ପ୍ରତିବନ୍ଧକ ସୃଷ୍ଟିକରୁଥିବା ବ୍ୟକ୍ତି ସମୟ ଚକ୍ରର ଘୂର୍ଣ୍ଣନ ମଧ୍ୟରେ ମିତ୍ରତାର ହାତ ବଢାଇବାର ଉପକ୍ରମ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଆକସ୍ମିକ ଦୂର ଯାତ୍ରା କରିବାକୁ ପଡିପାରେ। ସମସ୍ୟା ସୁଧାରିବାକୁ ଯାଇ ପରିବାର ଭିତରେ ସମର୍ଥନ ହାସଲ କରିବାରେ ଅସୁବିଧା ରହିବନାହିଁ। ଶତଭିଷା ନକ୍ଷତ୍ର ଭ୍ରମଣ ହେତୁକ କ୍ଳାନ୍ତି ଦେଖାଦେଇପାରେ।

**ମୀନ** - ଚନ୍ଦ୍ରଙ୍କ ଶୁଭସଂସ୍ଥାନ ଓ ସୁଦୃଷ୍ଟି ପ୍ରଭାବରେ କର୍ମକ୍ଷେତ୍ରରେ ସାହାଯ୍ୟ, ସହଯୋଗ ପାଇ କାମ ହାସଲ କରିପାରିବେ। କିନ୍ତୁ ଏହା ସାଙ୍ଗକୁ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବା ହେତୁ ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟିହୋଇପାରେ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବାର ସୂଚନା ରହିଛି। ଆର୍ଥିକ ସ୍ଥିତିରେ ସୁଧାର ଆସିବା ସହ ଜମିଜମା, ଯାନ୍ତ୍ରିକ ଜିନିଷ କାରବାର ବହୁତ ଭଲରେ ଚାଲିବ।

ଆଜି ମୀନ ସଂକ୍ରାନ୍ତି, ଫାଲ୍‌ଗୁନ ଶୁକ୍ଳ ନବମୀ ଶୁକ୍ରବାର, ମାର୍ଚ୍ଚ ୧୫ ତାରିଖ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କନ୍ୟା ରାଶିର ଘାତଚନ୍ଦ୍ର, ଦିବା ଘ୭।୩୪ମି. ଗତେ ଘ୯।୫୬ମି. ମଧ୍ୟେ, ଘ୧୨।୧୯ମି. ଗତେ ଘ୨।୪୨ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ୪।୦୦ମି. ଗତେ ଘ୫।୫୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୨୬ମି. ଗତେ, ଘ୧୧।୫୬ମି. ମଧ୍ୟେ ରାହୁ କାଳ।



ଦକ୍ଷିଣପଶ୍ଚିମ ଇରାନ୍‌ର ଆହବାଜ୍ ନଗର ନିକଟରେ ଗ୍ୟାସ୍ ପାଇପ୍‌ଲାଇନ୍ ବିସ୍ଫୋରଣ ଯୋଗୁ ୫ ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୬ଜଣ ଆହତ ହୋଇଛନ୍ତି। ଗ୍ୟାସ ପାଇପ୍‌ଲାଇନ୍‌ଟି ରାସ୍ତାଠାରୁ ୨୦୦ମିଟର ଉଚ୍ଚକୁ ଉଠିଥିଲା। ସେହି ସମୟରେ ଯାତାୟାତ କରୁଥିବା ୪ଟି ଯାନ ନଷ୍ଟ ହୋଇଯାଇଥିବା ଆହବାଜ୍ ଗଭର୍ନର ଜମାଲ୍ ଆଲେମି ନେଇସି ପ୍ରକାଶ କରିଛନ୍ତି। ଏହା ଆତଙ୍କବାଦୀ ଆକ୍ରମଣ ନୁହେଁ ବରଂ ପାଇପ୍‌ରୁ ଗ୍ୟାସ୍ ନିର୍ଗତ ହୋଇ ବିସ୍ଫୋରଣ ଘଟିଥିଲା।

# ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପଙ୍କ ବିରୋଧରେ ଏତଲା

- ଭୋଟ ପାଇଁ ଲାଞ୍ଚ ଅଭିଯୋଗ
- ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିରୋଧୀଙ୍କ ଦାବି
- ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ଭାଜପା

**ଭୁବନେଶ୍ୱର(ବ୍ୟୁରୋ)/ସାଲେପୁର(ଡି.ଏନ୍.ଏ.),୧୪।୩**

ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ରାଜ୍ୟରେ ରାଜନୈତିକ ଉଷ୍ମତା ବଢ଼ିଯାଇଛି। ଆଚରଣବିଧି ଉଲ୍ଲଂଘନ ନେଇ ରାଜ୍ୟର ପ୍ରମୁଖ ରାଜନୈତିକ ଦଳ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ ମଧ୍ୟ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଓଡ଼ିଶାର ୧୪୭ ବିଧାନସଭା ଏବଂ ୨୧ ଲୋକସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହାନ୍ତି। କିନ୍ତୁ ତାଙ୍କ ଦଳର ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା କଟକ ଜିଲା ସାଲେପୁର ବ୍ଲକର ମାଳ ପଞ୍ଚାୟତରେ ଗତ ବୁଧବାର ଅନୁଷ୍ଠିତ ବିଜେଡି ସମ୍ମିଳନୀରେ ସାଲେପୁର ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି। ସେ ଏହି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀଭାବେ ବିଜେଡିରୁ ପ୍ରଶାନ୍ତ ବେହେରାଙ୍କ ନାମ ଘୋଷଣା କରିଛନ୍ତି। ଏଥିସହିତ ସାଲେପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀଙ୍କୁ ସର୍ବାଧିକ ଭୋଟରେ ଜିତାଉଥିବା ପଞ୍ଚାୟତକୁ ୩୫ ଲକ୍ଷ ଟଙ୍କା ଓ ସର୍ବାଧିକ ଭୋଟ ଦେଇ ଜିତାଉଥିବା ବୁଥ୍‌କୁ ୧୫ ଲକ୍ଷ ଟଙ୍କା ଦିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଘୋଷଣା କରିଥିବା ନେଇ ଅଭିଯୋଗ ହୋଇଛି। ଏହାକୁ ନେଇ ଉଭୟ କଂଗ୍ରେସ ଓ ଭାଜପା ମନ୍ତ୍ରୀ ଜେନାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ନେଇ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି। ଭାଜପା ଅଭିଯୋଗ କରିଛି ଯେ ନିର୍ବାଚନ ଆଦର୍ଶ ଆଚରଣବିଧି ଲାଗୁ ହେବା ପରେ ଶାସକ ଦଳର ମନ୍ତ୍ରୀ ଏଭଳି ଖୁଲମଖୁଲା ଲାଞ୍ଚ ଯାଚିବା ଧର୍ତ୍ତବ୍ୟ ଅପରାଧ। ଆଚରଣବିଧି ଉଲ୍ଲଂଘନ କରିଥିବାରୁ ପ୍ରତାପ ଜେନାଙ୍କୁ ଆଗାମୀ ୨୦୧୯ ନିର୍ବାଚନ ଲଢ଼ିବାକୁ ଅସିଦ୍ଧ ଘୋଷଣା କରାଯିବା ସହ ତାଙ୍କ ବିରୋଧରେ ଦୃଢ଼କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିନିଧି ଦଳ ଦାବି କରିଛି । ସମୀର କହିଛନ୍ତି ଯେ, ମନ୍ତ୍ରୀ ପଦରେ ଥାଇ ଆଦର୍ଶ ନିର୍ବାଚନ ଆଚରଣ ବିଧି ଆଇନର ଧାରା ୧୭୧ (ଖ) ଏବଂ ୧୭୧ (ଗ) ଅନୁଯାୟୀ ଏହା ଧର୍ତ୍ତବ୍ୟ ଅପରାଧ । ପ୍ରତିନିଧି ଦଳ ମୁକ୍ତ, ଅବାଧ ଏବଂ ନିରପେକ୍ଷ କରିବାକୁ ସିଇଓଙ୍କ ନିକଟରେ ଦାବି କରିଛନ୍ତି ।

ଆଦର୍ଶ ଆଚରଣବିଧି ଉଲ୍ଲଂଘନକୁ ନେଇ କଂଗ୍ରେସ ମଧ୍ୟ ମନ୍ତ୍ରୀ ଜେନାଙ୍କ ବିରୋଧରେ ନିର୍ବାଚନ କମିଶନ ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଛି। କଂଗ୍ରେସର ଏକ ପ୍ରତିନିଧି ଦଳ ଶୁକ୍ରବାର ସିଇଓଙ୍କୁ ସାକ୍ଷାତ କରି ମନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ କରିବ ବୋଲି ଜଣାପଡ଼ିଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ବିଜେଡି ଓ ଭାଜପା ଟଙ୍କାରେ ନିର୍ବାଚନ ପ୍ରଚାର କରିବେ। ଆମେ ଭଲ ପ୍ରାର୍ଥୀ ଦେଇ ଜନତାଙ୍କ ଆଶୀର୍ବାଦରେ ନିର୍ବାଚନ ଲଢ଼ିବୁ। ବିଜେଡି ବରିଷ୍ଠ ନେତା ପୁଷ୍ପେନ୍ଦ୍ର ସିଂଦେଓ କହିଛନ୍ତି ଯେ ବିରୋଧୀଙ୍କ କାର୍ଯ୍ୟ ହେଲା ଅଭିଯୋଗ କରିବା। ନିର୍ବାଚନ ବେଳେ ଏମିତି ଅନେକ ଅଭିଯୋଗ ଆସିବ, ଯାହାକି ଭିତ୍ତିହୀନ।

ଅନ୍ୟ ପକ୍ଷରେ ନିର୍ବାଚନ କଟକଣା ଲାଗିବା ପରେ ଭୋଟରଙ୍କୁ ଟଙ୍କା ପ୍ରଲୋଭନ ଦେଖାଇ ପ୍ରଲୋଭିତ କରିବା ଘଟଣାକୁ ସ୍ଥାନୀୟ କଟକ ଜିଲା ଭାଜପା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଗୁରୁବାର ମଧ୍ୟାହ୍ନରେ ସାଲେପୁର ଥାନାରେ ମନ୍ତ୍ରୀଙ୍କ ନାମରେ ଏତଲା ଦେଇଛନ୍ତି। ଏତଲାରେ ନିର୍ବାଚନ ଆଚରଣବିଧି ଆଇନ୍‌ର ୧୭୧(ବି), ୧୭୧(ସି) ଓ ୫୦୬କୁ ଉଲ୍ଲଘଂନ କରାଯାଇଥିବାରୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ତାଙ୍କୁ ଗିରଫ କରାଯିବାକୁ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ମନ୍ତ୍ରୀ ଜେନାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭାଜପା ନେତୃବୃନ୍ଦ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

# ଉତ୍ତର, ଆଭ୍ୟନ୍ତରୀଣ ଓଡ଼ିଶାରେ ଘୂର୍ଣ୍ଣିଝଡ଼ ସମ୍ଭାବନା

**ଭୁବନେଶ୍ୱର,୧୪।୩(ବ୍ୟୁରୋ)**

ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଉତ୍ତର ଓଡିଶାର ଅଧିକାଂଶ ଜିଲା ସମେତ ଅନୁଗୋଳ, ବୌଦ୍ଧ, ସୋନପୁର, ସମ୍ବଲପୁର, ଦେବଗଡ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୟାଗଡ, ଖୋର୍ଦ୍ଧା ଏବଂ ଦକ୍ଷିଣ ଓଡିଶାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖି ଜନିତ ଝଡବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଛତିଶଗଡ ଏବଂ ଓଡିଶା ଉପରେ ଏକ ଟ୍ରାଫ୍‌ଲାଇନ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୧୭ ତାରିଖ ଯାଏ ପାଗ ମେଘୁଆ ରହିବା ସହ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

**ବିଜ୍ଞାପନ**

ଭୈରବୀ କ୍ଲବ, କୁରୁମପଡ଼ା, ଖୋରଧା ଦ୍ୱାରା ପରିଚାଳିତ ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାରଙ୍କର ନାବାଳକ ଶିଶୁମାନଙ୍କ ନିମନ୍ତେ ମୁକ୍ତ ଆଶ୍ରୟସ୍ଥଳ (OPEN SHELTER), ଜଟଣୀ ପାଇଁ ନିମ୍ନଲିଖିତ ପଦବୀଗୁଡ଼ିକ ପୂରଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। Bio-data ସହିତ ଶିକ୍ଷାଗତ ଯୋଗ୍ୟତା, ମାର୍କଶିଟ୍ ଓ ଅଭିଜ୍ଞତାର ପ୍ରମାଣପତ୍ରର ନକଲ Speed Post / Regd. Post ଯୋଗେ ନିମ୍ନ ଠିକଣାରେ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ପହଞ୍ଚିବା ଆବଶ୍ୟକ। ପ୍ରତ୍ୟେକ ପଦବୀ ପାଇଁ ଅଲଗା ଲଫାପାରେ (ଲଫାପା ଉପରେ ପଦବୀର ନାମ ଲେଖି) ଆବେଦନ କରିବା ଆବଶ୍ୟକ। ୬ ନଭେମ୍ବର ୨୦୧୯ ବିଜ୍ଞାପନ ଅନୁସାରେ ଯେଉଁମାନେ ଦରଖାସ୍ତ କରିଥିଲେ, ସେମାନେ ପୁନର୍ବାର ଆବେଦନ କରିବା ଦରକାର।

**ଆବେଦନ କରିବାର ଠିକଣା:**
District Child Protection Officer, Khordha
Office of the Collector, Infront of Old Collectorate, New Bus stand Road, Khordha, Odisha- 752056

| ପଦବୀର ନାମ ପ୍ରକାର | ସଂଖ୍ୟା | ଯୋଗ୍ୟତା | ବୟସ (୦୧।୦୨।୧୯ ସୁଦ୍ଧା) | ମାସିକ ପାରିଶ୍ରମିକ |
|---|---|---|---|---|
| ୧. ପ୍ରକଳ୍ପ ସଂଯୋଜକ ତଥା କାଉନସିଲର (ଆବାସିକ-ପୁରୁଷ ଓ ମହିଳା) | ୦୧ | ଏମ୍.ଏସ୍.ଡବ୍ଲ୍ୟୁ | ୨୧ରୁ ୩୫ବର୍ଷ | ଟ.୧୭୫୦୦/- |
| ୨. OUTREACH WORKER (Non-Residential- M/F) | ୦୧ | ବି.ଏ. | ୨୧ରୁ ୩୫ବର୍ଷ | ଟ.୮୦୦୦/- |
| ୩. ରୋଷେୟା | ୦୧ | ଅଷ୍ଟମ ପାସ୍ | ୨୧ରୁ ୩୫ବର୍ଷ | ଟ.୬,୦୦୦/- |

ସ୍ୱା./- ସମ୍ପାଦକ, ଭୈରବୀ କ୍ଲବ୍, କୁରୁମପଡ଼ା, ଖୋରଧା

୨୦୧୯ ନିର୍ବାଚନ ସମୟରେ ଟଙ୍କା ଦେବା ନେବା ବିଷୟରେ ସୂଚନା ଆୟକର ବିଭାଗ, ଓଡ଼ିଶାକୁ ଦୟାକରି ନିମ୍ନଲିଖିତ ଦେୟମୁକ୍ତ ଦୂରଭାଷ ସଂଖ୍ୟାରେ ଜଣାନ୍ତୁ
18003457160
ଉପଲବ୍ଧ 24 X 7 ଆୟକର ବିଭାଗ ନିୟନ୍ତ୍ରଣ କକ୍ଷ, ଭୁବନେଶ୍ୱର
Please inform Income Tax Department, Odisha about any Money Transactions during Elections, 2019 on the following Toll Free Number
18003457160
Available at 24 X 7 IT Control Room, Bhubaneswar

# ବିଜେଡିକୁ ପେଟ୍ରୋଲ ପମ୍ପ, ଗ୍ୟାସ୍ ଏଜେନ୍ସି ଚିନ୍ତା

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ପ୍ରତିନିଧି ଦଳ

**ଭୁବନେଶ୍ୱର,୧୪।୩(ବ୍ୟୁରୋ)**

ଆସନ୍ତା ସାଧାରଣ ନିର୍ବାଚନରେ ପେଟ୍ରୋଲ ପମ୍ପ ଓ ଗ୍ୟାସ୍ ଏଜେନ୍ସିଗୁଡିକରେ ଭାଜପା ଟଙ୍କା କାରବାର କରିବା ନେଇ ବିଜେଡି ଆଶଙ୍କା କରିଛି। ସେଗୁଡିକ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ବିଜେଡି ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ହସ୍ତକ୍ଷେପ ଲୋଡିଛି। ବିଜେଡି ନେତା ଦେବାଶିଷ ସାମନ୍ତରାୟ, ପୁଷ୍ପେନ୍ଦ୍ର ସିଂଦେଓ, କଳିକେଶ ନାରାୟଣ ସିଂଦେଓ, ଉମାକାନ୍ତ ସାମନ୍ତରାୟ, ପ୍ରଣବ ବଳବନ୍ତ ରାୟ, ଏବଂ ସସ୍ମିତ ପାତ୍ର ପ୍ରମୁଖ ସିଇଓଙ୍କୁ ସାକ୍ଷାତ କରି ପେଟ୍ରୋଲ ପମ୍ପ ଓ ଗ୍ୟାସ୍ ଏଜେନ୍ସିଗୁଡିକୁ ଭିଡିଓଗ୍ରାଫି କରିବାକୁ ଦାବି କରିଛନ୍ତି।

ପେଟ୍ରୋଲିୟମ କମ୍ପାନୀ, ପେଟ୍ରୋଲ ପମ୍ପ ମାଲିକ ଓ ଗ୍ୟାସ୍ ଏଜେନ୍ସିଗୁଡିକୁ ଦଳୀୟ କାର୍ଯ୍ୟକ୍ରମରେ ନିୟୋଜିତ କରିବାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମସ୍ତଙ୍କୁ ପଛରେ ପକାଇଛନ୍ତି। ଓଡିଶାରେ ଏଭଳି ଏକ ନୂଆ ପରମ୍ପରା ସୃଷ୍ଟି କରିଛନ୍ତି। ଗତ ବିଜେପୁର ନିର୍ବାଚନ ବେଳେ ପେଟ୍ରୋଲ ପମ୍ପ ମାଲିକ ମ୍ୟାନେଜରମାନଙ୍କ ଠାରୁ ପୁଳାପୁଳା ଟଙ୍କା ଜବତ କରାଯାଇଥିଲା। ଧର୍ମେନ୍ଦ୍ରଙ୍କ ନିର୍ଦ୍ଦେଶରେ ଭାଜପା ନିର୍ବାଚନ ଖର୍ଚ୍ଚ ତୁଲାଇବା ଲାଗି ଏହି ଟଙ୍କା ମହଜୁଦ ରଖିଥିବା ବିଜେଡି ଅଭିଯୋଗ କରିଛି। ଆସନ୍ତା ନିର୍ବାଚନରେ ତାହାକୁ ବ୍ୟାପକ କରିବାକୁ ଯାଉଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାର ଉଲ୍ଲଂଘନ ହେଉଥିବାରୁ ବିଜେଡି ଏହା ବିରୋଧରେ ସ୍ୱର ଉଠାଇ ଆସୁଛି। ବିଜେପୁର ଉପନିର୍ବାଚନ ବେଳେ ବିଜେଡି ନିର୍ବାଚନ କମିଶନଙ୍କ ଦୃଷ୍ଟିଆକର୍ଷଣ କରିଥିଲା। ତେବେ ଏ ନେଇ କୌଣସି ପଦକ୍ଷେପ ନିଆଗଲା ନାହିଁ। ଚଳିତ ନିର୍ବାଚନରେ ଏହାର ପୁନରାବୃତ୍ତି ହେବାର ସମ୍ଭାବନା ରହିଛି। ରାଜ୍ୟବ୍ୟାପୀ ସବୁ ପେଟ୍ରୋଲ ପମ୍ପ ଓ ଗ୍ୟାସ୍ ଏଜେନ୍ସିଗୁଡ଼ିକରେ ଭିଡିଓ ନିରୀକ୍ଷଣ ବ୍ୟବସ୍ଥା କରିବାକୁ ବିଜେଡି ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।



ସିଇଓଙ୍କୁ ବିଜେଡି ପ୍ରତିନିଧିଦଳ ଭେଟି ପେଟ୍ରୋଲ ପମ୍ପ ଓ ଗ୍ୟାସ୍ ଏଜେନ୍ସିଗୁଡିକୁ ଭିଡିଓଗ୍ରାଫି ପାଇଁ ଦାବି କରୁଛନ୍ତି।

**ଆଲ୍ଲାହାବାଦ ବ୍ୟାଙ୍କ**
ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୫୯୮୦୪୪

**ଗାଡି ନିଲାମ / ବିକ୍ରୟ ବିଜ୍ଞପ୍ତି**

ଆଗ୍ରହୀ ନିଲାମଧାରୀମାନଙ୍କ ଠାରୁ ନିମ୍ନଲିଖିତ ଗାଡିଗୁଡିକ ନିଲାମ ବିକ୍ରୟ ନିମିତ୍ତ ଢ଼ଉମୁଦ ଟେଣ୍ଡର ସହ ଅମାନତ ଜମାରାଶି ଡିମାଣ୍ଡ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖାଙ୍କ ସପକ୍ଷରେ** ଡ୍ର କରାଯାଇ ଏବଂ **ଭୁବନେଶ୍ୱର ମୁଖ୍ୟ ଶାଖା**ରେ ଦେୟ ଦର୍ଶାଇ ଆହ୍ୱାନ କରାଯାଉଛି । ଢ଼ଉମୁଦ ଟେଣ୍ଡରଗୁଡିକ **ଭୁବନେଶ୍ୱର ମୁଖ୍ୟ ଶାଖାରେ ତା୨୮.୦୩.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ ।
**ଟେଣ୍ଡର ଖୋଲାଯିବା ତାରିଖ ଏବଂ ସମୟ: ତା୨୯.୦୩.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା, ସ୍ଥାନ: ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା କାର୍ଯ୍ୟାଳୟ**

| ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ଗାଡି ଗୁଡିକର ସମ୍ପୂର୍ଣ୍ଣ ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା | ଗାଡିର ଷ୍ଟକ୍‌ୟାର୍ଡ ଠିକଣା |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ପବିତ୍ର ପଣ୍ଡା,** ପିତା-ଂଲିଙ୍ଗରାଜ ପଣ୍ଡା, ଜୟଲକ୍ଷ୍ମୀ ରେସିଡେନ୍ସି, ଫ୍ଲାଟ ନଂ.-୪୦୧, ୪ର୍ଥ ମହଲା, ପୋ/ଥାନା- ପାତ୍ରପଡା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯। | ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିଃ, ଟର୍ବୋ ୨.୬ ଡିଏକ୍ସ, ଦ୍ରବ୍ୟ ପରିବହନ କରୁଥିବା ଭାରି ଯାନ, ଚେସିସ୍ ନଂ.: MESPFALBCE6A47979, ଇଞ୍ଜିନ୍ ନଂ. BEI3ZM0122, ରେଜିଷ୍ଟ୍ରେସନ୍ ନଂ. OD 02N 6575, ନିର୍ମାଣ ବର୍ଷ- ଡିସେମ୍ବର ୨୦୧୩। | ଟ.୫,୩୬,୦୦୦/- / ଟ.୫୩,୬୦୦/- | ମେସର୍ସ ସିଟି ଇନ୍‌ଭେଷ୍ଟିଗେସନ୍ ଆଣ୍ଡ ଡିଟେକ୍ଟିଭ୍, ମୁଖ୍ୟ କାର୍ଯ୍ୟାଳୟ: ୨୮୩/ ୧୮୬୩, ଜୟଦୁର୍ଗା କମ୍ପ୍ଲେକ୍ସ, କଲ୍ୟାଣୀ ପ୍ଲାଜା ନିକଟ, ଏନ୍‌ଏଚ୍-୫, ପାତ୍ରପଡା, ସନ୍ତୋଷୀ ମା ମନ୍ଦିର ନିକଟ, ଭୁବନେଶ୍ୱର, ମୋ: ୭୬୦୯୦୩୪୯୯୫ |
| **ଋଣଗ୍ରହୀତା: ଶ୍ରୀମତୀ ମିନତୀ ପଣ୍ଡା,** ସ୍ୱା-ଶ୍ରୀ ପବିତ୍ର ପଣ୍ଡା, ଜୟଲକ୍ଷ୍ମୀ ରେସିଡେନ୍ସି, ଫ୍ଲାଟ ନଂ.-୪୦୧, ୪ର୍ଥ ମହଲା, ପୋ/ଥାନା- ପାତ୍ରପଡା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯। | ଅଶୋକ ଲେଲ୍ୟାଣ୍ଡ ଟ୍ରକ ଏଏସ୍‌ଏଲ୍ ୩୧୧୬ଆଇଏଲ୍, ଦ୍ରବ୍ୟ ପରିବହନ କରୁଥିବା ଭାରି ଯାନ, ଚେସିସ୍ ନଂ.: MBIKADYC6BPYA9447, ଇଞ୍ଜିନ୍ ନଂ. YBPI07970, ରେଜିଷ୍ଟ୍ରେସନ୍ ନଂ. OR-05-AP-2272, ନିର୍ମାଣ ବର୍ଷ-ଫେବୃୟାରୀ ୨୦୧୧। | ଟ.୪,୬୦,୦୦୦/- / ଟ.୪୬,୦୦୦/- | |

**ନିୟମ ଏବଂ ସର୍ତ୍ତାବଳୀ:**
"Quotation for purchase of Vehicle No................." ପ୍ରାପ୍ତ ଢ଼ଉମୁଦଦିଆ ଟେଣ୍ଡରଗୁଡିକ ତା୨୯.୦୩.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଭୁବନେଶ୍ୱର ମୁଖ୍ୟ ଶାଖା ଠାରେ ଖୋଲା ହେବ । ଇଚ୍ଛୁକ କ୍ରେତାମାନେ ନିଜସ୍ୱ ଖର୍ଚ୍ଚରେ ଯେ କୌଣସି କାର୍ଯ୍ୟ ଦିବସରେ ତା ୨୭.୦୩.୨୦୧୯ ରିଖ ପୂର୍ବରୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଜଣାଇ ଗାଡିଗୁଡିକ ଯାଞ୍ଚ କରିପାରିବେ । ସର୍ବୋଚ୍ଚ ନିଲାମ ଡାକିଥିବା ନିଲାମଧାରୀ ଗାଡି ଷ୍ଟକ୍ ୟାର୍ଡରୁ "ଯାହା ଯେପରି ଅଛି ଏବଂ ଯେଉଁଠାରେ ଯେପରି ଅଛି" ଭିତ୍ତିରେ ଗ୍ରହଣ କରିବେ । ସଫଳ ନିଲାମଧାରୀ ନିଲାମ ରାଶିର ୨୫% ବିଡ୍ ରାଶି (ଅମାନତ ରାଶି ଅନ୍ତର୍ଭୁକ୍ତ କରି) ସେହିଦିନ ନିଲାମ ପରେ ଏବଂ ଅବଶିଷ୍ଟ ରାଶି ୧୫ ଦିନ ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା ସପକ୍ଷରେ ଦେୟ ଦର୍ଶାଇ ଜମା କରିବେ । ଯେକୌଣସି ଜାତୀୟକରଣ ବ୍ୟାଙ୍କରୁ ପ୍ରାପ୍ତ ଡ୍ରାଫ୍ଟ /ବ୍ୟାଙ୍କର୍ସ ଚେକ୍ କେବଳ ଗ୍ରହଣ କରାଯିବ । ନିର୍ଦ୍ଧାରିତ ସମୟ ମଧ୍ୟରେ ନିଲାମ ରାଶି ଜମା ନକଲେ ନିଲାମଧାରୀମାନେ ଜମା କରିଥିବା ଅମାନତ ରାଶି ସହ ଜମା କରିଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ । ଗାଡିର ମାଲିକାନା ପରିବର୍ତ୍ତନ / ବୈଧାନିକ ଦେୟ / ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଯଦି କିଛି ଥାଏ, ତହା ସଫଳ ନିଲାମଧାରୀ ବହନ କରିବେ । ଗାଡି ଗୁଡିକ "ଯାହା ଯେପରି ଅଛି ଏବଂ ଯେଉଁଠାରେ ଯେପରି ଅଛି" ଭିତ୍ତିରେ ନିଲାମ କରାଯିବ । ଇଚ୍ଛୁକ ନିଲାମଧାରୀମାନେ ଯାଞ୍ଚ ତାରିଖ ପୂର୍ବରୁ ବକେୟା ଥିବା ସରକାରୀ ଦେୟ ବିଷୟରେ ନିଶ୍ଚିତ ହେବା ଉଚିତ୍ । ଯେକୌଣସି ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ କୌଣସି ଗାଡି / ସମସ୍ତ ଗାଡି ଗୁଡିକର ନିଲାମ ପ୍ରକ୍ରିୟା ଗ୍ରହଣ / ନାକଚ / ବାତିଲ୍ କରିବାର ନିରଙ୍କୁଶ କ୍ଷମତା ଅଛି ଏବଂ ସେଥିପାଇଁ ବ୍ୟାଙ୍କ କାହା ନିକଟରେ ଦାୟୀ ହେବ ନାହିଁ । ଏହି ବିଜ୍ଞପ୍ତି ଋଣ ଆକାଉଣ୍ଟର ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନଙ୍କୁ ଜଣାଇଦିଆଯାଉଛି ଯେ ସେମାନଙ୍କର ସମସ୍ତ ଦେୟ ନିଲାମ ତାରିଖ ପୂର୍ବରୁ ପରିଶୋଧ କରନ୍ତୁ, ନଚେତ୍ ଗାଡି ଗୁଡିକ ନିଲାମ କରାଯିବ । ନିଲାମ ପରେ ଯଦି କିଛି ବଳକା ଦେୟ ରହିଗଲା ତାହା ସୁଧ ଏବଂ ଖର୍ଚ୍ଚ ସହ ସେମାନଙ୍କଠାରୁ ନିୟମାନୁଯାୟୀ ଆଦାୟ କରାଯିବ ।

ସ୍ଥାନ-ଭୁବନେଶ୍ୱର, ତାରିଖ-୧୩.୦୩.୨୦୧୯
କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ

# ବିଜେଡି ଅଭିଯୋଗ କେବଳ କଳ୍ପନା: ଭାଜପା

**ଭୁବନେଶ୍ୱର,୧୪।୩ (ବ୍ୟୁରୋ)**

ବିଜେଡିକୁ ନିର୍ବାଚନ ପରାଜୟର ଭୟ ଘାରିଛି। ସେହି ଭୟରେ ବିଜେଡି ଏବେ ମିଛ ଅଭିଯୋଗକୁ ଭରସା କରିଛି। ପେଟ୍ରୋଲ୍ ଟାଙ୍କିରେ ଟଙ୍କା ରହିଛି ବୋଲି ଯେଉଁ ଅଭିଯୋଗ କରାଯାଉଛି ତାହା ବିଜେଡି ଦଳର ଏକପ୍ରକାର କଳ୍ପନା, ଯାହା ସମ୍ପୂର୍ଣ୍ଣ ଅବାସ୍ତବ ଓ ମିଥ୍ୟା। ବିଜେଡିର ଏହିପରି ଅଭିଯୋଗ ଔଷଧ ବିକଳରେ ତାଟିଆ କାମୁଡିବା ସଦୃଶ ବୋଲି ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି। ବିଜେଡି ଆଣିଥିବା ଅଭିଯୋଗର ପ୍ରତିକ୍ରିୟା ରଖି ଗୋଲକ କହିଛନ୍ତି ଯେ, ବିନା ପ୍ରମାଣରେ ଏପରି ଅଭିଯୋଗ କରିବା ଶାସକ ଦଳର ଚିରାଚରିତ ଅଭ୍ୟାସ। ବିଜେଡି ନେତା ତଥା ମନ୍ତ୍ରୀ ପ୍ରତାପ ଜେନା ରଙ୍ଗେ ହାତ୍ ଧରାପଡିବା ପରେ ସେମାନେ ଏପରି ଅଭିଯୋଗ କରୁଛନ୍ତି। ରାଜ୍ୟରେ ବିଜେଡି ଆସନ୍ନ ପରାଜୟରେ ଭୟଭୀତ ହୋଇ ଭୋଟରଙ୍କୁ ଲାଞ୍ଚ ଯାଚିବାର ଅପଚେଷ୍ଟାକୁ ସାଧାରଣ ଜନତା ପ୍ରତ୍ୟାଖ୍ୟାତ କରିବେ। ଓଡିଶା ବଡ ପରିବର୍ତ୍ତନ ଆଡେ ମୁହାଁଇଲାଣି। ଦିଲ୍ଲୀ ଓ ଓଡିଶାରେ ମୋଦିଙ୍କ ଡବଲ ଇଂଜିନ୍ ଲଗାଇବା ପାଇଁ ରାଜ୍ୟବାସୀ ପ୍ରସ୍ତୁତ ହୋଇଗଲେଣି ବୋଲି ଗୋଲକ କହିଛନ୍ତି।

# ନନ୍ଦନକାନନର ନୂଆ ନିର୍ଦ୍ଦେଶକ

**ବାରଙ୍ଗ,୧୪।୩(ଡି.ଏନ୍.ଏ.):** ନନ୍ଦନକାନନ ପ୍ରାଣୀ ଉଦ୍ୟାନର ନୂଆ ନିର୍ଦ୍ଦେଶକ ଭାବେ ଶଶୀ ପଲ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହ ସେ ଅତିରିକ୍ତ ପ୍ରଧାନ ବନ ସଂରକ୍ଷକ(ବନ୍ୟପ୍ରାଣୀ) ଦାୟିତ୍ୱରେ ଅଛନ୍ତି। ପୂର୍ବରୁ ନନ୍ଦନକାନନ ନିର୍ଦ୍ଦେଶକ ଥିବା ଡ. ହରିଶଙ୍କର ଉପାଧ୍ୟାୟଙ୍କୁ ଜଙ୍ଗଲ ବିଭାଗ ଅଧୀନ କେନ୍ଦୁଲିପିକୁ ବଦଳି କରାଯାଇଛି। ସେ ମଧ୍ୟ ନିର୍ଦ୍ଦେଶକ ସହ ଅତିରିକ୍ତ ଦାୟିତ୍ୱରେ ରହିଥିଲେ। ପ୍ରାୟ ୧୦ମାସର ଦାୟିତ୍ୱ ପରେ ତାଙ୍କର ବଦଳି ହୋଇଛି। କିନ୍ତୁ ତାଙ୍କ ପୂର୍ବରୁ ଥିବା ସୁଦର୍ଶନ ପଣ୍ଡା ପ୍ରାୟ ୪ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସ୍ୱତନ୍ତ୍ର ଭାବେ ନନ୍ଦନକାନନ ନିର୍ଦ୍ଦେଶକ ପଦବୀରେ ରହିଥିଲେ। ଏହାପରଠୁ ନନ୍ଦନକାନନ ନିର୍ଦ୍ଦେଶକ ଦାୟିତ୍ୱରେ ଆସୁଥିବା ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱରେ ରଖାଯାଉଛି। ବୁଧବାର ନୂଆ ନିର୍ଦ୍ଦେଶକ ପଲ୍ ଦାୟିତ୍ୱ ଗ୍ରହଣ କରିବା ପରେ ଗୁରୁବାର ଅପରାହ୍ନରେ ନନ୍ଦନକାନନ ଆସିଥିଲେ। ପରିସରସ୍ଥ ଗେଷ୍ଟ ହାଉସ୍‌ରେ ବସି ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରି ଫେରିଥିବା ଜଣାପଡ଼ିଛି। ଏହି ଆଲୋଚନାରେ ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ, ଏସିଏଫ୍ ଅଞ୍ଜନ କୁମାର ମହାନ୍ତି, ଏସିଏଫ୍ ଅମୂଲ୍ୟ କୁମାର ପରିଡ଼ାଙ୍କ ସହ ରେଞ୍ଜରମାନେ ଉପସ୍ଥିତ ଥିଲେ।


ଶଶୀ ପଲ୍

DSPL-439

ରାଷ୍ଟ୍ରୀୟ ଆମ୍ବୁଲାନ୍ସ ସେବା '୧୦୮' ଏବଂ '୧୦୨'ର ଉପଯୋଗ ସମ୍ପର୍କରେ ସୂଚନା

**ଏହାର ସୁବିଧା :**
- ୨୪ ଘଣ୍ଟିଆ ଦିନରାତି ଆମ୍ବୁଲାନ୍ସ ସେବା
- ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ (କଲ୍ ସେଣ୍ଟର)ରେ ୨୪ ଘଣ୍ଟିଆ ଫୋନ୍ କଲ୍ ଗ୍ରହଣ ସହ ଆମ୍ବୁଲାନ୍ସ ଯୋଗାଇ ଦେବାର ବ୍ୟବସ୍ଥା
- ଏହି ଆମ୍ବୁଲାନ୍ସରେ ରୋଗୀ ସହ ଜଣେ ବ୍ୟକ୍ତି ସହାୟକରୂପେ ଯାଇପାରିବେ
- ଏହି ସେବା ବିନା ମୂଲ୍ୟରେ ଉପଲବ୍ଧ

**ଜରୁରୀକାଳୀନ ୧୦୮ ଆମ୍ବୁଲାନ୍ସ ସେବା**
- ୧୦୮ ଆମ୍ବୁଲାନ୍ସ ଦ୍ୱାରା ରୋଗୀଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଡାକ୍ତରଖାନାକୁ ନିଆଯାଇଥାଏ ।
- ଏହି ସେବା ନିମନ୍ତେ '୧୦୮' ନମ୍ବରକୁ ବିନା କୋଡ୍‌ରେ ଫୋନ୍ କରନ୍ତୁ ।
- ଏଥିରେ ଡାକ୍ତରଖାନା ପହଞ୍ଚିବା ପର୍ଯ୍ୟନ୍ତ ରୋଗୀକୁ ଆବଶ୍ୟକୀୟ ମୌଳିକ ଚିକିତ୍ସା ଯୋଗାଇଦେବାର ବ୍ୟବସ୍ଥା ରହିଛି ।







**ରାଷ୍ଟ୍ରୀୟ ଆମ୍ବୁଲାନ୍ସ ସେବା (୧୦୨)**
- ଡ଼ାକ୍ତରଖାନାରେ ପ୍ରସବ ପାଇଁ ସମସ୍ତ ଗର୍ଭବତୀ, ପ୍ରସୂତି ଓ ୧ ବର୍ଷ ପର୍ଯ୍ୟନ୍ତ ଅସୁସ୍ଥ ଶିଶୁମାନଙ୍କର ଜରୁରୀ ଚିକିତ୍ସା ନିମନ୍ତେ ଡ଼ାକ୍ତରଖାନାକୁ ନେବା ପାଇଁ ୧୦୨ ଆମ୍ବୁଲାନ୍ସ ସେବାର ପ୍ରଚଳନ କରାଯାଇଛି ।
- ଏହି ସୁବିଧା ପାଇବା ପାଇଁ ଦେୟମୁକ୍ତ ନମ୍ବର **୧୦୨**କୁ ବିନା କୋଡ୍‌ରେ ଫୋନ୍ କରନ୍ତୁ ।

10003/13/0108/1819

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha http://www.health.odisha.gov.in/ @HFWOdisha

ସବୁ ଜୀବ (ପ୍ରାଣୀ ଓ ମନୁଷ୍ୟ) ପ୍ରତି କରୁଣା ରହିବା ଭଲ କଥା। କିନ୍ତୁ ତୁମେ ଯଦି ତୁମ କରୁଣାର ଦାସ ହୋଇପଡ଼- ତେବେ ତାହା ଆଦୌ ଭଲ କଥା ନୁହେଁ। କାହାର ବା କିଛିର ଦାସ ହେବ ନାହିଁ - ଏକମାତ୍ର ଭଗବାନଙ୍କ ବ୍ୟତୀତ। ଏପରି କି ତାଙ୍କର ସର୍ବାପେକ୍ଷା ଜ୍ୟୋତିର୍ମୟ ପ୍ରତିନିଧିଙ୍କର ବି ଦାସ ହେବ ନାହିଁ। -ଶ୍ରୀଅରବିନ୍ଦ



# ନିରାପତ୍ତା ଆଗ

ଭାରତ ତା'ର ସମସ୍ତ ବୋଇଂ ୭୩୭ମାକ୍ସ୍‌୮ ବିମାନକୁ ଉଡ଼ାଣ ଅନୁପଯୋଗୀ ଘୋଷଣା କରିଦେଇଛି ଏବଂ ତାହା ତତ୍କାଳ କାର୍ଯ୍ୟକାରୀ ହୋଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ମଙ୍ଗଳବାର ରାତିରେ ଆବଶ୍ୟକ ନବୀକରଣ ଓ ସୁରକ୍ଷା ବ୍ୟବସ୍ଥା କରାଯିବା ପର୍ଯ୍ୟନ୍ତ ସମସ୍ତ ବୋଇଂ ମାକ୍ସ୍‌୮ ବିମାନର ଉଡ଼ାଣ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି। ଶେଷରେ ଆମେରିକା ମଧ୍ୟ ଏହି ଜେଟ୍‌ବିମାନର ଉଡ଼ାଣକୁ ବନ୍ଦ ରଖିଥିବା ଗୁରୁବାର ଘୋଷଣା କରିଛି। ରାଜନୈତିକ ଓ ଅନ୍ତର୍ଜାତୀୟ ଚାପରେ ଟ୍ରମ୍ପ ପ୍ରଶାସନ ଏପରି ନିଷ୍ପତ୍ତି ନେଇଥିବା କୁହାଯାଉଛି। ଏହା ପୂର୍ବରୁ ଫ୍ରାନ୍ସ, ବ୍ରିଟେନ୍, ଜର୍ମାନୀ, ମାଲେସିଆ, ଓମାନ ଓ ଅନ୍ୟ ପ୍ରାୟ ୧୦ଟି ଦେଶ ଏହି ବିମାନର ଚଳାଚଳକୁ ବାତିଲ କରିସାରିଛନ୍ତି। ପାଞ୍ଚମାସ ଭିତରେ ଏକ ବୋଇଙ୍ଗ୍ ୭୩୭ମାକ୍ସ୍‌୮ ବିମାନର ଦ୍ୱିତୀୟ ଥର ଦୁର୍ଘଟଣା ଘଟିବା ପରେ ପ୍ରବଳ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ରବିବାର ଇଥିଓପିଆନ୍ ଏୟାରଲାଇନ୍ସର ଏକ ନୂତନ ୭୩୭ମାକ୍ସ୍‌୮ ବିମାନ ଆଦିସ୍ ଆବାବାରୁ ନାଇରୋବି ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ଏଥିରେ ସମସ୍ତ ୧୫୭ ଜଣ ଆରୋହୀଙ୍କର ମୃତ୍ୟୁ ଘଟିଥିଲା। ଏହା ପୂର୍ବରୁ ଗତ ଅକ୍ଟୋବର ମାସରେ ଇଣ୍ଡୋନେସିଆରେ ଏକ ଲାୟନ ଏୟାର୍‌ଜେଟ୍ (ସମାନ ଗଢ଼ଣର ବିମାନ) ଜାକର୍ତ୍ତାରୁ ଉଡ଼ାଣର ଅଳ୍ପ ସମୟ ଭିତରେ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ୧୮୯ ଜଣ ଲୋକଙ୍କର ମୃତ୍ୟୁ ଘଟିଥିଲା। ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିମାନଟି ମାତ୍ର ଚାରିମାସରୁ କମ୍ ଦିନର ପୁରୁଣା। ସେଥିପାଇଁ ଏହି ବିମାନରେ ଆବଶ୍ୟକ ନିରାପତ୍ତା ବ୍ୟବସ୍ଥା ନ ଥିବା ଓ ଗଢ଼ଣରେ ତ୍ରୁଟି ଥିବା ସନ୍ଦେହ କରି ଚାଇନା, ତୁର୍କୀ, ଇଣ୍ଡୋନେସିଆ, ବ୍ରାଜିଲ, ମେକ୍ସିକୋ, ଅଷ୍ଟ୍ରେଲିଆ, ସିଙ୍ଗାପୁର, ଦକ୍ଷିଣ କୋରିଆ ଓ ନର୍‌ୱେ ପ୍ରଭୃତି ରାଷ୍ଟ୍ର ବୋଇଂ ମାକ୍ସ୍‌୮ର ଉଡ଼ାଣକୁ ବନ୍ଦ କରିଛନ୍ତି। ମାଲେସିଆ ଆମେରିକା ଏରୋସ୍ପେସ୍ କମ୍ପାନୀରୁ ଏହି ବିମାନ କିଣିବା ପାଇଁ ବରାଦ ଦେଇଥିବା ବେଳେ ବୁଧବାର ତାହାକୁ ପ୍ରତ୍ୟାହାର କରିନେଇଛି। ବର୍ତ୍ତମାନ ସାରା ବିଶ୍ୱରେ ୩୫୦ଟି ମାକ୍ସ୍‌୮ ବିମାନ ପ୍ରଚଳିତ ଥିବା ବେଳେ ୫୦୦୦ରୁ ଊର୍ଦ୍ଧ୍ୱ ବିମାନ ପାଇଁ ବରାଦ ଦିଆଯାଇଥିଲା।

ସାରା ବିଶ୍ୱରେ ପ୍ରତିକ୍ରିୟା ପ୍ରକାଶ ପାଇବା ଯୋଗୁ ବୋଇଂର ଶେୟାର ହ୍ରାସ ପାଇଛି ଏବଂ ଏହାର ବଜାର ଦର ହ୍ରାସ ପାଇଛି। ଫଳରେ ଏହାର କୋଟି କୋଟି ଟଙ୍କା କ୍ଷତି ଘଟିଛି। ସ୍ପାଇସ୍‌ଜେଟ ହେଉଛି ଏକମାତ୍ର ଭାରତୀୟ ଏୟାର୍‌ଲାଇନ୍ ଯାହାର ୧୨ଟି ବୋଇଂ ୭୩୭ମାକ୍ସ୍‌୮ ବିମାନ ଅଛି। ଜେଟ୍ ଏୟାର୍‌ୱେଜ୍‌ର ମଧ୍ୟ ଏପରି ୫ଟି ବିମାନ ଅଛି। କିନ୍ତୁ ଏୟାର୍‌ଲାଇନର କ୍ଷତି ଯୋଗୁ ଏଗୁଡ଼ିକର ଉଡ଼ାଣ ବନ୍ଦ ରହିଥିଲା। ବେସାମରିକ ବିମାନ ଚଳାଚଳ ବିଭାଗ ବୋଇଂ ୭୩୭ମାକ୍ସ୍‌୮ର ଉଡ଼ାଣକୁ ନିଷିଦ୍ଧ କରିବା ପରେ ବୁଧବାର ସ୍ପାଇସ୍‌ଜେଟର ଶେୟାର ତଳକୁ ଖସିଯାଇଛି। ଉଭୟ ଏକ୍ସଚେଞ୍ଜରେ ସ୍ପାଇସ୍‌ଜେଟର ଅର୍ଥଲଗାଣର ପ୍ରମାଣପତ୍ର (ସ୍କ୍ରିପ୍) ଦିନକ ଭିତରେ ୮ ପ୍ରତିଶତ ହ୍ରାସ ପାଇଥିବା ବେଳେ ଏହା କ୍ଷତିର ପରିମାଣ କୌଣସି ପ୍ରକାରେ ୨ ପ୍ରତିଶତରୁ କିଛି ଅଧିକ କମାଇ ବିଏସ୍‌ଇରେ ଶେୟାର ମୂଲ୍ୟ ୮୭୭.୧୫ ରଖିବାରେ ସଫଳ ହୋଇଛି। ଗୁରୁବାର ସ୍ପାଇସ୍‌ଜେଟର ଅଂଶଧନ ୨.୫ ପ୍ରତିଶତ ଭରଣା ହୋଇପାରିଛି। ଇତିମଧ୍ୟରେ ମାକ୍ସ ବିମାନଗୁଡ଼ିକୁ ନିରାପଦ ବୋଲି ପ୍ରମାଣ କରିବାକୁ ବିଶ୍ୱର ବୃହତ୍ତମ ବିମାନ ନିର୍ମାତା ବୋଇଂ ଉପରେ ପ୍ରବଳ ଚାପ ପଡ଼ୁଛି। କମ୍ପାନୀ ତା'ର ୱେବ୍‌ସାଇଟ୍‌ରେ ବିମାନର ସୁରକ୍ଷା ମାନଦଣ୍ଡ ଉପରେ ଗୁରୁତ୍ୱ ଦେଉଛି ବୋଲି ପ୍ରକାଶ କରିଛି। କିନ୍ତୁ ନିରାପତ୍ତା ପ୍ରତି ଗୁରୁତ୍ୱ ଦେଉଛି ବୋଲି ନିଜେ ଖାଲି କଥାରେ କହିଦେଲେ ତାହା ଗ୍ରହଣୀୟ ହୋଇପାରିବ ନାହିଁ।

## ଆଜିର ଅର୍ଥନୀତି

ଭାରତ ସମେତ ବିଭିନ୍ନ ଦେଶ ବୋଇଂ ୭୩୭ମାକ୍ସ ସିରିଜ୍ ବିମାନଗୁଡ଼ିକର ଉଡ଼ାଣକୁ ନିଷିଦ୍ଧ କରିବା ଦ୍ୱାରା ଅନ୍ତର୍ଜାତୀୟ ଗମନାଗମନ ଓ ପର୍ଯ୍ୟଟନ ବ୍ୟାହତ ହେବ, ଭାରତ ଯାହାର ଏକ ବଡ଼ ଲାଭାର୍ଥୀ ଥିଲା। ଏହାଦ୍ୱାରା ବିମାନ କମ୍ପାନୀଗୁଡ଼ିକର ବ୍ୟାପକ ଆର୍ଥିକ କ୍ଷତି ହେବା ସହ ବିଭିନ୍ନ ଦେଶର କର୍ପୋରେଟ୍ ଓ ପର୍ଯ୍ୟଟନ ସମ୍ଭାବନା ମଧ୍ୟ ପ୍ରଭାବିତ ହେବ। ଏହା ଅନ୍ୟ ବିମାନଗୁଡ଼ିକ ଉପରେ ସାମୟିକ ଚାପ ପକାଇବ। ତଥାପି ଯାତ୍ରୀ ନିରାପତ୍ତା ଦୃଷ୍ଟିରୁ ଏହା ଏକ ଯଥାର୍ଥ ନିଷ୍ପତ୍ତି। ଗତ ଛଅମାସ ଭିତରେ ଘଟିଥିବା ଦୁଇଟି ବୋଇଙ୍ଗ୍ ବିମାନ ଦୁର୍ଘଟଣାର କାରଣ ଅଦ୍ୟାବଧି ଜଣାପଡ଼ି ନ ଥିବା ବେଳେ କମ୍ପାନୀ ଏହାର ବିମାନ ଉପରେ ଜନସାଧାରଣଙ୍କର ରହିଆସିଥିବା ବିଶ୍ୱାସକୁ ପୁଣି ଫେରାଇ ଆଣିବା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉଚିତ। ଇଥିଓପିଆନ ଏୟାର୍‌ଲାଇନ୍ସ ଗୁରୁବାର କହିଛି ଯେ, ଏହା ଦୁର୍ଘଟଣାଗ୍ରସ୍ତ ବିମାନର ବ୍ଲାକ୍‌ବକ୍ସକୁ ବିଶ୍ଳେଷଣ ପାଇଁ ପ୍ୟାରିସ୍ ପଠାଇଛି। ଦୁର୍ଘଟଣାର କାରଣ ସମ୍ବନ୍ଧରେ ବ୍ଲାକ୍‌ବକ୍ସ କିଛି ସୂଚନା ଦେଇପାରେ। କିନ୍ତୁ ଦୁଇଟି ଦୁର୍ଘଟଣାର କାରଣ ଜାଣିବା ପାଇଁ ଏକ ବହୁସଂସ୍ଥୀୟ ତଦନ୍ତ ହେବା ଉଚିତ। ଯାତ୍ରୀମାନଙ୍କ ନିରାପତ୍ତା ମୁଖ୍ୟ ବୋଲି ବୋଇଂ କମ୍ପାନୀ ବିବୃତି ଦେଇଥିବା ବେଳେ ଆମେ ଆଶା କରୁଛୁ କମ୍ପାନୀ ସେ ଦିଗରେ କାର୍ଯ୍ୟ କରିବ। ବିମାନ ଶିଳ୍ପରେ ଯାତ୍ରୀମାନଙ୍କ ନିରାପତ୍ତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଆଉ କିଛି ବି ନୁହେଁ। ଦୁର୍ଘଟଣା ଆଡ଼କୁ ଟାଣି ନେଉଥିବା ଯାନ୍ତ୍ରିକ ତ୍ରୁଟିର କାରଣ ଖୋଜିବା ପାଇଁ ଏହାର ବିମାନ ବିଜ୍ଞାନ, ଡିଜାଇନ, ସଫ୍ଟୱେର ପ୍ରଭୃତିର ତନଖି କରିବା କମ୍ପାନୀର ଦାୟିତ୍ୱ। ତା'ଛଡ଼ା ନିରାପତ୍ତା ଉପରେ ପ୍ରଭାବ ପକାଉଥିବା ଅନ୍ୟ ଜିନିଷ ମଧ୍ୟ ସମାନଭାବେ ଗୁରୁତ୍ୱପୂର୍ଣ୍ଣ। ସେଗୁଡ଼ିକ ମଧ୍ୟରେ ରହିଛି ବିମାନ ବନ୍ଦରର ଭିତ୍ତିଭୂମି, ପାଇଲଟ୍ ଓ ଏଟିସି (ଏୟାର ଟ୍ରାଫିକ୍ କଣ୍ଟ୍ରୋଲର)ମାନଙ୍କ ତାଲିମ, ସଫ୍ଟୱେର ସିଙ୍କ୍ରୋନାଇଜେଶନ ଏବଂ ସର୍ବୋପରି ପାଇଲଟ୍ ଓ ବିମାନ କର୍ମଚାରୀମାନଙ୍କ ପାଇଁ ଚାପମୁକ୍ତ ପରିବେଶ। ନିରାପତ୍ତା ଆଗ, ଆଉ ସବୁ ପଛ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | 3 | 4 | 1 | | C | | | | | | | | 2 |
| 4 | | C | A | | | | 1 | 8 | 3 | | 6 | | | 9 |
| | | | 8 | | | 3 | | E | | | | | | |
| 9 | 2 | | 7 | | | | A | | | D | 1 | | | |
| | 1 | | | 6 | 2 | | | | E | | | | | |
| | | | | | | 4 | B | 0 | | 8 | | | | |
| | | | 9 | | 0 | | C | | | | | D | | 1 |
| | | E | 2 | B | 8 | 1 | 7 | | | 9 | 0 | | | |
| A | | 2 | | | | | 8 | | | | | | | 0 |
| 3 | 8 | | 5 | | A | | | | | 6 | | | 7 | |
| | | 1 | | | 9 | | | C | | | | | | 4 |
| | 3 | | C | 7 | 6 | | | | | 2 | | | D | |
| | | 9 | | | | A | | | | | 5 | E | B | 3 |
| 2 | | | | | | 9 | 6 | | | | 7 | | 5 | |
| C | | | | A | 3 | | | B | | E | 9 | 0 | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 7 | B | 6 | 0 | C | 3 | 8 | 1 | 9 | D | A | 5 | E | 4 |
| 6 | 8 | 9 | D | 1 | 4 | 7 | 5 | 0 | 2 | E | C | B | A | 3 |
| 4 | 0 | C | 5 | 8 | E | 2 | A | D | 1 | 3 | B | 6 | 7 | 9 |
| 5 | A | 3 | 9 | B | 7 | E | C | 6 | 0 | 4 | 8 | D | 1 | 2 |
| E | 1 | D | 2 | 3 | A | 4 | B | 9 | 5 | 6 | 7 | 0 | C | 8 |
| 9 | 2 | 4 | 3 | C | 8 | B | 1 | E | 7 | 5 | 6 | A | 0 | D |
| 1 | C | A | E | 5 | B | 8 | D | 2 | 4 | 0 | 3 | 7 | 9 | 6 |
| 8 | 3 | 0 | 4 | D | 6 | A | 7 | 5 | B | C | 9 | 1 | 2 | E |
| B | E | 7 | 0 | A | 1 | 6 | 9 | 4 | 8 | 2 | D | 3 | 5 | C |
| D | 5 | 6 | 7 | 2 | 9 | 0 | 3 | C | A | 1 | E | 4 | 8 | B |
| 7 | D | 5 | C | 9 | 3 | 1 | 6 | B | E | 8 | 0 | 2 | 4 | A |
| A | 9 | E | 1 | 6 | 5 | D | 2 | 7 | C | B | 4 | 8 | 3 | 0 |
| C | 6 | 8 | A | 4 | 2 | 5 | 0 | 3 | D | 9 | 1 | E | B | 7 |
| 3 | 4 | 1 | B | 7 | 0 | C | E | 8 | 6 | A | 2 | 9 | D | 5 |
| 0 | B | 2 | 8 | E | D | 9 | 4 | A | 3 | 7 | 5 | C | 6 | 1 |

ଗତକାଲିର ଉତ୍ତର

# ସଡ଼କ ସୁରକ୍ଷା



ଶିବରାମ ଶତପଥୀ

ସଭ୍ୟତା ଓ ବିଜ୍ଞାନର ଅଗ୍ରଗତି ସହିତ ଦ୍ରୁତଗାମୀ ଯାନବାହନ ସଂଖ୍ୟା ବଢ଼ି ଚାଲେ। ସଡ଼କ ଦୁର୍ଘଟଣା ଯେ ଚାଳକର ଅସାବଧାନତାରୁ ଘଟେ ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। ଏଥିପାଇଁ ରାସ୍ତାଘାଟ ଓ ଯାନ୍ତ୍ରିକ ତ୍ରୁଟି ମଧ୍ୟ ସମପରିମାଣରେ ଦାୟୀ। ବେଗ ହିଁ ଉନ୍ନତିର ଲକ୍ଷଣ। ଅତଏବ ଯାନବାହନଗୁଡ଼ିକ ସଡ଼କରେ ଗଲାବେଳେ କ୍ଷିପ୍ରଗତି ଅବଲମ୍ବନ କରିବେ ଏଥିରେ ଦ୍ୱିରୁକ୍ତି ନାହିଁ। କିନ୍ତୁ ଗତି ସହିତ ଯାନ ଓ ରାସ୍ତା ଉନ୍ନତମାନର ହେବା ଆବଶ୍ୟକ। ଦୁର୍ଘଟଣା ଯୋଗୁ ପ୍ରତିଦିନ ମୂଲ୍ୟବାନ ଧନଜୀବନ ନଷ୍ଟ ହେବା ସହିତ ଅନେକେ ଚିରଦିନ ପାଇଁ ବିକଳାଙ୍ଗ ହୋଇ ଆଜୀବନ ଦୁଃଖ ଭୋଗ କରନ୍ତି।

ସଡ଼କ ଦୁର୍ଘଟଣାର ତ୍ରିବିଧ କାରଣ ହେଲା ରାସ୍ତାଦୋଷ, ଯାନର ଯାନ୍ତ୍ରିକ ତ୍ରୁଟି ଓ ଚାଳକର ଅସାବଧାନତା। ରାସ୍ତାଘାଟ ନିର୍ମାଣ ହେଲା ବେଳେ ସୁପର ଏଲିଭେଶନ ଠିକ୍ ଭାବେ ଦିଆ ନ ଯିବା, ନିର୍ମିତ ରାସ୍ତାର ଉଚିତ ରକ୍ଷଣାବେକ୍ଷଣ ଅଭାବରୁ ତା'ର ଅବସ୍ଥା ଶୋଚନୀୟ ହେବା ତଥା ରାସ୍ତାର ଉଭୟ ପାର୍ଶ୍ୱରେ ଜଳ ଜମି ରହିବାରୁ ରାସ୍ତାର ମୂଳଦୁଆ (ସବ୍‌ଗ୍ରେଡ୍) ଦୁର୍ବଳ ହୋଇ ଖାଲଖମା ସୃଷ୍ଟି ହେବା ଆଦି ରାସ୍ତାଦୋଷର ଅନ୍ତର୍ଭୁକ୍ତ।

କୌଟିଲ୍ୟ ଅର୍ଥଶାସ୍ତ୍ରରେ ଲେଖିଛନ୍ତି, ରାସ୍ତାର ଉପରିଭାଗ କମଠ ପୃଷ୍ଠ ପରି ହେବା ଉଚିତ, ଯାହାଦ୍ୱାରା ବୃଷ୍ଟି ଜଳ ରାସ୍ତା ଉପରେ ଜମି ନ ରହି ପାର୍ଶ୍ୱକୁ ଗଡିଯିବ। ରାସ୍ତାର ଏକମାତ୍ର ଶତ୍ରୁ ହେଉଛି ଜଳ। ଜଳ ସବ୍‌ଗ୍ରେଡ୍‌କୁ ସ୍ରବିଲେ ତାକୁ ଦୁର୍ବଳ କରିଦିଏ। ପରିଣାମତଃ ତା'ର ଧାରଣ ଶକ୍ତି (ଲୋଡ ବିୟରିଂ କାପାସିଟି) ହ୍ରାସ ପାଏ ଓ ରାସ୍ତାରେ ଗଭୀର ଗର୍ତ୍ତ ସୃଷ୍ଟି ହୁଏ। ଏ ଗର୍ତ୍ତଗୁଡିକୁ ମରାମତି କରି ତୁରନ୍ତ ବନ୍ଦ କରା ନ ଗଲେ ତା'ଦେଇ ଜଳ ପଶି ସଡକକୁ ଅଧିକ ଦୁର୍ବଳ କରିବାର ରାସ୍ତା ପ୍ରଶସ୍ତ କରେ। ସଡ଼କର ପାର୍ଶ୍ୱକୁ କେବଳ ଜଳ ବହିଯିବା ଯଥେଷ୍ଟ ନୁହେଁ। ଜଳ ନିମ୍ନକୁ ନ ବହି ପାର୍ଶ୍ୱରେ ଆବଦ୍ଧ ରହିଲେ ପରିସ୍ରବଣ ଯୋଗୁ ମୂଳଦୁଆକୁ ଦୁର୍ବଳ କରେ। ପୁନଶ୍ଚ ଦ୍ରୁତଗାମୀ ଗାଡି ବକ୍ର ପଥ ଦେଇ ଗତି କଲାବେଳେ ଯଦି ରାସ୍ତାରେ ଠିକ୍ ସୁପର ଏଲିଭେଶନ (ରାସ୍ତାର ବାହାର ଧାର ଭିତର ଧାରଠାରୁ ଉଚ୍ଚ ହେବା) ଦିଆଯାଇ ନ ଥାଏ ତେବେ ଗାଡି ଓଲଟି ଯିବାର ସମ୍ଭାବନାକୁ ଏଡାଇ ହେବ ନାହିଁ। ଆମ ଦେଶରେ ଦୁର୍ଭାଗ୍ୟବଶତଃ ଇଞ୍ଜିନିୟର ଓ ଠିକାଦାରମାନେ ଏପରି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ମିସ୍ତ୍ରି ହାତରେ ଛାଡି ଦିଅନ୍ତି, ଯେହେତୁ ଏଗୁଡ଼ିକ ସେମାନଙ୍କ ପାଇଁ ସାଧାରଣ କଥା।

ରାସ୍ତା ନିର୍ମାଣ ବେଳେ ମୂଳଦୁଆ ତଳର ମାଟି ଭିତରେ ଯଦି ପଥପାର୍ଶ୍ୱ ଗଛର ମୂଳ ଆଦି ରହିଯାଏ, ତେବେ ତାହା କାଳକ୍ରମେ ପଚିଶଢ଼ି ସେ ସ୍ଥାନରେ ଶୂନ୍ୟସ୍ଥାନ ସୃଷ୍ଟି କରେ। ତାହା ପୂର୍ଣ୍ଣ କରିବା ପାଇଁ ଉପରିସ୍ଥ ସଡ଼କ ସେ ସ୍ଥାନରେ ଦବିଯାଇ ରାସ୍ତାକୁ ବନ୍ଧୁର କରିଦିଏ। ଦ୍ୱିତୀୟତଃ ଭିତ୍ତିନିମ୍ନସ୍ଥ ମୃତ୍ତିକା ଯଦି କୃଷ୍ଣକାର୍ପାସ ବା ଚିକିଟା ମାଟି ଥାଏ, ତେବେ ଅନ୍ୟୂନ ଅଧାମିଟର ଗଭୀରର ମାଟି ଅପସାରଣ କରାଯାଇ ସେ ସ୍ଥାନରେ ବାଲି ବା କଙ୍କର ଭର୍ତ୍ତି କରାଯାଏ। ଏପରି ନ ହେଲେ ଗ୍ରୀଷ୍ମଋତୁରେ ଲାଜକୁଳି ଲତା ପରି ସେ ମାଟି ସଙ୍କୁଚିତ ହେବା ହେତୁ ସେ ସ୍ଥାନରେ ରାସ୍ତା ଧସିଯାଇ ପୃଷ୍ଠରେ ବନ୍ଧୁରତା ସୃଷ୍ଟି କରେ। ଏ ଲେଖକ ଦେଖିଛି ଆମେରିକାରେ ଯେଉଁ ସ୍ଥାନ ସାମୁଦ୍ରିକ ଚିକିଟା ମାଟି ବିଶିଷ୍ଟ ସେଠାରେ ଏ ପ୍ରକାର ବାଲି ଭର୍ତ୍ତି କରିବା ପ୍ରକ୍ରିୟା ବ୍ୟୟବହୁଳ ହୋଇଥିବାରୁ ଏହାକୁ ଉପେକ୍ଷା କରାଯାଇଥାଏ। ଫଳତଃ ଶୀତଋତୁରେ ସଡକ ଉପରେ ଗଭୀର ଫାଟ ଦେଖାଯାଏ। ଅବଶ୍ୟ ସେଠାରେ ସଡ଼କ ତୁରନ୍ତ ରକ୍ଷଣାବେକ୍ଷଣ କରାଯାଉଥିବାରୁ ବିଟୁମେନ (ପିଚୁ) ଗ୍ରାଉଟିଙ୍ଗ ଦ୍ୱାରା ଫାଟଗୁଡିକ ତତକ୍ଷଣାତ୍ ବନ୍ଦ କରାଯାଏ।

ବସ୍ ଓ ଟ୍ରକ୍‌ଗୁଡିକର ଫିଟ୍‌ନେସ୍ ଯଦି ନିୟମିତ ବ୍ୟବଧାନରେ ଯାଞ୍ଚ କରାଯାଉଥାନ୍ତା, ତେବେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୁର୍ଘଟଣା ହେବା ବହୁ ପରିମାଣରେ କମିଯାଇପାରନ୍ତା। ଯେତେଦିନ ଯାଏ ଗାଡି ଚାଲିଛି ସେତେଦିନ ଯାଏ ସାଧାରଣ ଧୂଆପୋଛା ବ୍ୟତୀତ ଆଉ କିଛି ଯାଞ୍ଚ କରିବାର ଆବଶ୍ୟକତା ଉପଲବ୍ଧି କରାଯାଏ ନାହିଁ। ଗାଡିର ଚକ ପରିବର୍ତ୍ତନ (ରୋଟେଶନ), ଇଞ୍ଜିନ ଓ ବ୍ରେକ୍‌ର ଅବସ୍ଥା, ବ୍ୟାଟେରି କୁଲିଙ୍ଗ ସିଷ୍ଟମ୍, ଟାୟାର, ଟ୍ୟୁବ୍, ସସ୍‌ପେନ୍ସନ ଆଦି କମ୍ପାନୀର ସ୍ୱୀକୃତିପ୍ରାପ୍ତ ମେକାନିକ ଦ୍ୱାରା ଚେକ୍ କରାଇବା ବ୍ୟୟସାପେକ୍ଷ, ତେଣୁ କରାଯାଏ ନାହିଁ। ଫଳତଃ କେତେବେଳେ ଗାଡିର ବ୍ରେକ୍ ଫେଲ୍ ହେବ ବା ଗାଡିକୁ ଗୋଟେ ପାର୍ଶ୍ୱକୁ ଟାଣିନେବ କି ଚକ ଫାଟିଯିବ ତା'ର କିଛି ଠିକଣା ନ ଥାଏ। ଏଥିଯୋଗୁ ନିଜ ଗାଡି ଦୁର୍ଘଟଣାଗ୍ରସ୍ତ ହେବା ସହିତ ଅନ୍ୟଗାଡି ଓ ପଥଚାରୀଙ୍କୁ ମଧ୍ୟ କ୍ଷତି ପହଞ୍ଚାଏ। ପନ୍ଦରବର୍ଷ ଚଳାଇବା ପରେ ଗାଡିକୁ ରାସ୍ତା ପାଇଁ ଅନୁପଯୁକ୍ତ ଦର୍ଶାଇ ରେଜିଷ୍ଟ୍ରେଶନ ରଦ୍ଦ କରିବା ଦ୍ୱାରା ମଧ୍ୟ ଦୁର୍ଘଟଣାକୁ ଏଡାଇ ହେବ। ଅଧିକନ୍ତୁ, ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ଦୂଷିତ ବାଷ୍ପ ଗାଡିରୁ ନିର୍ଗତ ହେଲେ ପରିବେଶ ପ୍ରଦୂଷିତ ହେବା ସହିତ ଅନୁଗମନ କରୁଥିବା ଗାଡିର ଚାଳକ ଓ ଲୋକଙ୍କ ଦୃଷ୍ଟି ବ୍ୟାହତ ହୋଇ ଦୁର୍ଘଟଣା ଘଟାଇଥାଏ। ସଡକ ପରିବହନ ଅଧିକାରୀଙ୍କ କାର୍ଯ୍ୟ କେବଳ ଦ୍ୱିଚକ୍ର ଯାନ ଆରୋହୀଙ୍କ ଶିରସ୍ତ୍ରାଣ ଓ ଗାଡି ଚାଳକଙ୍କ ସିଟ୍ ବେଲ୍‌ଟ ଚେକ୍‌ରେ ସୀମିତ ନୁହେଁ, ତା' ସହିତ ଉଲ୍ଲିଖିତ ବିଷୟଗୁଡିକ ପ୍ରତି ଦୃଷ୍ଟି ଦେଲେ ଦୁର୍ଘଟଣା କମ୍ କରି ହୁଅନ୍ତା।

ଦୁର୍ଘଟଣାର ତୃତୀୟ ଏବଂ ମୁଖ୍ୟ କାରଣ ହେଉଛି ଚାଳକର ଅସାବଧାନତା। କଥାରେ ଅଛି ନାଚି ନ ଜାଣିଲେ ଅଗଣାର ଦୋଷ। ଏ ଦୃଷ୍ଟିରୁ ବିଚାର କଲେ, ରାସ୍ତାର ଅବସ୍ଥା ଶୋଚନୀୟ ଥିଲେ ମଧ୍ୟ ପ୍ରତ୍ୟେକ ଚାଳକ ଯଦି ଶୀଘ୍ର ଯିବାର ପ୍ରତିଦ୍ୱନ୍ଦ୍ୱିତା ନ କରି ସାବଧାନତା ଅବଲମ୍ବନ କରନ୍ତି ତେବେ ଦୁର୍ଘଟଣା ଅନେକ ପରିମାଣରେ ହ୍ରାସ ପାଇପାରନ୍ତା। ଗାଡିକୁ କ୍ଷିପ୍ର ଗତିରେ ଚଳାଇ ଗନ୍ତବ୍ୟ ସ୍ଥାନରେ ଶୀଘ୍ର ପହଞ୍ଚିବା ନିଶା, ଆବଶ୍ୟକ ବିଶ୍ରାମ ଅଭାବରୁ ଚାଳକ ସଳଖ ସଡକରେ ଗାଡି ଚଳାଉ ଚଳାଉ ଢୁଳେଇ ପଡିବା, ଅନ୍ୟ ଅଗ୍ରଗାମୀ ଗାଡି ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା, ମଦ୍ୟପାନ କରି ଗାଡି ଚଳାଇବା ଆଦି ପରିହାର୍ଯ୍ୟ କାରଣରୁ ଭୟାବହ ଦୁର୍ଘଟଣାରେ ଧନଜୀବନ ନଷ୍ଟ ହେବାର ନଜୀର ଅଛି। ମାନସିକ ଉତ୍ତେଜନା ବା ଅବସାଦଗ୍ରସ୍ତ ଅବସ୍ଥାରେ ଅଥବା ଶାରୀରିକ ବା ମାନସିକ ଅସୁସ୍ଥତା ସମୟରେ ଗାଡି ଚଳାଇବା ଯୋଗୁ ମଧ୍ୟ ଦୁର୍ଘଟଣା ଘଟିଥାଏ। ଚାଳକର ଦୃଷ୍ଟିଶକ୍ତି ହ୍ରାସ ଯୋଗୁ ଅଥବା କୁହୁଡି ବା ଅନ୍ଧକାର ହେତୁ ସଡ଼କ ସମ୍ୟକ୍ ପରିଦୃଷ୍ଟ ନ ହେଲେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଧନଜୀବନର ପ୍ରଭୂତ କ୍ଷତି ଘଟିଥାଏ। ବେଳେ ବେଳେ ରାସ୍ତାରେ ଗୋରୁ, କୁକୁଡା, କୁକୁର ଆଦିଙ୍କ ଅବାଧ ବିଚରଣ ହେତୁ ଦୁର୍ଘଟଣା ଘଟିଥାଏ। ବାରଣ ଥିବା ସତ୍ତ୍ୱେ ଚାଳକ ମୋବାଇଲରେ କଥା ହେବା ହେତୁ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥାଏ।

ରାସ୍ତାକଡ଼ରେ ସ୍ଥାନେ ସ୍ଥାନେ ବେଗ ନିର୍ଦ୍ଧାରକ ଫଳକ ଥିଲେ ଚାଳକ ସତର୍କତା ଅବଲମ୍ବନ କରେ। ଯେଉଁ ଦେଶର ରାସ୍ତାଗୁଡିକରେ ମାଇଲ ସ୍ତମ୍ଭ ବି ଲଗାଯାଇ ନ ଥାଏ ସେଠାରେ ବେଗ ନିର୍ଦ୍ଧାରକ ଫଳକ ଆଶା କରିବା ଶଶା ଶିରରେ ଶୃଙ୍ଗ ଆଶା କରିବା ସଦୃଶ। ଆମେରିକାର କ୍ଷେତ୍ରଫଳ ଆମ ଦେଶର ପ୍ରାୟ ଚାରିଗୁଣ। ରାଜପଥରେ ଯିବାକୁ ହେଲେ ଗାଡିର ବେଗ ଘଣ୍ଟା ପ୍ରତି ଅନ୍ୟୂନ ଶହେ କିଲୋମିଟର ରଖିବାକୁ ହୁଏ। ଗାଡିଗୁଡିକ ଏତେ ଶୀଘ୍ରଗାମୀ ହେବା ସତ୍ତ୍ୱେ ରାସ୍ତାର ନିୟମ ମାନି ଚାଲୁଥିବାରୁ ଦୁର୍ଘଟଣା କ୍ୱଚିତ୍ ସଂଘଟିତ ହୁଏ। ଚାଳକ ରାସ୍ତାର ନିୟମ ମାନୁଛି ତ, ମଦ୍ୟପାନ କରି ଗାଡି ଚଳାଉ ନାହିଁ ତ, ନିର୍ଦ୍ଧାରିତ ବେଗ ଅତିକ୍ରମ କରୁନାହିଁ ତ, ଶିଶୁକୁ ପଛ ସିଟ୍‌ରେ ଠିକ୍ ଭାବେ ବାନ୍ଧି ବସାଯାଇଛି ତ, ଚାଳକ ଓ ସହଯାତ୍ରୀ ସିଟ୍ ବେଲ୍ଟ ବାନ୍ଧିଛନ୍ତି ତ- ଏସବୁ ଯାଞ୍ଚ କରିବା ପାଇଁ ପୋଲିସ କ୍ଷିପ୍ରଗାମୀ ଗାଡି ଧରି ସ୍ଥାନେ ସ୍ଥାନେ ଲୁଚି ରହିଥାନ୍ତି। ସେ ରାଷ୍ଟ୍ରପତିଙ୍କ ପୁଅ ବା ଝିଅ ହେଲେ ମଧ୍ୟ ନିୟମ ଉଲ୍ଲଂଘନ କଲେ ଚାଳକକୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଏ। ସେଠାରେ ପୋଲିସ ରାଜନେତାଙ୍କ ନିୟନ୍ତ୍ରଣ-ବହିର୍ଭୂତ। ଆମ ଦେଶରେ ସେପରି ବ୍ୟବସ୍ଥା ଥିଲେ ଓ ଚାଳକମାନେ ନିୟମ ମାନି ଚାଲୁଥିଲେ ସଡକ ଦୁର୍ଘଟଣା ପ୍ରାୟ ଶତକଡା ନବେ କମିଯାଇଥାନ୍ତା।

ବି-୧୮, ପଦ୍ମପାଣି ବିହାର,ଶୈଳଶ୍ରୀ ବିହାର,
ଭୁବନେଶ୍ୱର, ମୋ-୯୪୩୭୦୧୭୨୦୨

# ନାଚି ନ ଜାଣି ଅଗଣା ଦୋଷ



ରଞ୍ଜନ ସାହୁ

ଦୋଷ ଦେବା ଲୋକଙ୍କର ଏକ ପ୍ରବୃତ୍ତି। ସମ୍ପ୍ରତି ଦେଖାଯାଏ ଯେ, ସରକାରଙ୍କ କାର୍ଯ୍ୟାବଳୀ ଉପରେ ଲୋକମାନେ ବହୁଳଭାବେ ଦୋଷାରୋପ କରିଚାଲିଛନ୍ତି। ସରକାରଙ୍କୁ ଦୋଷ ଦେଲେ ନିଜର ନାଗରିକୋଚିତ ଧର୍ମ ପାଳନ ହେଲା ବୋଲି ନିଶ୍ଚିନ୍ତରେ ନିଦ୍ରା ଯାଉଛନ୍ତି। ଯଦି ପୋଲଟିଏ ଭୁଶୁଡ଼ି ପଡ଼ିଲା, ସେଥିପାଇଁ ସରକାର ଦୋଷୀ ବୋଲି ଅନେକେ କହନ୍ତି। ତଦନୁରୂପ କୁହାଯାଏ: ଗୁଟ୍‌ଖା ଖାଇବା ବନ୍ଦ ହେଲାନାହିଁ- ସରକାରଙ୍କର ଦୋଷ। ପଲିଥିନ ବ୍ୟବହାରକୁ ପ୍ରତିରୋଧ କରିହେଲାନାହିଁ- ସରକାରଙ୍କର ଦୋଷ। ମନ୍ଦିରରେ ଫାଟ ଦିଶିଲା- ସରକାରଙ୍କର ଦୋଷ। ଜନହିତୈଷୀ ଯୋଜନାଗୁଡ଼ିକ ସଫଳ ହେଉନାହିଁ- ସରକାରଙ୍କର କୋହଳ ନୀତିର ଦୋଷ। ଅଫିସ୍‌ଗୁଡ଼ିକରେ ସୁଚାରୁରୂପେ କାର୍ଯ୍ୟ ଚାଲୁନାହିଁ, ଲାଞ୍ଚ ବିନା କାମ ହେଉନାହିଁ- ଦୋଷ ସରକାରଙ୍କର। ଡାକ୍ତରଖାନାରେ ରୋଗୀ ସେବା ଯଥୋଚିତ ହେଉନାହିଁ- ଦୋଷ ସବୁ ସରକାରଙ୍କର। ଶିକ୍ଷାୟତନଗୁଡ଼ିକରେ ପାଠପଢ଼ା ଆଦୌ ହେଉନାହିଁ- ଏଥିସକାଶେ ସରକାରଙ୍କର ନୀତି ଦୋଷଯୁକ୍ତ। ବାହାଘର ଭୋଜିରେ ଭେଜାଲ ଖାଦ୍ୟ ଖାଇ ଲୋକେ ମଲେ- ସରକାର ଦୋଷୀ। ରାସ୍ତାରେ ବେପରୁଆ ଗାଡ଼ି ଚଳାଇ ଅନେକେ ମୃତାହତ ହେଉଛନ୍ତି- ସରକାର ପୂରା ଦୋଷୀ। ବୃଦ୍ଧ ବରିଷ୍ଠ ନାଗରିକଙ୍କୁ ସନ୍ତାନମାନେ ଉପେକ୍ଷା କରୁଛନ୍ତି- ଦୋଷ ସରକାରଙ୍କର। ଚାଷୀମାନଙ୍କ ଉଦ୍ଦେଶ୍ୟରେ ଆସିଥିବା ଋଣ ଅଣଚାଷୀମାନେ ହଡ଼ପ କରିନେଉଛନ୍ତି- ସରକାରୀ ଶାସନରେ ଅବ୍ୟବସ୍ଥା। ରାସ୍ତାଘାଟ ନିୟମିତ ପରିଷ୍କାର ପରିଚ୍ଛନ୍ନ ହେଉନାହିଁ- ସରକାରଙ୍କର ଅବହେଳା। ରାତିରେ ମଶା ପ୍ରବଳ କାମୁଡୁଛନ୍ତି- ବୁଝୁନାହାନ୍ତି ସରକାର। ବାୟୁମଣ୍ଡଳ ପ୍ରଦୂଷିତ- ସରକାର ଉଦାସୀନ। ଏ ବର୍ଷ ଭଲ ମୌସୁମୀ ବର୍ଷା ହେଲା ନାହିଁ- ସରକାରଙ୍କର ଅପାରଗତା। ବର୍ଷା ଅଭାବରୁ ମରୁଡ଼ି ଦେଖାଦେଲା- ସରକାରଙ୍କର ଅପରିଣାମଦର୍ଶିତା। ନାରୀମାନଙ୍କୁ ଅଧିକ ଆଇନଗତ ସ୍ୱାଧୀନତା ଦେବା ହେତୁ ସେମାନେ ଉଚ୍ଛୃଙ୍ଖଳ ହେଉଛନ୍ତି- ସରକାରଙ୍କର ଅବିମୃଶ୍ୟକାରିତା। ପ୍ରେମୀଯୁଗଳଙ୍କ ପାଇଁ ସୁନ୍ଦର, ସୁରକ୍ଷିତ, ନିର୍ଜନ ପାର୍କଟିଏ ନ ଥିବାରୁ ଅସହିଷ୍ଣୁମାନେ ହୀନସ୍ତା କରୁଛନ୍ତି- ସରକାରଙ୍କର ନାହିଁ ସହଯୋଗିତା।

ଉପରୋକ୍ତ ଦୃଷ୍ଟାନ୍ତଗୁଡ଼ିକୁ ଅନୁଧ୍ୟାନ କଲେ ଉପଲବ୍ଧି ହୁଏ ଯେ ସରକାରଙ୍କ ଛଡ଼ା ନାଗରିକମାନଙ୍କର ଦେଶ ପ୍ରତି ତାଙ୍କର କୌଣସି କର୍ତ୍ତବ୍ୟ ନାହିଁ। ସବୁ କର୍ତ୍ତବ୍ୟ ଶାସକର। ଆମେ ସତରେ ଭାବୁ ଯିଏ ସରକାର ଗଢ଼େ ସବୁ ଦୋଷ ତାହାର। ଏହା କିନ୍ତୁ ଏକ ଅମୂଳକ ଚିନ୍ତାଧାରା। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସରକାର ବୋଇଲେ ପ୍ରତ୍ୟେକ ଜନତାଙ୍କୁ ବୁଝାଏ। ଏ କଥା କେବେ ବୁଝିବେ ସାଧାରଣ ପ୍ରଜା? ସରକାରର ସେମିତି କିଛି ଭିନ୍ନ ସଂଜ୍ଞା ବହନକାରୀ ଅର୍ଥ ନାହିଁ। ଦେଶ ପାଇଁ ସମସ୍ତେ ଦାୟିତ୍ୱବାନ୍ ହେବା ବିଧେୟ। ଏଠାରେ ସମସ୍ତେ ଉତ୍ତରଦାୟୀ। ସରକାରଙ୍କର ଯେତିକି କର୍ତ୍ତବ୍ୟ ପ୍ରଜାଙ୍କର ମଧ୍ୟ ସେତିକି।

ଏ ସମ୍ପର୍କରେ ଉପଦେଶ ସମ୍ବଳିତ କଥନିକାଟିଏ ଆଲୋଚନା କଲେ ସ୍ପଷ୍ଟ ହେବ ପ୍ରସଙ୍ଗଟି। ଊଣାଧିକେ ଅନେକେ ଜାଣିଥିବେ ପୁରାକାଳରେ ଗୋଟିଏ ସମୃଦ୍ଧିଶାଳୀ ଭୂଭାଗ ଭାରତବର୍ଷରେ ସର୍ବବିଦିତ ଥିଲା। ସେଠାର ରାଜାଙ୍କର ପ୍ରଜାନୁରକ୍ତି ଯେତିକି ଥିଲା ପ୍ରଜାଙ୍କର ସେତିକି ରାଜଭକ୍ତି ଥିଲା। ସେଠାରେ ସମସ୍ତ ପ୍ରକାରର ଉନ୍ନତିମୂଳକ କାର୍ଯ୍ୟ ନିର୍ବିରୋଧରେ, ନିରାଡ଼ମ୍ବର ଓ ନିଷ୍ଠାପର ଭାବେ ସମ୍ପାଦିତ ହେଉଥିଲା। ସାଧାରଣ ଜନତା ଏଥିପାଇଁ ଶ୍ରଦ୍ଧାଶୀଳଭାବେ ପ୍ରଗାଢ଼ ସହଯୋଗ କରୁଥିଲେ। ଏକଦା କେତେଜଣ ପରିବ୍ରାଜକ ସେ ଜନପଦରେ ଆସି ପହଞ୍ଚିଲେ। ଚତୁର୍ଦ୍ଦିଗ ପରିକ୍ରମା କରି ଶେଷରେ ସେମାନେ ଗୋଟିଏ ବୃକ୍ଷଛାୟା ତଳକୁ ଯାଇ ଥକ୍କା ମେଣ୍ଟାଇଲେ। ପୂର୍ବରୁ ସେଠାରେ ତିନିଚାରିଜଣ ଅଧିବାସୀ ଉପବିଷ୍ଟ ହୋଇ ଗପସପରେ ମଗ୍ନ ଥିଲେ। ଆଗନ୍ତୁକମାନେ ଗ୍ରାମବାସୀଙ୍କୁ ଉଦ୍ଦେଶ୍ୟ କରି କହିଲେ, ରାଜ୍ୟଟି ବେଶ୍ ଉନ୍ନତ, ପରିଷ୍କୃତ ଓ ସମ୍ଭ୍ରାନ୍ତ। ହେଲେ ଗୋଟିଏ ଜିନିଷ ଊଣା ଅଛି ଏଠି। ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନଙ୍କ ନିମିତ୍ତ ଏଠାରେ ଆବଶ୍ୟକ ଆଶ୍ରୟସ୍ଥଳୀଟିଏ ନାହିଁ। ଏଥିପାଇଁ ପ୍ରକୃତରେ ଶାସକ ସମ୍ପୂର୍ଣ୍ଣ ଦାୟୀ।

ହଠାତ୍ ଅଧିବାସୀଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ବିନମ୍ର ଗଳାରେ କହିଲେ, ମହାଭାଗ! ଆପଣଙ୍କର ଅନୁମାନ ଭିତ୍ତିହୀନ। ରାଜାଙ୍କର ଏଥିରେ ଦୋଷ ନାହିଁ। କାରଣଟି ହେଲା- ଆମେ ସମସ୍ତେ ନାଗରିକ ପଣ କରିଛୁ; ବିଦେଶାଗତ ଅଭ୍ୟାଗତମାନେ ହେଲେ ଆମ ସମସ୍ତଙ୍କର ଅତିଥି। ସେମାନଙ୍କୁ ଉତ୍ତମ ପରିଚର୍ଯ୍ୟା କରିବା ସମସ୍ତଙ୍କର ନୈତିକ କର୍ତ୍ତବ୍ୟ। ଆପଣମାନେ କୃପାକରି ଆଜି ମୋ ଘରେ ଆଶ୍ରୟ ନିଅନ୍ତୁ। ମୁଁ ଯଥାସାଧ୍ୟ ଆତିଥେୟତା ପ୍ରଦାନ କରି ନିଜକୁ ଧନ୍ୟ ମନେକରିବି। ସତ କହିବାକୁ ଗଲେ, ଆମ୍ଭମାନଙ୍କର ଏହି ଭଦ୍ରଜନୋଚିତ ପ୍ରବୃତ୍ତି ଯୋଗୁ ଏଠାରେ ଆଶ୍ରୟ ପାଇଁ ଆଶ୍ରୟସ୍ଥଳଟିଏ ନିର୍ମାଣ କରିବାର ପ୍ରୟୋଜନୀୟତା ପଡ଼ିନାହିଁ। ନଚେତ୍ ଏହି ସାମାନ୍ୟ ଅତିଥି ନିବାସଟିଏ ପାଇଁ ଆମର ରାଜା କାର୍ପଣ୍ୟ କରି ନ ଥା'ନ୍ତେ।

ଲୋକଟିର ବିନୟୀ ଆମନ୍ତ୍ରଣ ଓ ସାଧୁବାକ୍ୟପୂର୍ଣ୍ଣ ନମ୍ରତାରେ ସମସ୍ତେ କୃତଜ୍ଞତା ପ୍ରକାଶ କଲେ। ପଥଚାରୀମାନେ ତାଙ୍କୁ ମହତ୍ତ୍ୱପୂର୍ଣ୍ଣ ଆଖିରେ ଚାହିଁଲେ ଘଡ଼ିଏ। ଏଭଳି ଅମାୟିକ, ଭଦ୍ର, ସରଳ ମଣିଷ ବର୍ତ୍ତମାନ ସମାଜରେ କାହାନ୍ତି? ସ୍ୱାର୍ଥାନ୍ଧ, ସୁବିଧାବାଦୀ, ଆତ୍ମକେନ୍ଦ୍ରିକଙ୍କ ସଂଖ୍ୟା ବର୍ତ୍ତମାନ ଅଗଣନ। ବିନା ପରିଶ୍ରମରେ, ବିନା ସାଧନାରେ, ବିନା ପ୍ରଚେଷ୍ଟାରେ ସବୁ କାର୍ଯ୍ୟ ସୁଚାରୁରୂପେ ହେଉ ବୋଲି ପ୍ରାୟ ଚାହୁଁଛନ୍ତି ସେମାନେ। ତାହା ସମ୍ପୂର୍ଣ୍ଣ ସମ୍ଭବପର ହେଉ ନ ଥିବାରୁ ଶାସକଙ୍କୁ ଦୋଷ ଦେବା ଭଳି ମାନସିକତା ଉଦୟ ହେଉଛି ସେମାନଙ୍କର। ଲାଗୁଛି ଯେମିତି, ନିଜେ ସରକାର ଗଢ଼ିଥିଲେ ନିର୍ଭୁଲ କାର୍ଯ୍ୟଗୁଡ଼ାଏ କରିପକାଇ ଥାଆନ୍ତେ ଓ ପାରଙ୍ଗମତା ଦର୍ଶାଇ ଗୁପ୍ତଯୁଗ ସମ ସୁବର୍ଣ୍ଣଯୁଗଟିଏ ପ୍ରତିଷ୍ଠା କରିପକାଇ ଥାଆନ୍ତେ!!

ଏଲ୍.ପି-୮୬, ଲକ୍ଷ୍ମୀସାଗର ବିଡିଏ କଲୋନୀ,
ଭୁବନେଶ୍ୱର, ମୋ-୯୮୬୧୦୬୦୮୦୩

## ଏଇ ଭାରତରେ

ଭିକ୍ଷାବୃତ୍ତି ବିରୋଧରେ ୧୭ହଜାର କିଲୋମିଟର ପଦଯାତ୍ରା କରିସାରିଲେଣି ଜଣେ ଯୁବକ। ଏହି ବ୍ୟକ୍ତି ହେଉଛନ୍ତି ଚେନ୍ନାଇର ବାସିନ୍ଦା। ଭିକ୍ଷାବୃତ୍ତି କରୁଥିବା ଲୋକଙ୍କୁ ଭିକ୍ଷା ନ ଦେବା ଲାଗି ସେ ଲୋକମାନଙ୍କୁ ସଚେତନ କରାଉଛନ୍ତି। ଏହି ବ୍ୟକ୍ତି ହେଉଛନ୍ତି ୨୯ବର୍ଷ ବୟସ୍କ ମେକାନିକାଲ ଇଞ୍ଜିନିୟର ଆଶିଷ ଶର୍ମା। ଇତିମଧ୍ୟରେ ସେ ୧୬ହଜାର ୫୦୩ କିଲୋମିଟର ପଥ ପାଦରେ ଚାଲିସାରିଲେଣି। ୨୦୧୭ ଅଗଷ୍ଟ ୨୨ରେ ସେ ଜମ୍ମୁରୁ ପଦଯାତ୍ରା ଆରମ୍ଭ କରିଥିଲେ। ଏହାମଧ୍ୟରେ ସେ ୨୯ ରାଜ୍ୟ ଏବଂ ୭ଟି କେନ୍ଦ୍ରଶାସିତ ଅଞ୍ଚଳରେ ପଦଯାତ୍ରା କରିବା ସହିତ ୪,୯୦୦ ଗାଁରେ ଭିକ୍ଷାବୃତ୍ତି ବିରୋଧରେ ସଚେତନତା ବାର୍ତ୍ତା ପ୍ରଚାର କରିଛନ୍ତି। ସେ ଦୁଆଏଁ ନାମକ ଏକ ଆପ୍ ବିକଶିତ କରିଛନ୍ତି। ଏହି ଆପ୍ ସହାୟତାରେ ଭିକ୍ଷାବୃତ୍ତି କରୁଥିବା ବ୍ୟକ୍ତି ତଥା ଛୋଟପିଲାଙ୍କ ଥଇଥାନ ପାଇଁ ପୋଲିସ ତଥା ସରକାରୀ ପଦସ୍ଥ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇ ପାରିବ। ଆଶିଷଙ୍କର ଏହି ନିଆରା ଅଭିଯାନ ଅନ୍ୟମାନଙ୍କ ପାଇଁ ଆଦର୍ଶ କହିଲେ କିଛି ଭୁଲ ହେବନାହିଁ।

## ଚିରନ୍ତନୀ

ଅନନ୍ତ ଜୀବନ ସ୍ରୋତେ ବହିଯାଏ ସୀମାହୀନ ଦେଶେ,
ଅସୀମ ଜୀବନ ଉତ୍ସେ ଛନ୍ଦି ତା'ର ମିଶେ ଅବଶେଷେ।
ବିରାଟ ସେ ଚେତନାର ଉଦ୍ଦାମ ପ୍ଲାବନ
ବହି ଆଣେ ଅନନ୍ତ ଜୀବନ।

(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୫ ମାର୍ଚ୍ଚ ୧୯୯୪

- ପୁଞ୍ଜି ବିନିଯୋଗ କ୍ଷେତ୍ରରେ କ୍ଷତିପୂରଣ ଦେବା ପାଇଁ ଗ୍ୟାରେଣ୍ଟି ପ୍ରଦାନ କରିବା ତଥା ଯୁଦ୍ଧ, ଜରୁରିକାଳୀନ ପରିସ୍ଥିତି ଓ ସଂଘର୍ଷ ବେଳେ କ୍ଷତି ହୋଇଥିବା ପୁଞ୍ଜିଗୁଡ଼ିକୁ ପୁନଃ ଥଇଥାନ କରିବା ଉପରେ ଭାରତ ଓ ବ୍ରିଟେନ ମଧ୍ୟରେ ଏକ ଦ୍ୱିପାକ୍ଷିକ ରାଜିନାମା ସ୍ୱାକ୍ଷରିତ।
- ମହାରାଷ୍ଟ୍ରର ନାସିକଠାରୁ ୩୦ କି.ମି. ଦୂରବର୍ତ୍ତୀ କଦଭା ନଦୀ ପୋଲ ଉପରୁ ଏକ ଯାତ୍ରୀବାହୀ ବସ ନଦୀ ଗର୍ଭକୁ ଖସିପଡ଼ିବା ଫଳରେ ୬୪ ଯାତ୍ରୀଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଶାସନିକ ସ୍ଥାଣୁତା

ମହାଶୟ,

ଗଣମାଧ୍ୟମରୁ ପ୍ରାପ୍ତ ସୂଚନା ଅନୁସାରେ, ଭାରତରେ ରେଳ ବିଭାଗ ସମେତ ବିଭିନ୍ନ ବିଭାଗରେ ପାଖାପାଖି ୭୦ ଲକ୍ଷ ମଞ୍ଜୁରିପ୍ରାପ୍ତ ପଦବୀ ଖାଲିପଡିଛି। ଦେଶରେ ନିଯୁକ୍ତି ସଙ୍କୋଚନ ଯୋଗୁ ବେକାରି ହାର ବୃଦ୍ଧି ପାଇ ଗତ ୪୫ ବର୍ଷ ମଧ୍ୟରେ ସର୍ବାଧିକ ୬.୧ ପ୍ରତିଶତରେ ପହଞ୍ଚିଛି ୨୦୧୭-୧୮ ଆର୍ଥିକ ବର୍ଷରେ। ଏଭଳି ସ୍ଥିତିରେ ଏତେ ଅଧିକ ସଂଖ୍ୟକ ସରକାରୀ ପଦବୀ ଖାଲିପଡିବା କେନ୍ଦ୍ର ସରକାରଙ୍କ ପ୍ରଶାସନିକ ସ୍ଥାଣୁତାର ପରିଚୟ ଦେଉଛି। ଅନୁରୂପ ଭାବରେ ଓଡିଶାରେ ପାଖାପାଖି ଦେଢ଼ଲକ୍ଷ ସରକାରୀ ପଦବୀ ଖାଲିପଡିଛି। ଆମ ରାଜ୍ୟରେ ଶିକ୍ଷକ, ଡାକ୍ତରଙ୍କ ସମେତ ବିଭିନ୍ନ ବିଭାଗରେ କର୍ମଚାରୀ ମରୁଡ଼ି ଯୋଗୁ ଜନସାଧାରଣ ସର୍ବନିମ୍ନ ସେବା ପାଇବାରୁ ବଞ୍ଚିତ ହେଉଥିବା ବେଳେ ଏତେସଂଖ୍ୟକ ପଦବୀ ପୂରଣ ନ ହେବା ରାଜ୍ୟ ସରକାରଙ୍କ ପ୍ରଶାସନିକ ସ୍ଥାଣୁତାକୁ ପ୍ରମାଣିତ କରୁଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଟ୍ରାଇର ନୂଆ ନିୟମ ଓ ଉପଭୋକ୍ତା

ଟେଲିକମ୍ ରେଗୁଲେଟରି ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ)ର ଉପଭୋକ୍ତାଙ୍କ ନିମନ୍ତେ ଯେତିକି ଦେଖିବ ସେତିକି ପଇଠ କରିବ ବ୍ୟବସ୍ଥା ସ୍ୱାଗତଯୋଗ୍ୟ। ମାତ୍ର ଗ୍ରାମୀଣ ଓ ସହରୀ ଦର୍ଶକ ସେମାନଙ୍କର ମତାମତ କେବଳ ଅପରେଟରଙ୍କୁ ଲେଖିକରି ଦେବା, ଡିସ୍‌ପ୍ଲେ ଅନୁସାରେ ଚାନେଲ ମୂଲ୍ୟ, ପ୍ୟାକେଜ୍ ପରି ମୂଲ୍ୟାୟନ କରିବା ସମ୍ଭବପର ହୋଇ ନ ପାରେ। ମତାମତ ନ ଦେଲେ ସ୍ୱତଃ ଚାନେଲଗୁଡିକ ଉପଭୋଗ କରୁଥିବା କାରଣରୁ ଅଧିକ ବିଲ୍ ପଡିପାରେ। ଆମର କହିବାର କଥା ହେଲା 'ଟ୍ରାଇ' ତରଫରୁ ଏଥିନିମନ୍ତେ ପୂରଣ କରିଦେବା ଲାଗି ଫର୍ମ କେବଳ ଅପରେଟରଙ୍କ ଜରିଆରେ ଦେଲେ କାର୍ଯ୍ୟ ସୁଗମ ହୁଅନ୍ତା। କେବଳ ଅପରେଟର ଘର ଘର ବୁଲି ଉପଭୋକ୍ତାଙ୍କ ପସନ୍ଦ ଅନୁସାରେ ତଥ୍ୟ ଲେଖି ଆଣି ବିଲ୍ ବ୍ୟବସ୍ଥା କରିବା ଦରକାର।

ରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଲୋକ ସଭା ନିର୍ବାଚନ ପାଇଁ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ପକ୍ଷରୁ ଗୁରୁବାର ୧୨ ଜଣିଆ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେଙ୍କୁ ଦଳର ଗଡ଼ ବୁହାଯାଉଥିବା ବାରାମତି ଆସନରୁ ପୁଣି ଟିକେଟ ଦିଆଯାଇଛି। ସେହିପରି ମହମ୍ମଦ ପି.ପି. ଫୈଜଲଙ୍କୁ ଲାକ୍ଷାଦ୍ୱୀପରୁ ଲଢ଼ିବା ପାଇଁ ସୁଯୋଗ ମିଳିଛି। ପ୍ରକାଶ ଯେ, ପାୱାର ଏଥର ନିର୍ବାଚନ ଲଢ଼ିବାକୁ ମନାକରିଦେଇଛନ୍ତି।



## ସଂକ୍ଷେପରେ

### ଏନ୍‌ସି ନେତାଙ୍କୁ ଆତଙ୍କବାଦୀଙ୍କ ଗୁଳି

ଶ୍ରୀନଗର,୧୪।୩(ପି.ଟି.)- ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲା ଆଜିଓ୍ୱାରାରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ମହମ୍ମଦ ଇସ୍‌ମାଇଲ୍ ଓ୍ୱାନିଙ୍କୁ ଗୁରୁବାର ଆତଙ୍କବାଦୀମାନେ ଗୁଳିମାଡ଼ କରିଛନ୍ତି। ଆକ୍ରମଣରେ ଗୁରୁତର ଇସ୍‌ମାଇଲଙ୍କୁ ଶ୍ରୀନଗରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନ୍‌ସି ଉପାଧ୍ୟକ୍ଷ ଓମାର ଅବ୍ଦୁଲ୍ଲା ତାଙ୍କ ଆରୋଗ୍ୟ କାମନା କରିଛନ୍ତି। ଆକ୍ରମଣ ପରେ ଅନନ୍ତନାଗ ରାସ୍ତା ଜନଶୂନ୍ୟ ହୋଇଯାଇଛି।

### ଯୁବ ମୋର୍ଚ୍ଚାରେ ବଣ୍ଟାଗଲା ନୂଆ ଦାୟିତ୍ୱ

ଭୁବନେଶ୍ୱର,୧୪।୩ (ବ୍ୟୁରୋ): ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନ କ୍ରମେ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ଭାବେ ଚନ୍ଦ୍ରଶେଖର ନନ୍ଦ, କାମାକ୍ଷା ପ୍ରଧାନ, ଆଲୋକ ମିଶ୍ର, ସଂପାଦକ ଭାବେ ବିଶ୍ୱଜିତ ଷଡ଼ଙ୍ଗୀ, ଅଶ୍ୱିନୀ ମାଝୀ, ସନ୍ତୋଷ ମହାପାତ୍ରଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ମିଡିଆ ସଂଯୋଜକ ଭାବେ ସୁଜିତ ସାହୁ, ଧାରେନ ପାତ୍ର, ନିର୍ମଳ ପଣ୍ଡା, ଚନ୍ଦ୍ରକାନ୍ତ ଧଳଙ୍କୁ ଦାୟିତ୍ୱ ଦେଇଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନାରାୟଣ କର୍ମୀ ଓ ବୁଲୁ ମଙ୍ଗରାଜଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ରାଜ୍ୟ ଯୁବମୋର୍ଚ୍ଚା ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ସୂଚନା ଦେଇଛନ୍ତି।

# ଶିକ୍ଷକଙ୍କ ମାଡ଼ରେ ୮ମ ଶ୍ରେଣୀ ଛାତ୍ର ଗୁରୁତର

- ସୁନ୍ଦରଗଡ଼ ଡାକ୍ତରଖାନାରେ ଭର୍ତ୍ତି
- ଅଭିଯୋଗକୁ ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷକଙ୍କ ଖଣ୍ଡନ

ସୁନ୍ଦରଗଡ଼, ୧୪।୩ (ଡି.ଏନ୍.ଏ.)

ସରକାର କୋମଳମତି ଛାତ୍ରଛାତ୍ରୀଙ୍କୁ ଦଣ୍ଡମୁକ୍ତ ଶିକ୍ଷା ପ୍ରଦାନ ଦିଗରେ ଗୁରୁତ୍ୱ ଦେଇଛନ୍ତି। ପ୍ରତି ସ୍କୁଲକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। ହେଲେ ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ସୁରୁଗୁଡ଼ାସ୍ଥିତ ଛେନେପାଲି ସିଡିପି ଉଚ୍ଚ ବିଦ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବିଦ୍ୟାଳୟ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ଶିକ୍ଷକଙ୍କ ମାଡରେ ଗୁରୁତର ହୋଇଛନ୍ତି। ତାଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସଂପୃକ୍ତ ଛାତ୍ରଙ୍କ ନାମ ଅନିସ ପୁଷ୍ପଠ (୧୩)। ଅନିସଙ୍କ ପିଠି ଓ ଛାତିରେ ଆଘାତ ଲାଗି ଥିବାରୁ ସେ ଯନ୍ତ୍ରଣା ଅନୁଭବ କରୁଥିବା କହିଛନ୍ତି। ବର୍ତ୍ତମାନ ସେ ଶିଶୁବିଭାଗ ବେଡ ନଂ.୧୩୨ରେ ଚିକିତ୍ସିତ ହେଉଛନ୍ତି।



ଡାକ୍ତରଖାନାରେ ଛାତ୍ର ଚିକିତ୍ସିତ ହେଉଛନ୍ତି।

ଆମିଷ ଓ ତାଙ୍କ ବାପା ପ୍ରମୋଦ ପୁଷ୍ପଠଙ୍କ ଅଭିଯୋଗ ଅନୁସାରେ ସଂପୃକ୍ତ ବିଦ୍ୟାଳୟର ଜଣେ ଶିକ୍ଷକ ପାଠପଢା ସମୟରେ ଅନିସଙ୍କ ପିଠିକୁ ନିର୍ଘାତ ପିଟିଥିଲେ। ଫଳରେ ଗତ କିଛିଦିନ ହେବ ସେ ଅସୁସ୍ଥ ଅନୁଭବ କରିଥିଲେ। ବିଦ୍ୟାଳୟ ଛାତ୍ରାବାସରେ ରହି ଅନିସ ପାଠ ପଢୁଥିଲେ। ଗତ ୩ଦିନ ତଳେ ବିଦ୍ୟାଳୟ ତରଫରୁ ପୁଅର ଦେହ ଭଲ ନ ଥିବା କହି ତାଙ୍କ ବାପାଙ୍କୁ ଡକାଯାଇଥିଲା। ଅନିସଙ୍କ ବାପା ବ୍ୟସ୍ତତା ଯୋଗୁ ଜେଜେବାପାଙ୍କୁ ପଠାଇଲେ। ଜେଜେବାପା ବିଦ୍ୟାଳୟରେ ପହଞ୍ଚିବା ପରେ ଅନିସଙ୍କୁ ଡାକ୍ତରଖାନାକୁ ନେବା ପରେ ଛାତ୍ରାବାସରେ ଛାଡି ଦେବା ପାଇଁ କୁହାଯାଇଥିଲା। ପ୍ରଥମେ ଅନିସଙ୍କୁ ଲେଫ୍ରିପଡା ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଖାନାକୁ ଦେଖାଇବା ପରେ ତାଙ୍କୁ ସୁନ୍ଦରଗଡ଼ ଜିଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଶିକ୍ଷକଙ୍କ ଭୟରେ ଛାତ୍ର ଜଣକ ପ୍ରଥମେ ଡାକ୍ତରଙ୍କ ଆଗରେ ତାଙ୍କୁ ମାଡମାରାଯାଇଥିବା ସମ୍ପର୍କରେ କିଛି କହି ନ ଥିଲେ। ସୁନ୍ଦରଗଡ଼ରେ ସେ ବାପା ଓ ଡାକ୍ତରଙ୍କ ଆଗରେ ସବୁକଥା କହିଥିଲେ। ତାଙ୍କୁ ବିଦ୍ୟାଳୟର ଜଣେ ଶିକ୍ଷକ ପାଠପଢା ସମୟରେ ନିର୍ଘାତ ପିଟିଥିଲେ ବୋଲି କହିଥିଲେ। ଛାତ୍ରଙ୍କ ପରିବାର ପକ୍ଷରୁ ପ୍ରଥମେ ଲେଫ୍ରିପଡା ବ୍ଲକ ଶିକ୍ଷାଧିକାରୀଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଛି ପରେ ଜିଲା ଶିକ୍ଷା ଅଧିକାରୀ ଏଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ଦାବି କରାଯାଇଛି।

ଏସମ୍ପର୍କରେ ବିଦ୍ୟାଳୟ ଛାତ୍ରାବାସ ଦାୟିତ୍ୱରେ ଥିବା ସଂପୃକ୍ତ ଶିକ୍ଷକ ଦିଲୀପ ପଟେଲଙ୍କୁ ପଚାରିବାରେ ଛାତ୍ରଙ୍କୁ ମାଡ ମରାଯାଇଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଗତ ୧୧ ତାରିଖ ରାତିରେ ଅନିସ ଖାଇସାରିଲା ପରେ ଛାତିରେ ଯନ୍ତ୍ରଣା ଅନୁଭବ କହିଥିଲେ। ଛାତ୍ରାବାସ କର୍ତ୍ତୃପକ୍ଷ ରାତିରେ ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ମଧ୍ୟ ପୀଡା ଉପଶମ ନ ହେବାରୁ ସକାଳେ ତାଙ୍କ ବାପାଙ୍କୁ ଖବର ଦିଆଯାଇଥିଲା। ଖବର ପାଇ ତାଙ୍କ ବାପା ନିଜେ ନ ଆସି ସ୍ଥାନୀୟ ଜଣେ ଅଭିଭାବକଙ୍କୁ ବିଦ୍ୟାଳୟକୁ ପଠାଇଥିଲେ। ସ୍ଥାନୀୟ ଅଭିଭାବକ ବିଦ୍ୟାଳୟରେ ପହଞ୍ଚିବା ପରେ ତାଙ୍କ ହାତରେ ପିଲାଙ୍କୁ ଛାଡିବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ମନା କରିଦେଇଥିଲେ। ଏହାପରେ ଛାତ୍ରଙ୍କ ବାପା ତାଙ୍କ ଜେଜେବାପାଙ୍କୁ ପଠାଇଥିଲେ। ଛାତ୍ରଙ୍କ ଜେଜେବାପା ତାଙ୍କୁ ଲେଫ୍ରିପଡା ଡାକ୍ତରଖାନାରେ ଦେଖାଇ ସାରିଲା ପରେ ବିଦ୍ୟାଳୟରେ ଆଣି ଛାଡି ଚାଲି ଯାଇଥିଲେ। ଏହା ପରେ ଛାତ୍ରଙ୍କ ବାପା କୋଲାବିରାର ଜଣେ ସମ୍ପର୍କୀୟଙ୍କୁ ପଠାଇ ତାଙ୍କୁ ଡାକ୍ତରଖାନା ନେବାକୁ କହି ନେଇଯାଇଥିଲେ। ବିଦ୍ୟାଳୟର କୌଣସି ଶିକ୍ଷକ ଛାତ୍ରଙ୍କୁ ମାଡମାରିଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।

# ଗଛରେ ପିଟିଲା ପିକଅପ୍ ଭ୍ୟାନ୍, ୨ ମୃତ

ବୌଦ୍ଧ,୧୪।୩(ସ୍ୱ.ପ୍ର)

ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ଲୋକାପଡାଠାରେ ବୁଧବାର ରାତିରେ ଏକ ଡିଜେ ବୋଝେଇ ପିକଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉରେକଟା ଗ୍ରାମର ସୁନୀଲ ମଳିକ (୧୭), କରାଙ୍ଗକଟା ଗ୍ରାମର ଲିପୁନ ରାଜହଂସ (୧୫)। ଏହି ଦୁର୍ଘଟଣାରେ ଡିଜେ ମାଲିକଙ୍କ ସମେତ ୪ ଜଣ ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବୁଧବାର କରାଙ୍ଗକଟା ଗ୍ରାମର ଡିଜେ ଦଳ ଏକ ଭ୍ୟାନ୍ (ନଂ.ଓଡି୦୨ବି/୯୮୧୪) ଯୋଗେ ଯୁବରାଜପୁର ଗ୍ରାମକୁ ବିବାହ ଶୋଭାଯାତ୍ରା ପାଇଁ ଯାଇଥିଲେ। ସେଠାରେ ଶୋଭାଯାତ୍ରା ସାରି ନିଜ ଗ୍ରାମକୁ ଫେରୁଥିବା ବେଳେ ରାତି ପ୍ରାୟ ୧ଟା ସମୟରେ ଚାରିଛକ-କୁସଙ୍ଗ ପୂର୍ବ ବିଭାଗ ରାସ୍ତାର ଲୋକାପଡା ଠାରେ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ଗାଡିରେ ବସିଥିବା ଡିଜେ ମାଲିକ ଅଟିରାତ୍ର ପ୍ରଧାନ, ସୁନୀଲ ମଳିକ, ଲିପୁନ ରାଜହଂସ, ତରଣୀ ପ୍ରଧାନ, ମଜେସ ପ୍ରଧାନ ଓ ରାଜା ପ୍ରଧାନ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାରକରି ପ୍ରଥମେ ପୁରୁଣାକଟକ ମେଡିକାଲକୁ ପଠାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବୌଦ୍ଧ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସୁନୀଲଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଆହତମାନଙ୍କୁ ଅବସ୍ଥା ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ବୁର୍ଲା ଯିବା ବାଟରେ ଲିପୁନଙ୍କ ମୃତ୍ୟୁ ହୋଇଥିଲା। ବୁର୍ଲା ମେଡିକାଲରେ ଅଟିରାତ୍ର ପ୍ରଧାନ, ତରଣୀ ପ୍ରଧାନ, ମଜେସ ପ୍ରଧାନ ଓ ରାଜା ଚିକିତ୍ସାଧୀନ ଅଛନ୍ତି। ଖବର ପାଇ ପୁରୁଣାକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପୋଷ୍ଟମର୍ଟମ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୁରୁଣାକଟକ ଥାନାରେ ଏକ ମାମଲା (ନଂ. ୪୨/୧୯) ରୁଜୁ ହୋଇଛି।

# ୨ ଲୋକ ସଭା ଏବଂ ୮ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଦେଲା ଟିଏମ୍‌ସି

ଭୁବନେଶ୍ୱର,୧୪।୩ (ବ୍ୟୁରୋ): ଓଡ଼ିଶା ପ୍ରଦେଶ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ପକ୍ଷରୁ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଓଡ଼ିଶାର ଦୁଇଟି ଲୋକ ସଭା ଆସନରେ ଦଳ ପ୍ରାର୍ଥୀ ଦେଉଥିବା ସୂଚନା ଦେଇଛି। ଭୁବନେଶ୍ୱରରୁ ଶୁଭାଂଶୁ ଶେଖର ପାଢୀ ଏବଂ ଭଦ୍ରକରୁ ଅଗଣୀ ଚନ୍ଦ୍ର ଜେନାଙ୍କୁ ଦଳ ଏମ୍‌ପି ପ୍ରାର୍ଥୀଭାବେ ଠିଆ କରୁଥିବା ସୂଚନା ଦେଇଛି। ଏହାସହ ରାଜ୍ୟର ୮ଟି ବିଧାନସଭା ଆସନରେ ଦଳ ପ୍ରାର୍ଥୀ ଦେଉଛି। ଜୟଦେବ ନିର୍ବାଚନମଣ୍ଡଳୀରୁ ବିଷ୍ଣୁଚରଣ ମଳିକ, ମଧ୍ୟ ଭୁବନେଶ୍ୱର ଆସନରୁ ତ୍ରିନାଥ ସାହୁ, ଉତ୍ତର ଭୁବନେଶ୍ୱରରୁ ପ୍ରମୋଦ ପଡ଼ିହାରୀ, ଜଟଣୀରୁ ଯଦୁମଣୀ ପ୍ରଧାନ, ବେଗୁନିଆରୁ ସୌଭାଗ୍ୟ କୁମାର ପଣ୍ଡା, ଭଣ୍ଡାରୀପୋଖରୀରୁ ବିବା ନାରାୟଣ ବିଶ୍ୱାଳ, ଭଦ୍ରକରୁ ରାଜନ ହରି ଦାସ ଏବଂ ବାସୁଦେବପୁର ଆସନରୁ ବୈରାଗୀ ଦାସ ବେହେରାଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ କରାଯାଇଥିବା ସୂଚନା ଦିଆଯାଇଛି। ଏହାସହ ରାଜ୍ୟରେ ଭାଜପାକୁ ଜିତାଇ ନ ଦେବା ଲାଗି ରାଜ୍ୟବାସୀଙ୍କ ସମର୍ଥନ ଦଳ ପକ୍ଷରୁ ଲୋଡାଯାଇଛି।


## ପୂର୍ବ ତଟ ରେଳପଥ
### 'ଇ' କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2018-19/25 ତା. 12.03.2019

ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ଓ୍ୱେବସାଇଟ୍ www.ireps.gov.in ଅବଲୋକନ କରନ୍ତୁ, ଯେଉଁଥିରେ କି ଏହି ରେଳପଥ ସମ୍ପର୍କୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି। ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ।

ସମସ୍ତ ଯୋଗାଣକାରୀ/ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ଓ୍ୱେବସାଇଟ୍ www.ireps.gov.in (Vendors log in) ଅବଲୋକନ କରି ଅନ୍‌ଲାଇନରେ ସେମାନଙ୍କ ବିଲ୍ (Bills) ଜମା କରିବେ, ଯାହା ଫଳରେ ବିଲ୍‌ଗୁଡ଼ିକ ଯାଞ୍ଚ କରାଯିବା ସହିତ ସେଗୁଡ଼ିକୁ ପ୍ରଣାଳୀ ମାଧ୍ୟମରେ ସ୍ୱତଃ ପେଠ ନିମନ୍ତେ ପାରିତ କରାଯାଇପାରିବ।

PR-545/J/18-19 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର



ଶହୀଦ ନଗର ଶାଖା
ପ୍ଲଟ୍ ନଂ.: ୧୦୪, ପ୍ରଥମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭

बैंक ऑफ़ बड़ौदा Bank of Baroda

## ଦଖଲ ବିଜ୍ଞପ୍ତି
(ସ୍ଥାବର ସମ୍ପତ୍ତି ନିମନ୍ତେ)

(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ (୧) ଅନୁସାରେ)

ନିମ୍ନସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ... ବ୍ୟାଙ୍କ ଅଫ୍ ବରୋଦା ...

| କ୍ରମିକ ସଂଖ୍ୟା | ଋଣଗ୍ରହୀତା/ଜାମିନଦାରଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| ୧) | ଋଣଗ୍ରହୀତା: ମେସର୍ସ ସାଇନାଥ ଫେବ୍ରିକେସନ ପ୍ରା. ଲି., ... ଖୋର୍ଦ୍ଧା-୭୫୨୦୧୯, ନିର୍ଦ୍ଦେଶକମାନେ: ୧) ବିପିନ ବିହାରୀ ମୁଖୀ, ୨) ବବିତା ମୁଖୀ, ୩) ସଞ୍ଜୀବ ମୁଖୀ, ୪) ନୃସିଂହ ନାରାୟଣ ଚୌଧୁରୀ, ... ଖୋର୍ଦ୍ଧା-୭୫୧୦୧୯, / ଗ୍ୟାରେଣ୍ଟରଦାତା: ଶ୍ରୀମତୀ ସଞ୍ଜିବନୀ ଚୌଧୁରୀ, ... ଭୁବନେଶ୍ୱର-୭୫୧୦୩୦ | ଶ୍ରୀମତୀ ସଞ୍ଜିବନୀ ଚୌଧୁରୀ, ଶ୍ରୀ ନୃସିଂହ ନାରାୟଣ ଚୌଧୁରୀଙ୍କ ନାମରେ ... ମୌଜା: ତୁମଗୁମା, ... ଜିଲ୍ଲା: ଖୋର୍ଦ୍ଧା ... | ୦୨.୦୧.୨୦୧୯ / ୧୧.୦୩.୨୦୧୯ | ୦୨.୦୧.୨୦୧୯ ସୁଦ୍ଧା ଟ.୫୦,୯୧,୩୦୮/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ହାରରେ ... |

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୪.୦୩.୨୦୧୯

ସ୍ୱା-କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା



## ପୂର୍ବ ତଟ ରେଳପଥ

ବୁଢ଼ାପଙ୍କ ଠାରୁ ତାଳଚେର ତୃତୀୟ ଲାଇନ ଏବଂ ବୁଢ଼ାପଙ୍କ ଠାରୁ ତାଳଚେର ରୋଡ଼ ଚତୁର୍ଥ ଲାଇନ ସେକ୍ସନରେ ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ ସମ୍ପର୍କରେ ସାର୍ବଜନିକ ଅଧିସୂଚନା

ପୂର୍ବ ତଟ ରେଳପଥ ଅଧୀନସ୍ଥ ଖୋର୍ଦ୍ଧାରୋଡ଼ ମଣ୍ଡଳରେ ନିମ୍ନ ବର୍ଣ୍ଣିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ... 25000 ଭୋଲ୍ଟ, 50 Hz, A.C. ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ କରାଯିବ ...

ସେକ୍ସନ: ବୁଢ଼ାପଙ୍କ ଠାରୁ ତାଳଚେର ତୃତୀୟ ଲାଇନ ଏବଂ ବୁଢ଼ାପଙ୍କ ଠାରୁ ତାଳଚେର ରୋଡ଼ ଚତୁର୍ଥ ଲାଇନ।

ସୂଚନା: ... (ଅପ୍ ଏବଂ ଡାଉନ୍) 25000 ଭୋଲ୍ଟ A.C. ଓଭରହେଡ୍ ଟ୍ରାକ୍ସନ ତାରରେ ପୂର୍ବରୁ ବିଦ୍ୟୁତ୍ ପ୍ରବାହ କରାଯାଉଛି।

### AC 25 KV ଟ୍ରାକ୍ସନ ପ୍ରବର୍ତ୍ତନ
### "ସଡ଼କ ବ୍ୟବହାରକାରୀମାନଙ୍କ ପାଇଁ ସତର୍କତା"

... ସଡ଼କ ପତନ ଠାରୁ 4.67 ମିଟର ଉଚ୍ଚତାରେ ...

ଅଧିକ ଉଚ୍ଚତାରେ ମାଲ ବୋଝେଇ କରିବା ଦ୍ୱାରା ନିମ୍ନଲିଖିତ ବିପଦସବୁ ରହିଛି: (i) ... (ii) ... (iii) ...

ବିଦ୍ୟୁତ୍ ପ୍ରବାହ ତାରିଖ : 30.03.2019

PR-109/CB/18-19 ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଂଜିନିୟର/ନିର୍ମାଣ-II/ଭୁବନେଶ୍ୱର



## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.SNTPBBSDCTCOT 032019, ତା.11.03.2019 ରିଖ

କାର୍ଯ୍ୟର ନାମ: "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼-ପଲାସା ସେକ୍ସନରେ ପାରମ୍ପରିକ (Conventional) DC ଟ୍ରାକ୍ ସର୍କିଟ୍ ... ଆକ୍ସଲ କାଉଣ୍ଟର (Analog Axle Counter) ର ପ୍ରତିସ୍ଥାପନା।"

1,32,01,338/-, EMD (ଟଙ୍କାରେ): 2,16,000/-, ... 5,000/-, ... 10 (ଦଶ) ମାସ।

ତା.02.04.2019 ରିଖ 1200 ଘଣ୍ଟାରେ। ... http://www.ireps.gov.in

PR-108/CB/18-19



## ପୂର୍ବ ତଟ ରେଳପଥ

ବିଜ୍ଞପ୍ତି ସଂ.eT-SrDME-WAT-99-2019

କାର୍ଯ୍ୟର ନାମ: 02 (ଦୁଇ) ବର୍ଷ ଅବଧି ନିମନ୍ତେ ... ମଞ୍ଚେଶ୍ୱର(ଭୁବନେଶ୍ୱର) ଠାରୁ କୋଚିଙ୍ଗ ଡିପୋ, ... BG କୋଚ୍ ...

2,57,79,959/-, EMD (ଟଙ୍କାରେ): 2,78,900/-, ... 11,800/-, ... 24 (ଚବିଶ) ମାସ।

ତା.05.04.2019 ରିଖ 1500 ଘଣ୍ଟାରେ। ... http://www.ireps.gov.in

PR-548/J/18-19



# CLASSIFIED DISPLAY





ଭାଦୁଡ଼ି କିଲଏଡ଼ ମାଛଆଖିଆ

ବିନା ଅପରେସନରେ ଚିକିତ୍ସା ପାଇଁ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ସମୟ: ସକାଳ ୮.୩୦ଘ.ରୁ ମଧ୍ୟାହ୍ନ ୧.୩୦ମି. ଏବଂ ସନ୍ଧ୍ୟା ୫.୦୦ଘ.ରୁ ରାତି ୯.୦୦ଘ. ପର୍ଯ୍ୟନ୍ତ

ASHOK HEALTH CARE
Jagamara, Bhubaneswar
Mob.: 9861038392, 7077163500



Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS



Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841



## ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
### ନିର୍ମାଣ କାର୍ଯ୍ୟ ପାଇଁ ଇ-ଟେଣ୍ଡର ବିଜ୍ଞପ୍ତି

କ୍ର.ସଂ. (୧) ଟେଣ୍ଡର ବିଜ୍ଞପ୍ତି ନଂ. ସିଇସି/ବିଏସପି/୧୮-୧୯/୭୯, ତାରିଖ: ୦୮।୦୩।୨୦୧୯ (ଖୋଲା ଟେଣ୍ଡର) ... ଟେଣ୍ଡର ମୂଲ୍ୟ: ... ୧୨ ମାସ।

କ୍ର.ସଂ. (୨) ଟେଣ୍ଡର ବିଜ୍ଞପ୍ତି ନଂ. ସିଇସି/ବିଏସପି/୧୮-୧୯/୮୦, ତାରିଖ: ୦୮।୦୩।୨୦୧୯ (ଖୋଲା ଟେଣ୍ଡର) ... ୧୨ ମାସ।

ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା ୦୮।୦୪।୨୦୧୯ରିଖ ୧୫.୦୦ ଘଣ୍ଟା। ... www.ireps.gov.in ଦେଖନ୍ତୁ।

CPR/10/444 ଡେପୁଟି ଚିଫ୍ ଇଞ୍ଜିନିୟର/ ସିଏସ/ଏଫୁଡ଼ି/ବିଳାସପୁର

ସ୍ୱଚ୍ଛ ଭାରତ ଅଭିଯାନ



LISAS'IAS
2, Budha Nagar, Bhubaneswar - 751 006, Ph.No.: 9338222113, 9337594620
Website : www.lisasias.org, E-mail : lisascivils@lisasias.org
THE FIRST AND BEST INSTITUTE OF ODISHA FOR CIVIL SERVICES EXAMS.
IAS/OAS (PRELIM, MAIN & VIVA)
FOUNDATION COURSE FOR CIVIL SERVICES (FOR UNDER-GRADUATES)
ACHIEVEMENTS OF LISAS'IAS IN CIVIL SERVICES EXAMS.
- IAS-4, IPS-6, IRS-5, IRAS-1, INDIAN POSTAL SERVICE-1, I.Fo.S-1, I.E.S.-1
- 750 IN OAS EXAMS. WITH 4 TOPPERS & 3 LADY TOPPERS

SPECIAL FEATURES
- Guidance by Experienced Faculties
- Exam. Oriented Study Materials
- Regular Unit Tests and VSTs with Doubt Clarification Sessions
- Library with A/C Reading Room Facility
- Weekly Current Affairs & Monthly Magazine (LISAS CAREER IN FOCUS)

26 Years of Excellence



SPOKEN ENGLISH
veta
Experts in spoken English
ଆସନ୍ତୁ ଭଲ ଇଂଲିସ୍ କହିବା



| | |
|---|---|
| Patia | 9337051526 |
| Khandagiri | 9338644666 |
| Saheed Nagar | 9338154139 |
| Buxi Bazar | 9778044550 |
| Balasore | 7735033550 |



## ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ

(୧୩ ମାର୍ଚ୍ଚ ୨୦୧୯ ରୁ ୧୯ ମାର୍ଚ୍ଚ ୨୦୧୯)

ସ୍ଥାନ- ଆଦିବାସୀ ପ୍ରଦର୍ଶନୀ ପଡିଆ, ୟୁନିଟ୍-୧, ଭୁବନେଶ୍ୱର



ବିଶେଷ ଆକର୍ଷଣ
- ସାଂସ୍କୃତିକ କାର୍ଯ୍ୟକ୍ରମ-
  ୧୫.୦୩.୨୦୧୯ : ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀ ପ୍ରଶାନ୍ତ ପାଢୀ
  ୧୬.୦୩.୨୦୧୯ : ସୌରଭ ନାୟକ, ପୁଷ୍ପା ଓ ଭଏସ୍ ଅଫ୍ ଓଡ଼ିଶା କଳାକାର
- ଖାଦ୍ୟପେୟ-
  ପାଚୁନିବାସ ଓ ଅନ୍ୟମାନଙ୍କ ଦ୍ୱାରା ଆୟୋଜିତ ଫୁଡ୍ ଷ୍ଟଲ

ଆୟୋଜକ-
ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର
(ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା)



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
୨ ଘଣ୍ଟାରେ 100% ଗ୍ୟାରେଣ୍ଟେଡ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରଫର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡି, ଯୋଗାଯୋଗ



A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍
9810599425 9971793786



ORANE
INTERNATIONAL SCHOOL OF BEAUTY & WELLNESS
Celebrating Women's Month

ORANEଦ୍ୱାରା ମହିଳାମାନେ ଦୁନିଆ ସହିତ ଯୋଡ଼ିବା ପାଇଁ ଏକ ପ୍ରୟାସ, ମହିଳା ଦିବସ ଉପଲକ୍ଷେ 40% ପର୍ଯ୍ୟନ୍ତ କୋର୍ସ ଫି ରିହାତି। SELECTED COURSE* ସହିତ ଏକ SMART PHONE* ଉପହାର।
(Worth Rs.19,990/-)*

ଓରେନ ବିଶ୍ୱସ୍ତରୀୟ ବିଉଟି ସ୍କୁଲ, ଭୁବନେଶ୍ୱର

ଆଡ୍‌ଭାନ୍ସ ଡିପ୍ଲୋମା
ହେୟାର। ବ୍ୟୁଟି। ମେକ୍‌ଅପ୍
Limited Seats
For Admission Call:
73288-24255, 73288-24260
Plot No.- 5, 3rd Floor, Santosh Plaza, Janpath, Satya Nagar, BBSR



See Career Appointment on every Wednesday & Saturday



ପଞ୍ଜାବର ପର୍ଯ୍ୟଟନ ଓ ସଂସ୍କୃତି ବ୍ୟାପାର ମନ୍ତ୍ରୀ ନଭ୍‌ଜୋତ ସିଂ ସିଦ୍ଧୁ ଲୋକ ସଭା ନିର୍ବାଚନରେ କଂଗ୍ରେସ ପାଇଁ ଷ୍ଟାର କ୍ୟାମ୍ପେନର ହେବେ। ସିଦ୍ଧୁ କଂଗ୍ରେସର ପ୍ରମୁଖ ପ୍ରଚାରକ ହେବେ। ଭୋଟରଙ୍କ ସହିତ ସହଯୋଗ ସ୍ଥାପନ କରିବା ପାଇଁ ତାଙ୍କର ପ୍ରଚାରଧର୍ମୀ ମୂଲ୍ୟବୋଧ ରହିଛି ବୋଲି ଦଳର ପଞ୍ଜାବ ବ୍ୟାପାର ଇନ୍‌-ଚାର୍ଜ ଆଶା କୁମାରୀ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ହାତିବାରୀ ଜଙ୍ଗଲରେ ପୋଲିସ-ମାଓବାଦୀ ଗୁଳି ବିନିମୟ

**ନନ୍ଦପୁର/କୋରାପୁଟ,୧୪।୩ (ଡି.ଏନ୍‌.ଏ./ସ୍ୱ.ପ୍ର.):** ଆନ୍ଧ୍ର ସୀମାନ୍ତ ତଥା କୋରାପୁଟ ଜିଲା ପାଡୁଆ ଥାନା ହାତିବାରୀ ଜଙ୍ଗଲରେ ବୁଧବାର ବିଳମ୍ବିତ ରାତିରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ଘଟିଛି। ଜିଲା ପୋଲିସର ଡିଭିଏଫ୍‌ ଓ ଏସ୍‌ଓଜି ଯବାନମାନେ ଜଙ୍ଗଲରେ କୋମ୍ବିଂ ଅପରେସନ ଚଳାଇଥିବା ବେଳେ ମାଓବାଦୀମାନେ ସେମାନଙ୍କ ଉପରକୁ ଅର୍ତକିତ ଗୁଳି ଚଳାଇଥିଲେ। ନିରାପତ୍ତା ବାହିନୀର ପାଲଟା ଜବାବରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ସେଠାରୁ ଖସିଯାଇଥିଲେ। ନିରାପତ୍ତା ବାହିନୀର ଗୁଳିରେ କେତେ ଜଣ ମାଓବାଦୀ ଆହତ ହୋଇଥିବା ଅନୁମାନ କରାଯାଉଛି। ଗୁରୁବାର ମଧ୍ୟ ସର୍ଚ୍ଚ ଅପରେସନ ଚାଲିଥିବା ପାଡୁଆ ଥାନା ଅଧିକାରୀ ଗୁରୁଦେବ କର୍ମୀ ସୂଚନା ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ,କୋରାପୁଟ ଜିଲାର ଏହି ସୀମାନ୍ତରେ ମାଓବାଦୀମାନେ ଆନ୍ଧ୍ରର ୨ ବିଧାୟକଙ୍କୁ ଗୁଳିକରି ହତ୍ୟା କରିବା ପରଠାରୁ ଏହି ଅଞ୍ଚଳରେ ସେମାନଙ୍କର ନନ୍ଦପୁର ଏରିଆ କମିଟି ଓ କୋରାପୁଟ ଡିଭିଜନାଲ କମିଟି ସକ୍ରିୟ ରହିଛି। ଗତବର୍ଷ ହାତିବାରୀ ସରପଞ୍ଚ ଜଗନ୍ନାଥ ଖରାଙ୍କୁ ମାଓବାଦୀମାନେ ଘରୁ ଡାକିନେଇ ଗଳା କାଟି ହତ୍ୟା କରିଥିଲେ। ମାସକ ତଳେ ଏହି ହତ୍ୟାକାଣ୍ଡରେ ଜଡ଼ିତ ଥିବା ମାଓବାଦୀଙ୍କ ଜଣେ ସହଯୋଗୀଙ୍କୁ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଥିଲା।

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା
### ଢେଙ୍କାନାଳ ଆର୍‌ଟିଓଙ୍କୁ ଅନ୍ତରୀଣ ସୁରକ୍ଷା

**କଟକ ଅଫିସ, ୧୪।୩:** ଢେଙ୍କାନାଳ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଦିବାକର ସିଂଙ୍କୁ ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା ମିଳିଛି। ଆର୍‌ଟିଓ ସିଂଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ୨୦୧୮ ଡିସେମ୍ବର ୨୮ ତାରିଖରେ ଭିଜିଲାନ୍ସ ପକ୍ଷରୁ ଆର୍‌ଟିଓଙ୍କ ଘର, ଅଫିସ ସମେତ ମୋଟ ୪ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସ୍ଥାନଗୁଡ଼ିକ ମଧ୍ୟରେ ଭୁବନେଶ୍ୱର ଶାସ୍ତ୍ରୀନଗରଠାରେ ଥିବା ୪ ମହଲା କୋଠା, ଶାସ୍ତ୍ରୀନଗରଠାରେ ଥିବା ଆଉ ଏକ ୩ ମହଲା କୋଠା, ଖଣ୍ଡଗିରି ଜାଗମରାଠାରେ ଥିବା ୩ ମହଲା କୋଠା ଓ ବାଲେଶ୍ୱରଠାରେ ଏକ ମହଲା କୋଠା ରହିଥିଲା। ଉପରୋକ୍ତ ସ୍ଥାନଗୁଡ଼ିକୁ ଯାଞ୍ଚ କରାଯିବା ପରେ ୧ କୋଟି ୬୭ ଲକ୍ଷ ୪୧ହଜାର ୧୨୯ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଭିଜିଲାନ୍ସ ଠାବ କରିଥିଲା। ଭିଜିଲାନ୍ସର ସମ୍ଭାବ୍ୟ ଗିରଫଦାରିରୁ ବର୍ତ୍ତିବା ପାଇଁ ସିଂ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଅନ୍ତରୀଣ ସୁରକ୍ଷା ଦେବା ସମୟରେ ହାଇକୋର୍ଟ କେତେକ ସର୍ତ୍ତ ଲାଗୁ କରିଛନ୍ତି। ତଦନୁଯାୟୀ ସିଂ ୭ ଦିନ ମଧ୍ୟରେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଉପସ୍ଥିତ ରହି ତାଙ୍କୁ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବେ। ଆବେଦନକାରୀ ସିଂଙ୍କ ପକ୍ଷରୁ ଆଡଭୋକେଟ ବିଜ୍ଞାନ ଶର୍ମା ମାମଲା ପରିଚାଳନା କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସନ୍ଥ ସମାଜ, ମୌଲବୀ

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଗୁରୁବାର ଉତ୍କଳ ସାଧୁସନ୍ଥ ସମାଜ ଏବଂ କେତେଜଣ ମୌଲବୀ ଭେଟିଛନ୍ତି। ପୂର୍ବାହ୍ନରେ ନବୀନ ନିବାସରେ ସନ୍ଥ ଏବଂ ମୌଲବୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଶିଷ ପ୍ରଦାନ କରିଛନ୍ତି। ଏହି ସାକ୍ଷାତ୍‌ ସୌଜନ୍ୟମୂଳକ ଥିଲା ବୋଲି କୁହାଯାଇଛି। ସନ୍ଥ ସମାଜ ଆସନ୍ତା ସାଧାରଣ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କ ସଫଳତା ନିମନ୍ତେ ଶୁଭେଚ୍ଛା ଜଣାଇଛନ୍ତି।




ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଝିଅ ମରଣ, ପିତା ତିଉଣ,**
**ନ ମିଳେ ରଣ;**
**ଆଗେ ଦୁଃଖ ପଛେ ସୁଖ।**

ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଭୁକ୍ତଭୋଗୀ ବ୍ୟକ୍ତି ପକ୍ଷେ ସହ୍ୟ କରିବା ଅତୀବ କଷ୍ଟକର ବା ଦୁଃଖଦାୟୀ ହୋଇଥାଏ। ପରନ୍ତୁ ଏହା ପଛରେ ଲୁଚି ରହିଥିବା ପ୍ରକୃତ ବାସ୍ତବତା ପରିଶେଷରେ ଉକ୍ତ ବ୍ୟକ୍ତି ଲାଗି ହିତକର ସାବ୍ୟସ୍ତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝିଅକୁ ମାରି ବୋହୂକୁ ଶିଖାନ୍ତି।**

ଝିଅକୁ ଦଣ୍ଡଦେବା ଛଳରେ ବୋହୂକୁ ଶିକ୍ଷାଦେବା। ଅନେକ କ୍ଷେତ୍ରରେ ବୋହୂର ଦୈନନ୍ଦିନ ଚଳଣିକୁ ଶାଶୁଘର ଲୋକେ ନାପସନ୍ଦ କରିଥାନ୍ତି। ତା'ର ହାବଭାବ ତଥା ଚାଲିଚଳଣକୁ ନେଇ ଦେଖେଇ ଶିଖେଇ ନାନାକଥା କହିଥାନ୍ତି। କାଳେ ମୁହଁ ଉପରେ କହିଦେଲେ କଥାଟା ଖରାପ ହୋଇଯିବ ସେଲାଗି କଥାକୁ ସିଧା ନ କହି ଅନ୍ୟ ନାଁରେ ବାଆଁରେଇ କହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ସମ୍ବିତ୍‌ଙ୍କୁ ନେଇ ବିଜେଡି ରଣନୀତି ଉପରେ ନଜର

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ବରିଷ୍ଠ ନେତା ଦାମୋଦର ରାଉତ ଗୁରୁବାର ଭାଜପାରେ ଯୋଗଦେଇଛନ୍ତି। ତାଙ୍କ ପୁତ୍ର ସମ୍ବିତ୍‌ ରାଉତରାୟଙ୍କୁ ପାରାଦୀପ ବିଧାନସଭା ଟିକେଟ ଦେଇ ଦାମଙ୍କ ଭାଜପା ଯୋଗଦାନକୁ ରୋକିବାକୁ ଉଦ୍ୟମ କରାଯାଇଥିଲା। ହେଲେ ତାହା ଏବେ ଫସର ଫାଟିଛି। କିଛିଦିନ ତଳୁ ଦାମଙ୍କ ଭାଜପାରେ ଯୋଗଦାନ ନେଇ ଚର୍ଚ୍ଚା ଜୋର ଧରିଥିଲା। ଏମିତିକି ପୁତ୍ର ସମ୍ବିତ ଏବଂ କନ୍ୟାଙ୍କୁ ରାଜନୈତିକ ଥଇଥାନ କରାଯିବାର ବାର୍ତ୍ତା ମଧ୍ୟ ପ୍ରଦାନ କରାଯାଇଥିଲା। ହେଲେ ଦାମ ନିଜର ନିଷ୍ପତ୍ତି ପରିବର୍ତ୍ତନ କରି ନ ଥିଲେ। ତେଣୁ ବର୍ତ୍ତମାନ ସମ୍ବିତଙ୍କୁ ବିଜେଡି ନେଇ କେଉଁ ରଣନୀତି ଆପଣାଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

ପୂର୍ବ ନିର୍ଦ୍ଧାରିତ ଯୋଜନାନୁଯାୟୀ ଦାମ ବୁଧବାର ସନ୍ଧ୍ୟାରେ ଭାଜପାରେ ମିଶିବାର କାର୍ଯ୍ୟକ୍ରମ ଥିଲା। ହେଲେ ସ୍ତ୍ରୀ ଅସୁସ୍ଥ ଥିବାରୁ ଶେଷ ମୁହୂର୍ତ୍ତରେ ତାଙ୍କ ଦିଲ୍ଲୀ ଗସ୍ତ ବାତିଲ କରାଯାଇଥିଲା। ଏହା ପରେ ଗୁରୁବାର ପୂର୍ବାହ୍ନରୁ ଦାମଙ୍କ ପୁତ୍ର ସମ୍ବିତଙ୍କୁ ନବୀନ ନିବାସରୁ ଡକରା ଆସିଥିଲା। ସମ୍ବିତ ସେଠାରେ ଦଳର ଶୀର୍ଷ ନେତୃତ୍ୱଙ୍କୁ ଭେଟିଥିବା ଜଣାପଡିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ସମ୍ବିତ କହିଛନ୍ତି ଯେ, ବାପା ରାଜନୀତିରେ ସାଲିସ କରିବେ ନାହିଁ। ସେ ବାପ ହିସାବରେ ଯାହା କହିଛନ୍ତି, ତାହା ଗଣମାଧ୍ୟମରେ ପ୍ରକାଶ କରିବାକୁ ମୁଁ ବାଧ୍ୟ ନୁହେଁ। ପାରାଦୀପରୁ ପ୍ରାର୍ଥୀ ହେବା ନେଇ କୌଣସି ସୂଚନା ମିଳିନାହିଁ। ବିଜେଡିରେ ଅଛି ଏବଂ କାର୍ଯ୍ୟ କରୁଛି। ବାପା ଜଣେ ରାଜନୈତିକ ବ୍ୟକ୍ତି, ତାଙ୍କର ନିଷ୍ପତ୍ତି ନେବାର ଅଧିକାର ରହିଛି। ସେ(ଦାମ ରାଉତ) କେଉଁଥିରେ ଯୋଗ ଦେଲେ ସେ ନେଇ ତାଙ୍କର କୌଣସି ପ୍ରତିକ୍ରିୟା ଦେବାର ନାହିଁ ବୋଲି ସମ୍ବିତ କହିଛନ୍ତି। ସମ୍ବିତଙ୍କ ଏପରି ପଦକ୍ଷେପ ଉପରେ ଦାମ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି। ଦାମ କହିଛନ୍ତି ଯେ, ପୁଅ ପ୍ରାପ୍ତବୟସ୍କ। ତା'ର ନିଷ୍ପତ୍ତି ନେବାର ଅଧିକାର ରହିଛି। ମୁଁ କାହା ସଙ୍ଗେ ସାଲିସ କରିବି ନାହିଁ। ମୋର ଏକମାତ୍ର ଲକ୍ଷ୍ୟ ବିଜେଡି ଏବଂ ନବୀନ ପଟ୍ଟନାୟକଙ୍କୁ କ୍ଷମତାଚ୍ୟୁତ କରିବା। ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ନବୀନ ପଟ୍ଟନାୟକଙ୍କ ବିରୋଧରେ ଲଢେଇ ଜାରି ରଖିବି।

## ବାଲିକୁଦା-ଏରସମାରୁ ଲଢ଼ିବାକୁ ଆଗ୍ରହୀ ଥିବା କହିଲେ ଦାମ

**ଭୁବନେଶ୍ୱର,୧୪।୩ (ବ୍ୟୁରୋ):** ମୁଁ ଯେ କୌଣସି ସ୍ଥାନରୁ ଲଢିଲେ ମୋତେ ଜିତିବାରେ କିଛି ଅସୁବିଧା ହେବନାହିଁ ବୋଲି ଭାବୁଛି। କିନ୍ତୁ ଏଥର ବାଲିକୁଦା-ଏରସମା ବିଧାନସଭା ଆସନରୁ ଲଢିବାକୁ ଦଳର ସର୍ବୋଚ୍ଚ ନେତୃତ୍ୱଙ୍କୁ ଜଣାଇଛି ବୋଲି ବରିଷ୍ଠ ନେତା ଦାମୋଦର ରାଉତ କହିଛନ୍ତି। ଦିଲ୍ଲୀଠାରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍‌ ଶାହଙ୍କୁ ଭେଟି ଫେରିବାପରେ ଦାମ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ, ବାଲିକୁଦା ତାଙ୍କ ଜନ୍ମସ୍ଥାନ। ସେଠାରୁ ସେ ୨୫ବର୍ଷ ବିଧାୟକ ହୋଇଛନ୍ତି। ୨୦୦୯ରେ ସୀମା ପୁନଃନିର୍ଦ୍ଧାରଣ ହୋଇ ଏରସମା ବ୍ଲକ ବାଲିକୁଦାରେ ମିଶିଲା। ସେଠାରେ ଏବେ ଯିଏ ବିଧାୟକ ଅଛନ୍ତି ତାଙ୍କ ଉପରେ ଲୋକେ ଅତିଷ୍ଠ ହୋଇ ଅଛନ୍ତି। ଜୀବନର ଶେଷ ସମୟରେ ଜନ୍ମ ମାଟିର ସେବା କରିବା ପାଇଁ ଆଗ୍ରହୀ ଅଛି। ତେଣୁ ଏଥର ସେଠାରୁ ଲଢିବାକୁ ଚାହୁଁଛି ବୋଲି ସେ କହିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ଅଭିଯୋଗ ଆଣି ସେ କହିଛନ୍ତି ଯେ, ପୁଅ ସମ୍ବିତ ରାଉତରାୟଙ୍କୁ ଲୋଭ ଦେଖାଇ ବିଜେଡି ସୁପ୍ରିମୋ ତାଙ୍କ ଘର ଭାଙ୍ଗିବାକୁ ପ୍ରୟାସ କରୁଛନ୍ତି। ଭାଜପାରେ ଯୋଗଦେବା ପୂର୍ବରୁ ସେ ତାଙ୍କ ପୁଅ ଓ ଝିଅ ସହ ଆଲୋଚନା କରିଥିବା କହିଛନ୍ତି। ଆଜିକାଲିକା ପିଲାଙ୍କ କଥା କିଛି କହି ହବନି ବୋଲି ମଧ୍ୟ ସେ କହିଛନ୍ତି।

## ଛାତ୍ରୀଙ୍କୁ ପ୍ରଧାନଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ

ନିମାପଡ଼ା,୧୪।୩(ଡି.ଏନ୍‌.ଏ.)

**ମାଡ଼ ମାରି ତାଲା ପକାଇଲେ ଉତ୍ତ୍ୟକ୍ତ ଲୋକେ**

ଗୁରୁ ନାଁରେ ଲାଗିଛି କଳଙ୍କ। ନିମାପଡ଼ା ଥାନା ଅଞ୍ଚଳରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ଅସଦାଚରଣ କରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣା ପଦାକୁ ଆସିବା ପରେ ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତ ପ୍ରଧାନଶିକ୍ଷକଙ୍କୁ ମାଡ଼ ମାରି ସ୍କୁଲ ଘରେ ତାଲା ପକାଇ ଦେଇଥିଲେ। ଖବରପାଇ ଚାରିଛକ ଫାଣ୍ଡି ପୋଲିସ ତାଙ୍କୁ ଉଦ୍ଧାର କରି ନିମାପଡ଼ା ପୋଲିସକୁ ହସ୍ତାନ୍ତର କରିଥିଲା। ନିମାପଡ଼ା ପୋଲିସ ତାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଗୁରୁବାର ମଧ୍ୟାହ୍ନରେ ପ୍ରଧାନଶିକ୍ଷକ ସମ୍ପୃକ୍ତା ଛାତ୍ରୀଙ୍କୁ ସ୍କୁଲ ପାଇଖାନା ଘରକୁ ଡାକିନେଇ ଅସଦାଚରଣ କରିଥିଲେ। ଛାତ୍ରୀଙ୍କ ସାଙ୍ଗ ଏହା ଦେଖି ତାଙ୍କ ଘରେ ଜଣାଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ଘଟଣା ସମ୍ପର୍କରେ ବାହାରେ ପ୍ରକାଶ ନ କରିବାକୁ ପ୍ରଧାନଶିକ୍ଷକ ଧମକ ଦେଇଥିବା ସହ ଆଗରୁ ବହୁ ଥର ସମ୍ପୃକ୍ତା ଛାତ୍ରୀଙ୍କୁ ଅସଦାଚରଣ କରିଥିବା ତାଙ୍କ ମା' ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ନିମାପଡ଼ା ଆଇଆଇସି ଜନାର୍ଦ୍ଦନ ପାଢୀ କୁହନ୍ତି, ଅଭିଯୋଗର ତଦନ୍ତ ଚାଲିଛି। ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା କୁହନ୍ତି, ଅଭିଯୋଗର ତଦନ୍ତ ପାଇଁ ସିଆରସିସିଙ୍କୁ ନିର୍ଦ୍ଦେଶ ଦେଇଛି। ଶୁକ୍ରବାର ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ସ୍କୁଲରେ ପହଞ୍ଚି ତଦନ୍ତ କରି ରିପୋର୍ଟ ଦେବେ। ଏ ନେଇ ଥାନାରେ ୮୭/୧୯ ପୋକସୋ ଆକ୍ଟରେ ମାମଲା ରୁଜୁ ହୋଇଛି।

## ଅନନ୍ତ ବିଜେଡି ସାଧାରଣ ସମ୍ପାଦକ

**ଭୁବନେଶ୍ୱର,୧୪।୩(ବ୍ୟୁରୋ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଏମ୍‌ସି ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନାଙ୍କୁ ଦଳର ରାଜ୍ୟ ସାଧାରଣ ସମ୍ପାଦକଭାବେ ନିଯୁକ୍ତି ଦେଇଛନ୍ତି। ଏଥିସହିତ ତାଙ୍କୁ ଭୁବନେଶ୍ୱର ସାଙ୍ଗଠନିକ ଜିଲା ଏବଂ କେନ୍ଦୁଝର ଜିଲା ପାଟଣା ବିଧାନସଭା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ପାରାଦୀପ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଗୋବିନ୍ଦ ତରାଇଙ୍କ ନିଲମ୍ବନ ଆଦେଶକୁ ଦଳର ସଭାପତି ପ୍ରତ୍ୟାହାର କରିଛନ୍ତି। ଉପରୋକ୍ତ ଦୁଇଟି ଦଳୀୟ ନିଯୁକ୍ତି ନେଇ ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ ଗୁରୁବାର ଗଣମାଧ୍ୟମକୁ ଅବଗତ କରାଇଛନ୍ତି।

## ଭାଜପା, ଦାମଙ୍କ ନୈତିକତା ନାହିଁ: ବିଜେଡି

**ଭୁବନେଶ୍ୱର,୧୪।୩(ବ୍ୟୁରୋ):** ବରିଷ୍ଠ ନେତା ଦାମୋଦର ରାଉତ ଗୁରୁବାର ଭାଜପାରେ ଯୋଗ ଦେଇଛନ୍ତି। ଦାମଙ୍କ ଯୋଗଦାନକୁ ନେଇ ପ୍ରତିକ୍ରିୟା ରଖିଛି ବିଜେଡି। ଦଳର ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ଦାମୋଦର ରାଉତ ଭାଜପାରେ ଯୋଗ ଦେବା ତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ସେ ବିଜେଡିରୁ ବହିଷ୍କୃତ ହୋଇସାରିଛନ୍ତି। ଦାମଙ୍କ ମନ୍ତବ୍ୟ ପାଇଁ ତାଙ୍କ କୁଶପୁତ୍ତଳିକା ଦାହ କରୁଥିବା ଦଳ ତାଙ୍କୁ ଆଦରି ନେଇଛି। ଏଥିରୁ ସ୍ପଷ୍ଟ ଯେ, ଦାମ ରାଉତ ଏବଂ ଭାଜପାର କୌଣସି ନୈତିକତା ନାହିଁ।

ପ୍ରଥମ ପୃଷ୍ଠାରୁ

## ପଦ୍ମ ଧରିଲେ...

ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ତାଙ୍କୁ ଫୁଲତୋଡା ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଅନ୍ୟପଟେ ଦଳର ରାଜ୍ୟ ପ୍ରଭାରୀ ଅରୁଣ ସିଂ ଏବଂ ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂ ଦେଓ ମଧ୍ୟ ଏହି ଅବସରରେ ଦାମଙ୍କୁ ସ୍ୱାଗତ ଜଣାଇଛନ୍ତି। ଦଳର ମିଶ୍ରଣ ପର୍ବରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍‌ ଶାହ ଉପସ୍ଥିତ ନ ଥିଲେ। ମିଶ୍ରଣ ପର୍ବ ପରେ ଦାମ ଶାହଙ୍କ ବାସଭବନ ଯାଇ ସେଠାରେ ତାଙ୍କୁ ଭେଟିଛନ୍ତି। ଦଳରେ ସାମିଲ ହେବାପରେ ଦାମ ଶାସକ ବିଜେଡି ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ, ଦୀର୍ଘଦିନ ଧରି ମାନସିକ ତର୍ଜମା କରିବାପରେ ଭାଜପାରେ ଯୋଗଦେବାକୁ ଚିନ୍ତା କଲି। ୩୫ବର୍ଷ ହେଲା ବିଧାୟକ ଏବଂ ମନ୍ତ୍ରୀଭାବେ କାର୍ଯ୍ୟ କରିଛି। ରାଜ୍ୟ ସରକାରଙ୍କ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ୨୦ଟି ବିଭାଗରେ ମନ୍ତ୍ରୀ ରହିଛି। ବିଜୁବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିକୁ ଆସିଥିଲି। ୨୦ବର୍ଷ ବିଜୁବାବୁଙ୍କ ସହଯୋଗୀ ଭାବେ କାମ କରିଥିଲି। ନବୀନ ପଟ୍ଟନାୟକଙ୍କ ପ୍ରକୃତି ବିଜୁବାବୁଙ୍କ ଠିକ୍‌ ବିପରୀତ। ନବୀନ ଓଡିଶା ଲୋକଙ୍କୁ ଭଲ ପାଆନ୍ତି ନାହିଁ। ୨୨ବର୍ଷ ପରେ ମଧ୍ୟ ସେ ଓଡିଆ କହିପାରୁ ନାହାନ୍ତି। ସେ ଦୁର୍ନୀତିକୁ ପ୍ରଶ୍ରୟ ଦେବା ସହ ଦୁର୍ନୀତିଗ୍ରସ୍ତଙ୍କୁ ସୁରକ୍ଷା ଦିଅନ୍ତି। ଚାରା ଘୋଟାଲା ନେଇ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଅଭିଯୋଗ କରିଥିଲି। ସେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ମୋତେ କାଢିଦେଲେ। ଚାଷୀଙ୍କୁ ହଇରାଣ କରାଯାଉଛି, ଫଳରେ ସେମାନେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ଓଡିଶାରେ ମହିଳା ସୁରକ୍ଷିତ ନୁହନ୍ତି। ଜଣେ ସ୍ୱାଭିମାନୀ ମଣିଷ ଭାବେ କିଭଳି ଏସବୁକୁ ବରଦାସ୍ତ କରିଥାଆନ୍ତି। ଗତ ୬ରୁ ୭ମାସ ହେବ ସାରା ରାଜ୍ୟରେ ବୁଲୁଛି। ଲୋକଙ୍କୁ ନବୀନଙ୍କ କଳା ଶାସନ ବିଷୟରେ ଅବଗତ କରାଉଛି। ପୁଣି ଯଦି ଲୋକେ ନବୀନଙ୍କୁ ସମର୍ଥନ କରନ୍ତି ତେବେ ଓଡିଶା ବୁଡିଯିବ। ବିଜେଡିର ୩୭ଜଣ ନେତା ସିବିଆଇ ନଜରରେ ରହିଛନ୍ତି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଛି। ରାଜ୍ୟରେ ଭାଜପା ସରକାର ଶାସନ କ୍ଷମତାକୁ ଆସିବା ଦରକାର। ଭାଜପାକୁ ଶାସନ କ୍ଷମତାରେ ବସାଇବା ପାଇଁ ସେ ଆପ୍ରାଣ ଉଦ୍ୟମ କରିବେ ବୋଲି କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ବିଜୁବାବୁଙ୍କ ଲକ୍ଷ୍ୟକୁ ପୂରଣ କରିବା ଏବଂ ଦୀର୍ଘବର୍ଷ ଧରି ତାଙ୍କ ନୀତି, ଆଦର୍ଶରେ ଚାଲୁଥିବା କେତେଜଣ ନେତାଙ୍କ ମଧ୍ୟରୁ ସବୁଠୁ ସକ୍ରିୟ ହେଉଛନ୍ତି ଦାମ ରାଉତ। ରାଜ୍ୟରେ ନୀଳମଣି ରାଉତରାୟ, ବିଜୁ ପଟ୍ଟନାୟକ ଏବଂ ନବୀନ ପଟ୍ଟନାୟକଙ୍କ ସରକାରରେ ଦାମବାବୁ ଏକ ଡଜନରୁ ଅଧିକ ବିଭାଗର ମନ୍ତ୍ରୀ ରହି ଆସିଛନ୍ତି। ରାଜ୍ୟର ଚାଷୀ, ଆଦିବାସୀ ଏବଂ ପଛୁଆବର୍ଗମାନଙ୍କ ପାଇଁ ସେ ଜଣେ ଦରଦୀ ନେତା ଅଟନ୍ତି। କିଛି ମାସ ତଳୁ ରାଜ୍ୟ ସରକାରଙ୍କ କେତେଗୁଡିଏ ଦୁର୍ନୀତି ସମ୍ବଳିତ ପ୍ରସଙ୍ଗ ଉଠାଇ ଦଳରୁ ଦୂରେଇ ଥିଲେ। ଦଳର ସର୍ବୋଚ୍ଚ ନେତାଙ୍କ ନେତୃତ୍ୱକୁ ସ୍ୱୀକାର କରି ଓଡିଶାରେ ଭାଜପାକୁ ମଜଭୁତ କରିବା ପାଇଁ ସେ ଆଗ୍ରହ ପ୍ରକାଶ କରିଛନ୍ତି। ତାଙ୍କୁ ଭାଜପାକୁ ସ୍ୱାଗତ କରୁଛୁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ବାଇକ୍‌ ମୁହାଁମୁହିଁ ଧକ୍କା, ୨ ମୃତ

**ଟିକିରି,୧୪।୩(ଡ଼ି.ଏନ.ଏ):** ରାୟଗଡ଼ା ଜିଲା କାଶୀପୁର ବ୍ଲକ ଚମ୍ପାଯୋଡ଼ି ଗ୍ରାମ ନିକଟରେ ଦୁଇ ବାଇକ୍‌ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ ଟିକିରି ଥାନା ଅନ୍ତର୍ଗତ ସାନମାଟିକଣା ଗ୍ରାମର ଅରକ୍ଷିତ ନାଏକ, ଲିମାଡ଼ୋର ଗ୍ରାମର ଗୋବିନ୍ଦ ଲୋହରା। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ତଦନ୍ତ ଚଳାଇଛି। ଅରକ୍ଷିତ ତାଙ୍କ ଭାଇଁ ଅନନ୍ତ ନାଏକ ବାଇକ(ଓଡ଼ି-୧୮ସି୮୪୭୩)ରେ କାଶୀପୁରରୁ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଗୋବିନ୍ଦ, ଲମ୍ବୁ ମାଝି, ବିପିନ ମାଝି ଏକ ବାଇକରେ ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166


TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra


!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ
ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍‌, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍‌, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍‌ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
ପର୍ସନାଲ ଲୋନ୍‌, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍‌, କୃଷି, ସ୍ୱରୋଜଗାର ଲୋନ୍‌
ଶିବମ୍‌ କର୍ପୋରେସନ୍‌ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ। ଗୋଟିଏ ଫୋନ୍‌ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍‌ କରନ୍ତୁ
9899587663
8743922900

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍‌ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍‌ ଫୁଲଟାଇମ୍‌ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍‌ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍‌ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313

ଅଲ୍‌ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍‌ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍‌ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍‌, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଳବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

DANCE CLASS
Ollywood Choreographer Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍‌
ଗଣପତି ଫାଇନାନ୍ସ
ମାର୍କଶିଟ୍‌, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

MAHADEV FINANCE
ହର୍‌ କଦମ ଆପକେ ସାଥ୍‌
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍‌ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍‌, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR



ଭାଗ୍ୟଚକ୍ର ଅନବରତ ତଳ ଉପର ହୋଇ ଘୂରୁଛି, କେମିତି ଜଣେ କହିବ ଯେ, ପରମୂହୁର୍ତ୍ତରେ ମୁଁ ଉପରେ ଥିବି ।

- କନଫୁସିୟସ



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବୟନ ଶିଳ୍ପ ବିଭାଗ ପକ୍ଷରୁ ଶିଳ୍ପ ଉତ୍ସବ, ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ କ୍ୟାମ୍ପସ୍, ରାମ ମନ୍ଦିର ଛକ ନିକଟ, ପୂର୍ବାହ୍ନ ୧୦ଟାରୁ ରାତି ୮ଟା।
- ପ୍ରାକ୍ଟିକାଲ ଆକ୍ସନ ତରଫରୁ ଫଟୋ ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ମା' ବନଦୁର୍ଗା ରାମଲୀଳା ନାଟ୍ୟ ପରିଷଦ ପକ୍ଷରୁ ଭସାଣ ଉତ୍ସବ, ଶଙ୍କର ବଜାର ଛକ, କପିଳପ୍ରସାଦ, ମଧ୍ୟାହ୍ନ ୧୨ଟା।
- ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୧, ସନ୍ଧ୍ୟା ୬ଟା।
- ପଞ୍ଚମବେଦ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ରାତି ୭ଟା।

## ମହିଳାଙ୍କଠାରୁ ଲୁଟିନେଲେ ୧ ଲକ୍ଷ ୯୦ ହଜାର

ବେଗୁନିଆ,୧୪।୩ (ଡି.ଏନ୍.ଏ.)

ସ୍ପଷ୍ଟ ଦିବାଲୋକରେ ବେଗୁନିଆ ଥାନାଠାରୁ ମାତ୍ର ୫୦ ଫୁଟ ଦୂରରେ ଜନୈକା ମହିଳାଙ୍କଠାରୁ ୧ ଲକ୍ଷ ୯୦ ହଜାର ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ ଏଠିସେଠି ଖୋଳତାଡ ଆରମ୍ଭ କରିଛି। ହେଲେ ରିପୋର୍ଟ ଲେଖାଗଲା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ କି ଘଟଣାର ସତ୍ୟାସତ୍ୟ ପୋଲିସ ପାଇପାରି ନ ଥିବା କହିଛି। ଅଭିଯୋଗ ମୁତାବକ, ବେଗୁନିଆ ସଦର ମହକୁମାରେ ଥିବା ୟୁକୋ ବ୍ୟାଙ୍କରୁ ଗୁରୁବାର ଅପରାହ୍ନ ୩ଟା ବେଳେ ସ୍ଥାନୀୟ ରତ୍ନାକର ନାୟକଙ୍କ ସ୍ତ୍ରୀ ନିବାସୀ ୧ ଲକ୍ଷ ୯୦ ହଜାର ଟଙ୍କା ଉଠାଣ କରି ରାସ୍ତାରେ ଯାଉଥିଲେ। ହେଲେ ତାଙ୍କଠାରୁ ୨ ଜଣ ଦୁର୍ବୃତ୍ତ ଆସି ଟଙ୍କା ଥିବା ମୁଣାଟିକୁ ଛଡାଇ ନେଇ କେଉଁଆଡେ ପଳାଇ ଯାଇଥିଲେ। ନିରୁପାୟ ହୋଇ ମହିଳା ଜଣକ ଜନସାଧାରଣଙ୍କୁ ଡାକ ପକାଇଥିଲେ। ହେଲେ କୌଣସି ସୁଫଳ ପାଇ ପାରି ନ ଥିଲେ।

## ନାବାଳିକା ଅପହରଣ ଅଭିଯୋଗ: ଯୁବକ ଗିରଫ

କଟକ ସଦର,୧୪।୩ (ଡି.ଏନ୍.ଏ.): ନାବାଳିକା ଅପହରଣ ଅଭିଯୋଗରେ କିଶୋର ନଗର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଥାନା ଅଧୀନ ଉତ୍ତରଣ୍ଡା ଗ୍ରାମର ରାଜନ ଦାସ(୨୪)। ଗତ ୭ ତାରିଖ ରାତିରେ କିଶୋର ନଗରରେ ଜାଗରଯାତ୍ରା ଦେଖିବା ପାଇଁ ପିଉସୀ ଘର ଲୋକଙ୍କ ସହିତ ସଂଖ୍ୟାଲଘୁ ସମ୍ପ୍ରଦାୟର ନାବାଳିକା ଜଣଙ୍କ ଆସିଥିଲେ। ରାତି ୭ଟା ବେଳକୁ ପିଉସୀ ଘରର ଲୋକମାନେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ଏ ସମ୍ପର୍କରେ ତାଙ୍କ ପିଉସା ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୨୩/୧୯) ରୁଜୁ କରିଥିଲା। ରାଜନ ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରି ନେଇଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ଅଭିଯୁକ୍ତଙ୍କ ମୋବାଇଲ ଫୋନ୍ ଟ୍ରାକିଂ କରି ଆନ୍ଧ୍ରରୁ ଅଭିଯୁକ୍ତ ଓ ନାବାଳିକାଙ୍କୁ ଧରିଥିଲା। ବୁଧବାର କଟକ ବଡ ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀମାଇନା କରାଯାଇଥିଲା। ପରେ ଗ୍ରାମାଞ୍ଚଳ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର କରାଯାଇ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାପରେ ନାବାଳିକାଙ୍କ ସମ୍ମତିକ୍ରମେ ବସୁନ୍ଧରାରେ ରହିବା ପାଇଁ ମାଜିଷ୍ଟ୍ରେଟ୍ ଅନୁମତି ପ୍ରଦାନ କରିଥିଲେ।

### ଶୃଙ୍ଖଳିତ ନିର୍ବାଚନ ପାଇଁ ପୋଲିସର ବ୍ୟାପକ ପ୍ରସ୍ତୁତି

# ସୋସିଆଲ ମିଡିଆ ଉପରେ ନଜର



ପୋଲିସ ଡିଜି ଡା. ଆର୍‌.ପି. ଶର୍ମାଙ୍କ ଅଧ୍ୟକ୍ଷତାରେ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ।

- ଡିଜିପିଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ
- କାର୍ଯ୍ୟ କରିବ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍
- ରାଜନୈତିକ ଦଳ ସହ ସମ୍ପୃକ୍ତି ଥିଲେ କାର୍ଯ୍ୟାନୁଷ୍ଠାନ

କଟକ ଅଫିସ, ୧୪।୩

ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରସ୍ତୁତ ଆଦର୍ଶ ଆଚରଣ ବିଧିକୁ କଡ଼ାକଡ଼ି ଲାଗୁ କରାଯିବ। ବିଶୃଙ୍ଖଳା ଓ ହିଂସାକୁ ରୋକାଯିବ। ସୋସିଆଲ ମିଡିଆ ଉପରେ ପୋଲିସର ତୀକ୍ଷ୍ଣ ନଜର ରହିବ। ନିର୍ବାଚନର ଟିକିନିଖି ଖବର ରଖିବା ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ। ଏହାବାଦ ଯେଉଁ ହୋମ୍‌ଗାର୍ଡ ଓ ଗ୍ରାମରକ୍ଷୀମାନଙ୍କର ରାଜନୈତିକ ଦଳ ସହିତ ସମ୍ପୃକ୍ତି ଥିବା ଜଣାପଡିବ ସେମାନଙ୍କୁ ନିର୍ବାଚନୀ କାର୍ଯ୍ୟରୁ ଦୂରେଇ ରଖାଯିବ। ଆସନ୍ତା ସାଧାରଣ ନିର୍ବାଚନକୁ ଶୃଙ୍ଖଳିତ ତଥା ନିରପେକ୍ଷ କରିବା ନିମନ୍ତେ ପୋଲିସ ପକ୍ଷରୁ ଏଭଳି ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି।

ଗୁରୁବାର ପୋଲିସ ଡିଜି ଡା. ଆର୍‌.ପି. ଶର୍ମାଙ୍କ ଅଧ୍ୟକ୍ଷତାରେ ପୋଲିସ ମୁଖ୍ୟାଳୟରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ପୋଲିସ ଆଇଜି, ଡିଆଇଜି, ଏସ୍‌ପି ଓ ଡିସିପିମାନେ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ବୈଠକରେ ସାମିଲ୍ ହୋଇଥିଲେ। ମୁଖ୍ୟତଃ ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ଦିଗରେ ଡିଜିପି ଶର୍ମା ଗୁରୁତ୍ୱାରୋପ କରିଥିଲେ। ଜାନୁୟାରୀ ୨୮ରେ ଅନୁଷ୍ଠିତ ବୈଠକରେ ହୋଇଥିବା ଆଲୋଚନା ଓ ନିଷ୍ପତ୍ତି ଉପରେ ପ୍ରଥମେ ସମୀକ୍ଷା କରାଯାଇଥିଲା। ଏହି ଅନୁଯାୟୀ ବିଭିନ୍ନ ଜିଲାର ଏସ୍‌ପିମାନଙ୍କୁ ଯେଉଁ ଟାର୍ଗେଟ ଦିଆଯାଇଥିଲା ତାହାର ତର୍ଜମା କରାଯାଇଥିଲା। ମୁଖ୍ୟତଃ ବେଆଇନ ଅସ୍ତ୍ରଶସ୍ତ୍ର ଓ ମଦ ଜବତ ଉପରେ ବୈଠକରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରାଯାଇଥିଲା। ତେବେ ଏସ୍‌ପିମାନଙ୍କ ଉପରେ ଦିଆଯାଇଥିବା ଟାର୍ଗେଟର ୭୦ ପ୍ରତିଶତ ଲକ୍ଷ୍ୟ ପୂରଣ ହୋଇଥିବା ବୈଠକରୁ ଜଣାପଡ଼ିଛି। ଅଦ୍ୟାବଧି ରାଜ୍ୟର ବିଭିନ୍ନ ସ୍ଥାନରୁ ୫୯ ବେଆଇନ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବାବେଳେ ୫୬୧୧ ଲିଟର ବିଦେଶୀ ଓ ୧୯୨୭୭ ଲିଟର ଦେଶୀ ମଦ ପୋଲିସ ଦ୍ୱାରା ଜବତ କରାଯାଇଛି। ସେହିପରି ୨୯୮୫ ଜଣଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରିଥିବାବେଳେ ୬୦୧ ଜଣଙ୍କୁ ଗିରଫ କରାଯାଇଥିବା ବୈଠକରୁ ଜଣାପଡ଼ିଛି। ଜାମିନ ବିହୀନ ଗିରଫ ପରୱାନା ଥିବା ବ୍ୟକ୍ତିବିଶେଷଙ୍କ ନାମ ପୋଲିସ ୱେବ୍‌ସାଇଟରେ ଉପଲବ୍ଧ ରହିଛି। ଉକ୍ତ ନାମ ତାଲିକାକୁ ପୋଲିସ ନୋଟିସ ବୋର୍ଡରେ ଲଗାଇବା ପାଇଁ ଏସ୍‌ପିମାନଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।



କଟକ କାଠଗଡ଼ା ସାହିର ଶିଳ୍ପୀ ରସାନନ୍ଦ ବେହେରା ଦୋଳବିମାନ ମେଳଣ ଶୋଭାଯାତ୍ରାରେ ବ୍ୟବହୃତ କାଗଜ ମୁଖା ପ୍ରସ୍ତୁତ କରୁଛନ୍ତି।

## କୀଟନାଶକ ପକାଇବାକୁ ଯାଇ ଚାଷୀ ମୃତ

ବ୍ରହ୍ମଗିରି, ୧୪।୩(ଡି.ଏନ୍.ଏ.)

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଘଟକୁଡୀ ଗ୍ରାମରେ ଗୁରୁବାର ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ଉକ୍ତ ଗ୍ରାମର ସପନା ବେହେରା(୫୦) ପ୍ରାୟ ୧୦ ମାଣ ଭାଗଜମିରେ ରବି ଫସଲ ଚାଷ କରିଥିଲେ। ମାତ୍ର ପୋକ ଲାଗି ଫସଲ ନଷ୍ଟ ହୋଇଯାଇଥିଲା। ଗୁରୁବାର ସପନା ଜମିରେ କୀଟନାଶକ ପକାଇବାକୁ ଯାଇ ଘରକୁ ଫେରି ନ ଥିଲେ। ସପନା ଦୀର୍ଘସମୟ ଧରି ଘରକୁ ନ ଫେରିବାରୁ ଘର ଲୋକେ ଖୋଜାଖୋଜି କରିବାରୁ ଜମି ମୁଣ୍ଡରେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଯାତ୍ରୀଙ୍କ ୨ ଲକ୍ଷ ଟଙ୍କାର ସୁନା ଅଳଙ୍କାର ବ୍ୟାଗ ଫେରାଇ ଦେଲେ

ଜଟଣୀ,୧୪।୩(ଡି.ଏନ୍.ଏ.)

ଜଣେ ଅଟୋ ଚାଳକଙ୍କ ନିଜର ମହାନତା ପ୍ରତିପାଦିତ କରିଛନ୍ତି। ଗୁରୁବାର ଅଟୋରେ ଯାତ୍ରା କରୁଥିବା ଯାତ୍ରୀ ଛାଡି ଯାଇଥିବା ୨ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସହ ଦାମୀ ସାମଗ୍ରୀ ଥିବା ବ୍ୟାଗକୁ ସେ ଫେରାଇ ଦେଇଛନ୍ତି। ଖୋର୍ଦ୍ଧା ତୋଟାପଡ଼ା ଗ୍ରାମର ଶକିଲ୍ ଖାନ୍ ଓ ତାଙ୍କ ଭଉଣୀ ସାକ୍ଷୀଗୋପାଳରୁ ଟ୍ରେନ୍‌ରେ ଫେରି ସନ୍ଧ୍ୟାରେ ଖୋର୍ଦ୍ଧାରୋଡ଼ ରେଳଷ୍ଟେଶନରେ ଓହ୍ଲାଇଥିଲେ। ଏଠାରୁ ସେ ରଫିକ୍ ଖାନ୍‌ଙ୍କ ଅଟୋ ଭଡ଼ା କରି ଖୋର୍ଦ୍ଧା ଅଭିମୁଖେ ଯାଇଥିଲେ। ଖୋର୍ଦ୍ଧା ବ୍ୟାଙ୍କ ଛକରେ ଶକିଲ ଓ ତାଙ୍କ ଭଉଣୀ ଓହ୍ଲାଇଥିଲେ। ସେଠାରୁ ଅନ୍ୟ ଗାଡ଼ିରେ ଗାଁକୁ ଫେରି ଯାଇଥିଲେ। ତେବେ ଅଟୋରେ ରଖିଥିବା ତାଙ୍କ ବ୍ୟାଗ୍‌ଟିକୁ ଭୁଲ୍‌ବଶତଃ ଛାଡ଼ି ଯାଇଥିଲେ। ରଫିକ୍ ଅଟୋ ନେଇ ଜଟଣୀ ଫେରି ଆସିଥିଲେ। ଏଠାରେ ପହଞ୍ଚିବା ପରେ ଅଟୋରେ ବ୍ୟାଗ୍ ଥିବା ଦେଖିବାକୁ ପାଇଥିଲେ। ଫଳରେ ସେ ଅଟୋ ଆସୋସିଏଶନ୍‌ର କେତେଜଣ କର୍ମକର୍ତ୍ତାଙ୍କୁ ଡକାଇବା ସହ ଉପସ୍ଥିତ ଅନ୍ୟ ଲୋକଙ୍କୁ ଏ ନେଇ ଜଣାଇଥିଲେ। କୌଣସି ଠିକଣା ବା ଟେଲିଫୋନ୍ ନମ୍ବର ମିଳିବା ଆଶାରେ ବ୍ୟାଗ୍‌ଟିକୁ ଖୋଲିବା ପରେ ସେଥିରେ ସୁନା ଅଳଙ୍କାର ଓ ଅନ୍ୟ ସାମଗ୍ରୀ ଥିବା ଦେଖିବାକୁ ପାଇଥିଲେ। କିପରି ବ୍ୟାଗ୍‌ଟିକୁ ଛାଡ଼ିଯାଇଥିବା ଯାତ୍ରୀ ଫେରି ପାଇବେ ଏ ନେଇ ସମସ୍ତେ ଚିନ୍ତାରେ ପଡ଼ିଥିଲେ। ପୋଲିସକୁ ଜଣାଇବା ପାଇଁ ମଧ୍ୟ ସ୍ଥିର କରିଥିଲେ। ଏହି ସମୟରେ ବ୍ୟାଗ ଛାଡି ଯାଇଥିବା ଯାତ୍ରୀ ଶକିଲ ଓ ତାଙ୍କର ସମ୍ପର୍କୀୟମାନେ ଜଟଣୀରେ ପହଞ୍ଚି ଥିଲେ। ସମସ୍ତଙ୍କ ଉପସ୍ଥିତିରେ ଅଟୋ ଚାଳକ ରଫିକ୍ ବ୍ୟାଗ୍‌ଟିକୁ ଛାଡ଼ି ଯାଇଥିବା ଶକିଲଙ୍କୁ ପ୍ରଦାନ କରିଥିଲେ। ଏ ନେଇ ଶକିଲ ଅଟୋ ଚାଳକଙ୍କୁ ଧନ୍ୟବାଦ ଦେବା ସହ ଘରେ ପହଞ୍ଚିବା ପରେ ବ୍ୟାଗ ଛାଡି ଯାଇଥିବା ସେ ଜାଣିବାକୁ ପାଇଥିବା କହିଥିଲେ।

### ଅଟୋ ଚାଳକଙ୍କ ମହାନତା



ଅଟୋ ଚାଳକ ରଫିକ୍ ଖାନ୍ ଯାତ୍ରୀ ଶକିଲ୍ ଖାନ୍‌ଙ୍କୁ ବ୍ୟାଗ ଫେରାଉଛନ୍ତି।

# ଚୌଦ୍ୱାର ଜେଲରେ କମିଶନରେଟ ପୋଲିସର ଚଢ଼ାଉ

- କଏଦୀଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ଥିଲା
- ଭିଡିଓ ଭାଇରାଲ କରିଥିବା କଏଦୀଙ୍କ ମୃତ୍ୟୁ ଘଟିଥିଲା
- ଦେଢ ଘଣ୍ଟାର ଅପରେଶନ, କିଛି ମିଳିଲାନି

ଚୌଦ୍ୱାର, ୧୪।୩ (ଡି.ଏନ୍.ଏ.)

ଚୌଦ୍ୱାର ମଣ୍ଡଳ କାରାଗାର ଉପରେ ଗୁରୁବାର ଅଚାନକ ଚଢ଼ାଉ କରିଥିଲା କମିଶନରେଟ ପୋଲିସ। ପୂର୍ବାହ୍ନ ସାଢେ ୧୧ରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଦେଢ ଘଣ୍ଟା ଧରି ଚାଲିଥିଲା ଏହି ଅପରେଶନ। ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କ ନେତୃତ୍ୱରେ ପୋଲିସ ଟିମ୍ ଜେଲ୍‌ର ୫୦ରୁ ଊର୍ଦ୍ଧ୍ୱ ସେଲ୍, ୯୮୨ଜଣ କଏଦୀ ଓ ଜେଲ୍ ପରିସର ବିଭିନ୍ନ ସ୍ଥାନକୁ ତନ୍ନତନ୍ନ କରି ଯାଞ୍ଚ କରିଥିଲା। ଡିସିପି ଅଖିଳେଶ୍ୱର ସିଂଙ୍କ ସମେତ ଏଡିସିପି, ୮ ଥାନାର ଆଇଆଇସି ଓ ୬ ପ୍ଲାଟୁନ ଫୋର୍ସ ଏଥିରେ ସାମିଲ୍ ଥିଲେ। ତେବେ ଜେଲ୍‌ରେ ସେଭଳି କୌଣସି ଆପତ୍ତିଜନକ ସାମଗ୍ରୀ ମିଳି ନ ଥିବା ଚଢ଼ାଉ ପରେ କମିଶନର ମହାନ୍ତି ସୂଚନା ଦେଇଛନ୍ତି।

ଗତ କିଛିଦିନ ହେବ ବିଭିନ୍ନ ଘଟଣାକୁ ନେଇ ଚର୍ଚ୍ଚାରେ ରହିଛି ଚୌଦ୍ୱାର ସର୍କଲ ଜେଲ। ଗତ ୯ ତାରିଖରେ ସୁଭ୍ରାଂଶୁ ଶେଖର ଦାସ ନାମକ ଜଣେ ଆଜୀବନ କଏଦୀଙ୍କ ମୃତ୍ୟୁକୁ ନେଇ ଏବେ ବିବାଦ ଉପୁଜିଛି। ମୃତ୍ୟୁର କିଛିଦିନ ପୂର୍ବରୁ ସୁଭ୍ରାଂଶୁଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଯେଉଁଥିରେ ସେ ଜେଲ୍‌ରେ ଦିଆଯାଉଥିବା ନିର୍ଯାତନା ଓ ଅନ୍ୟ କେତେକ ଗୁପ୍ତ କଥା କହି ନ୍ୟାୟ ନିବେଦନ କରୁଥିବା ଦେଖାଯାଇଥିଲା। ଏହାପରେ ତାଙ୍କର ମୃତ୍ୟୁ ହେବା ଘଟଣା ରହସ୍ୟମୟ ହୋଇପଡିଥିଲା। ତେବେ ଭାଇରାଲ ଭିଡିଓକୁ ନେଇ ସୁଭ୍ରାଂଶୁଙ୍କୁ ଜେଲ୍ କର୍ମଚାରୀ ପିଟି ପିଟି ମାରିଦେଇଥିବା ଅଭିଯୋଗ ଆଣିଥିଲେ ପରିବାର ଲୋକେ। ଘଟଣାର ନିରପେକ୍ଷ ତଦନ୍ତ ଦାବି କରି ଚୌଦ୍ୱାର ଥାନାରେ ଏତଲା ମଧ୍ୟ ଦେଇଥିଲେ। ଏହାବାଦ୍ ଜେଲ ଭିତରେ ମୋବାଇଲ ଫୋନ୍ ବ୍ୟବହାର, ନିଶା କାରବାର, କଏଦୀଙ୍କୁ ଶାରୀରିକ ତଥା ମାନସିକ ନିର୍ଯାତନା ଦିଆଯାଉଥିବା ଭଳି ସଙ୍ଗିନ ଅଭିଯୋଗ ପୂର୍ବରୁ ବାରମ୍ବାର ହୋଇଆସୁଛି। ସେହିପରି ଜେଲ ଭିତରର ବେଆଇନ କାର୍ଯ୍ୟକଳାପର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏସବୁ ଘଟଣା ଜେଲ୍‌ର ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହେଲେ ଜେଲ୍ କର୍ତ୍ତୃପକ୍ଷ ଏସବୁ ଅଭିଯୋଗକୁ ଖଣ୍ଡନ କରି ଆସୁଛନ୍ତି। ଏପରିସ୍ଥଳେ କମିଶନରେଟ ପୋଲିସର ଚଢ଼ାଉ ଓ ଜେଲ୍ ଭିତରକୁ କିଛି ନ ମିଳିବା ଘଟଣା ଅନେକ ପ୍ରଶ୍ନ ସାମ୍ନାକୁ ଆଣିଛି। କାରଣ ୨୦୧୪ରେ ଚୌଦ୍ୱାର ଜେଲରେ ଚଢାଉ କରାଯାଇ ବିଭିନ୍ନ କମ୍ପାନୀର ମୋବାଇଲ୍ ଫୋନ୍, ସିମ୍ କାର୍ଡ,ଏଲ୍‌ଇଡି ଟିଭି, ପରଫ୍ୟୁମ୍ ଓ ବିପୁଳ ଗୁଟ୍‌ଖା ଜବତ ହୋଇଥିଲା। ୨୦୧୬ରେ ଚଢ଼ାଉ ସମୟରେ ମଧ୍ୟ ଜେଲ୍‌ର ଥିବା ବିଭିନ୍ନ ସେଲ୍‌ରୁ ବହୁ ପରିମାଣର ନିଶା ସାମଗ୍ରୀ ଜବତ ହୋଇଥିଲା। ତେବେ ସୁଭ୍ରାଂଶୁ ଜେଲ୍ ଭିତର ଗୁମର ସମ୍ପର୍କରେ ଭିଡିଓ ଶୁଟିଂ କରି ତାହାକୁ ଭାଇରାଲ କରିବା ଓ ତାଙ୍କର ମୃତ୍ୟୁ ଘଟଣା ପରେ ଜେଲ୍ ଭିତରକୁ ମୋବାଇଲ୍ ଫୋନ୍ ଯାଉଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ଜେଲ୍ କର୍ତ୍ତୃପକ୍ଷ ଜେଲ୍ ଭିତରେ ଯାଞ୍ଚ କରି ଏଭଳି ଆପତ୍ତିଜନକ ସାମଗ୍ରୀକୁ ନେଇଯାଇଥିବା କୁହାଯାଉଛି। ଏ ସମ୍ପର୍କରେ ଜେଲ ଅଧୀକ୍ଷକ ରବୀନ୍ଦ୍ର ନାଥ ସ୍ୱାଇଁ କୁହନ୍ତି, ଏବେ ଜେଲ୍‌ରେ ସେଭଳି କୌଣସି ଅନିୟମିତତା ଓ ଅବ୍ୟବସ୍ଥା ହୋଇନାହିଁ। ଯାହାସବୁ ଘଟିଛି ତାହା ପୂର୍ବର ଘଟଣା। ମୋବାଇଲ ଭାଇରାଲ ଘଟଣା ମଧ୍ୟ ପୂର୍ବର। ଏହା କେବଳ ଅପପ୍ରଚାର ବୋଲି ସେ କ୍ଷୋଭର ସହ ପ୍ରକାଶ କରିଥିଲେ।

ପୋଲିସ କମିଶନର ମହାନ୍ତିଙ୍କ କହିବାନୁଯାୟୀ, ଜେଲ କର୍ତ୍ତୃପକ୍ଷ ନିୟମିତ ଭାବେ ଜେଲର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ଯାଞ୍ଚ କରୁଛନ୍ତି। ନିର୍ବାଚନ ସମୟରେ ବିଚାରାଧୀନ ଓ ଆଜୀବନ କଏଦୀମାନେ ଜେଲ୍ ଭିତରେ ରହି ଅପରାଧ ନିୟନ୍ତ୍ରଣ କରିବା ଆଶଙ୍କା ରହିଛି। ତେଣୁ ଏସବୁକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ପ୍ରତିଶେଧକ ପଦକ୍ଷେପ ସ୍ୱରୂପ ଏହି ଚଢାଉ କରାଯାଇଥିଲା। ତେବେ କଏଦୀ ମୃତ୍ୟୁ ମାମଲାରେ ଜଣେ ଏସିପିକୁ ତଦନ୍ତ ଦାୟିତ୍ୱ ଦିଆଯାଇଛି ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହାନ୍ତି କହିଛନ୍ତି।



ଚୌଦ୍ୱାର ଜେଲକୁ ଚଢ଼ାଉ ପାଇଁ ଆସିଥିବା ପୋଲିସ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ । ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



କଳ୍ପନା



ଅମ୍ବିକା



ଶିବାଙ୍ଗୀ



ଦୀପ୍ତିମୟୀ



ସଂଗ୍ରାମ



ସୋମୁ



ନିହାରିକା



ଜିନୁ



ସ୍ୱରୂପ



ଦୀପ୍ତିରେଖା



ବିପଦ ଆସିବାଟା ବରଂ ଭଲ, ଆସିବ ଆସିବ ବୋଲି
ଯେଉଁ ଆଶଙ୍କା ତାହାହିଁ ସବୁଠାରୁ ଯନ୍ତ୍ରଣାଦାୟକ।
- ବେନ୍ ଜନସନ



## ସଂକ୍ଷେପରେ

### ବାଇକ, ଟଙ୍କା, ମୋବାଇଲ ଫୋନ୍ ଜବତ: ୨ ଗିରଫ

**ଭୁବନେଶ୍ୱର,୧୪।୩ (ବୁ୍ୟରୋ):** ମଞ୍ଚେଶ୍ୱର ଥାନା ଅଞ୍ଚଳରେ ବୁଧବାର ରାତିରେ ଏକ ଲୁଟ୍ ହୋଇଛି। ଏଥିରେ ସମ୍ପୃକ୍ତ ଦୁଇଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ କଟକ ଜିଲା କିଶନନଗର ଥାନା ଅଞ୍ଚଳର ହବିବୁର ରେହେମାନ ଓରଫ ହବିବ (୨୨) ଓ ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତି ଅଞ୍ଚଳର ସର୍ବେଶ୍ୱର ନାୟକ(୨୪)। ପୋଲିସ ସେମାନଙ୍କ ନିକଟରୁ ଲୁଟ୍ ୫ ହଜାର ଟଙ୍କା, ଲୁଟ୍‌ରେ ବ୍ୟବହୃତ ବାଇକ (ଓଡି୦୨ଭି୦୫୦୧) ଓ ମୋବାଇଲ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟଜଣେ ସହଯୋଗୀ ଅଭିଯୁକ୍ତ ଦେବାଶିଷ ପ୍ରଧାନ ଫେରାର ରହିଛନ୍ତି। ତାକୁ ଧରିବା ନେଇ ପୋଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି। ସୂଚନା ମୁତାବକ, ଯାଜପୁର କୁଆଖିଆ ଅଞ୍ଚଳର ସୌମ୍ୟ ରଞ୍ଜନ ଦାସ (୨୬) ରାତି ୧ଟାରେ ଚକେଇସିଆଣୀରୁ ଜଣେ ସାଙ୍ଗକୁ ଛାଡ଼ିବା ପାଇଁ ରେଲ୍‌ୱେ ଷ୍ଟେଶନ ଆସୁଥିଲେ। ପଳାଶୁଣୀ ଛକ ନିକଟରେ ଗୋଟିଏ ବାଇକରେ ତିନିଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରି ଅଟକାଇଥିଲେ। ଦୁଇଜଣଙ୍କୁ ମାଡ଼ ମାରିବା ସହ ପର୍ସ ଓ ୫ ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ପିସିଆର ଅଭିଯୁକ୍ତମାନଙ୍କ ପିଛା କରି ପ୍ରଥମେ ହବିବୁରଙ୍କୁ କାବୁ କରିଥିଲେ। ତାଙ୍କୁ ପଚରାଉଚରା ପରେ ଚଢ଼ାଉ କରି ସର୍ବେଶ୍ୱରଙ୍କୁ ଗିରଫ କରିଥିଲା।

### ୯ ନୃତ୍ୟଶିଳ୍ପୀଙ୍କୁ 'ମଧୁରମ୍ ପ୍ରତିଭା ସମ୍ମାନ'

ଭୁବନେଶ୍ୱର,୧୪।୩(ବ୍ୟୁରୋ)- ମଧୁରମ୍ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଭଞ୍ଜ କଳାମଣ୍ଡପରେ ଚାଲିଥିବା ଓଡ଼ିଶୀ ନୃତ୍ୟ ମହୋତ୍ସବ 'ମଧୁରମ୍' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସିଥିବା ୯ଜଣ ନୃତ୍ୟଶିଳ୍ପୀଙ୍କୁ 'ମଧୁରମ୍ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଅତିଥି ଭାବେ ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ଓ ଓଡ଼ିଶୀ ସଙ୍ଗୀତଜ୍ଞ ଗୁରୁ ସୁକାନ୍ତ କୁମାର କୁଣ୍ଡୁ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ଅରୁଣା ମହାନ୍ତିଙ୍କ ନୃତ୍ୟ ସଂଯୋଜନାରେ ଗୁରୁ ଯୁଧିଷ୍ଠିର ନାୟକ ଏକକ ଓଡ଼ିଶୀ 'ପ୍ରତିନାୟକ' ପରିବେଷଣ କରିଥିଲେ। ଏହାପରେ ଗୁରୁ ପ୍ରଭାତ କୁମାର ସ୍ୱାଇଁଙ୍କ ନୃତ୍ୟ ସଂଯୋଜନାରେ ଶୁଭଲକ୍ଷ୍ମୀ ପାଢ଼ୀ ଓଡ଼ିଶୀ ହିଡ଼ିମ୍ବା ପରିବେଷଣ କରିଥିଲେ। ପରେ ପରେ ଗୁରୁ ପ୍ରଭାତ କୁମାର ସ୍ୱାଇଁଙ୍କ ନୃତ୍ୟ ସଂଯୋଜନାରେ ମଧୁସ୍ମିତା ସ୍ୱାଇଁ ଓଡ଼ିଶୀ ଆମ୍ରପଲ୍ଲୀ ଏବଂ ଗୁରୁ ବିମ୍ବାଧର ଦାସଙ୍କ ନୃତ୍ୟ ସଂଯୋଜନା ଓ ବିଶ୍ୱଜିତ୍ ଦାସଙ୍କ ନୃତ୍ୟ ନିର୍ଦ୍ଦେଶନାରେ ରିତିକା ମଣ୍ଡଳ 'କ୍ରିଷ୍ଣାଷ୍ଟୋକମ୍' ପରିବେଷଣ କରିଥିଲେ। ଶେଷ ପ୍ରସ୍ତୁତିରେ ନୃତ୍ୟ ନୈବେଦ୍ୟର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଗୁରୁ ପ୍ରଭାତ କୁମାର ସ୍ୱାଇଁଙ୍କ ସଂଯୋଜନାରେ ମଙ୍ଗଳାଚରଣ 'ପ୍ରାତସ୍ମରାମି' ପରିବେଷିତ ହୋଇଥିଲା। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଶହୀଦ ମନୋଜଙ୍କ ପରିବାରକୁ ସହାୟତା

ଭୁବନେଶ୍ୱର,୧୪।୩(ବ୍ୟୁରୋ)- ପୁଲୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଓଡ଼ିଆ ଯବାନ ମନୋଜ କୁମାର ବେହେରାଙ୍କ ପରିବାରକୁ ଡିଏଭି ପୋଖରୀପୁଟ କର୍ତ୍ତୃପକ୍ଷ ସାକ୍ଷାତ କରି ସମବେଦନା ଜ୍ଞାପନ କରିଛନ୍ତି। ଏହି ଅବସରରେ ଡିଏଭି ଆଞ୍ଚଳିକ ନିର୍ଦ୍ଦେଶାଳୟ ଜୋନ୍-୧ର ସହ ନିର୍ଦ୍ଦେଶିକା ତଥା ବିଦ୍ୟାଳୟ ଅଧକ୍ଷା ଡ. ସୁଜାତାଙ୍କ ପରାମର୍ଶକ୍ରମେ ଡିଏଭି ପୋଖରୀପୁଟ ତରଫରୁ ୧ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଛି। ବିଦ୍ୟାଳୟ ପକ୍ଷରୁ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ ରଞ୍ଜନ ସ୍ୱାଇଁ, ଏନ୍‌ସିସି ବିଭାଗର ଏ.ଏନ୍.ଓ ଶୁଭ୍ରାଂଶୁ ମୋହନ ଦାଶ, ପତ୍ରି ସର୍ବେଶ୍ୱର ରାଓ, ଶିକ୍ଷୟିତ୍ରୀ ମୃଣାଳିନୀ ଦାସ, ଝରଣା ମିଶ୍ର, ପ୍ରୀତିପରମିତା ଦାଶ, ଚିତ୍ତରଞ୍ଜନ ଶତପଥୀ, ବିଶ୍ୱମୋହନ ମହାନ୍ତି ଶହୀଦଙ୍କ ବାସଭବନରେ ପହଞ୍ଚି ପରିବାରର ଏହି ବୀରପୁତ୍ରଙ୍କ ତ୍ୟାଗକୁ ସମ୍ମାନ ଜଣାଇଥିଲେ।

### ଗାଡି ମୋଟର ଯାଞ୍ଚ

**ଖୋର୍ଦ୍ଧା ଅଫିସ,୧୪।୩:** ବାଣପୁର ପୋଲିସ ପକ୍ଷରୁ ବାଣପୁରର ବିଭିନ୍ନ ସ୍ଥାନରେ ଗୁରୁବାର ଗାଡି ମୋଟରର ବୀମା, ଲାଇସେନ୍ସ, କାଗଜପତ୍ର ତନଖି କରାଯାଇଥିଲା। ଠିକ୍ କାଗଜପତ୍ର ନ ଥିବା ୧୬ ଗାଡି ଚାଳକଙ୍କଠାରୁ ୧୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଦୁଇଜଣ ଦୁର୍ବୃତ୍ତ ବଜାର ମଧରେ ଥିବା ଏକ ବାଇକ୍‌ର ଡିକି ଭାଙ୍ଗି ସେଥିରୁ ୩ ଲକ୍ଷ ଟଙ୍କାର ରୂପା ଅଳଙ୍କାର ଲୁଟି ନେଇ ଯିବା ପରେ ଗାଡି ମୋଟରକୁ ଯାଞ୍ଚ କରାଯାଇଛି।

# ଲାଇସେନ୍ସଧାରୀ ଫେରାଉନାହାନ୍ତି ବନ୍ଧୁକ

- ଗୋଟିଏ ସପ୍ତାହ ମହଲତ ଦେଲା କମିଶନରେଟ ପୋଲିସ
- ଭୁବନେଶ୍ୱରରେ ୧୭୦୨ରୁ ଫେରିଛି ୫୮୦ ବନ୍ଧୁକ
- ଡିସିପି କହିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ

**ଭୁବନେଶ୍ୱର,୧୪।୩ (ବୁ୍ୟରୋ)**

ନିର୍ବାଚନ ତାରିଖ ଘୋଷଣା ସହ ଲାଗୁ ହୋଇଛି ଆଦର୍ଶ ଆଚରଣ ବିଧି। ଏପ୍ରିଲ ୧୧ରୁ ନିର୍ବାଚନ ଆରମ୍ଭ ହେବାକୁ ଥିବାବେଳେ ଲାଇସେନ୍ସଧାରୀଙ୍କୁ ସେମାନଙ୍କ ବନ୍ଧୁକ ସ୍ଥାନୀୟ ଥାନା ଜିମା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଅଧିକାଂଶ ଲାଇସେନ୍ସଧାରୀ ବନ୍ଧୁକ ଫେରାଉ ନ ଥିବାରୁ କମିଶନରେଟ ପୋଲିସ ଉପରେ ରାଜ୍ୟ ନିର୍ବାଚନ ଅଧିକାରୀ କ୍ଷୋଭ ପ୍ରକାଶ କରିଛନ୍ତି। ଏହାକୁ ନେଇ କମିଶନରେଟ ପୋଲିସର ଚିନ୍ତା ବଢ଼ିଥିବାବେଳେ କଡା ଆଭିମୁଖ୍ୟ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ଗୋଟିଏ ସପ୍ତାହ ମହଲତ ଦିଆଯାଇଛି। ନିର୍ଦ୍ଦେଶକୁ ଅମାନ୍ୟ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି।

ମିଳିଥିବା ତଥ୍ୟ ଅନୁସାରେ, ରାଜଧାନୀରେ ମୋଟ ୧୭୦୨ଜଣ ପିସ୍ତଲ,ରିଭଲଭର,୧୨ ରାଉଣ୍ଡ୍ ବୋର୍ ଗନ୍ ଲାଇସେନ୍ସ ନେଇଛନ୍ତି। ଇତିମଧ୍ୟରେ ମାତ୍ର ୫୮୦ଜଣ ବନ୍ଧୁକ ଫେରାଇଛନ୍ତି। ଏବେବି ୧୧୨୯ଜଣ ଲାଇସେନ୍ସଧାରୀ ସେମାନଙ୍କ ବନ୍ଧୁକ ଫେରାଇ ନ ଥିବା ଜଣାପଡିଛି। ଖଣ୍ଡଗିରି ଥାନାଞ୍ଚଳରେ ୧୩୯ଜଣ ବନ୍ଧୁକ ଲାଇସେନ୍ସ ନେଇଥିବାବେଳେ ବୁଧବାର ସୁଦ୍ଧା ୫୮ଜଣ ବନ୍ଧୁକ ଫେରାଇଛନ୍ତି। ସେହିଭଳି ଲକ୍ଷ୍ମୀସାଗର ଥାନାଞ୍ଚଳରେ ୯୫ଜଣଙ୍କ ମଧ୍ୟରୁ ୫୫ଜଣ, ନୟାପଲ୍ଲୀ ଥାନାଞ୍ଚଳରେ ୧୬୩ଜଣଙ୍କ ମଧ୍ୟରୁ ୫୩ଜଣ, ବଡ଼ଗଡ଼ ଥାନାଞ୍ଚଳରେ ୯୭ଜଣଙ୍କ ମଧ୍ୟରୁ ୪୪ଜଣ, ଜଟଣୀ ଥାନାଞ୍ଚଳରେ ୭୭ଜଣଙ୍କ ମଧ୍ୟରୁ ୩୮ଜଣ ଲାଇସେନ୍ସଧାରୀ ସେମାନଙ୍କ ବନ୍ଧୁକ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଅନ୍ୟପକ୍ଷରେ ଏୟାରଫିଲ୍ଡ ଥାନାଞ୍ଚଳରୁ ୬୭ଜଣ ବ୍ୟକ୍ତି ବନ୍ଧୁକ ଲାଇସେନ୍ସ ନେଇଥିବାବେଳେ ବାଲିଅନ୍ତା ଥାନାଞ୍ଚଳରେ ୩୮, ବାଲିପାଟଣା ଥାନାଞ୍ଚଳରେ ୩୨, କ୍ୟାପିଟାଲ ଥାନାଞ୍ଚଳରେ ୧୨୮, ଚନ୍ଦକା ୨୬, ଚନ୍ଦ୍ରଶେଖରପୁର ୮୯, ଧଉଳି ଥାନାଞ୍ଚଳରେ ୯ଜଣ ବ୍ୟକ୍ତି ବନ୍ଧୁକ ଲାଇସେନ୍ସ ନେଇଛନ୍ତି। ସେହିଭଳି ଇନ୍‌ଫୋସିଟି ଥାନାଞ୍ଚଳରେ ୧୬ଜଣ, ଖାରବେଳନଗର ଥାନାଞ୍ଚଳରେ ୮୮, ମଞ୍ଚେଶ୍ୱର ୩୫, ନନ୍ଦନକାନନ ଥାନାଞ୍ଚଳରେ ୩ଜଣ, ଶହୀଦନଗର ଥାନାଞ୍ଚଳରେ ୧୦୬, ଲିଙ୍ଗରାଜ ଥାନାଞ୍ଚଳରେ ୭୪ ଓ ତମାଣ୍ଡୋ ଥାନା ଅଞ୍ଚଳରେ ୧୫ଜଣ ବ୍ୟକ୍ତି ବନ୍ଧୁକ ଲାଇସେନ୍ସ ପାଇଛନ୍ତି। ତେବେ ଏସବୁ ଥାନାକୁ ଖୁବ୍ କମ୍ ସଂଖ୍ୟକ ବନ୍ଧୁକ ଫେରିଥିବା ସୂଚନା ମିଳିଛି। ନିର୍ବାଚନ ତାରିଖ ପାଖେଇ ଆସୁଥିବାବେଳେ ଏହା ନିର୍ବାଚନ ସମୟରେ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ଲାଇସେନ୍ସ ପ୍ରଦାନ ସମୟରେ ରହିଥିବା ସର୍ତ୍ତ ଓ ନିୟମାବଳୀକୁ ପାଳନ କରାଯାଉ ନ ଥିବା ମଧ୍ୟ ପୋଲିସର ନଜରକୁ ଆସିଛି।

## ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା
# ୧୮ରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ

**ପୁରୁଣା ଭୁବନେଶ୍ୱର, ୧୪।୩(ଡି.ଏନ.ଏ.)**



ରଥଚକ ନିର୍ମାଣ ପାଇଁ ପହଞ୍ଚିଥିବା ଆମ୍ବ କାଠ।

ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କର ପବିତ୍ର ଅଶୋକାଷ୍ଟମୀ ଅବସରରେ ରୁକୁଣା ରଥଯାତ୍ରା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଜୋରସୋର ପ୍ରସ୍ତୁତି ଚାଲିଛି। ରୁକୁଣା ରଥର ଚକ ନିର୍ମାଣ ପାଇଁ ନୟାଗଡ଼ ବନଖଣ୍ଡରୁ ଆମ୍ବକାଠ ବୁଧବାର ବିଳମ୍ବିତ ରାତିରେ ରଥ ଖଳାରେ ଆସି ପହଞ୍ଚିଛି। ଅନ୍ୟ ଆମ୍ବ ଲଗ୍‌ଗୁଡ଼ିକ କଟକସ୍ଥିତ ଖପୁରିଆ ସ' ମିଲ୍‌କୁ ଚିରଟ ପାଇଁ ପଠାଯାଇଛି। ତେଣୁ ଆସନ୍ତା ୧୮ ତାରିଖରେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ସେବାୟତମାନେ ବିଧିମୁତାବକ ରଥଖଳାରେ କାଠକୁ ପୂଜାର୍ଚ୍ଚନା କରିବା ପରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ଉକ୍ତ ଦିନ ମାହେନ୍ଦ୍ର ବେଳା ଥିବାରୁ କାଠ ପୂଜା ହେବା ସହ ରଥ ନିର୍ମାଣ ପାଇଁ ସର୍ଦ୍ଦାରୀ ମହାରଣା ସେବାୟତ ବଟକୃଷ୍ଣ ମହାରଣା କାର୍ଯ୍ୟ ତୁଲାଇବେ। ଆସନ୍ତା ଏପ୍ରିଲ୍ ୧୩ରେ ଶ୍ରୀଜୀଉଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହେବ।

## ଲେବର ୱାର୍ଡକୁ ଛଡ଼ାଯାଉ ନ ଥିବା ଅଭିଯୋଗ
# କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ଘେରିଲେ ଆଶାକର୍ମୀ

**ଭୁବନେଶ୍ୱର,୧୪।୩ (ବୁ୍ୟରୋ)**

ଆଶାକର୍ମୀମାନେ ବିଭିନ୍ନ ଅଞ୍ଚଳରୁ ଗର୍ଭବତୀ ମହିଳାଙ୍କୁ ପ୍ରସବ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ଆଣୁଛନ୍ତି। ଗର୍ଭବତୀଙ୍କୁ ଲେବର ୱାର୍ଡକୁ ନିଆଯିବା ପରେ ଆଶାକର୍ମୀଙ୍କୁ ପ୍ରବେଶ କରିବାକୁ ଦିଆଯାଉନି। ତେବେ ଗର୍ଭବତୀଙ୍କ ଦେଖାଶୁଣା କରୁଥିବାରୁ ଆବଶ୍ୟକସ୍ଥଳେ ଆଶାକର୍ମୀମାନେ ଉକ୍ତ ୱାର୍ଡ ଭିତରକୁ ଜୋରଜବରଦସ୍ତ ପଶିବାକୁ ଉଦ୍ୟମ କଲେ ହସ୍ପିଟାଲ କର୍ତ୍ତୃପକ୍ଷ ମନା କରିଛନ୍ତି ବୋଲି କହି ନିୟୋଜିତ ସିକ୍ୟୁରିଟି ଗାର୍ଡ ସେମାନଙ୍କୁ ଅଟକାଉଛନ୍ତି। ଏହାକୁ ନେଇ ଗୁରୁବାର ସକାଳେ କ୍ୟାପିଟାଲ ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ବହୁ ଆଶାକର୍ମୀ ହସ୍ପିଟାଲର ନିର୍ଦ୍ଦେଶକଙ୍କ ଅଫିସକୁ ଯାଇ ତାଙ୍କୁ ଦୀର୍ଘସମୟ ଧରି ଘେରାଉ



ଧାରଣାରେ ବସିଥିବା ଆଶାକର୍ମୀ।

କରିଥିଲେ। ଲେବର ୱାର୍ଡକୁ ଯିବାକୁ ସେମାନଙ୍କୁ ଅନୁମତି ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। ହେଲେ ଏ ନେଇ ସରକାରୀ କଟକଣା ରହିଥିବା ହସ୍ପିଟାଲ ନିର୍ଦ୍ଦେଶକ କହିଥିଲେ। ଏହାପରେ ଆଶାକର୍ମୀମାନେ ଲେବର ୱାର୍ଡ ସମ୍ମୁଖରେ ଜଗୁଥିବା ସିକ୍ୟୁରିଟି ଗାର୍ଡ ସେମାନଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ଆଣିଥିଲେ। ଯଦି କୌଣସି ସୁରକ୍ଷାକର୍ମୀ ଏଭଳି କାର୍ଯ୍ୟ କରୁଥିବା ଜଣାପଡିବ ତେବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶକ କହିବା ପରେ ଆଶାକର୍ମୀମାନେ ସେଠାରୁ ଫେରିଥିଲେ।

### କିନ୍ନର ସମ୍ପ୍ରଦାୟ ପାଇଁ ଉଦାହରଣ ସାଜିବେ କାଜଲ
### ଓଡ଼ିଶାରେ ପ୍ରଥମଥର ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇବେ

**ଭୁବନେଶ୍ୱର,୧୪।୩(ବ୍ୟୁରୋ)**

ଓଡ଼ିଶାରେ ପ୍ରଥମଥର ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇବେ ଜଣେ କିନ୍ନର। ଯାଜପୁର ଜିଲାର କାଜଲ କିନ୍ନର ୨୦୧୯ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ହେବେ। ପୂର୍ବରୁ ସାମାଜିକ କର୍ମୀ ଭାବେ ସ୍ଥାନୀୟ ଅଞ୍ଚଳରେ ଲୋକପ୍ରିୟତା ହାସଲ କରିଥିବା କାଜଲ ବହୁଜନ ସମାଜ ପାର୍ଟି(ବିଏସ୍‌ପି) ପକ୍ଷରୁ କୋରେଇ ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ିବେ। କିନ୍ନର ସମ୍ପ୍ରଦାୟ ପାଇଁ ସେ ଉଦାହରଣ ସୃଷ୍ଟି କରିବା ସହ ସମାଜର ବିକାଶ ପ୍ରକ୍ରିୟାରେ ସହାଭାଗୀ ହେବେ ବୋଲି ଓଡ଼ିଶା କିନ୍ନର ମହାସଂଘ ସଭାପତି ମୀରା ପରିଡ଼ା କହିଛନ୍ତି। କିନ୍ନରମାନେ କିଭଳି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ, ସେ ଦିଗରେ କାର୍ଯ୍ୟ କରିବେ ବୋଲି କାଜଲ କିନ୍ନର କହିଛନ୍ତି। ଓଡ଼ିଶା କିନ୍ନର ମହାସଂଘ ପକ୍ଷରୁ ଗୁରୁବାର ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କିନ୍ନର ମହାସଂଘ ସଭାପତି ମୀରା ପରିଡ଼ାଙ୍କ ସହ ଉପସଭାପତି ସ୍ୱିଟି କିନ୍ନର, ସମ୍ପାଦକ ସାଧନା କିନ୍ନର, ମେଘନା ସାହୁ, ମାଧୁରୀ କିନ୍ନର ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱୟଂଶାସିତ କଲେଜ ଅଧକ୍ଷ ସମ୍ମିଳନୀ
# ଗବେଷଣା, ପରୀକ୍ଷା ପଦ୍ଧତିରେ ସଂସ୍କାର ଆଣିବାକୁ ଗୁରୁତ୍ୱ

**ଭୁବନେଶ୍ୱର,୧୪।୩(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟର ମହାବିଦ୍ୟାଳୟ ଉନ୍ନୟନ ପରିଷଦ(ସିଡିସି) ପକ୍ଷରୁ ଗୁରୁବାର ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ହଲ୍‌ରେ ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାକ୍ ମାନ୍ୟତା, ସିବିସିଏସ୍ ପାଠ୍ୟକ୍ରମ, ଗୁଣାତ୍ମକ ଶିକ୍ଷା ଓ ପରୀକ୍ଷା ବ୍ୟବସ୍ଥା, ପିପିପି ପାଠ୍ୟକ୍ରମର ଆବଶ୍ୟକତା ଓ ପରିଚାଳନା, ଶିକ୍ଷକ ପ୍ରଶିକ୍ଷଣ, ନୂତନ ପାଠ୍ୟକ୍ରମ ଓ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ଉପରେ ଅଧକ୍ଷମାନେ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ଶିକ୍ଷାଦାନ ସହ ଗବେଷଣା ଏବଂ ପରୀକ୍ଷା ପଦ୍ଧତିରେ ସଂସ୍କାର ଆଣିବା ଉପରେ ଗୁରୁତ୍ୱ ଦେବାକୁ ଉପସ୍ଥିତ ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଯୋଗଦେଇ ଓଡ଼ିଶାର ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ସଂସ୍କାର ପାଇଁ ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକ ପ୍ରମୁଖ ଭୂମିକା ନିର୍ବାହ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଜି କାଉନ୍‌ସିଲ ଅଧକ୍ଷ ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ ଓ କୁଳସଚିବ ଦୟାନିଧି ନାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସିଡିସି ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ୧୨ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ, ପରୀକ୍ଷା ନିୟନ୍ତ୍ରକ ଓ ୟୁଜିସି ଦାୟିତ୍ୱରେ ଥିବା ଅଧାପକମାନେ ଯୋଗଦେଇଥିଲେ।

# ଆକ୍ରମଣକାରୀଙ୍କୁ ଘଣ୍ଟ ଘୋଡାଉଛି ପୋଲିସ
## ଗିରଫ ଦାବି କଲା ଭୁବନେଶ୍ୱର ସ୍ୱାଭିମାନ ମଞ୍ଚ

**ଭୁବନେଶ୍ୱର,୧୪।୩ (ବୁ୍ୟରୋ)**

ତମାଣ୍ଡୋ ଥାନାଞ୍ଚଳରେ ଗତ ୧୦ ତାରିଖ ରାତି ପ୍ରାୟ ଗୋଟାଏରେ ଭଗବାନ ବେହେରା (୨୫) ନାମକ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ବାହାଘର ଭୋଜି ସାରି ତମାଣ୍ଡୋ ଥାନାଞ୍ଚଳରେ ଥିବା ରୁମ୍‌କୁ ଫେରୁଥିବାବେଳେ ୭ରୁ ୮ଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ଲୁଟ୍‌ପାଟ କରିବାକୁ ଉଦ୍ୟମ କରିଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ଭଗବାନ ଗୁରୁତର ଆହତ ହୋଇଥିଲେ। ପିସିଆର୍ ପୋଲିସ ପହଞ୍ଚି ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପଟାଲ ଓ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରବଳ ମାଡ଼ ଯୋଗୁ ତାଙ୍କର ହନୁହାଡ଼, ଥୋଡ଼ି ହାଡ ଏବଂ ଆଖି ହାଡ଼ ଭାଙ୍ଗି ଯାଇଥିବା ଜଣାପଡିଛି। ଏନେଇ ଅଭିଯୋଗ ସତ୍ତ୍ୱେ ପୋଲିସ ଚୁପ୍ ବସିଛି। ସମ୍ପୃକ୍ତ ଦୁର୍ବୃତ୍ତଙ୍କ ମଧ୍ୟରେ କେତେଜଣ ପେସାଦାର ଅପରାଧୀ ବୋଲି ଜଣାପଡିଛି। ଜଗତପୁର ଓ କଟକ ମାଲ୍‌ଗୋଦାମ ଥାନାରେ ବେଆଇନ ଗୋଚାଲାଣ ଆଦି ମାମଲାରେ ସେମାନେ ଜେଲ୍ ଯାଇଛନ୍ତି। ଏହାସତ୍ତ୍ୱେ ଆକ୍ରମଣକାରୀଙ୍କୁ ପୋଲିସ ଘଣ୍ଟ ଘୋଡ଼ାଇବା ସହ ତଦନ୍ତରେ ଅବହେଳା କରୁଥିବା ଭୁବନେଶ୍ୱର ସ୍ୱାଭିମାନ ମଞ୍ଚ ଅଭିଯୋଗ ଆଣିଛି। ଏଥିସହ ଗୁରୁବାର ଅପରାହ୍ନରେ ମାଷ୍ଟରକ୍ୟାଣ୍ଟିନ ଛକରେ ନୀରବ ପ୍ରତିବାଦ କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରାଯାଇଛି। ମଞ୍ଚ ଆହୁରି ମଧ ଅଭିଯୋଗ ଆଣିଛି ଯେ, ପ୍ରଥମେ ପୋଲିସ ଅଭିଯୋଗକୁ ଗ୍ରହଣ କରୁ ନ ଥିଲା। ଏବେ ଗୁରୁତର ଅବସ୍ଥାରେ ଭଗବାନ ମେଡିକାଲର ସର୍ଜରୀ ବିଭାଗରେ ଚିକିତ୍ସିତ ହେଉଥିବାବେଳେ ପୋଲିସ ଘଟଣାସ୍ଥଳ ଦେଖାଇବାକୁ ଯିବାକୁ କହୁଛନ୍ତି। ଏ ନେଇ ତମାଣ୍ଡୋ ଥାନା ଅଧିକାରୀ ଅନିଲ କୁମାର ବେଉରା କହିଛନ୍ତି, ପୋଲିସ ପକ୍ଷରୁ ଏ ନେଇ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି। ଯୁବକମାନେ ଅଭିଯୋଗ ଦେଇଯିବା ପରେ ପୋଲିସକୁ ସହଯୋଗ କରିବାରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ମାତ୍ର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଚଢ଼ାଉ ଜାରି ରହିଥିବା ସେ କହିଛନ୍ତି।

### ସ୍ତ୍ରୀଙ୍କୁ ମାଡ଼ମାରି ସ୍ୱାମୀ ଗିରଫ

**ଭୁବନେଶ୍ୱର,୧୪।୩ (ବୁ୍ୟରୋ)**

ସ୍ତ୍ରୀଙ୍କୁ ମାଡ଼ ଓ ନାନା ନିର୍ଯାତନା ଦେବା ଅଭିଯୋଗରେ ମହିଳା ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀ ଜିତେନ୍ଦ୍ର ପଣ୍ଡାଙ୍କୁ ଗିରଫ କରିଛି। ଲକ୍ଷ୍ମୀସାଗର ଚିନ୍ତାମଣୀଶ୍ୱର ମନ୍ଦିର ଅଞ୍ଚଳର ଜିତେନ୍ଦ୍ର ଦୀର୍ଘଦିନ ଧରି ସ୍ତ୍ରୀ ସୁନିତାଙ୍କୁ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଗତ ୧୩ ତାରିଖରେ ମଦ୍ୟପାନ କରି ସୁନିତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏ ନେଇ ସୁନିତା ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୧/୧୯ରେ ଏକ ମାମଲା ରୁଜୁ କରିଛି।

# ଶ୍ରୀଲିଙ୍ଗରାଜଙ୍କ ଦେବୀ ପାଦହରା ଯାତ୍ରା



ଠାକୁରଙ୍କୁ ବିମାନରେ ଦେବୀ ପାଦହରା ଯାତ୍ରା ଲାଗି ନିଆଯାଉଛି।

**ପୁରୁଣା ଭୁବନେଶ୍ୱର, ୧୪।୩(ଡି.ଏନ.ଏ.)**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଗୁରୁବାର ସନ୍ଧ୍ୟାରେ ଦେବୀ ପାଦହରା ଯାତ୍ରା ସମ୍ପନ୍ନ ହୋଇଛି। ସନ୍ଧ୍ୟା ଧୂପ ପରେ ଶ୍ରୀଜୀଉମାନେ ବିମାନ ଓ ପାଲିଙ୍କିରେ ଦେବୀପାଦ ହରାକୁ ଯାତ୍ରା କରିଥିଲେ। ସେଠାରେ ମହାଦେବଙ୍କ ସମ୍ମୁଖରେ ଖଟୁଲିରେ ଅବସ୍ଥାନ କରିଥିଲେ। ପରେ ପତ୍ରୀ ସେବକ ଆଣିଥିବା ଗଡୁ ପାଣିକୁ ପୂଜାପଣ୍ଡା ସେବକ ସଂସ୍କାର କରିଥିଲେ। ଠାକୁରଙ୍କ ଓଲାଗି ହୋଇଥିଲା। ପରେ ବେଶ ଓ ପଞ୍ଚ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ଶେଷରେ ମହାଦେବଙ୍କ ସହ ଭେଟ ଆଳତି ସମାପନ ପରେ ଠାକୁର ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ମନ୍ଦିର ବଡସିଂହାର ପୂଜା କରାଯାଇ ପହୁଡ ପଡିଥିଲା।



ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣପୁରରେ ଗୁରୁବାର ଶ୍ରୀ ସ୍ୱପ୍ନେଶ୍ୱର ଦେବଙ୍କ ୩୧ତମ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ବାହାରିଥିବା କଳସ ଶୋଭାଯାତ୍ରା।

## ଅଭିନେତ୍ରୀ ନିକିତା ମୃତ୍ୟୁ ମାମଲା
# ଶାଶୁ, ଶ୍ୱଶୁରଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ

**କଟକ ଅଫିସ, ୧୪।୩:** ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ବେହେରା ଓରଫ ନିକିତାଙ୍କ ମୃତ୍ୟୁ ମାମଲାରେ ତାଙ୍କ ଶାଶୁ କୁନ୍ତଳା ଓ ଶ୍ୱଶୁର ଲିଙ୍ଗରାଜ ସାହୁଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ ମିଳିଛି। ଜାମିନ ମିଳିଥିଲେ ମଧ ଆବଶ୍ୟକ ସ୍ଥଳେ ଉଭୟ ଶାଶୁ ଓ ଶ୍ୱଶୁର ତଦନ୍ତରେ ପୋଲିସକୁ ସହଯୋଗ କରିବା ପାଇଁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଏପ୍ରିଲ ୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉ କି, ଗତ ଜାନୁୟାରୀ ୪ ତାରିଖ ରାତିରେ ନିକିତା ତାଙ୍କ ବାପଘର ଛାତ ଉପରୁ ତଳକୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାରେ ପୋଲିସ ନିକିତାଙ୍କ ସ୍ୱାମୀ ଲିପନ ସାହୁଙ୍କୁ ଗିରଫ କରିବା ସହିତ ଶାଶୁ ଓ ଶ୍ୱଶୁରଙ୍କ ନାମରେ ମାମଲା ରୁଜୁ କରିଥିଲା।

## ଭାଇରାଲ ହେଲା ଅଭିଯୁକ୍ତଙ୍କ ଅଡିଓ
# ଜବତ ହେଲା ଗଞ୍ଜେଇ, ଦର୍ଶାଗଲା ଦେଶୀମଦ

**ଭୁବନେଶ୍ୱର,୧୪।୩(ବୁ୍ୟରୋ)**

- କୋହଳ ଦଫା ପାଇଁ ୫୦ ହଜାର ଲାଞ୍ଚ
- ୩୦ହଜାର ଟଙ୍କା ଚଲୁ ଅଭିଯୋଗ ଆଣି ଥାନାରେ ହୋହଲ୍ଲା
- ମଧସ୍ଥ ସାଜିଛନ୍ତି ଡ୍ରାଇଭର, ଦଲାଲ

ବେଆଇନ ଦେଶୀ ମଦ କାରବାର ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଗତ ୧ ତାରିଖରେ ଚକ୍ରଧର ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ସେ ଜାମିନରେ ଆସିବା ପରେ ପୋଲିସ ବିରୋଧରେ ନାନା ଅଭିଯୋଗ ଆଣିଛନ୍ତି। ଏବେ ଭାଇରାଲ ହୋଇଥିବା ଏକ ଅଡିଓରେ ପୋଲିସର ଅନେକ ଗୁମର ଖୋଲିଛନ୍ତି ଚକ୍ରଧର। ପୋଲିସ ସହଯୋଗରେ ସେ କିପରି ନିଶା କାରବାର କରୁଥିଲେ, ଲାଞ୍ଚ ନେଇ ପୋଲିସ କିପର କୋହଳ ଦଫା ଲଗାଇ ଗିରଫ କରିଥିଲା ସେସମ୍ପର୍କରେ କହିଛନ୍ତି। ଅନ୍ୟପକ୍ଷରେ ଚକ୍ରଧରଙ୍କୁ ଗିରଫ ସମୟରେ ତାଙ୍କ ନିକଟରେ ୩୦ହଜାର ଟଙ୍କା ଥିଲା। ପୋଲିସ ତାହାକୁ ନେଇଥିଲେ ମଧ ଜବତ ତାଲିକାରେ ପକାଇ ନ ଥିଲା। ତେବେ ସେ ଜାମିନରେ ଆସିବା ପରେ ଗତ ୨ ଦିନ ତଳେ ଥାନାକୁ ଯାଇ ଉକ୍ତ ଟଙ୍କା ଦାବି କରି ନିରାଶ ହୋଇଥିଲେ। ଏହାକୁ ନେଇ ସେ ଥାନାରେ ହୋହଲ୍ଲା କରିବାରୁ ଘଟଣା ପଦାକୁ ଆସିଥିଲା।

ଚକ୍ରଧର ପଟିଆ କଲେଜ ନିକଟରେ ବାବା ଜଳେଶ୍ୱର ନାମକ ଏକ ହୋଟେଲ କରିଛନ୍ତି। ତାଙ୍କ କହିବାନୁସାରେ, ଉକ୍ତ ହୋଟେଲରେ ସେ ୯ବର୍ଷ ହେବ ନିଶା ବ୍ୟବସାୟ କରି ଆସୁଛନ୍ତି। ଏଥିପାଇଁ ସେ ସ୍ଥାନୀୟ ପୋଲିସକୁ ନିୟମିତ ମାସିକ ୨୦ହଜାର ଟଙ୍କା ଚାନ୍ଦା ଦେଇଥାନ୍ତି। ନିର୍ବାଚନ ପାଇଁ କମିଶନରେଟ ପୋଲିସରେ ବଡ଼ ଧରଣର ବଦଳି ପରେ ଇନ୍‌ଫୋସିଟି ଥାନାର ପୁରୁଣା କର୍ମଚାରୀ ଆଉ ନାହାନ୍ତି। ତେଣୁ ନୂଆ ଅଧିକାରୀ ଓ କର୍ମଚାରୀଙ୍କ ସହ ସମ୍ପର୍କ ବଢ଼ାଇବା ପାଇଁ ଥାନାର ଜଣେ ଡ୍ରାଇଭରଙ୍କ ସହ ସେ ଯୋଗସୂତ୍ର ରଖିଥିଲେ। ଏପରିକି ତାଙ୍କ ସହ ଥାନାକୁ ଯାଇ ପୋଲିସ ଅଫିସରଙ୍କ ସହ ଡିଲ୍ କରିଥିଲେ। ହେଲେ ଆଗକୁ ନିର୍ବାଚନ ଥିବାରୁ ପୋଲିସ କମିଶନରଙ୍କ କଡା ନିର୍ଦ୍ଦେଶ ଥିବାରୁ ବେପାର କରିହେବ ନାହିଁ ବୋଲି ପୋଲିସ କହିଥିଲା। ଏହାସତ୍ତ୍ୱେ ଚକ୍ରଧର ନିଜ ହୋଟେଲରେ ଗଞ୍ଜେଇ ବ୍ୟବସାୟ ଜାରି ରଖିଥିଲେ। ଗତ ଫେବୃୟାରୀ ୨୮ରେ ପୋଲିସ ଚଢ଼ାଉ କରି ୧୦ କେଜି ଗଞ୍ଜେଇ ଜବତ କରିବା ସହ ଚକ୍ରଧରକୁ ଥାନାକୁ ନେଇଥିଲା। ଏହାକୁ ନେଇ ଥାନାରେ ପୋଲିସ ତାଙ୍କ ସହ ଡିଲ୍ କରିଥିଲା। ୧ ଲକ୍ଷ ଟଙ୍କା ଦେଲେ ଛାଡ଼ିଦିଆଯିବ ବୋଲି କହିବାରୁ ଶେଷରେ ୫୦ହଜାର ଟଙ୍କାରେ କଥା ଛିଣ୍ଡିଥିଲା। ଟଙ୍କା ପାଇବା ପରେ ୧୧ ଲିଟର ଦେଶୀ ମଦ ଜବତ ହୋଇଥିବା ଦର୍ଶାଇ ମାମଲା(ନଂ.୪୭/୧୯) ରୁଜୁ କରି ତାଙ୍କୁ ୧ ତାରିଖରେ କୋର୍ଟ ଚାଲାଣ କରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି ଚକ୍ରଧର କେବଳ ଗଞ୍ଜେଇ ବେପାର କରୁଥିବା କହୁଥିବାବେଳେ ପୋଲିସ କିପରି ଦେଶୀମଦ ଜବତ କରିଥିବା ମାମଲାରେ ଦର୍ଶାଇଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଇନ୍‌ଫୋସିଟି ଥାନା ଅଧିକାରୀ ବିଶ୍ୱଜିତ୍ ମହାନ୍ତି କହିଛନ୍ତି, ପୂର୍ବରୁ ଥାନାରେ ଥିବା ଅଫିସରମାନେ ଚକ୍ରଧରଙ୍କଠାରୁ ଟଙ୍କା ନେଇ ଗଞ୍ଜେଇ ବେପାର କରିବାକୁ ପ୍ରୋତ୍ସାହନ ଦେଉଥିଲେ। ଏବେ ସେ ଆମକୁ ବେଆଇନ ନିଶା ବ୍ୟବସାୟ କରିବା ପାଇଁ କହୁଥିଲେ। ହେଲେ ମୁଁ ମନା କରିବାରୁ ସେ ଏଭଳି ମିଛ ଅଭିଯୋଗ ଆଣିଛନ୍ତି। ପୋଲିସ ତାଙ୍କଠାରୁ କିଛି ଲାଞ୍ଚ ନେଇନାହିଁ। ଏହା ସମ୍ପୂର୍ଣ୍ଣ ମିଛ ବୋଲି ସେ କହିଛନ୍ତି।

# ବଢୁଛି ସସ୍‌ପେନ୍ସ

ଦୀନେଶ ଦାସ
ଓଡ଼ାପଡ଼ା, ୧୪।୩

ଢେଙ୍କାନାଳ ଜିଲାର ଅନ୍ୟତମ ପ୍ରମୁଖ ନିର୍ବାଚନମଣ୍ଡଳୀ ହେଉଛି ହିନ୍ଦୋଳ। ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ଏହି ବିଧାନସଭା କ୍ଷେତ୍ରର ଆଶାୟୀମାନେ ଆରମ୍ଭ କରିଛନ୍ତି ଅଙ୍କକଷା। ସମସ୍ତଙ୍କ ଲାଗି ଏବେ ଟିକେଟ ହାତେଇବା ପ୍ରମୁଖ ପ୍ରସଙ୍ଗ ପାଲଟିଛି। ଆଶାୟୀଙ୍କ ସଂଖ୍ୟା ଦଳୀୟ ମୁଖିଆଙ୍କ ମୁଣ୍ଡବ୍ୟଥା ବଢ଼ାଇଥିବାବେଳେ କିଏ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବ କିଏ ବାଦ୍ ପଡ଼ିବ ତାକୁ ନେଇ ସସ୍‌ପେନ୍ସ ବଢ଼ିବାରେ ଲାଗିଛି।

ବିଜୁ ଜନତା ଦଳ (ବିଜେଡି) ପ୍ରତିଷ୍ଠା ହେବା ଦିନଠାରୁ ଏହି ଆସନକୁ ଦଖଲରେ ରଖି ଆସିଛି। ଚଳିତ ନିର୍ବାଚନରେ ମଧ୍ୟ ଗଡ଼ରକ୍ଷା କରିବାକୁ ରଣକୌଶଳ ପ୍ରସ୍ତୁତ କରୁଛି ଦଳ। ହେଲେ ଗତ ନିର୍ବାଚନଠାରୁ ଏବେ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ବିଧାୟିକା ସୀମାରାଣୀ ନାୟକଙ୍କ ସମେତ ଟିକେଟ ଦୌଡ଼ରେ ଡଜନେରୁ ଊର୍ଦ୍ଧ୍ୱ ଆଶାୟୀ ଅଛନ୍ତି। ସୀମାରାଣୀ ଦ୍ୱିତୀୟ ଥର ଟିକେଟ ପାଇବାକୁ ଆଶା ରଖିଥିବାବେଳେ ଏହା ସେତେଟା ସହଜ ହେବନାହିଁ ବୋଲି ତାଙ୍କ ନିକଟତମ ମହଲରୁ ଶୁଣିବାକୁ ମିଳୁଛି। ଏ ନେଇ ବିଧାୟିକା କୁହନ୍ତି, ସବୁ ଦୃଷ୍ଟିକୋଣରୁ ନିର୍ବାଚନ ଲାଗି ସେ ପ୍ରସ୍ତୁତ ଅଛନ୍ତି। ବିଜେଡି ସଭାପତିଙ୍କ ନିଷ୍ପତ୍ତି ଏବଂ ନିର୍ଦ୍ଦେଶ ଅନୁଯାୟୀ ସେ କାର୍ଯ୍ୟ କରିବେ। ଟିକେଟକୁ ନେଇ ଦ୍ୱନ୍ଦ୍ୱ ଛିଣ୍ଡୁ ନ ଥିବାବେଳେ ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରାଙ୍କ ନାମ ଚର୍ଚ୍ଚାର ପରିସରକୁ ଆସିଛି। ସେ ବିଜେଡି ଟିକେଟରୁ ପୁଣିଥରେ ଭାଗ୍ୟ ପରୀକ୍ଷା କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଅଞ୍ଜଳି ୨୦୦୦ରୁ କ୍ରମାଗତ ୩ଥର ବିଜେଡିରୁ ଲଢ଼ି ବିଜୟୀ ହେବା ସହ କ୍ୟାବିନେଟ ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ୨୦୧୨ ମିଡ୍‌ନାଇଟ ଅପରେଶନରେ ସନ୍ଦେହ ବଳୟକୁ ଆସିଥିବା ଅଞ୍ଜଳିଙ୍କୁ ୨୦୧୪ରେ ବିଜେଡି ଟିକେଟ ମିଳି ନ ଥିଲା। ସେ ସ୍ୱାଧୀନ ଭାବେ ଲଢ଼ି ମାତ୍ର ୧୨, ୩୦୪ ଖଣ୍ଡ ଭୋଟ ପାଇ ୪ର୍ଥ ସ୍ଥାନରେ ରହିଥିଲେ। ଏହା ପରେ ସେ ପୁଣି ବିଜେଡିରୁ ଟିକେଟ ପାଇବାକୁ ଲବି ଆରମ୍ଭ କରିଛନ୍ତି। ଏଥିରେ ବିଫଳ ହେଲେ ସେ ଅନ୍ୟ କୌଣସି ଦଳରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ତେବେ ଅନ୍ୟ ଦଳରୁ ଲଢ଼ିବାକୁ ସିଧାସଳଖ ମନା କରିଛନ୍ତି ଅଞ୍ଜଳି। ଅଞ୍ଜଳି କୁହନ୍ତି, ସେ ବିଜେଡି ଟିକେଟ ଲାଗି ଆବେଦନ କରିଛନ୍ତି। ଟିକେଟ ମିଳିଲେ ସେ ନିର୍ବାଚନ ଲଢ଼ିବେ, ଯଦି ନ ମିଳେ ତା' ହେଲେ ଅନ୍ୟ କୌଣସି ଦଳରୁ କିମ୍ବା ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାର ପ୍ରଶ୍ନ ଉଠୁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ସେହିପରି ପୂର୍ବତନ ଜିଲା ପରିଷଦ ସଭାନେତ୍ରୀ ରେବତୀ ବେହେରା, ଆଇନଜୀବୀ କବିତାଞ୍ଜଳି ବେହେରା, ନମିତା ନାଏକ ମଧ୍ୟ ବିଜେଡି ଟିକେଟ ଲାଗି ଜୋରସୋର୍ ଲବିରେ ଅଛନ୍ତି। ୨୦୦୯ ବିଧାନସଭା ନିର୍ବାଚନରେ ରେବତୀ କଂଗ୍ରେସରୁ ପ୍ରାର୍ଥୀ ହୋଇ ୪୫,୨୫୨ ଭୋଟ ପାଇ ୨ୟ ସ୍ଥାନରେ ଏବଂ ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ନମିତା ୩୦,୯୭୮ ଭୋଟ୍ ପାଇ ୩ୟ ସ୍ଥାନରେ ରହିଥିଲେ। ଉଭୟେ କଂଗ୍ରେସ ଦଳରୁ ଆସି ବିଜେଡିରେ ମିଶିଛନ୍ତି। କବିତାଞ୍ଜଳି ୨୦୦୪ରୁ ବିଜେଡିରେ ଅଛନ୍ତି। ନିଜ ନିଜର ସଙ୍ଗଠନକୁ ନେଇ ସମସ୍ତେ ବିଜେଡି ଟିକେଟ ପାଇବା ଲାଗି ଆଶାବାଦୀ। ସେହିପରି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ତ୍ରିନାଥ ନାୟକଙ୍କ ଝିଅ ତଥା ଅଞ୍ଜଳି ବେହେରାଙ୍କ ଭଉଣୀ ସସ୍ମିତା ନାୟକ, ପୂର୍ବତନ କଂଗ୍ରେସ ବିଧାୟକ ରବିନାରାୟଣ ନାଏକ, ଢେଙ୍କାନାଳର ପୂର୍ବତନ ନଗରପାଳ ଇନ୍ଦ୍ରମଣି ବେହେରା, କୈଳାସ ନାଏକ ମଧ୍ୟ ଏହି ଦୌଡ଼ରେ ସାମିଲ ହୋଇଛନ୍ତି।

ଭାଜପା ପକ୍ଷରୁ ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ନାମ ସୁନିଶ୍ଚିତ ମନେକରାଯାଉଛି। ଏ ନେଇ ସେ କହୁନ୍ତି, ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ସାଙ୍ଗଠନିକ କାର୍ଯ୍ୟ, ଲୋକସମ୍ପର୍କ ଏବଂ ଲୋକ ସମସ୍ୟାକୁ ନେଇ ସେ କାର୍ଯ୍ୟ କରୁଛନ୍ତି। ପଞ୍ଚାୟତ ନିର୍ବାଚନରେ ଜିଲା ପରିଷଦ ଭୋଟରେ ବିଜେଡିଠାରୁ ଭାଜପା ୭୦୦୦ରୁ ଊର୍ଦ୍ଧ୍ୱ ଭୋଟ ପାଇଛି। ଟିକେଟ ପାଇବା ଲାଗି ସେ ଶତପ୍ରତିଶତ ଆଶାବାଦୀ ଅଛନ୍ତି। ଚଳିତ ବିଧାନସଭା ନିର୍ବାଚନରେ ହିନ୍ଦୋଳ ବିଧାନସଭା କ୍ଷେତ୍ରରୁ ଭାଜପା ବିଜୟୀ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।ସେହିପରି କଂଗ୍ରେସରୁ ପୂର୍ବତନ ଜିଲା ପରିଷଦ ସଭ୍ୟା ମମତାଞ୍ଜଳି ବେହେରା, ବାମଦେବ ନାଏକ, ଦିବାକର ନାଏକ ଆଶାୟୀ ଅଛନ୍ତି। ଏ ନେଇ ମମତାଞ୍ଜଳି କୁହନ୍ତି, ଟିକେଟ ପାଇବା ଲାଗି ସେ ଆବେଦନ କରିଛନ୍ତି। ତାଙ୍କ ସହ ଆଉ ୨ଜଣ ମଧ୍ୟ ଆଶାୟୀ ଅଛନ୍ତି। ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି।




| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ସୀମାରାଣୀ ନାୟକ | ୮୪,୩୫୧ |
| ଭାଜପା | ଲକ୍ଷ୍ମୀଧର ବେହେରା | ୩୩,୮୫୨ |
| କଂଗ୍ରେସ | ନମିତା ନାଏକ | ୩୦,୯୭୮ |
| ସ୍ୱାଧୀନ | ଅଞ୍ଜଳି ବେହେରା | ୧୨,୩୦୪ |

## ନିର୍ବାଚନମଣ୍ଡଳୀ ରୂପରେଖ

ହିନ୍ଦୋଳ ବ୍ଲକ ଅଧୀନ ୩୬ ଏବଂ ଓଡ଼ାପଡ଼ା ବ୍ଲକ୍‌ର ୨୮ ପଞ୍ଚାୟତକୁ ନେଇ ହିନ୍ଦୋଳ ନିର୍ବାଚନମଣ୍ଡଳୀ ଗଠିତ। ଏହି ବିଧାନସଭା ଆସନ ଅନୁସୂଚିତ ଜାତିବର୍ଗ ଲାଗି ସଂରକ୍ଷିତ ରହିଛି।

## ଭୋଟର ସଂଖ୍ୟା

| | |
|---|---|
| ମୋଟ ଭୋଟର | ୨,୪୯,୬୪୧ |
| ପୁରୁଷ | ୧,୩୦,୬୯୪ |
| ମହିଳା | ୧,୧୮,୧୪୬ |
| ସର୍ଭିସ ଭୋଟର | ୭୭୯ |
| ଅନ୍ୟାନ୍ୟ | ୨୨ |


ସୀମାରାଣୀ ନାୟକ


ରେବତୀ ବେହେରା


ଅଞ୍ଜଳି ବେହେରା


ଲକ୍ଷ୍ମୀଧର ବେହେରା


ମମତାଞ୍ଜଳି ବେହେରା


ନମିତା ନାୟକ


କବିତାଞ୍ଜଳି ବେହେରା

# ରଣନୀତି ପ୍ରସ୍ତୁତିରେ ଲାଗିଛନ୍ତି ଆଶାୟୀ

ମହେନ୍ଦ୍ର କୁମାର ସାହୁ
କୁଆଁରମୁଣ୍ଡା, ୧୪।୩

ଭୌଗୋଳିକ ଦୃଷ୍ଟିକୋଣରୁ ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ସୁନ୍ଦରଗଡ଼ ଜିଲାର ସୀମାନ୍ତବର୍ତ୍ତୀ ଝାଡ଼ଖଣ୍ଡ ରାଜ୍ୟକୁ ଲାଗିଛି। ଏହି ନିର୍ବାଚନମଣ୍ଡଳୀ ବୀରମିତ୍ରପୁର ପୌରପାଳିକା ସମେତ କୁଆଁରମୁଣ୍ଡା, ନୂଆଗାଁ ଓ ବିଶ୍ରା ବ୍ଲକକୁ ନେଇ ଗଠିତ। ରାଉରକେଲା ଓ ରଘୁନାଥପାଲୀ ନିର୍ବାଚନମଣ୍ଡଳୀକୁ ଲାଗିଥିବାରୁ ଏହି ଆସନ ପାଇଁ ରାଉରକେଲା ନେତାଙ୍କ ହସ୍ତକ୍ଷେପ ରହିଛି। ଆଗାମୀ ନିର୍ବାଚନ ଲାଗି ସବୁଦଳରେ ଟିକେଟ ଆଶାୟୀଙ୍କ ଭିଡ ଲାଗିଛି। ସେଥିରୁ ବିଜେଡିରେ ଆଶାୟୀଙ୍କ ସଂଖ୍ୟା ସର୍ବାଧିକ ବୋଲି ଜଣାପଡ଼ିଛି।

ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଏବେ ବିଧାୟକ ଭାବେ ଜର୍ଜ ତିର୍କୀ ଅଛନ୍ତି। ୨୦୧୪ ନିର୍ବାଚନରେ ସେ ସମତାକ୍ରାନ୍ତି ଦଳରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ଜର୍ଜ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଶଙ୍କର ଓରାମଙ୍କୁ ୧୧ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ୩ୟ ସ୍ଥାନରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ଥିବାବେଳେ ୪ର୍ଥ ସ୍ଥାନରେ ଥିଲା ବିଜେଡି। ଜର୍ଜ ଏହି ନିର୍ବାଚନମଣ୍ଡଳୀରୁ ୪ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ହେଲେ ନିର୍ବାଚନମଣ୍ଡଳୀରେ ସେଭଳି କିଛି ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇନାହିଁ ବୋଲି ବିରୋଧୀମାନେ କହୁଛନ୍ତି। ବିଏସ୍ଏଲ୍ କମ୍ପାନୀଠାରୁ ଆରମ୍ଭ କରି ଆଧୁନିକ ମେଟାଲିକ୍ସ ସମେତ କେତେକ କଳକାରଖାନା ବନ୍ଦ ହୋଇପଡିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ବେକାରି ସମସ୍ୟା ବୃଦ୍ଧି ପାଉଛି ବୋଲି ସ୍ଥାନୀୟ ଲୋକେ ମତବ୍ୟକ୍ତ କରିଛନ୍ତି । ଜର୍ଜ ଗତ କିଛିଦିନ ତଳେ କଂଗ୍ରେସରେ ଯୋଗ ଦେଇଥିବାରୁ ତାଙ୍କୁ ଦଳ ସୁନ୍ଦରଗଡ଼ ଲୋକ ସଭା ପାଇଁ ଟିକେଟ୍ ଦେବାକୁ ଘୋଷଣା କରିଛି। ଏହି ପରିପ୍ରେକ୍ଷୀରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀରୁ କଂଗ୍ରେସର ସମ୍ଭାବ୍ୟ ପ୍ରାର୍ଥୀ କିଏ ହେବେ ତାହା ଜର୍ଜଙ୍କ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରୁଥିବା କଂଗ୍ରେସ ନେତାମାନେ ମତ ଦେଇଛନ୍ତି। ଏଠାରେ ଗତ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ପୂର୍ବତନ ବିଧାୟକ ରେମିଶ କେର୍କେଟାଙ୍କ ପୁଅ ରାଜେଶ କେର୍କେଟା ମଧ୍ୟ ଆଶାୟୀ ଅଛନ୍ତି। ରାଜେଶ କହନ୍ତି, ଏହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟାର ସମାଧାନ ଦାବିନେଇ ସେ ଲଗାତାର ଆନ୍ଦୋଳନ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ତାଙ୍କୁ ଦଳ ଟିକେଟ ଦେଲେ ସେ ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି। ଅନ୍ୟ ଆଶାୟୀଙ୍କ ମଧ୍ୟରେ ଜର୍ଜଙ୍କ ଅନୁଗତ କୁଆଁରମୁଣ୍ଡା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷା ସୁଷମା ନାଏକ, ସୁଲେମାନ କାଉଡିଆ, ପଟେଲ ବାର୍ଲା ଓ ସୁଶୀଲ କିଣ୍ଡୋ ନିଜ ନିଜ ସ୍ତରରେ ଟିକେଟ ପାଇଁ ଲବି ଆରମ୍ଭ କରୁଛନ୍ତି।

ସେହିପରି ଭାଜପା ଟିକେଟ୍ ପାଇଁ ରଘୁନାଥପାଲୀ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଶଙ୍କର ଓରାମ ଆଶାୟୀ ଅଛନ୍ତି । ଏବେ ଠୁ ସେ ନିର୍ବାଚନମଣ୍ଡଳୀରେ ପ୍ରଚାର କାର୍ଯ୍ୟ ଚାଲୁ ରଖିଛନ୍ତି। ଗତ ନିର୍ବାଚନରେ ୨ୟ ସ୍ଥାନରେ ଥିବାରୁ ତାଙ୍କୁ ଏଥର ପ୍ରାର୍ଥୀ କରାଗଲେ ଦଳ ବିଜୟ ଲାଭ କରିବ ବୋଲି ଶଙ୍କର କହିଛନ୍ତି। ଭାଜପା ଜିଲା ମହିଳା ସଭାନେତ୍ରୀ ପୂର୍ଣ୍ଣିମା କେର୍କେଟା ପ୍ରାର୍ଥୀ ଦୌଡରେ ଥିବା ଆଲୋଚନା ହେଉଛି।

ତେବେ ବିଜେଡି (ବିଜୁ ଜନତା ଦଳ) ସ୍ଥିତି ପୂର୍ବାପେକ୍ଷା ଭଲ ଅଛି ବୋଲି ଦଳୀୟ ନେତାମାନେ ଦାବି କରିଛନ୍ତି । ଗତ ପଞ୍ଚାୟତ ନିର୍ବାଚନରେ ଜର୍ଜଙ୍କ ଗଡ଼ କୁହାଯାଉଥିବା କୁଆଁରମୁଣ୍ଡା ଓ ନୂଆଗାଁ ବ୍ଲକରେ ବିଜେଡି ପ୍ରାର୍ଥୀମାନେ ବିଜୟ ଲାଭ କରିଥିଲେ । ଉଭୟ ପଞ୍ଚାୟତ ସମିତି ଓ ବୀରମିତ୍ରପୁର ପୌରପାଳିକା ବିଜେଡି ଦଖଲରେ ଅଛି। ସବୁଦୃଷ୍ଟିରୁ ବିଧାୟକ ସିଟ୍ ହାତେଇବା ପାଇଁ ବିଜେଡିର ସ୍ଥିତି ପୂର୍ବାପେକ୍ଷା ଅଧିକ ସୁଦୃଢ ଅଛି ବୋଲି ସେମାନେ ସ୍ପଷ୍ଟ କରିଛନ୍ତି । ଏସବୁ ଦୃଷ୍ଟିରୁ ବିଜେଡି ପକ୍ଷରୁ ଅନେକ ନୂଆ ଚେହେରା ସାମ୍ନାକୁ ଆସିଛନ୍ତି। ବିଶେଷକରି କୁଆଁରମୁଣ୍ଡା ବ୍ଲକ ବିଜେଡି ସଭାପତି ତଥା ଡୁମେରଯୋର ସମିତି ସଭ୍ୟ ରାଜେନ୍ଦ୍ର କୁଜୁର ଆଗରେ ଅଛନ୍ତି। ସେ ତୃଣମୂଳସ୍ତରରେ ସଭା, ସମିତି ଆୟୋଜନ କରୁଛନ୍ତି। ବୁଥସ୍ତରୀୟ କମିଟି ଗଠନ କରି ବିଜେଡି ପ୍ରତି ଲୋକଙ୍କ ସହାନୁଭୂତି ବୃଦ୍ଧି କରିଚାଲିଛନ୍ତି। ସେ କହନ୍ତି, ଚଳିତ ନିର୍ବାଚନରେ ବୀରମିତ୍ରପୁରରୁ ବିଜେଡିକୁ ଜିତାଇବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତିକୁ ଜୋରଦାର କରାଯିବ। ଦଳ ନିର୍ମଳ ଭାବମୂର୍ତ୍ତି ଥିବା ଉଚ୍ଚ ଶିକ୍ଷିତ ଯୁବକଙ୍କୁ ପ୍ରାର୍ଥୀ କରାଇଲେ ନିର୍ବାଚନ ଜିଣିବା କଷ୍ଟକର ହେବ ନାହିଁ। ସେହିପରି ଅନ୍ୟତମ ଆଶାୟୀ ଭାବେ ସୁନ୍ଦରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କାଙ୍କ ନାମ ଚର୍ଚ୍ଚା ହେଉଛି। ଏ ନେଇ ତାଙ୍କୁ ଯୋଗାଯୋଗ କରାଯିବାରୁ ସେ ଟିକେଟ୍ ଦୌଡରେ ନ ଥିବା କହିଛନ୍ତି। ମାତ୍ର ଦଳ ଯଦି ତାଙ୍କୁ ଚାହେଁ ତେବେ ସେ ପ୍ରାର୍ଥୀ ହେବେ ବୋଲି କହିଛନ୍ତି। ଅନ୍ୟ ଆଶାୟୀଙ୍କ ମଧ୍ୟରେ ପୂର୍ବତନ ବିଧାୟକ ନିହାର ସୁରିନ, ନୂଆଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ମକଲୁ ଏକ୍କା ରହିଛନ୍ତି। ବହୁମୁଖୀ ସମବାୟ ସମିତିରେ ଚାକିରି କରୁଥିବା ଜନୈକ କର୍ମଚାରୀ ମଧ୍ୟ ବିଜେଡି ଟିକେଟ ଦୌଡରେ ଥିବା ପ୍ରଚାର ଚଳାଇଛନ୍ତି। ଜେଏମ୍ଏମ୍ ପକ୍ଷରୁ ସେବିଆନ ଆଇନ୍ଦ ମଧ୍ୟ ଏଥର ଦଳୀୟ ପ୍ରାର୍ଥୀ ହେବା ନେଇ ଆଲୋଚନା ଚାଲିଛି। କଂଗ୍ରେସ ଓ ଜେଏମ୍ଏମ୍ ମଧ୍ୟରେ ମେଣ୍ଟ ହୋଇଛି। ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ଯେଉଁ ଦଳ ଭାଗରେ ପଡିବ ସେହି ଦଳର ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଆଲୋଚନା ହେଉଛି ।

## ମୋଟ ଭୋଟର ସଂଖ୍ୟା

୨,୧୩,୦୮୭


ମହିଳା–୧,୦୩,୯୪୮

ପୁରୁଷ–୧,୦୯,୧୩୯


ରାଜେନ୍ଦ୍ର କୁଜୁର


ରାଜେଶ କେର୍କେଟା


ଶଙ୍କର ଓରାମ




| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ସମତାକ୍ରାନ୍ତି | ଜର୍ଜ ତିର୍କୀ | ୪୬,୧୧୪ |
| ଭାଜପା | ଶଙ୍କର ଓରାମ | ୩୪,୧୬୭ |
| ଜେଏମ୍ଏମ୍ | ସେବିଆନ ଆଇନ୍ଦ | ୨୭,୮୪୯ |
| ବିଜେଡି | ମାଗଦାଲି କୋନଗାଡି | ୨୫,୧୫୮ |
| କଂଗ୍ରେସ | ରାଜେଶ କେର୍କେଟା | ୧୩,୦୦୬ |

# ଗଡ଼ ବଞ୍ଚାଇବାକୁ ଉଦ୍ୟମ

ଅଜିତ୍ କୁମାର ବାରିକ
ବୌଦ୍ଧ,୧୪।୩(ସ୍ୱ.ପ୍ର.)

୨୦୦୯ ମସିହା ସୀମା ନିର୍ଦ୍ଧାରଣ ପରେ ବୌଦ୍ଧ ନିର୍ବାଚନମଣ୍ଡଳୀ ହରଭଙ୍ଗା ବ୍ଲକର ୨୨ ପଞ୍ଚାୟତ, ବୌଦ୍ଧ ବ୍ଲକର ୧୧ ପଞ୍ଚାୟତ ଓ ବୌଦ୍ଧ ଏନ୍ଏସିକୁ ଗଠିତ ହୋଇଛି । ବୌଦ୍ଧ ହେଉଛି ଏକ କୃଷିପ୍ରଧାନ ଜିଲା । ଏହି ନିର୍ବାଚନମଣ୍ଡଳୀରେ ଜଳସେଚନ, ଶିକ୍ଷା, ଗମନାଗମନ, ପାନୀୟ ଜଳ ଓ ସ୍ୱାସ୍ଥ୍ୟ ଭଳି ପ୍ରମୁଖ ସମସ୍ୟା ରହିଛି । ବୌଦ୍ଧ ଦେଇ ମହାନଦୀ ବହିଯାଇଥିଲେ ମଧ୍ୟ ଏହି ନିର୍ବାଚନମଣ୍ଡଳୀରେ ପାନୀୟ ଜଳ ସମସ୍ୟା ମୁଣ୍ଡବ୍ୟଥାର କାରଣ ହୋଇ ସାଜିଛି।


ବର୍ତ୍ତମାନର ବିଧାୟକ ତଥା ବାଚସ୍ପତି ପ୍ରଦୀପ କୁମାର ଅମାତ ୨୦୦୪ରୁ ବିଜୟୀ ହୋଇଆସୁଛନ୍ତି । ତାଙ୍କୁ ଖଣି, ସ୍ୱାସ୍ଥ୍ୟ ଓ ଅର୍ଥମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିଛି। ଦୁଇ ଦୁଇ ଥର ସେ ବାଚସ୍ପତି ପଦରେ ରହିଛନ୍ତି । ହେଲେ ବୌଦ୍ଧ ନିର୍ବାଚନମଣ୍ଡଳୀର ସେଭଳି କିଛି ଆଖିଦୃଶିଆ ଉନ୍ନତି ହୋଇପାରିନାହିଁ ବୋଲି ବିରୋଧୀମାନେ ଅଭିଯୋଗ କରିଛନ୍ତି । ଜିଲାର ବହୁ ପୁରାତନ ପଞ୍ଚାୟତ ମହାବିଦ୍ୟାଳୟ ଆଜି ପର୍ଯ୍ୟନ୍ତ ସରକାରୀ ମାନ୍ୟତା ପାଇନାହିଁ । ଆଦିବାସୀ ଅଧ୍ୟୁଷିତ ହରଭଙ୍ଗା ବ୍ଲକରେ ଶିକ୍ଷାର ଉନ୍ନତି ହୋଇ ପାରିନାହିଁ । ଏଠାରେ ମହିଳା ମହାବିଦ୍ୟାଳୟ ନାହିଁ । ହରଭଙ୍ଗା ବ୍ଲକ ଅଞ୍ଚଳରେ ଭଲ ରାସ୍ତାଟିଏ ନାହିଁ । ଫଳରେ ବିଭିନ୍ନ ଅଞ୍ଚଳକୁ ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଠିକ୍ ଭାବେ ପହଞ୍ଚି ପାରିନାହିଁ । ଚାଷଜମିକୁ ମଧ୍ୟ ଜଳସେଚନ ସୁବିଧା ନ ଥିବା ବିରୋଧୀମାନେ ଅଭିଯୋଗ କରିଛନ୍ତି । ଏପରି ସ୍ଥିତିକୁ ନେଇ ଦଳୀୟ ନେତାଙ୍କ ମଧ୍ୟରେ ବି ଅସନ୍ତୋଷ ରହିଛି । ଏ ନେଇ ହରଭଙ୍ଗା ବ୍ଲକର କେତେଜଣ ଟାଣୁଆ ବିଜେଡି ନେତା ଗୁପ୍ତ ବୈଠକ କରି ବିଧାୟକଙ୍କ ବିରୋଧରେ ଅସନ୍ତୋଷ ଜାହିର କରିଛନ୍ତି ।

୨୦୧୪ ନିବାଚନ ପୂର୍ବରୁ କଂଗ୍ରେସର ଟାଣୁଆ ନେତା ନବକୁମାର ମିଶ୍ର ବିଜେଡିରେ ମିଶିବା ଯୋଗୁ ବିଧାୟକ ଅମାତଙ୍କୁ ନିର୍ବାଚନ ବୈତରଣୀ ପାରହେବାକୁ ସୁବିଧା ହୋଇଥିଲା । ନବକୁମାର ବିଜେଡିରେ ନିଜର ସ୍ଥିତି ନେଇ ସନ୍ଦିହାନ ହୋଇପଡିବାରୁ ସେ ପୁଣି କଂଗ୍ରେସକୁ ଫେରିଛନ୍ତି । ଏହାପରେ ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ସାହୁ ବିଜେଡି ଟିକେଟ ପାଇଁ ଆଶାବାଦୀ ଥିବାରୁ ସେ ଅମାତଙ୍କ ରାସ୍ତାରେ କଣ୍ଟା ସାଜିଛନ୍ତି । ତଥାପି ବିଧାୟକ ଅମାତ ଟିକେଟ ପାଇବେ ବୋଲି ଆଶାବାଦୀ ଅଛନ୍ତି ବୋଲି କହିଛନ୍ତି । ଏ ନେଇ ବିଜୁ ଜନତା ଦଳ ଜୋନାଲ ସଭାପତି ଅଶୋକ କୁମାର ସାହୁ କୁହନ୍ତି, ବିଧାୟକ ଅମାତ ଜିଲା ପାଇଁ ବହୁ କାମ କରିଛନ୍ତି । ତେଣୁ ଦଳ ତାଙ୍କୁ ହିଁ ଟିକେଟ ଦେବ, ଏଥିରେ କିଛି ଦ୍ୱିମତ ନାହିଁ ।

ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ତା'ର ଶକ୍ତି ବୃଦ୍ଧି କରିଛି। ପ୍ରଥମ ଥର ପାଇଁ ୨ ଜିଲା ପରିଷଦ ଆସନ ହାତେଇବାରେ ଭାଜପା ସଫଳ ହୋଇଛି । କଂଗ୍ରେସର ଟାଣୁଆ ନେତା ସୁଶାନ୍ତ କୁମାର ପ୍ରଧାନ ୨୦୧୪ ନିର୍ବାଚନରେ ୪୩ ହଜାର ୪୭୦ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ । ଏବେ ସେ କଂଗ୍ରେସ ଛାଡି ଭାଜପାରେ ଯୋଗ ଦେଇଛନ୍ତି । ସେ ଟିକେଟ ପାଇଁ ଆଶାୟୀ ଅଛନ୍ତି । ଏଥିସହ ଜିଲା ସଭାପତି ସୌମିତ୍ରୀ ନାଏକ, ଚାଷୀ ନେତା ସୂର୍ଯ୍ୟନାରାୟଣ ମହାପାତ୍ର, ସାଧାରଣ ସମ୍ପାଦକ ବିପ୍ରଚରଣ ମହାନ୍ତି, ଜିଲା ପରିଷଦ ସଭ୍ୟ ଧନେଶ୍ୱର ଅମାତ, ପୂର୍ବତନ ଜିଲା ସଭାପତି ମନୋରଞ୍ଜନ ଦାସ, ମହିଳା ସଭାନେତ୍ରୀ ନମିତାରାଣୀ ଦାସ, ସୁଧାଂଶୁ ଡାଙ୍ଗ, ସରୋଜ ପ୍ରଧାନ ଟିକେଟ ଦୌଡରେ ଅଛନ୍ତି । ଏ ନେଇ ଜିଲା ଭାଜପା ସଭାପତି ସୌମିତ୍ରୀ ନାଏକ କୁହନ୍ତି, ଏଥର ଦଳ ଯୋଗ୍ୟ ପ୍ରାର୍ଥୀଙ୍କୁ ଟିକେଟ୍ ଦେବ । ଦଳ ଯାହାକୁ ପ୍ରାର୍ଥୀ କରିବ ତାଙ୍କ ପାଇଁ ସମସ୍ତେ କାମ କରିବେ ।

ସେହିପରି ବୌଦ୍ଧ ଜିଲାରେ କଂଗ୍ରେସର ସ୍ଥିତି ଦୁର୍ବଳ ଥିବାବେଳେ ଟାଣୁଆ ନେତା ନବକୁମାର ମିଶ୍ରଙ୍କ ଘରବାହୁଡା ଦଳ ପାଇଁ ଶୁଭଙ୍କର ହୋଇଛି । ୧୯୯୦ ମସିହାରୁ କଂଗ୍ରେସ ଏହି ଆସନରେ ପରାଜିତ ହୋଇଆସୁଛି । ଗୋଷ୍ଠୀ କନ୍ଦଳ ହିଁ ଦଳକୁ ଅଡୁଆରେ ପକାଇଛି । ଦଳ ଗତ ପଞ୍ଚାୟତ ନିର୍ବାଚନରେ କୌଣସି ଜିଲା ପରିଷଦ ଆସନ ହାତେଇପାରିନାହିଁ । ଏହା ପରେ ବି ଦଳ ଏଥର ଭଲ ପ୍ରଦର୍ଶନ କରିବ ବୋଲି ନେତା ଓ କର୍ମୀମାନେ ଆଶାବାଦୀ ଅଛନ୍ତି । ବରିଷ୍ଠ ନେତା ନବକୁମାର ମିଶ୍ର, ସୁଧୀର କର୍ଣ୍ଣ, ପୂର୍ବତନ ସଭାପତି ନାରାୟଣ ପରିଜା, ପିସିସି ସଦସ୍ୟ ରାୟ ସଞ୍ଜୀବ କୁମାର ଦେଓ, ଯାମିନୀ ମୁଖୀ, ମହିଳା ନେତ୍ରୀ ବିନ୍ଧ୍ୟାବିନୀ ସାହୁ, ଅଜିଜ ଖାଁ, ଚନ୍ଦ୍ରଶେଖର ପାଢୀ ଟିକେଟ ଦୌଡରେ ଅଛନ୍ତି । ଏ ନେଇ ଜିଲା କଂଗ୍ରେସ ସଭାପତି ସୁଧୀର କୁମାର ମହାକୁଡ କୁହନ୍ତି, ଦଳ ଏଥର ଉପଯୁକ୍ତ ପ୍ରାର୍ଥୀଙ୍କୁ ଟିକେଟ୍ ଦେବ । ଆମେ ଚାଷୀ ଓ ଶିକ୍ଷକ ସମସ୍ୟାକୁ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇବୁ। ଧାନର ସହାୟକ ମୂଲ୍ୟ ବୃଦ୍ଧି ଉପରେ ଦଳ ଗୁରୁତ୍ୱ ଆରୋପ କରିବ । ସିପିଆଇ ମଧ୍ୟ ନିଜର ସ୍ଥିତି ଜାହିର କରିଛି । ସିପିଆଇର ଯୁବନେତା ଅବକାଶ ସାହୁ ପଞ୍ଚାୟତ ନିର୍ବାଚନରେ ୯ନଂ. ଜିଲା ପରିଷଦ ଆସନରୁ ବିଜୟୀ ହୋଇଛନ୍ତି । ରାଜ୍ୟରେ କଂଗ୍ରେସ ଓ ସିପିଆଇ ମଧ୍ୟରେ ଆସନ ବୁଝାମଣା ହୋଇଥିବା ବେଳେ ବୌଦ୍ଧ ନିର୍ବାଚନମଣ୍ଡଳୀ କଂଗ୍ରେସ ନା ସିପିଆଇ ହାତକୁ ଯିବ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ତଥାପି ଯୁବନେତା ସାହୁ ଟିକେଟ୍ ପାଇବାକୁ ଆଶାବାଦୀ ଅଛନ୍ତି । ତାଙ୍କୁ ଟିକେଟ୍ ନ ମିଳିଲେ ମଧ୍ୟ ସେ ପ୍ରାର୍ଥୀ ହେବେ ବୋଲି କହିଛନ୍ତି। ଯଦି ମହିଳାମାନଙ୍କୁ ସୁଯୋଗ ଦେବା କଥା ବିଚାରକୁ ନିଆଯାଏ ତେବେ କଂଗ୍ରେସରୁ ବିନ୍ଧ୍ୟାବିନୀ ସାହୁ ଓ ଭାଜପାରୁ ନମିତାରାଣୀ ଦାସ ଟିକେଟ ଦୌଡରେ ଅଛନ୍ତି । ହେଲେ ବିଜେଡିରୁ ସେପରି କୌଣସି ନେତ୍ରୀ ଆଗକୁ ଆସିନାହାନ୍ତି ।


ପ୍ରଦୀପ କୁମାର ଅମାତ


ନବ କୁମାର ମିଶ୍ର


ସୌମିତ୍ରୀ ନାୟକ


ସୁଶାନ୍ତ ପ୍ରଧାନ

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ପ୍ରଦୀପ କୁମାର ଅମାତ | ୫୪,୬୧୮ |
| କଂଗ୍ରେସ | ସୁଶାନ୍ତ କୁମାର ପ୍ରଧାନ | ୪୩,୪୭୦ |
| ଭାଜପା | ସୂର୍ଯ୍ୟ ନାରାୟଣ ମହାପାତ୍ର | ୮,୫୯୭ |




## ୨୦୧୯ ଭୋଟର ସଂଖ୍ୟା

୧,୫୬,୦୩୩

ପୁରୁଷ – ୮୦,୧୫୦

ମହିଳା– ୭୫, ୮୭୮

ତୃତୀୟ ଲିଙ୍ଗ– ୫

# ଓଡ଼ିଶା ଚେସ୍‌ର ତରୁଣ ତାରକା (ଭାଗ-୨)

# ଯୁବ ପ୍ରତିଭା

**ଓଡ଼ିଶା ଚେସ୍‌ର ତରୁଣ ତାରକା ଦ୍ୱିତୀୟ ଭାଗରେ ସ୍ଥାନ ପାଇଥିବା ଯୁବ ଟାଇଟଲଧାରୀଙ୍କ ମଧ୍ୟରେ ରହିଛନ୍ତି ସିଦ୍ଧାନ୍ତ ମହାପାତ୍ର, ରାକେଶ କୁମାର ଜେନା, ଉତ୍କଳ ରଞ୍ଜନ ସାହୁ, ସାଇନା ସାଲୋନିକା, ସୌମ୍ୟରଞ୍ଜନ ମିଶ୍ର, ସଂକଳ୍ପ ବଳିୟାର ସିଂ ଓ ରତ୍ନମ୍ବରା ବିଧାର। ଏମାନେ ନିଜ ପ୍ରତିଭା ଦ୍ୱାରା ରାଜ୍ୟ ଚେସ୍‌କୁ ବୃଦ୍ଧିମନ୍ତ କରିଛନ୍ତି...**


ସିଦ୍ଧାନ୍ତ


ସାଇନା


ରାକେଶ


ସୌମ୍ୟରଞ୍ଜନ


ଉତ୍କଳ


ରତ୍ନମ୍ବରା


ସଂକଳ୍ପ

## ସିଦ୍ଧହସ୍ତ ସିଦ୍ଧାନ୍ତ

ସୁଖ ସୁବିଧା, ପ୍ରାଚୁର୍ଯ୍ୟ ବୈଭବ କେବଳ ଯେ ପ୍ରତିଭା ଅନ୍ୱେଷଣରେ ସହାୟକ ହୋଇ ଥାଏ ତା ନୁହେଁ, ଏସବୁରୁ ବଞ୍ଚିତ ଥାଇ ମଧ୍ୟ ଜଣେ ନିଜର ନିଷ୍ଠା, ଅଧ୍ୟବସାୟ, ତ୍ୟାଗ ବଳରେ ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇପାରେ। ତାଙ୍କର ଯାତ୍ରା ଥିଲା ବାସୁଦେବପୁରରୁ ଭିଏତ୍‌ନାମ। ତାଙ୍କର ସକାଳ ଆରମ୍ଭ ହୁଏ ଚେସ୍‌ରୁ, ସେ ହେଉଛନ୍ତି ରାଜ୍ୟ ଚେସ୍‌ର ମଉଡ଼ମଣି ଏବଂ ଅନେକ ଗ୍ରାଣ୍ଡମାଷ୍ଟରଙ୍କୁ ଧୂଳି ଚଟେଇବାରେ ସିଦ୍ଧହସ୍ତ ସିଦ୍ଧାନ୍ତ ମହାପାତ୍ର। ହର୍ଲିକ୍ସ ଚେସ୍ ବୋର୍ଡରୁ ଖେଳ ଆରମ୍ଭ କରିଥିବା ସିଦ୍ଧାନ୍ତ ଜାତୀୟ ୯ ବର୍ଷରୁ କମ୍ ପ୍ରତିଯୋଗିତାରେ ରୌପ୍ୟପଦକ ଜିତି ସଫଳତାର ପ୍ରଥମ ସ୍ୱାଦ ଚାଖିଥିଲେ। ସେତେବେଳେ କଟକସ୍ଥିତ ଏସ୍ଆର୍ ଚେସ୍ ସେଣ୍ଟର ହଷ୍ଟେଲରେ ରହି ଦିନକୁ ୧୨ରୁ ୧୪ ଘଣ୍ଟା ସେ ଚେସ୍ ପ୍ରତି ସମର୍ପିତ ଥିଲେ। ଜାତୀୟ ସ୍ତରରେ ଡ୍ର ମାଷ୍ଟର ଭାବେ ପରିଚିତ ସିଦ୍ଧାନ୍ତ ବିଭିନ୍ନ ଟପ୍‌ସିଡ୍ ଖେଳାଳିଙ୍କ ସହ ପଏଣ୍ଟ ଭାଗ କରିବାରେ ବେଶ୍ ଧୁରନ୍ଧର। ୨୦୦୮ ଭିଏତ୍‌ନାମରେ ବିଶ୍ୱଯୁବ ଚେସ୍‌ରେ ବ୍ରୋଞ୍ଜ, ତେହେରାନ୍‌ଠାରେ ଏସୀୟ ଯୁବ ଜୁନିୟର ଚେସ୍‌ରେ ବ୍ରୋଞ୍ଜ, ୨୦୧୦ ରାଜ୍ୟଗୋଷ୍ଠୀ ଚେସ୍‌ର ୧୨ ବର୍ଷରୁ କମ୍ ବିଭାଗରେ ସ୍ୱର୍ଣ୍ଣ ଏବଂ ୨୦୦୮ ଏସୀୟ ସ୍କୁଲ ଚେସ୍ ୧୩ ବର୍ଷରୁ କମ୍ ବିଭାଗରେ ବ୍ରୋଞ୍ଜ ତାଙ୍କ ସଫଳତାର ଏକ ଏକ ଇସ୍ତାହାର। ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ପଦକ ହାସଲ କରି ଓଡ଼ିଶାର ଗ୍ରାମାଞ୍ଚଳରେ ଚେସ୍‌କୁ ଚମକାଇବାରେ ତାଙ୍କର ଅବଦାନ ଅବିସ୍ମରଣୀୟ। ୨୦୧୭ ଜୁଲାଇରେ ସେ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ଲାଭ କରିଥିଲେ। ଜୁଲାଇ ୨୦୧୭ରେ ଶ୍ରେଷ୍ଠ ରେଟିଂ ୨୪୦୪ ରହିଥିଲା। ସିଦ୍ଧାନ୍ତ ନିଜ କ୍ୟାରିୟର ମଧ୍ୟରେ ଜିବ୍ରାଲ୍ଟର ଚେସ୍‌ରେ ପୂର୍ବତନ ବିଶ୍ୱ ଜୁନିୟର ଚାମ୍ପିୟନ ଟାରି ଆର୍ଯ୍ୟନ (୨୬୨୬)ଙ୍କୁ ହରାଇଥିବାବେଳେ ସର୍ବିୟା ଜିଏମ ଇଣ୍ଡଜିକ୍ (୨୬୩୦), ପୂର୍ବତନ ବିଶ୍ୱମହିଳା ଜୁନିୟର ଚାମ୍ପିୟନ ତଥା ରୁଷିଆ ଜିଏମ ଆଲେକଜାଣ୍ଡ୍ରା ଗୋର୍ୟାଚକିନା (୨୮୧୮)ଙ୍କ ସହ ମ୍ୟାଚ ଡ୍ର ରଖିଥିଲେ। ଏହା ବ୍ୟତୀତ ସେ ନରୱେ ଆଇଏମ୍ ହାଲ୍‌ଡୋରସେନ ବେଞ୍ଜାମିନ୍‌ଙ୍କୁ ମଧ୍ୟ ପରାସ୍ତ କରିଥିଲେ।

## ପୋଷ୍ଟର ବୟ ରାକେଶ

ରାକେଶଙ୍କ ଆବିର୍ଭାବ ରାଜ୍ୟ ଚେସ୍ ଜଗତରେ ଚେସ୍ ସିଲଟରେ ଖେଳ ଆରମ୍ଭ କରୁଥିବା କୁନି କୁନି ପିଲାଙ୍କ ଭିତରେ ଏକ ଆନ୍ଦୋଳନ ସୃଷ୍ଟି କରିଥିଲା। ଓଡ଼ିଶା ଚେସ୍‌ର ଏହି ଚର୍ଚ୍ଚିତ ଖେଳାଳିଙ୍କୁ ଅନୁସରଣକରି ଅନେକ ଅଭିଭାବକ ସେମାନଙ୍କର ପିଲାମାନଙ୍କୁ ଚେସ୍ ଚାଟଶାଳୀରେ କ୍ୟାରିୟର କରିବାକୁ ଆଗେଇ ଆସିଥିଲେ। ୨୦୦୮ରୁ ଚେସ୍‌କୁ ନିଜର ଜୀବିକା ଓ ଜୀବନ ଭାବେ ଗ୍ରହଣ କରିଥିବା ରାକେଶଙ୍କ ସଫଳତାର ଫର୍ଦ୍ଦ ବେଶ୍ ଲମ୍ବା। ୨୦୧୨ରେ ଟାଟାରେ ଅନୁଷ୍ଠିତ ୧୧ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ଚାମ୍ପିୟନ ହୋଇ ସେ ନିଜ ଦକ୍ଷତାର ସର୍ବଶ୍ରେଷ୍ଠ ପ୍ରମାଣ ଦେଇଥିଲେ। ୯ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ରୌପ୍ୟ ପଦକ, ୨୦୧୨ରେ ଶ୍ରୀଲଙ୍କାଠାରେ ୧୦ ବର୍ଷରୁ କମ୍ ଏସୀୟ ଯୁବଚେସ୍‌ରେ ରୌପ୍ୟ, ୧୨ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଚେସ୍‌ରେ ରୌପ୍ୟ ତଥା ସମସ୍ତ ସିନିୟର ଖେଳାଳିଙ୍କ ଉପସ୍ଥିତ ସତ୍ତ୍ୱେ ସେହି ବର୍ଷ ଟାଟା ଅନ୍ତର୍ଜାତୀୟ ରେଟିଂ ଚେସ୍‌ରେ ଚାମ୍ପିୟନ ହେବା ରାକେଶଙ୍କ କ୍ୟାରିୟରକୁ ବହୁ ଉଚ୍ଚକୁ ନେଇଥିଲା। ୨୦୧୨ରେ ଏସୀୟ ଯୁବ ଚେସ୍‌ରେ ଏକାଥରକେ ୫ ପଦକ ପାଇବା (୧୨ ବର୍ଷରୁ କମ୍‌ର ମୁଖ୍ୟ ବିଭାଗରେ ରୌପ୍ୟ, ଦଳଗତ ସ୍ୱର୍ଣ୍ଣ, ରାପିଡ୍‌ରେ ବ୍ୟକ୍ତିଗତ ବ୍ରୋଞ୍ଜ ଓ ଦଳଗତ ସ୍ୱର୍ଣ୍ଣ ଏବଂ ବ୍ଲିଜ୍‌ରେ ଦଳଗତ ସ୍ୱର୍ଣ୍ଣ) ରାକେଶଙ୍କୁ ଚେସ୍‌ର ସବୁ ଫର୍ମାଟରେ ଜଣେ ପରିପକ୍ୱ ଖେଳାଳିର ମର୍ଯ୍ୟାଦା ଦେଇଥିଲା। ଓଡ଼ିଶା ଚେସ୍‌ର ପୋଷ୍ଟର ବୟ କୁହାଯାଉଥିବା ରାକେଶଙ୍କୁ ବର୍ତ୍ତମାନ ଚେସ୍ ପଣ୍ଡିତ ଓ ସିନିୟର ଖେଳାଳିମାନେ ଆଗାମୀ ଦିନର ଓଡ଼ିଶାର ଚେସ୍ ଗ୍ରାଣ୍ଡମାଷ୍ଟର ଭାବରେ ବିବେଚନା କରୁଛନ୍ତି। ଦୀର୍ଘ ପାଞ୍ଚବର୍ଷ ହେବ ପ୍ରତ୍ୟେକ ଦିନ ସାତରୁ ଆଠଘଣ୍ଟା ଚେସ୍‌କୁ ଭରପୂର ଉପଭୋଗ କରୁଥିବା ଏହି ଦକ୍ଷ ଖେଳାଳି ଏତେ କମ୍ ବୟସରେ ଦକ୍ଷତା ଓ ସୃଜନଶୀଳତାର ଯେଉଁ ପ୍ରତିଭା ପ୍ରଦର୍ଶନ କରିଛନ୍ତି ତାହା କେବଳ ଯେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତକୁ ଦର୍ଶାଉଛି ତା' ନୁହେଁ ବରଂ ତରୁଣ ଖେଳାଳିମାନଙ୍କ ପାଇଁ ଆଦର୍ଶ ଉଦାହରଣ ସାଜିଛନ୍ତି। ୭ଟି ଅନ୍ତର୍ଜାତୀୟ ମାଷ୍ଟର ନର୍ମ ହାସଲକରି ଶେଷରେ ଅନ୍ତର୍ଜାତୀୟ ମାଷ୍ଟର ତାଲିକାରେ ନିଜକୁ ସାମିଲ କରିଛନ୍ତି। ୨୦୧୯ ଫେବୃୟାରୀରେ ତାଙ୍କର ସର୍ବୋଚ୍ଚ ରେଟିଂ ଥିଲା ୨୪୩୫। ରାକେଶ ୨୦୧୮ରେ ଜାତୀୟ ଜୁନିୟର ଚେସ୍ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ପାଇଥିଲେ। ୨୦୧୮ ଡିସେମ୍ବରରେ ଜାଦାର ଓପନରେ କ୍ରୋଏସିଆନ ଅଲିମ୍ପିଆଡ଼ ଟିମ୍‌ର ଅନ୍ୟତମ ସଦସ୍ୟ ମାର୍ଟିନୋଭିଚ୍ ସାସା (୨୫୫୪)ଙ୍କୁ ପରାସ୍ତ କରିଥିଲେ। ସେହିପରି ୨୦୧୯ ଫେବୃୟାରୀରେ ଏରୋଫ୍ଲଟ ଓପନ ଟାଇଟଲ ଜିତିଥିବା କୁଲାଓଟ୍ସ କାଇଡୋ (୨୫୫୫)ଙ୍କୁ ମଧ୍ୟ ସେ ୨୦୧୮-୧୯ ସ୍ୱିଡେନର ଷ୍ଟକ୍‌ହୋମଠାରେ ଅନୁଷ୍ଠିତ ରିଲଟନ ଚେସ୍‌ରେ ହରାଇଥିଲେ। ଜିଏମ ଦେବାଶିଷ ଦାସଙ୍କ ସହ ୩ ଥର ଖେଳି ମ୍ୟାଚକୁ ଡ୍ର ରଖିବାରେ ସଫଳ ହୋଇଥିଲେ।

## ଚତୁର ଉତ୍କଳ

ଓଡ଼ିଶାର ଅନ୍ୟତମ ଚର୍ଚ୍ଚିତ ଓ ଚତୁର ଖେଳାଳି ହେଲେ ରାଉରକେଲାର ଉତ୍କଳ ରଞ୍ଜନ ସାହୁ। ନୂଆ ଚେସ୍ ପିଢ଼ିମଧ୍ୟରେ ୬ଷ୍ଠ ଖେଳାଳି ଭାବେ ୨୦୧୨ରେ ପ୍ରଥମ ଆଇଏମ୍ ନର୍ମ ହାସଲ କରିଥିବା ଉତ୍କଳ ୭ବର୍ଷ ପରେ ଓଡ଼ିଶାର ଶେଷ ଅନ୍ତର୍ଜାତୀୟ ମାଷ୍ଟର ହେବାକୁ ଯାଉଛନ୍ତି। ୨୦୧୬ରେ ଏସୀୟ ଯୁବଚେସ୍‌ରେ ରୌପ୍ୟ ଓ ୨୦୦୮ରେ ୧୩ ବର୍ଷରୁ କମ୍ ଚାମ୍ପିୟନ ହୋଇ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ୨୦୧୦ରେ ଚାଇନାରେ ଅନୁଷ୍ଠିତ ଏସୀୟ ୧୪ ବର୍ଷରୁ କମ୍ ବର୍ଗରେ ସ୍ୱର୍ଣ୍ଣ, ଏସୀୟ ୧୬ ବର୍ଷରୁ କମ୍ ବର୍ଗରେ ବ୍ରୋଞ୍ଜ, ତୁର୍କୀରେ ବିଶ୍ୱ ଯୁବ ଚେସ୍ ଅଲିମ୍ପିଆଡ୍‌ରେ ଭାରତର ପ୍ରତିନିଧିତ୍ୱ କରି ରୌପ୍ୟପଦକ ଜିତିବା ପଶ୍ଚିମ ଓଡ଼ିଶାର ଚେସ୍ ଭଣ୍ଡାରକୁ ଯେତେ ସମୃଦ୍ଧ କରି ନ ଥିଲା ତା'ଠାରୁ ଅଧିକ ଗୌରବମୟ ହୋଇଥିଲା ରାଜ୍ୟ ଚେସ୍ ସଂଘ। ଉତ୍କଳ ୨୦୧୨ରେ କଲିକତାଠାରେ ଜିଏମ୍ ଟିଭିଆକୋଭ (୨୬୬୩), ୨୦୧୫ରେ ଜିଏମ ଷ୍ଟୁପାକ୍ କିରିଲ (୨୫୫୦), ୨୦୧୭ରେ ଜିଏମ ଦେବାଶିଷ ଦାସ ଏବଂ ୨୦୧୮ରେ ଜିଏମ୍ ସ୍ୱପ୍ନିଲ ଧୋପ୍‌ଡ଼େ (୨୫୩୧)ଙ୍କୁ ହରାଇ ବଡ଼ ସଫଳତା ପାଇଥିଲେ।

## ସୁଲକ୍ଷଣା ସାଇନା

**କେନ୍ଦୁଝର** ସୁଲଣ ଗ୍ରାମର ସୁଲକ୍ଷଣା ଝିଅ ସାଇନା। ସେଦିନ ଥିଲା ସୋମବାର ଡିସେମ୍ବର ୩୦ ତାରିଖ ୨୦୧୩ ମସିହା। ସକାଳୁ ସକାଳୁ କଅଁଳ ଖରାରେ ଭିଡ଼ ଜମିଯାଇଥିଲା ବିଜୁ ପଟ୍ଟନାୟକ ବିମାନବନ୍ଦରରେ। ଅତି ସୁସଜ୍ଜିତ ଖୋଲା ଜିପ୍, ଚେସ୍ ଖେଳାଳି, ଗଣମାଧ୍ୟମ ପ୍ରତିନିଧି, ଅଭିଭାବକ, କୋଚ, ଚେସ୍ ପ୍ରଶାସକ, ରାଜ୍ୟ କ୍ରୀଡ଼ା ବିଭାଗର କର୍ମକର୍ତ୍ତା ଓ ପରିବାରବର୍ଗ ସମସ୍ତେ ଅପେକ୍ଷା କରିଥିଲେ ଜଣେ ଚର୍ଚ୍ଚିତ ବିଶ୍ୱ ଚେସ୍ ଚାମ୍ପିୟନଙ୍କୁ ସ୍ୱାଗତ କରିବାପାଇଁ। ସେତେବେଳକୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭ ଅଭିନନ୍ଦନ ମିଳିସାରିଥିଲା। ସେଠାରେ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ ଚୁଡ଼ା ପାଉଡର ଝିଅ ସାଇନା ସାଲୋନିକା। ସଫଳତା ଥିଲା ୟୁଏଇଠାରେ ୧୦ ବର୍ଷରୁ କମ୍ ବିଶ୍ୱ ଯୁବ ଚେସ୍‌ରେ ବିରଳ ବିଶ୍ୱ ଚେସ୍ ଚାମ୍ପିୟନ ହେବା। ଏହାଦ୍ୱାରା ସେ ଯେ କେବଳ ରାଜ୍ୟକୁ ଗର୍ବିତ କରିଥିଲେ ତା' ନୁହେଁ, ବରଂ ଓଡ଼ିଶାର ଚେସ୍ ମାନଚିତ୍ରକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ସହ ଭାରତର ଗୌରବ ମଧ୍ୟ ବଢ଼ାଇଥିଲେ। ଜନ୍ମ ୫ ଅଗଷ୍ଟ,୨୦୦୩, ବୟସ ୧୬। ଏତେ କୋମଳ ବୟସରେ କିନ୍ତୁ ସାଇନା ସାଉଁଟି ଆଣିଛନ୍ତି ଅନେକ ସଫଳତା। ତାଙ୍କପାଇଁ ନିଜର ପରିବାର, ଶୁଭେଚ୍ଛୁ ଓ ରାଜ୍ୟବାସୀ ଗୌରବାନ୍ୱିତ। ନିଜ ଲକ୍ଷ୍ୟପଥରେ ନିର୍ବିକାର ଭାବରେ ଆଗେଇ ଚାଲିଥିବା ଏହି ପ୍ରତିଭାମୟୀ ବାଳିକା ପୋତି ଚାଲିଛନ୍ତି ଗୋଟିଏ ପରେ ଗୋଟିଏ ସଫଳତାର ମାଇଲଖୁଣ୍ଟ। ୨୦୧୦ରେ ରାଜ୍ୟ ୭ ବର୍ଷରୁ କମ୍ ବାଳିକା ବିଭାଗରେ ଚାମ୍ପିୟନ ହୋଇ ନିଜର ଶୁଭ ଇନିଂସ ଆରମ୍ଭ କରିଥିଲେ ସାଇନା। ମାତ୍ର ୭ ବର୍ଷ ୧୦ ମାସରେ ରାଜ୍ୟର ସର୍ବକନିଷ୍ଠା ମହିଳା ଅନ୍ତର୍ଜାତୀୟ ଏଲୋ ରେଟେଡ୍ ଖେଳାଳି ହେବା, ପ୍ରଥମ ମହିଳା କାଣ୍ଡିଡେଟ୍ ମାଷ୍ଟର ହେବା, ଏସୀୟ ସ୍କୁଲ ଚେସ୍ ଟାଇଟଲ ହାସଲ କରିବା, ଜାତୀୟ ସ୍କୁଲ ଚେସ୍ ଚାମ୍ପିୟନ ହେବା ପ୍ରଭୃତି ତାଙ୍କୁ ରାଜ୍ୟର ସର୍ବକନିଷ୍ଠା ଚେସ୍ ଖେଳାଳି ଭାବେ ଅନେକ ରେକର୍ଡର ଅଧିକାରିଣୀ କରିଥିଲା। ବିଶ୍ୱ ଯୁବ ଚେସ୍‌ର ୮ ବର୍ଷରୁ କମ୍‌ରେ ବ୍ରୋଞ୍ଜ, ଏସିଆନ ସ୍କୁଲ ବ୍ଲିଜ୍‌ରେ ସ୍ୱର୍ଣ୍ଣ ପ୍ରଭୃତି ତାଙ୍କ ଆତ୍ମବିଶ୍ୱାସକୁ ଦୃଢ଼ କରିଛି। ତାଙ୍କର ଏହି ସଫଳତା ପାଇଁ କିଟ୍ ଅନ୍ତର୍ଜାତୀୟ ସ୍କୁଲରେ ମାଗଣାରେ ପଢ଼ିବା ସହ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପୁରସ୍କାର ଓ ସମ୍ମାନ ହାସଲ କରିବା ସାଇନା ଏବଂ ତାଙ୍କ ପରିବାରଙ୍କୁ ଯେତିକି ଗର୍ବିତ ନ କରିଛି ଓଡ଼ିଶା ଚେସ୍‌ର ଆଗାମୀ ପିଢ଼ିର ନୂଆ କୁନି କୁନି ଖେଳାଳଙ୍କୁ ଆଶାରେ ଆଲୋକ ଯୋଗାଇଛି। ୧୫ବର୍ଷରୁ କମ୍ ବାଳିକାରେ ବ୍ରୋଞ୍ଜ, ରାଜ୍ୟଗୋଷ୍ଠୀ ଚେସ୍‌ରେ ସ୍ୱର୍ଣ୍ଣ ଏବଂ ୧୩ ବର୍ଷରୁ କମ୍ ବିଭାଗରେ ରୌପ୍ୟପଦକ ଜିତି ସେ ସଫଳତାର ଫର୍ଦ୍ଦ ପରେ ଫର୍ଦ୍ଦ ଲେଉଟାଇ ଚାଲିଛନ୍ତି। ଓଡ଼ିଶା ଚେସ୍‌ର ଭବିଷ୍ୟତ କୁହାଯାଉଥିବା ସୁନା ଝିଅ ସାଇନା ନିଜର ଅନନ୍ୟ ପ୍ରତିଭା ପାଇଁ ୨୦୧୪ ନଭେମ୍ବର ୧୪ରେ ଶିଶୁଦିବସ ଅବସରରେ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କଠାରୁ 'ରାଷ୍ଟ୍ରୀୟ ବାଲ୍ ପୁରସ୍କାର' ପାଇଥିଲେ। ଏଥିପାଇଁ ବ୍ୟକ୍ତିଗତଭାବେ ସାଇନା ବେଶ୍ ଚର୍ଚ୍ଚାରେ ରହିଥିବାବେଳେ ରାଜ୍ୟ ଚେସ୍ ମହଲ ମଧ୍ୟ ଏହି ସୁନା ଝିଅଙ୍କ ପାଇଁ ଗର୍ବିତ ହୋଇଥିଲା।

## ପ୍ରଥମ ଫିଡେ ମାଷ୍ଟର

ସୌମ୍ୟରଞ୍ଜନ ମିଶ୍ର ଓଡ଼ିଶାର ପ୍ରଥମ ଫିଡେ ମାଷ୍ଟର। ୨୦୧୦ରେ ରାଜ୍ୟ ସିନିୟର ଚେସ୍ ଚାମ୍ପିୟନ ସୌମ୍ୟ ୨୦୦୮ରେ ବାଂଲାଦେଶର ଢାକାଠାରେ ଅନୁଷ୍ଠିତ ବାଂଲାଦେଶ ପ୍ରଥମ ଡିଭିଜନ ଲିଗ୍ ଚେସ୍‌ରେ ନାରାୟଣଗଞ୍ଜ ଦଳକୁ ଶ୍ରେଷ୍ଠ ପ୍ରଦର୍ଶନ ସହ ଚାମ୍ପିୟନ କରିଥିଲେ। ଜାତୀୟ ସ୍ତରରେ କେରଳରେ ଅନୁଷ୍ଠିତ ସର୍ବଭାରତୀୟ ରେଟିଂ ଚେସ୍‌ରେ ଚାମ୍ପିୟନ ହୋଇ ନିଜ ଦକ୍ଷତା ଦେଖାଇଥିବା ସୌମ୍ୟ ବର୍ତ୍ତମାନ ଓଡ଼ିଶା ଡାକ ବିଭାଗରେ କାର୍ଯ୍ୟରତ। ଶ୍ରୀଲଙ୍କାରେ ୨୦୦୪ରେ ଅନୁଷ୍ଠିତ ଏଥୁଗଲାପୁର ଅନ୍ତର୍ଜାତୀୟ ରେଟିଂ ଚେସ୍ ଯୁଗ୍ମ ରନର୍ସଅପ୍ ହୋଇଥିଲେ। ୩ ଥର ରାଜ୍ୟ ସିନିୟର ଓ ୧୧ଥର ବିଭିନ୍ନ ବୟସ ବର୍ଗରେ ରାଜ୍ୟ ଚେସ୍ ଚାମ୍ପିୟନ ହୋଇଥିବା ଏହି ତାରକା ଖେଳାଳି ୫ ଥର ସର୍ବଭାରତୀୟ ରେଟିଂ ଚେସ୍ ଚାମ୍ପିୟନ ହେବା ସହ ୨ ଥରେ ରାଜ୍ୟଗୋଷ୍ଠୀ ଚେସ୍ ଓ ଥରେ ଏସୀୟ ଯୁବ ଚେସ୍‌ରେ ଭାରତରୁ ପ୍ରତିନିଧିତ୍ୱ କରିଛନ୍ତି। ରାଜ୍ୟସ୍ତରରେ ୫୪ଥର ଚାମ୍ପିୟନ ହେବା ମଧ୍ୟ ତାଙ୍କ ପାଇଁ ଏକ ବିରଳ ରେକର୍ଡ। ଓଡ଼ିଶାର ଏକମାତ୍ର ଖେଳାଳିଭାବେ ସେ ରେଲୱେ, ପୋଷ୍ଟାଲ, ସିଭିଲ ସର୍ଭିସ ଚେସ୍ ଚାମ୍ପିୟନ ହେବାର ରେକର୍ଡ ବହନ କରୁଛନ୍ତି।

## ପ୍ରତିଭାବାନ୍ ସଂକଳ୍ପ

ଓଡ଼ିଶା ଚେସ୍‌ରେ ତାଙ୍କ ବିକଳ୍ପ ଖୋଜାଯିବା ପ୍ରାୟ ଅସମ୍ଭବ। ବହୁବାର (୨୦୦୭, ୨୦୧୧, ୨୦୧୩) ରାଜ୍ୟ ଚାମ୍ପିୟନ ସଂକଳ୍ପ ବଳିୟାର ସିଂ ୨୦୧୧ରେ ଫିଲିପାଇନ୍ସଠାରେ ଅନୁଷ୍ଠିତ ଏସୀୟ ଯୁବଚେସ୍‌ରେ ସ୍ୱର୍ଣ୍ଣ ଜିଣି ଓଡ଼ିଶା ଚେସ୍‌ର ଟେକ ରଖିଥିଲେ। ନାଗପୁରଠାରେ ଅନୁଷ୍ଠିତ ଜାତୀୟ ୭ ବର୍ଷରୁ କମ୍ ଶିଶୁ ଚେସ୍‌ରେ ବ୍ରୋଞ୍ଜ ପଦକ ହାସଲକରି ନିଜର ଚେସ୍ ଯାତ୍ରା ଆରମ୍ଭ କରିଥିବା ଏହି ପ୍ରତିଭାବାନ୍ ଖେଳାଳି ୨୦୧୨ରେ ରାଜ୍ୟର ୨ୟ ଖେଳାଳି ଭାବେ ସମ୍ମାନଜନକ ଫିଡେ ମାଷ୍ଟର ଟାଇଟଲ ଲାଭ କରିଥିଲେ। ବର୍ତ୍ତମାନ ଆଇଆଇଟି ଖଡ଼ଗପୁରରେ ଅଧ୍ୟୟନ କରୁଛନ୍ତି।

## ସଫଳତା ପଥେ ରତ୍ନମ୍ବରା

ଯାତ୍ରା ତାଙ୍କର ପଳାଶୁଣୀରୁ ଫିଲିପାଇନ୍ସ। ଭୁବନେଶ୍ୱରର ପଳାଶୁଣୀରେ ରହୁଥିବା ରତ୍ନମ୍ବରା ୨୦୧୧ରେ ଫିଲିପାଇନ୍ସଠାରେ ଅନୁଷ୍ଠିତ ଏସୀୟ ଯୁବ ଚେସ୍‌ରେ ୧୦ ବର୍ଷରୁ କମ୍ ବାଳିକା ବିଭାଗରେ ସ୍ୱର୍ଣ୍ଣପଦକ ଜିଣି ଅନ୍ତର୍ଜାତୀୟ ସ୍ତରରେ ପାଦ ଥାପିଥିଲେ। ସମ୍ମାନଜନକ ମହିଳା 'ଫିଡେ ମାଷ୍ଟର ଟାଇଟଲ ହାସଲ କରିବାରେ ସେ ଥିଲେ ରାଜ୍ୟର ପ୍ରଥମ ମହିଳା ଖେଳାଳି। ୨୦୧୨ ମସିହାରେ ଏସୀୟ ସ୍କୁଲ ଚେସ୍‌ରେ ରୌପ୍ୟ ପଦକ ଓ ଜାତୀୟ ସ୍କୁଲ ଚେସ୍‌ରେ ରୌପ୍ୟ ପଦକ ଜିଣି ଓଡ଼ିଶା ଚେସ୍‌ର ଜଣେ ତରୁଣ ମହିଳା ଖେଳାଳି ଭାବେ ନିଜକୁ ପ୍ରତିଷ୍ଠିତ କରାଇପାରିଛନ୍ତି। ଜାତୀୟ ୧୯ବର୍ଷରୁ କମ୍ ବାଳିକାରେ ରୌପ୍ୟ (୨୦୧୬) ଓ ଜାତୀୟ ସ୍କୁଲ ଚେସ୍‌ରେ ସ୍ୱର୍ଣ୍ଣପଦକ (୨୦୧୮) ତଥା ବିଶ୍ୱ ଯୁବଚେସ୍‌ରେ ଭାଗନେଇ ସଫଳତା ପାଉଥିବା ରତ୍ନମ୍ବରା ବର୍ତ୍ତମାନ ଡିପିଏସ୍ କଳିଙ୍ଗାରେ ଅଧ୍ୟୟନରତ।

('ଓଡ଼ିଶା ଚେସ୍‌ର ତରୁଣ ତାରକା' ଭାଗ-୩ରେ ସ୍ୱାରକୀ ମହାନ୍ତି, ଅପରାଜିତା ଗୋଚ୍ଛିକାର, ଅନ୍ୱେଷା ମିଶ୍ର, ଆଦ୍ୟାଶା ମହାପାତ୍ର, ରୁଦ୍ରାକ୍ଷ ପରିଡ଼ା ପ୍ରଭୃତି ଖେଳାଳିଙ୍କ ସମ୍ପର୍କରେ ଉଲ୍ଲେଖ ରହିବ)।

**-ସତ୍ୟରଞ୍ଜନ ପଟ୍ଟନାୟକ**

# ଆସୁଛି ଆଇପିଏଲ୍



ଆସୁଛି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୨ତମ ସଂସ୍କରଣ। ବିଶ୍ୱର ସବୁଠାରୁ ଲୋକପ୍ରିୟ ଏହି ଟି୨୦ ଲିଗ୍ ପାଇଁ ସ୍ୱାଭାବିକ ଭାବେ କ୍ରିକେଟପ୍ରେମୀ ମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧିପାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମାନସ ପ୍ରସୂତ କ୍ରିକେଟର ଏହି ସଂକ୍ଷିପ୍ତ ଫର୍ମାଟ ୨୦୦୭-୦୮ ସିଜନରୁ ଆରମ୍ଭ ହୋଇଥିଲା। ଏହାର ସଫଳତାକୁ ଦେଖି ଅନ୍ୟ ଦେଶଗୁଡ଼ିକ ଯଦିଓ ଏପରି ଟି୨୦ ଲିଗ୍ ଆରମ୍ଭ କରିଛନ୍ତି ତେବେ ଆଇପିଏଲ୍ ତୁଳନାରେ ସଫଳତା ପାଇନାହାନ୍ତି। ଅନୁଶାସନ, ଗ୍ଲାମର, ଅର୍ଥ, ବିଦେଶୀ ଖେଳାଳିଙ୍କ ଅଂଶଗ୍ରହଣ, ଫ୍ରାଞ୍ଚାଇଜ ଏବଂ ବିଜ୍ଞାପନ କମ୍ପାନୀଗୁଡ଼ିକର ସହଯୋଗ ମାଧ୍ୟମରେ ସଫଳତାର ପାହାଚ ଚଢ଼ି ଏହା ବିଶ୍ୱର ୧ନଂ ଲିଗ୍ ପରିଣତ ହୋଇଛି। ଏହାର ଚମକ ଆଗରେ ବାଂଲାଦେଶ ପ୍ରିମିୟର ଲିଗ୍, ପାକିସ୍ତାନ ସୁପର ଲିଗ୍, ଶ୍ରୀଲଙ୍କାନ୍ ପ୍ରିମିୟର ଲିଗ୍ ଏବଂ କାରବିୟାନ୍ ପ୍ରିମିୟର ଲିଗ୍ ଗୁଡ଼ିକ ଫିକା ପଡ଼ିଛି। ଖେଳାଳି ନିଲାମ ପ୍ରକ୍ରିୟାରେ ଅନିୟମିତତା, ଅନ୍ତର୍ଜାତୀୟ କ୍ରିକେଟ୍ କାର୍ଯ୍ୟସୂଚୀ ପ୍ରଭାବିତ ହେବା, ଅତ୍ୟଧିକ ଗ୍ଲାମର, ୮-୧୦ଟି ଟିମ୍ ମଧ୍ୟରେ ଲିଗ୍‌କୁ ସୀମିତ ରଖିବା, ନୂତନ ଫ୍ରାଞ୍ଚାଇଜମାନଙ୍କୁ ସୁଯୋଗ ନ ଦେବା ଏବଂ ମ୍ୟାଚ ଫିକ୍ସିଂ କଳଙ୍କ ପରି ଅନେକ ସମସ୍ୟା ଥିଲେ ମଧ୍ୟ ବିସିସିଆଇର କଡ଼ା ଆଭିମୁଖ୍ୟ ଏହାକୁ ବେଶ୍ ସଫଳ କରିପାରିଛି। ଏପରି ଏକ ଲିଗ୍ ଆୟୋଜନ ଯୋଗୁ ଅନେକ ଯୁବଖେଳାଳି ସୃଷ୍ଟି ହେଉଥିବା ବେଳେ ୩ ଫର୍ମାଟ ପାଇଁ ଖେଳାଳି ଚୟନ ପ୍ରକ୍ରିୟା ବେଶ୍ ସହଜ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଲିଗ୍ ବିଶ୍ୱର ସବୁ ଦେଶର ଯୁବ ଏବଂ ଅଭିଜ୍ଞ ଖେଳାଳିମାନଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିବାକୁ ସକ୍ଷମ ହୋଇଛି।

ଆଇପିଏଲ୍‌ର ୧୨ତମ ସଂସ୍କରଣକୁ ସଫଳତାର ସହିତ ଆୟୋଜନ କରିବାକୁ ବିସିସିଆଇ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଫ୍ରାଞ୍ଚାଇଜମାନଙ୍କ ଦ୍ୱାରା ଖେଳାଳି ବିଡିଂ ପ୍ରକ୍ରିୟା ଜୟପୁରଠାରେ ୧୮ଡିସେମ୍ବର ୨୦୧୮ରେ ସମାପ୍ତ ହୋଇଥିବା ବେଳେ ଆଗାମୀ ଲିଗ୍ ୮ ଦଳ ବିଶିଷ୍ଟ ହେବ ବୋଲି ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଲିଗ୍ ପ୍ରକୃତରେ ମାର୍ଚ୍ଚ ୨୯ରେ ଆରମ୍ଭହୋଇ ମେ' ୧୯ରେ ଶେଷ ହେବାର ଥିଲା। ମାତ୍ର ଦେଶରେ ଆଗାମୀ ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ବିଭିନ୍ନ ରାଜ୍ୟ ଆସୋସିଏଶନଗୁଡ଼ିକ ନିରାପତ୍ତା ଦୃଷ୍ଟିରୁ ଏହାର ସଫଳ ଆୟୋଜନ ପାଇଁ ଅକ୍ଷମତା ପ୍ରକାଶ କରିବା ଦ୍ୱାରା ବିସିସିଆଇ ଏବଂ ଟେକ୍ନିକାଲ କମିଟି ଏହାର କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିଛି। ଫଳରେ ପ୍ରଥମ ଦୁଇ ସପ୍ତାହ ମ୍ୟାଚ ପାଇଁ ବିସିସିଆଇ ପକ୍ଷରୁ କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ପ୍ରତିଯୋଗିତା ମାର୍ଚ୍ଚ ୨୩ରୁ ଆରମ୍ଭ ହେବ। ଏହାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟସୂଚୀ ପରେ ପ୍ରକାଶିତ ହେବ। କାର୍ଯ୍ୟସୂଚୀ ଅନୁସାରେ ମାର୍ଚ୍ଚ ୨୩ରୁ ଏପ୍ରିଲ ୫ ମଧ୍ୟରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୫ଟି ଲେଖାଏ ଏବଂ ଅନ୍ୟ ୬ଟି ଦଳ ୪ଟି ଲେଖାଏ ମ୍ୟାଚ୍ ଖେଳିବେ। ସେହି ଅନୁସାରେ ଦିଲ୍ଲୀ ଏବଂ ବାଙ୍ଗାଲୋର ଦଳ ୩ଟି ଲେଖାଏ ଏବଂ ଅନ୍ୟ ଦଳଗୁଡ଼ିକ ୨ଟି ଲେଖାଏ ମ୍ୟାଚ୍ ହୋମ୍ ଭେନ୍ୟୁରେ ଖେଳିବେ। ଆଗାମୀ ସଂସ୍କରଣରେ ଭାଗନେବାକୁ ଯାଉଥିବା ୮ଦଳ ହେଲେ ଚେନ୍ନାଇ ସୁପର କିଙ୍ଗ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ, କୋଲକାତା ନାଇଟ୍ ରାଇଡର୍ସ, ରାଜସ୍ଥାନ ରୟାଲ୍ସ, କିଙ୍ଗ୍ସ ଇଲେଭେନ୍ ପଞ୍ଜାବ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ୍।

୨୦୦୯ରେ ଦେଶରେ ସାଧାରଣ ନିର୍ବାଚନ ଦୃଷ୍ଟିରୁ ଆଇପିଏଲ୍‌ର ୨ୟ ସଂସ୍କରଣ ନିରାପତ୍ତା ଏବଂ ସୁରକ୍ଷା ଦୃଷ୍ଟିରୁ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହୋଇଥିଲା। ସେହିପରି ୨୦୧୪ରେ କିଛି ମ୍ୟାଚ୍ ୟୁଏଇରେ ଖେଳାଯାଇଥିଲା। ମାତ୍ର ଏଥର ସେପରି କିଛି ସମ୍ଭାବନା ନାହିଁ ବୋଲି ବିସିସିଆଇ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ଫ୍ରାଞ୍ଚାଇଜମାନେ ସେମାନଙ୍କର ହୋମ୍ ଭେନ୍ୟୁ ଘୋଷଣାକରି ସାରିଛନ୍ତି। ଚିନ୍ନାସ୍ୱାମୀ ଷ୍ଟାଡିୟମ (ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଦର୍ଶକ ସଂଖ୍ୟା ୩୫୦୦୦), ଇଡେନ୍ ଗାର୍ଡେନ (କୋଲକାତା ନାଇଟ୍ ରାଇଡର୍ସ, ୬୮୦୦୦), ୱାଙ୍ଖେଡେ ଷ୍ଟାଡିୟମ (ମୁମ୍ବାଇ ଇଣ୍ଡିଆନ୍ସ, ୩୩୦୦୦), ଫିରୋଜ ଶାହ କୋଟ୍‌ଲା (ଦିଲ୍ଲୀ କ୍ୟାପିଟାଲ୍ସ, ୪୧୦୦୦), ରାଜୀବ ଗାନ୍ଧୀ ଇଣ୍ଟରନାଶନାଲ ଷ୍ଟାଡିୟମ (ସନ୍‌ରାଇଜର୍ସ ହାଇଦ୍ରାବାଦ, ୫୫୦୦୦), ସାୱାଇ ମାନସିଂ ଷ୍ଟାଡିୟମ (ରାଜସ୍ଥାନ ରୟାଲ୍ସ, ୨୫୦୦୦), କିଙ୍ଗ୍ସ ଏକାଦଶ ପଞ୍ଜାବ (ମୋହାଲି, ୨୬୦୦୦), ଚିଦାମ୍ବରମ ଷ୍ଟାଡିୟମ (ଚେନ୍ନାଇ ସୁପର କିଙ୍ଗ୍ସ. ୩୯୦୦୦)।

ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୩ଥର ୨୦୧୩, ୨୦୧୫ ଏବଂ ୨୦୧୭ ଚାମ୍ପିୟନ ହୋଇଥିବା ବେଳେ ସେମାନଙ୍କର ବିଜୟଧାରା ୫୭.୦୧ ପ୍ରତିଶତ ରହିଛି। ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଯୁବରାଜ ସିଂ, ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ୍ ବୁମ୍‌ରା, କୃନାଲ ପାଣ୍ଡ୍ୟା, କେରନ୍ ପୋଲାର୍ଡ, ବେନ୍ କଟିଙ୍ଗ୍, ଜେପି ଡୁମିନି, ପ୍ୟାଟ କୁମିନ୍ସ, ମୁସ୍ତାଫିଜୁର ରହମାନଙ୍କ ପରି ଖେଳାଳ ଏହି ଦଳରେ ରହିଛନ୍ତି। ସେହିପରି ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ୩ଥର ଚାମ୍ପିୟନ (୨୦୧୦, ୨୦୧୧, ୨୦୧୮) ଏବଂ ୪ଥର ରନର୍ସ ଅପ୍ ହୋଇଛି। ଏହାର ବିଜୟ ହାର ୬୧.୫୬। ଦଳରେ ଅଲରାଉଣ୍ଡର ଭରପୂର ରହିଥିବା ବେଳେ ସେମାନଙ୍କ ମଧ୍ୟରେ ଫାପ୍ ଡୁପ୍ଲେସି, ସେନ୍ ୱାଟସନ୍, ମିଚେଲ ସାଣ୍ଟନର, ଡାରେନ ବ୍ରାଭୋ, ସାମ୍ ବିଲିଙ୍ଗସ୍, ଇମ୍ରାନ ତାହିର, ସୁରେଶ ରାଇନା, ମୁରଲୀ ବିଜୟ, କେଦାର ଯାଦବ, ଡେଭିଡ୍ ୱିଲିଙ୍କ ପରି ଖେଳାଳି ରହିଛନ୍ତି। ଚେନ୍ନାଇ ଦର୍ଶକମାନଙ୍କର ସବୁଠାରୁ ପ୍ରିୟ ଦଳ ଭାବେ ଚର୍ଚ୍ଚାରେ ରହିଛି। ମାର୍ଚ୍ଚ ୨୩ରେ ବାଙ୍ଗାଲୋରଠାରେ ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ। ଲିଗ୍‌ର ଉଦ୍‌ଘାଟନୀ ଉତ୍ସବ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ସେଥିପାଇଁ ଖର୍ଚ୍ଚ ହେବାକୁ ଥିବା ୫କୋଟି ଟଙ୍କାକୁ ପୁଲୱାମା ଆତଙ୍କବାଦୀ ଆକ୍ରମଣର ଶିକାର ହୋଇଥିବା ଶହୀଦମାନଙ୍କୁ ଦେବାକୁ ଘୋଷଣା କରାଯାଇଛି।

ଇତିମଧ୍ୟରେ ବିସିସିଆଇ କାର୍ଯ୍ୟକାରୀ ସଭାପତି ସି.କେ. ଖାନ୍ନାଙ୍କର ବାରବାଟୀ ଷ୍ଟାଡିୟମ ପରିଦର୍ଶନ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ଭେନ୍ୟୁ ପାଇଁ ଚିନ୍ତାରେ ଥିବା ବିସିସିଆଇ ଯଦି କିଛି ମ୍ୟାଚ୍ ବାରବାଟୀରେ ଆୟୋଜନ କରିବାର ସୁଯୋଗ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)କୁ ଦିଏ ତେବେ ବହୁଦିନ ପରେ ଓଡ଼ିଆ ଦର୍ଶକ ଅତି ନିକଟରୁ ଆଇପିଏଲ୍ ମ୍ୟାଚ ଉପଭୋଗ କରିପାରିବେ।


**-ନିର୍ମଳ କୁମାର ମିଶ୍ର**

### ଫଳାଫଳ

| ସିଜନ | ଚାମ୍ପିୟନ | ରନର୍ସଅପ୍ |
|---|---|---|
| ୨୦୦୮ | ରାଜସ୍ଥାନ ରୟାଲ୍ସ | ଚେନ୍ନାଇ ସୁପରକିଙ୍ଗ୍ସ |
| ୨୦୦୯ | ଡେକାନ ଚାର୍ଜର୍ସ | ରୟାଲ ଚ୍ୟାଲେଞ୍ଜର୍ସ |
| ୨୦୧୦ | ଚେନ୍ନାଇ ସୁପରକିଙ୍ଗ୍ସ | ମୁମ୍ବାଇ ଇଣ୍ଡିଆନ୍ସ |
| ୨୦୧୧ | ଚେନ୍ନାଇ ସୁପରକିଙ୍ଗ୍ସ | ରୟାଲ ଚ୍ୟାଲେଞ୍ଜର୍ସ |
| ୨୦୧୨ | ନାଇଟ ରାଇଡର୍ସ | ଚେନ୍ନାଇ ସୁପରକିଙ୍ଗ୍ସ |
| ୨୦୧୩ | ମୁମ୍ବାଇ ଇଣ୍ଡିଆନ୍ସ | ଚେନ୍ନାଇ ସୁପରକିଙ୍ଗ୍ସ |
| ୨୦୧୪ | ନାଇଟ ରାଇଡର୍ସ | କିଙ୍ଗ୍ସ ଇଲେଭେନ ପଞ୍ଜାବ |
| ୨୦୧୫ | ମୁମ୍ବାଇ ଇଣ୍ଡିଆନ୍ସ | ଚେନ୍ନାଇ ସୁପରକିଙ୍ଗ୍ସ |
| ୨୦୧୬ | ସନ୍‌ରାଇଜର୍ସ ହାଇଦ୍ରାବାଦ | ରୟାଲ ଚ୍ୟାଲେଞ୍ଜର୍ସ |
| ୨୦୧୭ | ମୁମ୍ବାଇ ଇଣ୍ଡିଆନ୍ସ | ରାଇଜିଂ ପୁଣେ ସୁପରଜ୍ୟାଣ୍ଟ୍ସ |
| ୨୦୧୮ | ଚେନ୍ନାଇ ସୁପରକିଙ୍ଗ୍ସ | ସନ୍‌ରାଇଜର୍ସ ହାଇଦ୍ରାବାଦ |

## ଏକାଗ୍ରତା

ଥ୍ରି ଫିଫ୍ଟି ଏଇଟ୍ ସ୍କୋର ଚେଜ୍ କରି
କରିଥିଲା ଭୟଭୀତ
ଘରୋଇ ମାଟିରେ ୱାନ୍‌ଡେ ସିରିଜରେ
କଙ୍ଗାରୁ ମାରିଲା ନାତ
ଦିଲ୍ଲୀରେ ବି କଲା ହତ
ଟିମ୍ ଇଣ୍ଡିଆର ରଥୀ ମହାରଥୀ
ଟେକି ଦେଲେ ଅବା ହାତ।
ବ୍ୟାଟିଂ, ବୋଲିଂ, ଫିଲ୍ଡିଂରେ ଫେଲ୍
ଟିମ୍ ପାରିଲାନି ଖେଳି
କଙ୍ଗାରୁ ବାଣରେ ବିରାଟ ବାହିନୀ
ଗୋଟି ଗୋଟି ଗଲେ ଟଳି
ହ୍ୟାଣ୍ଡ୍ସକମ୍ବ, ଆଷ୍ଟର୍ନ ପାଳି
ଏକାଗ୍ରତା ଥିଲେ ଆମ ଭଳି ହୁଏ
ସେହି ଲୋକ ବାହୁବଳୀ।
ସୁଇସ୍ ଟେନିସ ଖେଳାଳି ରୋଜର
ଫେଡରର ମନ ଖୁସି



ଦୁବାଇରେ ଶହେତମ ଟାଇଟଲ
ଷ୍ଟିଫାନସ ଗଲା ଫସି
ଏକାଗ୍ରତା ଥିଲେ ବିଶି
ବିଜୟ ସହଜ ହୁଅଇ ବୟସ
ହଉ ଷାଠିଏ କି ଅଶୀ।

**-ସୁବାସ ଚନ୍ଦ୍ର ପ୍ରଧାନ**

Dollar 69.34 (20) | Sensex 37,754.89 (2.72) | Nifty 11,343.25 (1.55) | Gold 33,370.00 (₹15) | Silver 39,300.00 (₹410)

## ସଂକ୍ଷେପରେ

### ପାଇକାରୀ ମୁଦ୍ରାସ୍ଫୀତି ୨.୯୩%କୁ ବୃଦ୍ଧି

**ନୂଆଦିଲ୍ଲୀ,୧୪-୩:** ଫେବୃୟାରୀରେ ଖୁଚୁରା ପରେ ପାଇକାରୀ ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଛି। ଏହା ଗତବର୍ଷର ରେକର୍ଡ ଭାଙ୍ଗିଛି। ଖାଦ୍ୟପଦାର୍ଥ, ପନିପରିବା ତଥା ଇନ୍ଧନ ମୂଲ୍ୟ ବୃଦ୍ଧି ପାଇବା କାରଣରୁ ପାଇକାରୀ ମୁଦ୍ରାସ୍ଫୀତି ହାର ୨.୯୩%କୁ ବଢ଼ିଥିବା କୁହାଯାଉଛି। ଗୁରୁବାର ଜାରି ତଥ୍ୟ ଅନୁଯାୟୀ, ଜାନୁୟାରୀରେ ପାଇକାରୀ ମୁଦ୍ରାସ୍ଫୀତି ୨.୭୬% ରହିଥିଲା। ଗତବର୍ଷ ଏହି ସମୟରେ ଏହା ୨.୭୪% ଥିଲା। ଏଥିପୂର୍ବରୁ ଉପଭୋକ୍ତା ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି ମଧ ଖାଦ୍ୟପଦାର୍ଥ ମୂଲ୍ୟବୃଦ୍ଧି କାରଣରୁ ଫେବୃୟାରୀରେ ୪ ମାସର ସର୍ବୋଚ୍ଚ ସ୍ତର ୨.୫୭%ରେ ପହଞ୍ଚିଯାଇଛି। ତଥ୍ୟ ଅନୁଯାୟୀ, ପ୍ରାଥମିକ ସାମଗ୍ରୀର ମୁଦ୍ରାସ୍ଫୀତି ହାର ଜାନୁୟାରୀରେ ୩.୫୪% ତୁଳନାରେ ଫେବୃୟାରୀରେ ବୃଦ୍ଧି ପାଇ ୪.୮୪%ରେ ପହଞ୍ଚିଛି। ଆଳୁ, ପିଆଜ, ଫଳ, କ୍ଷୀର ଭଳି ରୋଷେଇରେ ଆବଶ୍ୟକ ସାମଗ୍ରୀକୁ ପ୍ରାଥମିକ ସାମଗ୍ରୀ ଭାବେ ଗଣନା କରାଯାଏ। ଏହି ଅବଧିରେ ଇନ୍ଧନ ଏବଂ ବିଜୁଳିର ମୁଦ୍ରାସ୍ଫୀତି ୨.୨୩% ବଢ଼ିଛି। ଜାନୁୟାରୀରେ ଏହା ୧.୮୫% ଥିଲା।

### ୬୦% ହ୍ରାସ ପାଇଛି ଇରାନରୁ ଭାରତକୁ ତେଲ ଆମଦାନୀ



**ନୂଆଦିଲ୍ଲୀ,୧୪-୩:** ଆମେରିକା ସହ ହୋଇଥିବା କଟକଣା ହ୍ରାସ ଡିଲ୍ ଅନୁଯାୟୀ ଇରାନରୁ ଭାରତର ତୈଳ ଆମଦାନୀ ବର୍ଷକୁ ବର୍ଷ ହିସାବରେ ୬୦% ହ୍ରାସ ପାଇ ଦୈନିକ ୨ ଲକ୍ଷ ୬୦ ହଜାର ବ୍ୟାରେଲରେ ପହଞ୍ଚିଛି। ସୂଚନାଥାଉ କି, ଇରାନର ପରମାଣୁ ଚୁକ୍ତିରୁ ଆମେରିକା ଓହରିଯିବା ପରେ ଏହି ଗଲ୍ଫ ଦେଶ ବିରୋଧରେ କଟକଣା ଲାଗୁ କରାଯାଇଥିଲା। ତେବେ ଭାରତ ସମେତ ୮ ରାଷ୍ଟ୍ରକୁ ଡିଲ୍ ଅନୁଯାୟୀ ଆମେରିକା କଟକଣା ହ୍ରାସ କରିଥିଲା। ସେମାନଙ୍କୁ ୬ ମାସ ପାଇଁ ଇରାନରୁ ତେଲ କିଣିବାକୁ ଆମେରିକା ଅନୁମତି ଦେଇଥିଲା। ଭାରତ ମେ ପର୍ଯ୍ୟନ୍ତ ଇରାନରୁ ଦୈନିକ ୩ ଲକ୍ଷ ବ୍ୟାରେଲ ତେଲ କିଣିପାରିବ ବୋଲି ଆମେରିକା କହିଥିଲା। ତେବେ ଇରାନରୁ ଭାରତ ଧୀରେ ଧୀରେ ତେଲ କିଣିବା କମାଇବାରେ ଲାଗିଛି। ଜାନୁୟାରୀରେ ଏହା ଯେତିକି ତେଲ କିଣିଥିଲା ଫେବୃୟାରୀରେ ତା'ଠାରୁ ୪% କମ୍ ତେଲ କିଣିଛି।

### ବିରୋଧ ଯୋଗୁ ଓଏନ୍‌ଜିସିର ୯ ତୈଳ ଭଣ୍ଡାର ବିକ୍ରି ହେଲାନି



**ନୂଆଦିଲ୍ଲୀ,୧୪-୩:** ମୁମ୍ବାଇ ହାଇ ସମେତ ଓଏନ୍‌ଜିସିର ୯ ବୃହତ ତୈଳ ଭଣ୍ଡାରକୁ ଘରୋଇ କମ୍ପାନୀକୁ ବିକ୍ରି କରିଦେବା ଲାଗି କେନ୍ଦ୍ର ସରକାରଙ୍କ ଯୋଜନା ଅଧାରେ ରହିଗଲା। ସରକାରଙ୍କ ମଧରେ ବିରୋଧ ଯୋଗୁ ଏହା ସମ୍ଭବ ହୋଇପାରିଲା ନାହିଁ। ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାରଙ୍କ ଅଧକ୍ଷତାରେ ଗଠିତ ଏକ ଉଚ୍ଚସ୍ତରୀୟ କମିଟି ଓଏନ୍‌ଜିସିର ମୁମ୍ବାଇ ହାଇ, ବସାଇ ଇଷ୍ଟ,ଡି-୧,ହୀରା, ପାନ୍ନା, ଆସାମର ଗ୍ରେଟର ଜୋରାଜାନ ଓ ଗିଲେକି,ରାଜସ୍ଥାନର ବାଘେୱାଲା ଏବଂ ଗୁଜରାଟର କାଲୋଲ ସମେତ ୯ ତୈଳ ଓ ଗ୍ୟାସ୍ ଭଣ୍ଡାରକୁ ଘରୋଇ ଅଥବା ବିଦେଶୀ କମ୍ପାନୀଙ୍କ ହାତରେ ବିକ୍ରି କରିଦେବାକୁ ସୁପାରିସ କରିଥିଲେ। ଏହି ୯ ତୈଳ ଭଣ୍ଡାର ସମେତ ସମଗ୍ର ଉତ୍ପାଦନର ୫% ଅଂଶ ବୋଲାଉଥିବା ୧୪୯ କ୍ଷୁଦ୍ର ଭଣ୍ଡାରକୁ ମଧ ଘରୋଇ ହାତରେ ଟେକିଦେବାକୁ ସୁପାରିସ ହୋଇଥିଲା। ତେବେ ଓଏନ୍‌ଜିସି ଓ ସରକାରଙ୍କ ଏକ ଅଂଶବିଶେଷ ଏହି ପ୍ରସ୍ତାବକୁ ବିରୋଧ କରିଥିଲେ।

> କର୍ମଚାରୀଙ୍କ ଫେବୃୟାରୀ ମାସ ବେତନ ଶୁକ୍ରବାର ସୁଦ୍ଧା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି ।
> – ଅନୁପମ ଶ୍ରୀବାସ୍ତବ, ଅଧ୍ୟକ୍ଷ, ବିଏସ୍‌ଏନ୍‌ଏଲ୍



> ଚଳିତ ବର୍ଷ ଦେଶର ରପ୍ତାନି ୩୩୦ ବିଲିୟନ ଡଲାର ଟପିବା ନେଇ ଆଶାବାଦୀ ।
> – ଅନୁପ ୱାଧୱାନ, ବାଣିଜ୍ୟ ସଚିବ



■ ବୋଇଂ ୭୩୭ ମ୍ୟାକ୍ସର ଉଡ଼ାଣ କଟକଣା

# ବିମାନ ଭଡ଼ା ୧୦୦% ବୃଦ୍ଧି



■ ହୋଲି ଓ ଖରାଦିନ ଛୁଟି ଯୋଗୁ ବିମାନ ଟିକେଟ ଚାହିଦା ବୃଦ୍ଧି

■ ବିମାନ ଯାତ୍ରା ବାତିଲ ଯୋଗୁ ଟିକେଟ ଦର ବଢ଼ୁଛି

**ନୂଆଦିଲ୍ଲୀ,୧୪-୩**

କେନ୍ଦ୍ର ସରକାର ବୋଇଂ ୭୩୭ ମ୍ୟାକ୍ସ ବିମାନ ଉଡ଼ାଣ ଉପରେ କଟକଣା ଜାରି କରିଥିବା ବେଳେ ଅନ୍ୟ କେତେକ କାରଣରୁ ବିମାନ ଭଡ଼ା ହୁହୁ ହୋଇ ବଢ଼ିବାରେ ଲାଗିଛି। କିଛି ରୁଟ୍‌ରେ ବିମାନ ଯାତ୍ରୀ ଭଡ଼ା ପ୍ରାୟ ୧୦୦% ବୃଦ୍ଧି ପାଇଥିବା ଦେଖାଯାଇଛି।

ଇକ୍‌ଜିଗୋ ସହ ପ୍ରତିଷ୍ଠାତା ଏବଂ ସିଇଓ ଆଲୋକ ବାଜପେୟୀ କହିଛନ୍ତି ଯେ, ବିଭିନ୍ନ କାରଣରୁ ବହୁଳ ସଂଖ୍ୟାରେ ବିମାନ ଛିଡ଼ା ହେବାରୁ ଆସନ ସଂଖ୍ୟା କମିଛି। ଫଳରେ ଯାତ୍ରୀ ଭଡ଼ା ଅଚାନକ ବଢ଼ିବାରେ ଲାଗିଛି। ବୁଧବାର ଦିଲ୍ଲୀ-ମୁମ୍ବାଇ, ମୁମ୍ବାଇ-ଚେନ୍ନାଇ, ମୁମ୍ବାଇ-କୋଲକାତା ଏବଂ ମୁମ୍ବାଇ-ବେଙ୍ଗାଲୁରୁର ବିମାନ ଭଡ଼ା ଗତ ବର୍ଷ ତୁଳନାରେ ଦୁଇଗୁଣା ହୋଇଛି। ସେ କହିଛନ୍ତି ଯେ, ମୁମ୍ବାଇ-ଚେନ୍ନାଇର ସ୍ପଟ୍ ଭଡ଼ା ୨୬,୦୭୩ ଟଙ୍କାରେ ପହଞ୍ଚିଯାଇଛି, ଯାହାକି ଗତବର୍ଷର ଏହି ସମୟରେ ମାତ୍ର ୫,୩୬୯ ଟଙ୍କା ଥିଲା। ହୋଲି ପର୍ବ ନିକଟତର ହେଉଥିବା ବେଳେ ସ୍କୁଲଗୁଡ଼ିକରେ ଖରାଦିନ ଛୁଟି ଯୋଗୁ ଯାତ୍ରୀମାନେ ବର୍ତ୍ତମାନ ମହଙ୍ଗା ଟିକେଟ କିଣିବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ଯାତ୍ରା ଡଟ୍ କମ୍ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଯାତ୍ରାର ଠିକ୍ ପୂର୍ବରୁ ଟିକେଟ ନେବା କ୍ଷେତ୍ରରେ ବୁଧବାର ଭଡ଼ା ଦୁଇଗୁଣାରୁ ଅଧିକ ହୋଇଛି। ଗତ ବର୍ଷ ତୁଳନାରେ ଉକ୍ତ ରୁଟ୍‌ରେ ଗୁରୁବାର ମଧ ସମାନ ସ୍ଥିତି ଦେଖିବାକୁ ମିଳିଛି। ତଥ୍ୟରୁ ଜଣାପଡିଛି ଯେ, ଗୁରୁବାର ମୁମ୍ବାଇ-ଚେନ୍ନାଇ ରୁଟ୍‌ରେ ଟିକେଟ ମୂଲ୍ୟ ବୃଦ୍ଧି ପାଇ ୨୦,୩୨୯ ଟଙ୍କା ହୋଇଛି। ଗତ ବର୍ଷ ଏହି ଦିନରେ ଯାତ୍ରାର ଠିକ୍ ପୂର୍ବରୁ ଟିକେଟ ଦାମ୍ ମାତ୍ର ୫,୬୭୧ ଟଙ୍କା ଥିଲା। ସେହିପରି ମୁମ୍ବାଇ-ଦିଲ୍ଲୀ ରୁଟ୍‌ରେ ଯାତ୍ରାର ଠିକ୍ ପୂର୍ବରୁ ଟିକେଟ ନେଲେ ୧୩,୪୯୫ ଟଙ୍କା ଦେବାକୁ ପଡିଛି, ଯାହା ଗତବର୍ଷର ଦରଠାରୁ ୧୩୭ ପ୍ରତିଶତ ଅଧିକ। ସୂଚନାଥାଉ କି, ଇଥିଓପିୟାନ ଏୟାରଲାଇନ୍ସରର ଏକ ୭୩୭ ମ୍ୟାକ୍ସ ୮ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ସମସ୍ତ ୧୫୭ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ବୋଇଂ ୭୩୭ ମ୍ୟାକ୍ସ ୮ ବିମାନର ଉଡ଼ାଣ ଉପରେ କଟକଣା ଲାଗୁ କରିଥିଲେ। ସ୍ପାଇସଜେଟ୍ ନିକଟରେ ଏଭଳି ୧୨ ବିମାନ ରହିଥିବାରୁ ଏହା ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କେବଳ ବୋଇଂ ବିମାନ ଯୋଗୁ ନୁହେଁ ଅନ୍ୟ କେତେକ କାରଣ ଯୋଗୁ ମଧ ବିମାନ ଭଡ଼ା ବଢ଼ିବାରେ ଲାଗିଛି। ବୁଧବାର ସ୍ପାଇସଜେଟ ୧୪ ବିମାନ ଉଡ଼ାଣକୁ ରଦ୍ଦ କରିଛି। ଗୁରୁବାର ସୁଦ୍ଧା ଏହା ୩୨ରେ ପହଞ୍ଚିଲାଣି। ଅନ୍ୟପକ୍ଷରେ ବକେୟା ପ୍ରଦାନରେ ବିଳମ୍ବ ହେତୁ ଜେଟ୍ ଏୟାରୱେଜର ୩୨ ବିମାନ ଛିଡ଼ା ହେଲାଣି। ଏହାଛଡ଼ା ଯନ୍ତ୍ରାଂଶ ଏବଂ ପାଇଲଟ ଅଭାବ ସମେତ ଅନ୍ୟାନ୍ୟ କେତେକ କାରଣ ଯୋଗୁ ପ୍ରାୟ ୫୦ ବିମାନର ଉଡ଼ାଣ ବନ୍ଦ ହୋଇଛି। ବିମାନ ଅଭାବ କାରଣରୁ ଯାତ୍ରା ଉପରେ ଘୋର ପ୍ରଭାବ ପଡୁଛି। ହୋଲି ପର୍ବ ଯୋଗୁ ଟ୍ରେନ ଓ ବସରେ ଭିଡକୁ ଲକ୍ଷ୍ୟ କରି ଲୋକେ ବିମାନ ଉପରେ ଅଧିକ ଭରସା କରୁଥିବା ବେଳେ ଭଡ଼ା ବୃଦ୍ଧି ସେମାନଙ୍କ ମୁଣ୍ଡବ୍ୟଥା ବଢ଼ାଇ ଦେଇଛି। ବେସାମରିକ ବିମାନ ଚଳାଚଳ ସଚିବ ପ୍ରଦୀପ ସିଂ ଖାରୋଲା କହିଛନ୍ତି ଯେ, ବିକଟ ପରିସ୍ଥିତିର ଫାଇଦା ଉଠାଇ ବିମାନ କମ୍ପାନୀଗୁଡ଼ିକ ଯାତ୍ରୀଙ୍କୁ ନ ଲୁଟିବାକୁ ସେ ପରାମର୍ଶ ଦେଇଛନ୍ତି।

## ୪୨ ଲକ୍ଷ କୋଟିର ବିମାନ ବିକ୍ରି ଝୁଲିଲା

**ନୂଆଦିଲ୍ଲୀ,୧୪-୩**

ବୋଇଂ ୭୩୭ ମ୍ୟାକ୍ସ ବିମାନ କ୍ରମାଗତ ଦୁର୍ଘଟଣାର ଶିକାର ହେବା ପରେ ସାରା ବିଶ୍ୱରେ ଏହାକୁ ନେଇ ଭୟ ସୃଷ୍ଟି ହୋଇଛି। ଏହି ବିମାନ ଚଳାଚଳ ଉପରେ ଏବେ ସାରା ବିଶ୍ୱରେ କଟକଣା ଲାଗିଛି ଅଥବା ଲାଗୁଛି। ବୋଇଂ କମ୍ପାନୀର ଏହି ସ୍ୱତନ୍ତ୍ର ଧରଣର ବିମାନ କିଣିବା ଲାଗି ପୂର୍ବରୁ ଆଗ୍ରହ ଦେଖାଇଥିବା ଦେଶଗୁଡ଼ିକ ଏବେ ନିଜ ନିଷ୍ପତ୍ତିର ପୁନର୍ବିଚାର ଆରମ୍ଭ କରିଛନ୍ତି। ଫଳରେ କମ୍ପାନୀକୁ ମିଳିଥିବା ୪୨ ଲକ୍ଷ କୋଟି ଟଙ୍କାର ବିକ୍ରି ନିର୍ଦ୍ଦେଶ ଏବେ ଝୁଲିଗଲାଣି। କେହି ଏବେ ଏହି ବିମାନ କିଣିବାକୁ ଆଗଭର ହେଉ ନ ଥିବାରୁ ବୋଇଂର ଚିନ୍ତା ବଢ଼ିଯାଇଛି। ନିକଟରେ ଇଥିଓପିଆ ଏୟାରଲାଇନ୍ସର ବୋଇଂ ୭୩୭ ମ୍ୟାକ୍ସ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପରେ ସମସ୍ତଙ୍କ ଚେତା ପଶିଛି। ଅକ୍ଟୋବର ପରେ ଏହା ଦ୍ୱିତୀୟ ବିମାନ ଦୁର୍ଘଟଣା। ବୋଇଂ ୭୩୭ ମ୍ୟାକ୍ସ ବିମାନ ଦୁର୍ଘଟଣା ପରେ ବିୟତଜେଟ ଏଭିଏଶନ ନିଜ ନିଷ୍ପତ୍ତିର ପୁନର୍ବିଚାର କରିବ ବୋଲି କହିଛି। ଗତ ମାସରେ ଏହା ୨୫ ବିଲିୟନ ଡଲାର ମୂଲ୍ୟର ବିମାନ କିଣିବ ବୋଲି ଘୋଷଣା କରିଥିଲା।

## ଆଇଡିବିଆଇକୁ ଘରୋଇ ବ୍ୟାଙ୍କର ମାନ୍ୟତା

**ନୂଆଦିଲ୍ଲୀ,୧୪-୩**

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ଦ୍ୱାରା ଅଧିକାଂଶ ଅଂଶଧନ କିଣାଯିବା ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଆଇଡିବିଆଇ ବ୍ୟାଙ୍କକୁ ଏକ ଘରୋଇ ବ୍ୟାଙ୍କ ଭାବେ ମାନ୍ୟତା ଦେଇଛି। ଚଳିତ ବର୍ଷ ଜାନୁୟାରୀ ସୁଦ୍ଧା ଆଇଡିବିଆଇ ବ୍ୟାଙ୍କର ୫୧% ଅଂଶଧନକୁ ଏଲ୍‌ଆଇସି କିଣିସାରିଛି। ଆର୍‌ବିଆଇ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଜାନୁୟାରୀ ୨୧ରୁ ଆଇଡିବିଆଇ ବ୍ୟାଙ୍କକୁ ଏକ ଘରୋଇ ତଥା ଋଣପ୍ରଦାନକାରୀ ବ୍ୟାଙ୍କ ଭାବେ ମନେ କରାଯିବ। ସୂଚନାଥାଉ କି, ଏହି ବ୍ୟାଙ୍କ ଗତ ବର୍ଷାଧିକ କାଳ ହେବ ଆର୍‌ବିଆଇର ପିସିଏ ଅଧୀନରେ ଥିଲା।

■ ଜେଟ୍ ଏୟାରୱେଜକୁ ଋଣ ପ୍ରଦାନ

## ନିଷ୍ପତ୍ତି ନେବେ ବ୍ୟାଙ୍କ ସମୂହ : ପିଏନ୍‌ବି

**ନୂଆଦିଲ୍ଲୀ,୧୪-୩:** ନଗଦ ସଙ୍କଟର ସମ୍ମୁଖୀନ ହୋଇଥିବା ଜେଟ୍ ଏୟାରୱେଜକୁ ଜରୁରିକାଳୀନ ପାଣ୍ଠି ଯୋଗାଣ ନେଇ ବ୍ୟାଙ୍କ ସମୂହ ମିଶି ନିଷ୍ପତ୍ତି ନେବେ ବୋଲି ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଗୁରୁବାର ସ୍ପଷ୍ଟ କରିଛି। ଜେଟ୍‌କୁ ପିଏନ୍‌ବି ୨୦୫୦ କୋଟି ଟଙ୍କାର ଋଣ ଦେବ ବୋଲି ମିଡିଆରେ ଚର୍ଚ୍ଚା ହେଉଥିବା ବେଳେ ବ୍ୟାଙ୍କ ପକ୍ଷରୁ ଏତାଦୃଶ ମନ୍ତବ୍ୟ ଘରୋଇ ଏୟାରଲାଇନ ପାଇଁ ମୁଣ୍ଡବ୍ୟଥା ବଢ଼ାଇବା ନିଶ୍ଚିତ ହୋଇଯାଇଛି। ଇତିପୂର୍ବେ ଜେଟ୍ ପକ୍ଷରୁ ଷ୍ଟକ୍ ମାର୍କେଟକୁ ପତ୍ର ଲେଖି କୁହାଯାଇଥିଲା ଯେ, ଏହା ପିଏନ୍‌ବିଠାରୁ କୌଣସି ଋଣ ପାଇନାହିଁ। ପିଏନ୍‌ବି ଏମ୍‌ଡି ତଥା ସିଇଓ ସୁନୀଲ ମେହେଟ୍ଟା କହିଛନ୍ତି ଯେ, ତାଙ୍କ ବ୍ୟାଙ୍କ ଜେଟ୍‌କୁ ଋଣ ଦେବା ନେଇ ବିଚାର କରୁଛି।

## ୩୫୦୦ କୋଟି ପ୍ରଦାନ ନେଇ ଉପାୟ ଜଣାଇବାକୁ ସିଂହଭ୍ରାତାଙ୍କୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୪-୩**

ରାନବାକ୍ସି-ଡାଏଚି ମାମଲା



ରାନବାକ୍ସି-ଡାଏଚି ମାମଲାରେ ସିଙ୍ଗାପୁର ଟ୍ରିବ୍ୟୁନାଲ ଦ୍ୱାରା ୩୫୦୦ କୋଟି ଟଙ୍କା ଦାଖଲ ଲାଗି ଦିଆଯାଇଥିବା ରାୟକୁ କିପରି କାର୍ଯ୍ୟକାରୀ କରିବେ ଜଣାଇବା ଲାଗି ସୁପ୍ରିମକୋର୍ଟ ଗୁରୁବାର ରାନବାକ୍ସିର ପୂର୍ବତନ ପ୍ରମୋଟର ସିଂହଭ୍ରାତା ମାଲବିନ୍ଦର ସିଂହ ଓ ଶିବିନ୍ଦର ସିଂହଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସିଂହଭ୍ରାତା ଏଥିପାଇଁ ନିଜର ଆଇନ ଓ ଆର୍ଥିକ ପରାମର୍ଶଦାତାଙ୍କ ସହ ଆଲୋଚନା କରିପାରିବେ। ଆଲୋଚନା ପରେ ସେମାନେ ରାୟ ପାଳନ ନେଇ ଉଚିତ୍ ପଦକ୍ଷେପ ସମ୍ପର୍କରେ ଜଣାଇବାକୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ ଦୀପକ ଗୁପ୍ତା ଓ ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହା କୌଣସି ବ୍ୟକ୍ତିବିଶେଷଙ୍କର ନୁହେଁ ବରଂ ଦେଶର ସମ୍ମାନର ପାଇଁ ଠିକ୍ ନୁହେଁ। ଆପଣ ଦୁଇ ଭାଇ ଫାର୍ମାକେୟାର ଉଦ୍ୟୋଗରେ ଅଗ୍ରଣୀ ଭାବେ ଖ୍ୟାତ। ସେମାନେ କୋର୍ଟକୁ ହାଜର ହୁଅନ୍ତୁ ଏହା ଶୋଭା ପାଉ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଆସନ୍ତା ୨୮ ତାରିଖରେ କୋର୍ଟରେ ହାଜର ହୋଇ ସିଂହଭ୍ରାତା ନିଜର ଯୋଜନା ଉପସ୍ଥାପନ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଶେଷଥର ପାଇଁ ସିଂହଭ୍ରାତା ଅଦାଲତକୁ ଆସିବେ ବୋଲି ଖଣ୍ଡପୀଠ ଆଶାପ୍ରକାଶ କରିଛନ୍ତି।



## ତନିଷ୍କ ପକ୍ଷରୁ ଗ୍ରାଣ୍ଡ ଅଫର

**ଭୁବନେଶ୍ୱର,୧୪-୩(ବ୍ୟୁରୋ)**

ପ୍ରମୁଖ ଗହଣା ବ୍ରାଣ୍ଡ ତନିଷ୍କ ଏହାର ୨୧ତମ ବାର୍ଷିକ ଉତ୍ସବ ପାଳନ ଅବସରରେ 'ଗ୍ରାଣ୍ଡ ଅଫର' ସମ୍ପର୍କରେ ଘୋଷଣା କରିଛି। ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ଶୋ'ରୁମରେ ଟାଇଟାନ କୋ.ଲିମିଟେଡର ଆର୍‌ବିଏମ୍ ଅନିର୍ବାଣ ବାନାର୍ଜୀ, ଏବିଏମ୍ ସୁମୀତ ଘୋଷ ଏବଂ ଶୋ'ରୁମର ସ୍ୱତ୍ୱାଧିକାରୀ ମାନିକ ହଂସଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ ହୋଇଛି। ଏହି ଅଫର ଦ୍ୱାରା କମ୍ପାନୀ ସୁନା ଗହଣାର ଗଢା ମଜୁରି ଏବଂ ହୀରା ଗହଣାର ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ପୁରୁଣା ସୁନା ଗହଣାର ଏକ୍ସଚେଞ୍ଜ ଉପରେ ୧୦୦% ମୂଲ୍ୟ କିମ୍ବା ପ୍ରତି କ୍ରୟ ଉପରେ ମାଗଣା ଗୋଲ୍ଡ କଏନ ପାଇବାର ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଉକ୍ତ ଅଫର ଚଳିତ ମାସ ୧୮ ତାରିଖ ପର୍ଯ୍ୟନ୍ତ ରହିବ। ତନିଷ୍କ ବର୍ତ୍ତମାନ ଗ୍ରାହକଙ୍କର ସବୁଠାରୁ ବିଶ୍ୱସନୀୟ ଜୁଏଲେରୀ ବ୍ରାଣ୍ଡ ଭାବେ ଉଭା ହୋଇଥିବା ଏହି ଅବସରରେ ଟାଇଟାନ କମ୍ପାନୀର ସହକାରୀ ଉପସଭାପତି ଦୀପିକା ସଭରୱାଲ ତେୱାରୀ କହିଛନ୍ତି। ଗହଣା ଡିଜାଇନରେ ଉନ୍ନତି ସହ ଗୁଣବତ୍ତା ପ୍ରଡକ୍ଟ ଏବଂ ଅଭିନବତା ଆଣିବା ଦିଗରେ ପ୍ରତିଶ୍ରୁତିବଦ୍ଧ ବୋଲି ସେ ସୂଚନା ଦେଇଛନ୍ତି।

### ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତା ଦିଗରେ ସେଲ୍‌ରେ ଯୋଗଦାନ

**ନୂଆଦିଲ୍ଲୀ,୧୪-୩**

ମହିଳାଙ୍କ ସ୍ୱାସ୍ଥ୍ୟ ତଥା ସ୍ୱଚ୍ଛତା ସଚେତନତା ଦିଗରେ ରାଷ୍ଟ୍ରାୟତ୍ତ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ(ସେଲ୍) ନିଜର ଯୋଗଦାନ ରଖିଛି। ହରିୟାଣାର ନୁହ ଜିଲା ପ୍ରଶାସନ ସହ ମିଳିତ ହୋଇ କମ୍ପାନୀ ମାସିକ ଧର୍ମ ସ୍ୱଚ୍ଛତା ପ୍ରବନ୍ଧନ କାର୍ଯ୍ୟକ୍ରମରେ ନିଜର ସହଯୋଗ ରଖିଛି। ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

## ହୋଣ୍ଡା ଟୁହ୍ୱିଲର୍ସ ଆଣିଲା ୪ ନୂଆ ଭାରିଆଣ୍ଟ



**ଭୁବନେଶ୍ୱର, ୧୪-୩**

ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ୨୦୧୯ ପାଇଁ ୪ ନୂଆ ଭାରିଆଣ୍ଟ ଉନ୍ମୋଚନ ହୋଇଛି। ଏହା ମଧ୍ୟରେ ୧୫୦ ସିସି ସିବି ୟୁନିକର୍ଣ୍ଣ, ସିବି ସାଇନ୍ (ଡ୍ରମ୍ ଭାରିଆଂଟ୍), ସିଡି ଡ୍ରିମ୍ ଡିଏକ୍ସ ଓ ନାଭ ସାମିଲ ରହିଛି। ୨୦୧୯ ସିବି ୟୁନିକର୍ଣ୍ଣ ମଡେଲରେ ଗ୍ରାହକ ଏବିଏସ୍, ଆରାମ, ଟ୍ୟୁବଲେସ୍ ଟାୟାର, ଷ୍ଟାଇଲିସ ମିଟର କନସୋଲ ଏବଂ ସିଲ୍ ଚେନ୍ ସୁବିଧା ପାଇପାରିବେ। ଏହି ମଡେଲର ଏକ୍ସଶୋ'ରୁମ୍ ଦିଲ୍ଲୀ ବଜାର ଦର ୭୮,୮୧୫ ଟଙ୍କା ରହିଛି। ସିବି ସାଇନ୍ ସିବିଏସ୍ ହେଉଛି ସ୍ମାର୍ଟ ଏବଂ ଷ୍ଟାଇଲିସ୍ ଫିଚର ସହ ଆସିଛି। ଏଥିରେ କମ୍ବି ବ୍ରେକ୍ ସହିତ ଇକ୍ୱିଲାଇଜର୍ ଭଳି ବୈଶିଷ୍ଟ୍ୟ ରହିଛି। ମଡେଲଟିର ଏକ୍ସଶୋ'ରୁମ୍ ଦିଲ୍ଲୀ ମୂଲ୍ୟ ୫୮,୩୩୮ ଟଙ୍କା ରହିଛି। ସେହିଭଳି ସିଡି୧୧୦ ଡ୍ରିମ୍ ଡିଏକ୍ସ ସିବିଏସ୍‌ରେ ମଧ କମ୍ବି ବ୍ରେକ୍ ସହିତ ଇକ୍ୱିଲାଇଜର୍ ରହିଛି। ଏଥିରେ ୫ ସ୍ପୋକ୍ ଆଲଏ ହ୍ୱିଲ, କ୍ରୋମ୍ ହ୍ୟାଣ୍ଡେଲ୍ ବାର୍ ଓ କ୍ୟାରିୟର୍, କାଉଲ ଓ ଟେଲ୍ କାଉଲ୍, କ୍ଲିୟର ୱିଙ୍କର ଓ ଗ୍ରାଫିକ୍ସ ରହିଛି। ଏହାର ବଜାର ଦର ୫୦,୦୨୮ ଟଙ୍କା ରହିଛି।ନୂଆ ନାଭିର ବଜାର ଦର ୪୭,୧୧୦ ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

**THE ODISHA MINING CORPORATION LIMITED** OMC ODISHA NEW OPPORTUNITIES
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**CORRIGENDUM**

Ref: - NIT No.05/OMC/C/CT/2019.

No.: CAD-1787: The Tender Call Notice No.05/OMC/C/CT/2019 published dtd.09.03.2019, in the SL. No.07 of the tender notice the name of the work may be read as Construction of activity centre near D-Type Quarters of OMC Colony at JK Road in the dist. of Jajpur instead of Construction of activity centre near D-Quarry of OMC Colony at JK Road in the dist. of Jajpur. All other criteria will remain same.

Sd./- Sr.Manager (Civil)
Kaliapani
30005/11/0210/1819

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019
www.aiimsbhubaneswar.edu.in
AIIMS/BBSR/EE (ELEC)/NPS/044/SE/297/2019 Dated: 14th Mar 2019

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for **"Supply, Installation, Testing and Commissioning of Network Power Switch-II, 400Amp, 3-Phase for Implementation of Dual Source of Power Supply to MOTs at Hospital Complex, AIIMS, Bhubaneswar".** Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.edu.in.** Sd/-
Superintending Engineer
AIIMS, Bhubaneswar

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, NAYAGARH**
Tel No. (06753)253277, e-Mail ID: eemidivisionnayagarh@gmail.com
No.621 Dated 12.03.2019

**1st Corrigendum to Bid Identification No- EEMIDN 11/ 2018-19**

No.: 1398-A: The Date of transparent Lottery of Bid Identification No. EEMIDN 11/ 2018-19 scheduled on 20.03.2019 at 3.00 P.M. is hereby postponed in connection with imposition of model code of conduct for ensuing General Election, 2019. The next date of transparent Lottery if required will be notified separately.
All other terms and conditions remain unchanged.
Sd./- Executive Engineer,
M.I.Division, Nayagarh
32260/11/0013/1819

क्षेत्रीय केंद्र/ **Regional Centre**
भा.कृ.अनु.प. - केन्द्रीय कंद फसल अनुसंधान संस्थान
**ICAR – Central Tuber Crops Research Institute**
(भारतीय कृषि अनुसंधान परिषद// Indian Council of Agricultural Research)
दुमुदुमा हाउसिंग बोर्ड पी.ओ/Dumuduma Housing Board P.O.
भुवनेश्वर, ओडिशा/ BHUBANESWAR - 751 019, ODISHA
टेलीफोन/Telephone: +91-674-2470528 Fax: +91-674-2470528; ई मेल/E-Mail: rcctcri@yahoo.co.in

TENDER NOTICE No. 01/2019

**TENDER-CUM-AUCTION**

Sealed tenders are invited for disposal/sale of mango fruits of different varieties planted at Regional centre of ICAR-CTCRI, Bhubaneswar campus through tender-cum-auction **(open auction, if quoted price is less than reserve price)**. The tender paper may be obtained from this Office from 10.00 AM to 1.00 PM on working days w.e.f. 18.03.2019 to 29.03.2019 by depositing Rs. 500.00 in cash or can be downloaded from CTCRI website (www.ctcri.org). Website downloaded tender paper should have tender paper cost in form of DD (drawn in favour of Regional Centre of CTCRI, Bhubaneswar). The last date of submission of tender along with EMD by DD of Rs.15,000.00 (Rupees fifteen thousand only) (drawn in favour of ICAR-UNIT, CTCRI, Thiruvananthapuram) is upto 5 PM on 29.03.2019 and the tender will be opened on 30.03.2019 at 11.00 AM in this Office.
Sd./- HEAD

नालको NALCO
National Aluminium Company Limited
(A Government of India Enterprise)
M & R Complex,
Damanjodi-763 008, Odisha, India
CIN : L27203OR1981GOI000920
A NAVRATNA COMPANY

**E-TENDER NOTICE**

Digitally signed online tenders through Central Public Procurement Portal are invited on two-part mode for the following works at NALCO, Damanjodi, Odisha.

1- Tender Ref No: T&C/AR/03/R-1863
Name of the job : Operation, Repair & Maintenance of RMP and Ash Pond Reclamation pumps at NALCO, Damanjodi.

2- Tender Ref No: T&C/AR/03/R-1864
Name of the job : Hiring of one mini truck for Mechanical department of Alumina Refinery, NALCO, Damanjodi.

3- Tender Ref No: T&C/AR/03/R-1866
Name of the job : Door to Door Garbage Collection & Disposal at designated place in township, CISF colony and Rehabilitation colonies at NALCO, Damanjodi.

4- Tender Ref No: T&C/AR/03/R-1867
Name of the job : Hiring of 02 numbers of 51 Seater Tata Star Bus of Latest Model. Ex Showroom Delivery For Transportation of School Children on Monthly Basis.
DGM (T&C)-AR

5- Tender Ref No: AR/AMMP/209/3000005609
Name of the job : Supply of BTPN Wagons at Alumina Refinery, NALCO, Damanjodi, Odisha. DGM (Materials)-AR

For details visit www.eprocure.gov.in or www.nalcoindia.com.NB: Any updates/amendment/ extension of NIT will only be hosted in above websites.

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ଇନ୍ଦ୍ରଧନୁ ମାର୍କେଟ୍ କମ୍ପ୍ଲେକ୍ସ
ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-15,
ଫୋନ୍ ନଂ. 0674-2360189/2360542, ଫାକ୍ସ : 0674-2360990
ଇ-ମେଲ : rmbbsr@cewacor.nic.in | ୱେବ୍‌ସାଇଟ : www.cewacor.nic.in

**ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା ସଂ. 04/18-19**

ନିମ୍ନୋକ୍ତ କାର୍ଯ୍ୟ ପାଇଁ କେନ୍ଦ୍ରୀୟ ପଣ୍ୟାଗାର ନିଗମ ଠିକାଦାରଙ୍କ ଠାରୁ ଅନ୍‌ଲାଇନ୍ ଟେଣ୍ଡର ଆମନ୍ତ୍ରଣ କରୁଛି :

| କ୍ର. ସଂ. | କାର୍ଯ୍ୟର ନାମ | ଆକଳିତ ମୂଲ୍ୟ ଟଙ୍କାରେ | ଟେଣ୍ଡର ଅନ୍‌ଲାଇନ୍ ଦାଖଲ କରିବାର ଅନ୍ତିମ ତାରିଖ |
|---|---|---|---|
| 1 | କେନ୍ଦ୍ରୀୟ ପଣ୍ୟାଗାର-ଯାଜପୁର ରୋଡ଼ (ଓଡ଼ିଶା)ର ଉନ୍ନତିମୂଳକ କାର୍ଯ୍ୟ । | 41,95,586.75 | ତା. 15.04.2019 ରିଖ 15.00 ଘଟିକା ପର୍ଯ୍ୟନ୍ତ |

ବିସ୍ତୃତ ଟେଣ୍ଡରର ଚୁକ୍ତିର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆମନ୍ତ୍ରଣ ସୂଚନାର ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.tenderwizard.com/CWC କିମ୍ବା http://eprocure.gov.in/epublish/app ରେ ଦୃଶ୍ୟମାନ ଏବଂ ଡ୍ରାଉନ୍‌ଲୋଡ୍ କରାଯାଇପାରିବ ।
ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

**ଦୁର୍ଗପତିଙ୍କ କାର୍ଯ୍ୟାଳୟ**
**ପଞ୍ଚମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ**

**ବିଜ୍ଞାପନ**

କନଷ୍ଟେବଳ: **୩୦୯ ବିଶ୍ୱକର୍ମା ପାଇକ**
ପିତା: ଶ୍ରୀ ଭାବକର ପାଇକ
ଗ୍ରାମ/ପୋଷ୍ଟ: ଓ.ଏମ୍.ପି. ଲାଇନ୍, କୋରାପୁଟ
ଥାନା: କୋରାପୁଟ
ଜିଲ୍ଲା: କୋରାପୁଟ
ପିନ୍: ୭୬୪୦୨୧

No.: 408-D: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଆପଣ ୦୭ ଦିନ ସାମୂହିକ ଛୁଟି ତା୨୨।୦୩।୨୦୧୮ରିଖ ଅପରାହ୍ନ ଠାରୁ ତା୨୯।୦୩।୨୦୧୮ରିଖ ଅପରାହ୍ନ ପର୍ଯ୍ୟନ୍ତ ଯାଇଥିଲେ। ଉକ୍ତ ଛୁଟିର ନିୟମ ଅନୁଯାୟୀ ଆପଣ ତା୩୦।୦୩।୨୦୧୮ରିଖ ପୂର୍ବାହ୍ନ ସୁଦ୍ଧା ସରକାରୀ କାର୍ଯ୍ୟରେ ଯୋଗ ଦେବାର ଥିଲା, କିନ୍ତୁ ଆପଣ କାହାରିକୁ କିଛି ନ ଜଣାଇ ଉକ୍ତ ଦିନଠାରୁ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରୁ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ବାରମ୍ବାର ତଲବ କରିବା ସତ୍ତ୍ୱେ ନିଜ କାର୍ଯ୍ୟରେ ଯୋଗ ଦେଉ ନାହାନ୍ତି। ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି କି ଯେ ଆପଣ ଉଦ୍ଦେଶ୍ୟମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗଦାନ କରୁନାହାନ୍ତି। ଏଣୁ ଏତାଦୃଶ୍ୟ କାର୍ଯ୍ୟ ଯୋଗୁଁ ଆପଣଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ ପୋଲିସ୍ ବିଭାଗରେ ନିଯୁକ୍ତି କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହୋଇ ପାରୁନାହିଁ। ଏଣୁ ଉକ୍ତ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଏହି ସମ୍ବାଦ ପ୍ରକାଶନର ୦୭ଦିନ ମଧ୍ୟରେ ଯଦି ଆପଣ ନିଜ କାର୍ଯ୍ୟରେ ଯୋଗଦାନ ନ କରିବେ ତେବେ ଧରି ନିଆଯିବ ଯେ ଆପଣଙ୍କର ଏହି ବିଭାଗରେ ଚାକିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଆପଣଙ୍କର ଉକ୍ତ ବିନା ଅନୁମତିରେ ଗରହାଜିର ନିମନ୍ତେ ଆପଣଙ୍କ ବିରୁଦ୍ଧରେ ଏକତରଫା ଭାବେ ବିହିନ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିମ୍ନ ସ୍ୱାକ୍ଷରକାରୀ ବାଧ ହେବେ।

ଦୁର୍ଗପତି
(ପଞ୍ଚମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ)
12029/11/0067/1819



“ଭାରତୀୟ ସୀମିତ ଓଭର ଟିମ୍‌ରେ ଭେଟେରାନ ମହେନ୍ଦ୍ର ସିଂ ଧୋନୀଙ୍କ ଗୁରୁତ୍ୱକୁ ହେୟଜ୍ଞାନ ମନେ କରିବା ଉଚିତ ନୁହେଁ।
– ମାଇକେଲ କ୍ଲାର୍କ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



“ବିଶ୍ୱକପ୍ ଲାଗି ଫିଟ୍ ରଖିବା ପାଇଁ ଆଇପିଏଲ୍‌ରେ କାର୍ଯ୍ୟଭାରକୁ କିପରି ସମ୍ଭାଳିବେ ତାହା ଖେଳାଳିଙ୍କ ଉପରେ ନିର୍ଭର କରେ।
– ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ୩୦ରୁ ସେଭେନ-ଏ ସାଇଡ୍ ଫୁଟବଲ

କଟକ ଅଫିସ,୧୪।୩- ଫୁଟବଲ କ୍ଲବ ଗ୍ୟାଲେକ୍ସି ପକ୍ଷରୁ ଆସନ୍ତା ୩୦ରୁ ଏପ୍ରିଲ ୭ ତାରିଖ ପର୍ଯ୍ୟନ୍ତ ଅଲ୍ ଓଡ଼ିଶା ସେଭେନ-ଏ ସାଇଡ ଫୁଟବଲ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ପ୍ୟାରୀମୋହନ ସ୍କୁଲ ଗ୍ରାଉଣ୍ଡରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ କଟକ ଓ ଭୁବନେଶ୍ୱରର ୮ଟି ଦଳ ଅଂଶ ଗ୍ରହଣ କରିବେ ବୋଲି କ୍ଲବର ସମ୍ପାଦକ ସେଖ ହିମାୟତ ସୂଚନା ଦେଇଛନ୍ତି।

### ଭିଆର୍‌ଭି ସିଂଙ୍କ ଅବସର

ମୋହାଲି, ୧୪।୩- ବିକ୍ରମ ରାଜବୀର ସିଂ ତଥା କ୍ରିକେଟ ଜଗତରେ ଭିଆର୍‌ଭି ସିଂ ନାମରେ ପରିଚିତ ପୂର୍ବତନ ଭାରତୀୟ ଦ୍ରୁତ ବୋଲର ସମସ୍ତ ପ୍ରକାର କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ପଞ୍ଜାବର ଏହି ଉଦୀୟମାନ ଡାହାଣହାତୀ ବୋଲର ପିଠି ଯନ୍ତ୍ରଣାଜନିତ ସମସ୍ୟା ଲାଗି କ୍ରିକେଟରୁ ସନ୍ନ୍ୟାସ ନେବାକୁ ନିଷ୍ପତ୍ତି ନେଇଛନ୍ତି। ୩୪ ବର୍ଷୀୟ ଭିଆର୍‌ଭି ୨୦୦୬ରେ ଜାମସେଦପୁରଠାରେ ଇଂଲଣ୍ଡ ବିପକ୍ଷ ଦିନିକିଆ ମ୍ୟାଚ୍ ଖେଳି ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସେହିବର୍ଷ ସେଣ୍ଟଜୋନ୍ସଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ସେ ପ୍ରଥମ ଟେଷ୍ଟ ଖେଳିବାର ସୌଭାଗ୍ୟ ପାଇଥିଲେ। ମୋଟ୍ ଉପରେ ଭାରତ ପକ୍ଷରୁ ସେ ୫ଟି ଟେଷ୍ଟ ଓ ୨ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ। କିନ୍ତୁ ଏଥିରେ ତାଙ୍କ ପ୍ରଦର୍ଶନ ପ୍ରଭାବଶୂନ୍ୟ ରହିଥିଲା। ୫ଟି ଟେଷ୍ଟରୁ ସେ ୮ଟି ଉଇକେଟ୍ ନେଇଥିବାବେଳେ ଦିନିକିଆରେ ଉଇକେଟ୍ ଖାତା ଖୋଲିପାରି ନ ଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ସେ ୨୯ ମ୍ୟାଚ୍‌ରୁ ୧୨୧ ଉଇକେଟ୍ ଅକ୍ତିଆର କରିଛନ୍ତି। ଅବସର ପରେ କୋଚିଂରେ କ୍ୟାରିୟର କରିବାକୁ ଲକ୍ଷ୍ୟ ରଖିଥିବା ଭିଆର୍‌ଭି କହିଛନ୍ତି।

### କ୍ୱାର୍ଟରରେ ଲକ୍ଷ୍ୟ ସେନ

ନୂଆଦିଲ୍ଲୀ,୧୪।୩(ପିଟି)- ଏସିଆନ୍ ଜୁନିୟର ଚାମ୍ପିୟନ ଲକ୍ଷ୍ୟ ସେନ ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଦକ୍ଷିଣ କୋରିଆର ହା ୟଙ୍ଗ୍ ଉଙ୍ଗ୍‌ଙ୍କୁ ସହଜରେ ପରାସ୍ତ କରିଛନ୍ତି। ବିଶ୍ୱର ୧୦୪ତମ ର୍‍ୟାଙ୍କ୍‌ପ୍ରାପ୍ତ ଲକ୍ଷ୍ୟ ୨୧-୧୪, ୨୧-୧୫ ଗେମ୍‌ରେ ମ୍ୟାଚ୍ ଜିତି ନେଇଛନ୍ତି। ବିଜୟ ଲାଗି ତାଙ୍କୁ ୪୬ ମିନିଟ୍ ସମୟ ଲାଗିଥିଲା।

# କମ୍ପାଉଣ୍ଡ ରାଉଣ୍ଡରେ ପଞ୍ଜାବକୁ ଡବଲ ସ୍ୱର୍ଣ୍ଣ

**ଜାତୀୟ ସିନିୟର ତୀରନ୍ଦାଜୀ**

କଟକ ଅଫିସ,୧୪।୩

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୩୯ତମ ସିନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପର କମ୍ପାଉଣ୍ଡ ରାଉଣ୍ଡ ପ୍ରତିଯୋଗିତା ଗୁରୁବାର ଶେଷ ହୋଇଛି। ପଞ୍ଜାବ ଦୁଇଟି ବିଭାଗରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ପୁରୁଷ ଦଳଗତ ଓ ମିକ୍ସଡ ଇଭେଣ୍ଟରେ ପଞ୍ଜାବ ଚାମ୍ପିୟନ ହୋଇଥିଲା। ଶନିବାରଠାରୁ ଚାମ୍ପିୟନଶିପର ଅନ୍ତିମ ତଥା ଇଣ୍ଡିଆନ ରାଉଣ୍ଡ ମୁକାବିଲା ଆରମ୍ଭ ହେବ।

ପୁରୁଷ ସିଙ୍ଗିଲ୍ସ ବିଭାଗରେ ଦିଲ୍ଲୀର ଅଭିଷେକ ବର୍ମା ସର୍ବାଧିକ ୭୦୬ ପଏଣ୍ଟ ସଂଗ୍ରହ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ପଞ୍ଜାବର ସଙ୍ଗମପ୍ରୀତ ସିଂ ବିସଲା ରୌପ୍ୟ ଓ ରଜତ ଚୌହ୍ୱାନ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ସିଙ୍ଗିଲ୍ସ ଅଲିମ୍ପିକ ରାଉଣ୍ଡରେ ରାଜସ୍ଥାନର ରଜତ ଚୌହ୍ୱାନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ଉତ୍ତରପ୍ରଦେଶର ଅର୍ଜୁନ କୁମାର ଓ ପ୍ରବୀଣ କୁମାର ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ମହିଳା ସିଙ୍ଗିଲ୍ସରେ ପିଏସ୍‌ପିବିର ଜ୍ୟୋତି ସୁରେଖା ସ୍ୱର୍ଣ୍ଣ, ଏଆଇପିଏସ୍‌ସିବିର ମୋନାଲି ଚନ୍ଦ୍ରହର୍ଷ ଝାଡୋ ରୌପ୍ୟ ଓ ରାଜସ୍ଥାନର ପ୍ରିୟା ଗୁଜର ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ମହିଳା ସିଙ୍ଗିଲ୍ସ ଅଲିମ୍ପିକ ରାଉଣ୍ଡରେ ଆର୍‌ଏସ୍‌ପିବିର ତ୍ରିଷା ଦେବଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ଝାଡ଼ଖଣ୍ଡର ମଧୁମିତା କୁମାରୀ ରୌପ୍ୟ ଓ ରାଜସ୍ଥାନର ସ୍ୱାତୀ ଦୁଦୱାଲ ବ୍ରୋଞ୍ଜ ପଦକ ଜିତିଥିଲେ। ପୁରୁଷ ଦଳଗତ ଇଭେଣ୍ଟରେ ସଙ୍ଗମପ୍ରୀତ ସିଂ ବିସଲା, ସୁଖମିନ୍ଦର ସିଂ, ସୁଖବୀର ଓ ଲଭଜୋତ ସିଂଙ୍କୁ ନେଇ ଗଠିତ ପଞ୍ଜାବ ଦଳ ୨୩୨ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଥିଲା। ଦିଲ୍ଲୀ ୨୩୦ ପଏଣ୍ଟ ସହ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଏହି ଇଭେଣ୍ଟରେ ଟାଇବ୍ରେକର ପଦ୍ଧତିରେ ଏଆଇପିଏସ୍‌ସିବି ବିଜୟୀ ହୋଇ ବ୍ରୋଞ୍ଜ ପଦକ ଜିତିଛି। ମହିଳା ଦଳଗତ ଇଭେଣ୍ଟରେ ମଧ୍ୟପ୍ରଦେଶ ସ୍ୱର୍ଣ୍ଣ ପଦକ ଜିତିଥିଲା। ମଧ୍ୟପ୍ରଦେଶ ଦଳରେ ମୁସ୍କାନ କିରାର, ଅନୁରାଧା ଅହିରୱାର, ଶ୍ରିଷ୍ଟି ସିଂ ଓ ଲକ୍ଷିତା ଫିରକେ ରହିଥିଲେ। ଏହି ବିଭାଗରେ ରାଜସ୍ଥାନକୁ ରୌପ୍ୟ ଓ ଏଆଇପିଏସ୍‌ସିବିକୁ ବ୍ରୋଞ୍ଜ ପଦକ ମିଳିଛି। ମିକ୍ସଡ ଇଭେଣ୍ଟରେ ମଧ୍ୟ ପଞ୍ଜାବ ସ୍ୱର୍ଣ୍ଣ ପଦକ ହାତେଇଛି। ପ୍ରଭଜୋତ କୌର ଓ ସଙ୍ଗମପ୍ରୀତ ସିଂ ବିସଲା ପଞ୍ଜାବ ନିମନ୍ତେ ଏହି ପଦକ ବିଜୟୀ ହୋଇଥିଲେ। ଉକ୍ତ ଇଭେଣ୍ଟରେ ମଣିପୁର ରୌପ୍ୟ ଓ ଆର୍‌ଏସ୍‌ପିବି ବ୍ରୋଞ୍ଜ ପଦକ ଜିତିଛି।



ପୁରୁଷ କମ୍ପାଉଣ୍ଡ ରାଉଣ୍ଡ ଟିମ୍ ଇଭେଣ୍ଟର ପଦକ ବିତରଣ ଉତ୍ସବ।

## ପିତାଙ୍କ ଅସୁସ୍ଥତା ଲାଗି ସିରିଜରୁ ଓହରିଲେ ଅମ୍‌ଲା

ପୋର୍ଟ ଏଲିଜାବେର୍ଥ, ୧୪।୩

ଘରୋଇ ଦକ୍ଷିଣ ଆଫ୍ରିକା ଦଳର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ହାସିମ ଅମ୍‌ଲା ଶ୍ରୀଲଙ୍କା ବିପକ୍ଷ ଚଳିତ ଦିନିକିଆ ସିରିଜର ବଳକା ମ୍ୟାଚ୍‌ରୁ ଓହରିଯାଇଛନ୍ତି। ପିତାଙ୍କ ଅସୁସ୍ଥତା ଲାଗି ଅମ୍‌ଲା ଏହିଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଚତୁର୍ଥ ଦିନିକିଆ ଅବସରରେ କ୍ରିକେଟ ଦକ୍ଷିଣ ଆଫ୍ରିକା ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ପୂର୍ବରୁ ଅମ୍‌ଲାଙ୍କୁ ଶ୍ରୀଲଙ୍କା ବିପକ୍ଷ ୫ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ୩ ମ୍ୟାଚ୍ ଲାଗି ବିଶ୍ରାମ ଦିଆଯାଇଥିଲା। ତାଙ୍କ ସ୍ଥାନରେ ରିଜା ହେଣ୍ଡ୍ରିକ୍ସଙ୍କୁ ଦଳରେ ସାମିଲ କରାଯାଇଥିଲା। ଅନ୍ତିମ ୨ ମ୍ୟାଚ୍ ପାଇଁ ଅମ୍‌ଲା ଦଳରେ ଯୋଗଦେବାର ଥିଲା। କିନ୍ତୁ ପିତାଙ୍କ ଅସୁସ୍ଥତା ଲାଗି ସେ ଏହି ୨ ମ୍ୟାଚ୍ ନ ଖେଳିବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ଟିମ୍ ମ୍ୟାନେଜର ମହମ୍ମଦ ମୋସାଜେ କହିଛନ୍ତି। ଚଳିତ ଶ୍ରୀଲଙ୍କା ବିପକ୍ଷ ସିରିଜରେ ଦକ୍ଷିଣ ଆଫ୍ରିକା ପ୍ରଥମ ୪ଟି ମ୍ୟାଚ୍ ଜିତି ୪-୦ରେ ଆଗୁଆ କବ୍‌ଜା କରିନେଇଛି। ଅନ୍ତିମ ତଥା ୫ମ ମ୍ୟାଚ୍ ଆସନ୍ତା ୧୬ରେ ଅନୁଷ୍ଠିତ ହେବ।

# ଫାଇନାଲ ରାଉଣ୍ଡରେ ଦୀପା

ବାକୁ (ଆଜରବୈଜାନ), ୧୪।୩ (ପି.ଟି.)

ଭାରତର ଦୀପା କର୍ମକାର ଏଠାରେ ଚାଲିଥିବା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ୱାର୍ଲ୍ଡ କପ୍‌ର ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ତୃତୀୟ ସ୍ଥାନ ଅଧିକାର ସହ ଭଲ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି। ୨୦୧୬ ରିଓ ଅଲିମ୍ପିକ୍ସରେ ତାଙ୍କ ଇଭେଣ୍ଟରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ୨୫ ବର୍ଷୀୟା ଦୀପା ପ୍ରତିଯୋଗିତାରେ ପ୍ରଥମଥର କଷ୍ଟସାଧ୍ୟ ହ୍ୟାଣ୍ଡସ୍ପ୍ରିଙ୍ଗ ୫୪୦ ଭଲ୍ଟ ପ୍ରଦର୍ଶନ କରିଥିଲେ। ସେ ୧୪.୨୯୯ ଆଭରେଜରେ ତାଙ୍କ ଦୁଇ କ୍ୱାଲିଫାଇଙ୍ଗ ରାଉଣ୍ଡରେ ୧୪.୪୬୬ ଓ ୧୪.୧୩୩ ପଏଣ୍ଟ ସ୍କୋର କରିଥିଲେ। ଆମେରିକାର ଜେଡ୍ କ୍ୟାରେ ୧୪.୭୦ ଆଭରେଜ ସ୍କୋର ସହ କ୍ୱାଲିଫାଇଙ୍ଗ ରାଉଣ୍ଡରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ମେକ୍ସିକୋର ଆଲେକ୍ସା ମୋରେନୋ ୧୪.୫୩୩ ପଏଣ୍ଟ ସହ ଦ୍ୱିତୀୟ ହୋଇଥିଲେ। ଯୋଗ୍ୟତାପର୍ଯ୍ୟାୟ ରାଉଣ୍ଡର ଶ୍ରେଷ୍ଠ ୮ ପ୍ରତିଯୋଗୀ ଫାଇନାଲରେ ଅଂଶଗ୍ରହଣ କରିବେ। ଭଲ୍ଟ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ଦୀପା ଆହୁରି ମଧ୍ୟ ଶୁକ୍ରବାର ବାଲାନ୍ସ ବିମ୍ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଭାରତୀୟ ଜିମ୍ନାଷ୍ଟିକ୍ସ ଫେଡେରେଶନ ସଭାପତି ରିୟାଜ ଭଟି ଦୀପାଙ୍କ ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରିଛନ୍ତି। ଶନିବାର ଫାଇନାଲରେ ଦୀପା ପୋଡିୟମ ଫିନିଶ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଭାରତୀୟ ଜିମ୍ନାଷ୍ଟ ଗତ ବର୍ଷ ନଭେମ୍ବରରେ ଜର୍ମାନୀର କୋଟ୍‌ବସ୍‌ଠାରେ ଅନୁଷ୍ଠିତ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ୱାର୍ଲ୍ଡ କପ୍ ଭଲ୍ଟ ଇଭେଣ୍ଟରେ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ଆଣ୍ଠୁ ଯନ୍ତ୍ରଣାରୁ ମୁକ୍ତି ପାଇବା ପରେ ଦୀପାଙ୍କର ଏହା ଥିଲା ପ୍ରଥମ ପ୍ରତିଯୋଗିତା। ଏହି ସମସ୍ୟା ପାଇଁ ସେ ଜାକର୍ତ୍ତା ଏସିଆନ ଗେମ୍ସ ଭଲ୍ଟ ଫାଇନାଲ ମିସ୍ କରିଥିଲେ।

# ବୃହତ୍ ବିଜୟ ସହ ଫାଇନାଲରେ ପାରାମାଉଣ୍ଟ

ଭୁବନେଶ୍ୱର, ୧୪।୩(କ୍ରୀଡ଼ା ପ୍ରତିନିଧି)

ଏଠାରେ ଚାଲିଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆୟୋଜକ ପାରାମାଉଣ୍ଟ କ୍ଲବ ବୃହତ ବିଜୟ ସହ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ପାରାମାଉଣ୍ଟ ୮ ଉଇକେଟରେ କଟକର ୟୁନିୟନ ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ୟୁନିୟନ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୨୪.୧ ଓଭରରେ ମାତ୍ର ୫୪ ରନ କରି ଅଲଆଉଟ ହୋଇଥିଲା। ଦଳର ମାତ୍ର ୨ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରି ଥିଲେ। ପ୍ରତିପକ୍ଷ ଦଳର ୨ ଅଫ୍‌ସ୍ପିନର ସ୍ୱୟଂ ସାର୍ଥକ ରାଉତରାୟ ଓ ପ୍ରତ୍ୟୁଷ ପ୍ରକାଶ ସାହୁ ଯଥାକ୍ରମେ ୪ ଓ ୩ଟି ଉଇକେଟ ନେଇ ୟୁନିୟନ ଦଳର ବିପର୍ଯ୍ୟୟ ଘଟାଇଥିଲେ। ୫୫ ରନର ବିଜୟ ଲକ୍ଷ୍ୟକୁ ପାରାମାଉଣ୍ଟ ୧୩.୨ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ମ୍ୟାଚ ବିଜୟୀ ବୋଲିଂ ପାଇଁ ସ୍ୱୟଂ ସାର୍ଥକ ରାଉତରାୟଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସତ୍ୟଜିତ ରାୟ ଚୌଧୁରୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି କେ.ଭି. ଭାସ୍କର ଶ୍ରେଷ୍ଠ ଫିଲ୍ଡରଭାବେ ଏମ. ଜ୍ଞାନେନ୍ଦ୍ରଙ୍କୁ ପୁରସ୍କୃତ କରିଥିଲେ। ନିର୍ମଳ ମିଶ୍ର ଓ ଅସିତ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଥିଲେ ରଶ୍ମିରଞ୍ଜନ ମଲ୍ଲ। ଶୁକ୍ରବାର ରାମେଶ୍ୱର ସ୍ପୋର୍ଟିଂ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ।




ସ୍ୱୟଂ ସାର୍ଥକ ରାଉତରାୟଙ୍କୁ ଅତିଥି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ସେମିଫାଇନାଲରେ ସାଇ ହଷ୍ଟେଲ



ଟାଟା ଉତ୍କଳିକା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ମ୍ୟାଚ ଅବସରରେ ସାଇ ହଷ୍ଟେଲ ଓ ଆଇଜିଏଚ୍ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୧୪।୩(କ୍ରୀଡ଼ା ପ୍ରତିନିଧି)

କଟକ ସାଇ ହଷ୍ଟେଲ ଟାଟା ଉତ୍କଳିକା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲରେ ସାଇ ୧-୦ ଗୋଲରେ ଆଇଜିଏଚ୍ ରାଉରକେଲାକୁ ପରାସ୍ତ କରିଛି। ସାଇ ହଷ୍ଟେଲ ଫରୱାର୍ଡ ସାକିବ ସେହଜାଦ ୧୧ତମ ମିନିଟରେ ଏକମାତ୍ର ଗୋଲଟି ଦେଇଥିଲେ। ଗୋଲ ପରିଶୋଧ ପାଇଁ ରାଉରକେଲା ଦଳ ସୁବର୍ଣ୍ଣ ସୁଯୋଗ ପାଇଥିଲା। ମାତ୍ର ଦଳ ପକ୍ଷରୁ ସ୍କୋର ହୋଇଥିବା ପେନାଲ୍ଟି କିକ୍‌କୁ ସାଇ ହଷ୍ଟେଲ ଗୋଲକିପର ଆଲୋକ ଏକ୍କା ଚମତ୍କାର ଭାବେ ସେଭ୍ କରି ଦେଇଥିଲେ। ତେଣୁ ଆଲୋକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଅକ୍ଷୟ କୁମାର ଦାସ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଥମାର୍ଦ୍ଧ ପରେ ଟାଟା ଫୁଟବଲ ଏକାଡେମୀର ବରିଷ୍ଠ ପ୍ରଶିକ୍ଷକ ଇନ୍ଦ୍ରନିଲ ଚକ୍ରବର୍ତ୍ତୀ, ଅମିୟକାନ୍ତ ମିଶ୍ର, ଗିରିଜା ଶଙ୍କର ଦାସ ଦୁଇ ଦଳର ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ମ୍ୟାଚ ପରିଚାଳନା କରିଥିଲେ ସୁଦୀପ ଦାସ, ଚନ୍ଦ୍ରକାନ୍ତ ବାରିକ, ରାଜେନ୍ଦ୍ର ବାରିକ ଓ ପ୍ରଦୀପ ନାୟକ। ଶୁକ୍ରବାର ଜାମସେଦପୁରର ଟାଟା ଫୁଟବଲ ଏକାଡେମୀ ଓ କେରଙ୍ଗର ଅହମ୍ମଦିଆ କ୍ଲବ ମଧ୍ୟରେ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ଜଣାଇଛନ୍ତି।

## ଗାଙ୍ଗୁଲି ଦିଲ୍ଲୀ କ୍ୟାପିଟାଲ୍ସର ପରାମର୍ଶଦାତା

ନୂଆଦିଲ୍ଲୀ, ୧୪।୩(ପି.ଟି.)

ପ୍ରାକ୍ତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ଗୁରୁବାର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସର ପରାମର୍ଶଦାତା ନିଯୁକ୍ତ ହୋଇଛନ୍ତି। ନୂଆ ଦାୟିତ୍ୱ ସହ ଗାଙ୍ଗୁଲି ଦିଲ୍ଲୀର ମୁଖ୍ୟ କୋଚ୍ ରିକି ପଣ୍ଟିଂଙ୍କ ସହିତ ଏକାଠି କାମ କରିବେ। ‘ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ କାମ କରିବାର ସୁଯୋଗ ପାଇଥିବାରୁ ବହୁତ ଖୁସି ଅଛି। ପୂର୍ବରୁ ଜିନ୍ଦଲ ଓ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ବିଷୟରେ ଜାଣିଥିଲି। କିନ୍ତୁ ବର୍ତ୍ତମାନ ସେମାନଙ୍କ ସ୍ପୋର୍ଟ୍ସ ବିଭାଗରେ ସାମିଲ ହେବାରେ ସୁଯୋଗ ପାଇଛି। ଦିଲ୍ଲୀର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ସହିତ ମିଶି ଏକାଠି କାମ କରିବାକୁ ବ୍ୟଗ୍ର ରହିଛି’ ବୋଲି ଗାଙ୍ଗୁଲି ପ୍ରକାଶ କରିଛନ୍ତି। ‘ସୌରଭଙ୍କ ପରି ଜଣେ ଅଭିଜ୍ଞ ଖେଳାଳି ଦଳରେ ସାମିଲ ହୋଇଥିବାରୁ ଆମ ଟିମ୍ ନିଶ୍ଚିତ ଉପକୃତ ହେବ ବୋଲି ଦିଲ୍ଲୀ କ୍ୟାପିଟାଲ୍ସର ଅଧ୍ୟକ୍ଷ ପାର୍ଥ ଜିନ୍ଦଲ ଏହି ଅବସରରେ କହିଛନ୍ତି। ଶ୍ରେୟାସ ଆୟାରଙ୍କ ନେତୃତ୍ୱାଧୀନ ଦିଲ୍ଲୀ ମାର୍ଚ୍ଚ ୨୪ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳି ଆଇପିଏଲ୍ ଅଭିଯାନ ଆରମ୍ଭ କରିବ।

# ରାଜ୍ୟ ପୋଲିସ ସନ୍ତରଣ, କ୍ରସ୍‌କଣ୍ଟ୍ରି: ସୁରେଶଙ୍କୁ ୨ ସ୍ୱର୍ଣ୍ଣ

କଟକ ଅଫିସ,୧୪।୩

ସମ୍ବଲପୁରର ଡ. ଝସକେତନ ସାହୁ ସୁଇମିଂ ପୁଲରେ ଗୁରୁବାରଠାରୁ ୨ୟ ରାଜ୍ୟ ପୋଲିସ ସନ୍ତରଣ ଓ କ୍ରସକଣ୍ଟ୍ରି ଚାମ୍ପିୟନଶିପ ଆରମ୍ଭ ହୋଇଛି। ୨୨ଟି ୟୁନିଟରୁ ୧୭୦ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୬୩ଜଣ ସନ୍ତରଣ ଓ ୧୦୭ଜଣ କ୍ରସକଣ୍ଟ୍ରି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ପ୍ରଥମ ଦିବସରେ ୪ଟି ବିଭାଗର ପ୍ରତିଯୋଗିତା ଶେଷ ହୋଇଥିଲା। ଏଥିରେ ଭଞ୍ଜନଗର ୮ମ ସ୍ୱତନ୍ତ୍ର ଆଇଆର ବାଟାଲିୟନର ସୁରେଶ ମିଞ୍ଜ ୨ଟି ବିଭାଗରେ ପ୍ରଥମ ସ୍ଥାନ ହାସଲ କରିବା ସହ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ୫୦ମିଟର ଓ ୧୦୦ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ସୁରେଶ ଏହି ସଫଳତା ପାଇଥିଲେ। ୫୦ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ସୁରେଶ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଭୁବନେଶ୍ୱର ଓଆଇଏସ୍‌ଏଫର କୁନା ବାଗ ଦ୍ୱିତୀୟ ଓ ବୌଦ୍ଧ ୫ମ ଆଇଆର ବାଟାଲିୟନର ସୁଶାନ୍ତ ବେହେରା ତୃତୀୟ ସ୍ଥାନରେ ରହିଛନ୍ତି। ୫୦ମିଟର ବ୍ୟାକଷ୍ଟ୍ରୋକରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି ସମ୍ବଲପୁର ଜିଲା ପୋଲିସର ରୁଷଭ ସୁନା। ଏହି ପ୍ରତିଯୋଗିତାରେ କମିଶନରେଟ ପୋଲିସ(ଆର୍ମଡ-ବି)ର ସୁଶୀଲ ଲାକ୍ରା ଦ୍ୱିତୀୟ ଓ କଟକ ଓଏସ୍‌ଏପି ୬ଷ୍ଠ ବାଟାଲିୟନର ଚିତ୍ତରଞ୍ଜନ ଜେନା ତୃତୀୟ ସ୍ଥାନ ହାସଲ କରିଛନ୍ତି। ୨୦୦ ମିଟର ଫ୍ରି ଷ୍ଟାଇଲରେ ସମ୍ବଲପୁର ଜିଲା ପୋଲିସର କିଶୋର ଲୁହା ପ୍ରଥମ, କମିଶନରେଟ ପୋଲିସ(ଆର୍ମଡ-ବି)ର ସୁଶୀଲ ଲାକ୍ରା ଦ୍ୱିତୀୟ, ସମ୍ବଲପୁର ଜିଲା ପୋଲିସର ମନୋଜ ବାଖ୍ଲୋର ତୃତୀୟ, ୧୦୦ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ସୁରେଶ ପ୍ରଥମ, ଭୁବନେଶ୍ୱର ଓଆଇଏସ୍‌ଏଫର କୁନା ବାଗ ଦ୍ୱିତୀୟ ଓ କମିଶନରେଟ ପୋଲିସ(ଆର୍ମଡ-ବି)ର ମୋହନ ଭୋଇ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ଡିଆଇଜି ସତ୍ୟବ୍ରତ ଭୋଇ, ସଞ୍ଜୀବ ଆରୋରା ଅତିଥି ଭାବେ ଯୋଗ ଦେଇଥିଲେ।

## ବିଶ୍ୱ ଚେସ୍: ଭାରତୀୟ ପୁରୁଷ ଦଳ ୪ର୍ଥ

ଅଷ୍ଟାନା (କାଜାଖସ୍ତାନ), ୧୪।୩ (ପି.ଟି.)

ଏଠାରେ ଚାଲିଥିବା ବିଶ୍ୱ ଟିମ୍ ଚେସ୍ ଚାମ୍ପିୟନଶିପ୍‌ର ଭାରତୀୟ ପୁରୁଷ ଦଳ ଚତୁର୍ଥ ସ୍ଥାନ ସହ ଅଭିଯାନ ଶେଷ କରିଛନ୍ତି। ଗୁରୁବାର ପ୍ରତିଯୋଗିତାର ୯ମ ତଥା ଅନ୍ତିମ ରାଉଣ୍ଡରେ ରୁଷିଆଠାରୁ ୧.୫-୨.୫ ବ୍ୟବଧାନରେ ପରାଜିତ ହେବା ଦ୍ୱାରା ଭାରତ ପୋଡିୟମ ଫିନିଶ୍‌ରୁ ବଞ୍ଚିତ ହୋଇଛି। ୮ମ ରାଉଣ୍ଡ ସୁଦ୍ଧା ମିଳିତ ଦ୍ୱିତୀୟ ସ୍ଥାନରେ ଥିବା ଭାରତ ଯଦି ଏହି ମୁକାବିଲାକୁ ୨-୨ରେ ଡ୍ର ରଖିପାରି ଥାନ୍ତା ତେବେ ବ୍ରୋଞ୍ଜ ପଦକ ଏବଂ ବିଜୟ ଲାଭ କରିଥିଲେ ରୌପ୍ୟ ଲାଭ କରିପାରିଥାନ୍ତା। କିନ୍ତୁ ଦୁର୍ଭାଗ୍ୟଜନକ ଭାବେ ଦଳ ପରାସ୍ତ ହୋଇଯାଇଥିଲା। ଚତୁର୍ଥ ବୋର୍ଡରେ ଜାତୀୟ ଚାମ୍ପିୟନ ଅରବିନ୍ଦ ଚିଥାମ୍ବରମ ଦିମିତ୍ରୀ ଆନ୍ଦ୍ରିକିନ୍‌ଙ୍କୁ ପରାସ୍ତ କରିବାର ବଡ଼ ସୁଯୋଗ ପାଇ ହାତଛଡ଼ା କରିଥିଲେ। ଦ୍ୱିତୀୟ ବୋର୍ଡରେ ସୂର୍ଯ୍ୟ ଗାଙ୍ଗୁଲି କଡ଼ା ମୁକାବିଲା କରି ମଧ୍ୟ ଇଆନ ନେପମନିଆଚିଙ୍କୁ ହରାଇ ପାରି ନ ଥିଲେ। ଉଭୟ ଗେମ୍ ଡ୍ର ରହିଥିଲା। ପୂର୍ବରୁ ଟପ୍ ବୋର୍ଡରେ ବି. ଅଧିବନ ସର୍ଗେ କାର୍ଜାକିନ୍‌ଙ୍କ ସହ ତାଙ୍କ ଗେମ୍ ଡ୍ର ରଖିଥିଲେ। କିନ୍ତୁ ଏସ. ପି. ସେଥୁରମଣ ତୃତୀୟ ବୋର୍ଡରେ ଆଲେକ୍‌ଜାଣ୍ଡର ଗ୍ରୀସ୍‌ଚୁକ୍‌ଙ୍କ ବିପକ୍ଷ ଗେମ୍ ପରାଜିତ ହୋଇଯାଇଥିଲେ। ପୂର୍ବରୁ ରୁଷିଆ ଗୋଟିଏ ରାଉଣ୍ଡ ଖେଳ ବାକିଥାଇ ସ୍ୱର୍ଣ୍ଣ ପଦକ ଜିତି ସାରିଥିଲା। ଗୁରୁବାର ଦଳ ଆଉ ଏକ ବିଜୟ ଦ୍ୱାରା ଦଳର ପଏଣ୍ଟ ସଂଖ୍ୟା ୧୬କୁ ବୃଦ୍ଧି ପାଇଥିଲା। ଇଂଲଣ୍ଡ ୩.୫-୦.୫ ରେ ସ୍ୱିଡେନକୁ ପରାସ୍ତ କରି ୧୩ ପଏଣ୍ଟ ସହ ରୌପ୍ୟ ପଦକ ହାସଲ କରିଥିଲା। ଅନ୍ୟପକ୍ଷରେ ଚାଇନା୨.୫-୧.୫ ବ୍ୟବଧାନରେ ସ୍ଥାନୀୟ କାଜାଖସ୍ତାନକୁ ହରାଇ ୧୨ ପଏଣ୍ଟ ସହ ବ୍ରୋଞ୍ଜ ବିଜୟୀ ହୋଇଛି। ଭାରତ ଏହାର ୩ ଷ୍ଟଲୱାର୍ଟ ବିଶ୍ୱନାଥନ ଆନନ୍ଦ, ପି. ହରିକ୍ରିଷ୍ଣା ଓ ଭିଦିତ୍ ଗୁଜରାଠୀଙ୍କ ବିନା ଏହି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲା। ଦଳ ୧୧ ପଏଣ୍ଟ ଅର୍ଜନ କରି ଚତୁର୍ଥ ହୋଇଥିଲା।

# ସୟଦ ମୁସ୍ତାକ ଅଲି ଟ୍ରଫି: କର୍ଣ୍ଣାଟକ ଚାମ୍ପିୟନ

ଇନ୍ଦୋର,୧୪।୩(ପିଟି)

ଚଳିତ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ଣ୍ଣାମେଣ୍ଟରେ ମନୀଷ ପାଣ୍ଡେଙ୍କ ନେତୃତ୍ୱାଧୀନ କର୍ଣ୍ଣାଟକ ଦଳ ଚାମ୍ପିୟନ ହୋଇଛି। ଏଠାରେ ଖେଳାଯାଇଥିବା ଫାଇନାଲରେ ପ୍ରତିପକ୍ଷ ମହାରାଷ୍ଟ୍ରକୁ ୮ ଉଇକେଟରେ କର୍ଣ୍ଣାଟକ ହରାଇ ଦେଇଛି। ଅଭିଜ୍ଞ ବୋଲର ଅଭିମନ୍ୟୁ ମିଥୁନଙ୍କ ଲକ୍ଷ୍ୟପୂର୍ଣ୍ଣ ବୋଲିଂ ଯୋଗୁ ମହାରାଷ୍ଟ୍ର ୧୫୫/୪ରେ ସୀମିତ ରହିଥିଲା। ପରେ ମାୟଙ୍କ ୫୭ ବଲରୁ ବିସ୍ଫୋରକ ୮୫ ଇନଂସ ଯୋଗୁ କର୍ଣ୍ଣାଟକ ୧୮.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ବିଜୟ ସହ କର୍ଣ୍ଣାଟକ ଦଳ ଭାରତୀୟ ଘରୋଇ କ୍ରିକେଟରେ କ୍ରମାଗତ ୧୪ ମ୍ୟାଚ୍ ଜିତି ରେକର୍ଡ କରିଛି। ଆଇପିଏଲ ଫ୍ରାଞ୍ଚାଇଜ କୋଲକାତା ନାଇଟ ରାଇଡର୍ସ (କେକେଆର) ନାମରେ ମଧ୍ୟ ସମାନ ସଂଖ୍ୟକ କ୍ରମାଗତ ବିଜୟ ରହିଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା କର୍ଣ୍ଣାଟକ ନୌଶାଦ ଶେଖଙ୍କ ୬୯ ରନ୍‌ର ଇନିଂସ ଯୋଗୁ ଧାର୍ଯ୍ୟ ୨୦ ଓଭରରେ ୪ ଉଇକେଟ ହରାଇ ୧୫୫ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ରାହୁଲ ତ୍ରିପାଠୀ ୩୦ ଓ ଅଙ୍କିତ ବାୱ୍ନେ ୨୯ ରନ୍ କରିଥିଲେ। କର୍ଣ୍ଣାଟକ ପକ୍ଷରୁ ବୋଲିଂରେ ଅଭିମନ୍ୟୁ ୨ ଉଇକେଟ ନେଇଥିଲେ। ଜବାବରେ କର୍ନାକଟ ବ୍ୟାଟିଂ ଆରମ୍ଭରୁ ଶରଥ ବି.(୨)ଙ୍କ ଉଇକେଟ ହରାଇଥିଲା। ଏହାପରେ ରୋହନ ଓ ମାୟଙ୍କ ୨ୟ ଉଇକେଟ ପାଇଁ ୯୨ ରନ୍ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। କଦମ ୬୦ ରନ୍ କରି ଆଉଟ୍ ହୋଇଥିବାବେଳେ ଅପରାଜିତ ୮୫ ରନ୍ କରିଥିବା ମାୟଙ୍କୁ ମ୍ୟାନ୍ ଅଫ୍ ବିବେଚିତ ହୋଇଛନ୍ତି।



ଟ୍ରଫି ସହ ଚାମ୍ପିୟନ କର୍ଣ୍ଣାଟକ ଦଳ।



ୟୁଏଇରେ ଖେଳାଯିବାକୁ ଥିବା ଦିନିକିଆ ସିରିଜରେ ପାକିସ୍ତାନ ବୋଲର ମହମ୍ମଦ ହାସ୍‌ନେନ୍ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନମାନଙ୍କୁ ଅଡୁଆରେ ପକାଇ ପାରନ୍ତି।
– ଶେନ୍ ୱାଟ୍‌ସନ, ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର



୨୦୧୯ ସିଜନରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଲୁଇସ୍ ହାମିଲଟନଙ୍କୁ ପଛରେ ପକାଇବା ସହ ଫେରାରୀ ଟିମ୍‌କୁ ଶୀର୍ଷରେ ପହଞ୍ଚାଇବା ମୋର ମୂଳ ଲକ୍ଷ୍ୟ ରହିଛି।
– ସେବାଷ୍ଟିଆନ ଭେଟେଲ, ଫର୍ମୁଲାୱାନ୍ ଡ୍ରାଇଭର

# ଆଜିଠାରୁ କଳିଙ୍ଗରେ ହିରୋ ସୁପର କପ୍ ଫୁଟବଲ

**ଭୁବନେଶ୍ୱର, ୧୪।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ହାଇପ୍ରୋଫାଇଲ ହିରୋ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣ। ଶୁକ୍ରବାର ଓ ଶନିବାର ଦୁଇଟି ଲେଖାଏ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ। ପ୍ରଥମ ଦିବସର ପ୍ରଥମ ମ୍ୟାଚ୍‌ରେ ପୁଣେ ଏଫ୍‌ସି ସିଟି ଓ ମିନର୍ଭା ପଞ୍ଜାବ ଏଫ୍‌ସି କ୍ୱାଲିଫାୟର-୧ରେ ପରସ୍ପରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଦ୍ୱିତୀୟ କ୍ୱାଲିଫାୟରରେ କେରଳ ବ୍ଲାଷ୍ଟର ଏଫ୍‌ସି ଓ ଇଣ୍ଡିଆନ ଆରୋଜ ମୁହାଁମୁହିଁ ହେବେ। ଆଇ- ଲିଗ୍ ଓ ଇଣ୍ଡିଆନ ସୁପର ଲିଗ୍‌ରେ ସପ୍ତମରୁ ଦଶମସ୍ଥାନରେ ରହିଥିବା ଦଳଗୁଡ଼ିକ ମଧ୍ୟରେ କ୍ୱାଲିଫାୟର ଖେଳାଯିବ। ୨୯ ତାରିଖରୁ ନକ୍‌ଆଉଟ୍ ଫର୍ମାଟରେ ଫାଇନାଲ ରାଉଣ୍ଡ ଖେଳାଯିବ। ଆଇ- ଲିଗ୍ ଓ ଇଣ୍ଡିଆନ ସୁପର ଲିଗ୍‌ର ଶ୍ରେଷ୍ଠ ୬ଟି ଦଳ ଓ ୪ଟି କ୍ୱାଲିଫାୟର ମ୍ୟାଚ୍‌ଗୁଡ଼ିକର ବିଜୟୀ ଦଳଗୁଡ଼ିକ ଫାଇନାଲ ରାଉଣ୍ଡରେ ଅବତୀର୍ଣ୍ଣ ହେବେ।

ପ୍ରଥମ କ୍ୱାଲିଫାୟରରେ ମିନର୍ଭା ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଆଉ କେତେ ଘଣ୍ଟାପରେ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଥିଲେ ମଧ୍ୟ ମିନର୍ଭା ଖେଳିବା ନେଇ ସ୍ଥିତି ସ୍ପଷ୍ଟ ହୋଇ ନାହିଁ । ଏପରିକି ଗୁରୁବାର ଆୟୋଜିତ ହୋଇଥିବା ମ୍ୟାଚ୍ ପୂର୍ବର ଖବରଦାତା ସମ୍ମିଳନୀରେ ପୁଣେ ସିଟିର କୋଚ୍ ଓ ଖେଳାଳି ଉପସ୍ଥିତ ଥିଲେ ମଧ୍ୟ ମିନର୍ଭାର କୋଚ୍ ଓ କୌଣସି ଖେଳାଳି ଯୋଗ ଦେଇ ନ ଥିଲେ। ମିନର୍ଭାର ଏଭଳି ଆଚରଣକୁ ନେଇ ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଅସନ୍ତୋଷ ଜାହିର କରିଛି। ମିନର୍ଭାର ଏଭଳି ଆଚରଣ ଏକ ଜବରଦସ୍ତ ଉପେକ୍ଷା ବୋଲି ଏଆଇଏଫ୍‌ଏଫ୍ ତରଫରୁ କୁହାଯାଇଛି।

ମଙ୍ଗଳବାର ୮ଟି ଆଇ- ଲିଗ୍ କ୍ଲବ ଏହି ଟୁର୍ନାମେଣ୍ଟରୁ ଓହରିଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ଫଳରେ ଟୁର୍ନାମେଣ୍ଟ ଆୟୋଜନ ନେଇ ଅନିଶ୍ଚିତତା ଦେଖାଦେଇଥିଲା। ଏଆଇଏଫ୍‌ଏଫ୍ ଆଇ- ଲିଗ୍ ଦଳଗୁଡ଼ିକୁ ଅବହେଳା କରୁଛି ଓ ବୈମାତୃକ ମନୋଭାବ ପୋଷଣ କରୁଛି ବୋଲି ଅଭିଯୋଗ ହୋଇଥିଲା। ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୁଣେ, କେରଳ ଓ ଆରୋଜର କୋଚ୍ ଓ ଖେଳାଳିମାନେ ଯୋଗ ଦେଇଥିଲେ ମଧ୍ୟ ମିନର୍ଭାର କୌଣସି ପ୍ରତିନିଧି ଏଥିରେ ଅଂଶଗ୍ରହଣ କରି ନ ଥିଲେ। ତେବେ ମିନର୍ଭାର ଖେଳାଳିମାନେ ଭୁବନେଶ୍ୱରରେ ଏବେ ଅଛନ୍ତି। ମିନର୍ଭାର ଖେଳାଳିମାନେ ବୁଧବାର ଅପରାହ୍ନ ଓ ଗୁରୁବାର ସକାଳେ ଅଭ୍ୟାସ କରି ନାହାନ୍ତି। ଯଦି ମିନର୍ଭା ଶୁକ୍ରବାର ଅନୁପସ୍ଥିତ ରହେ ତେବେ ଟୁର୍ନାମେଣ୍ଟ ନିୟମ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ଓ କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କାରଯିବ। ପରେ ଏ ନେଇ ଉଚିତ୍ ନିଷ୍ପତ୍ତି ନିଆଯିବ ବୋଲି ଏଆଇଏଫ୍‌ଏଫ୍ ତରଫରୁ ସ୍ପଷ୍ଟ କରାଯାଇଛି। ସୁପର କପ୍ ଏକ ନକ୍‌ଆଉଟ୍ ଭିତ୍ତିକ ଟୁର୍ନାମେଣ୍ଟ ହୋଇଥିବାରୁ ଦଳଗୁଡ଼ିକ କର ବା ମର ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି।

ମିନର୍ଭା ବିପକ୍ଷରେ ଆମେ ଭଲ ପ୍ରଦର୍ଶନ କରିବୁ ବୋଲି ପୁଣେ କୋଚ୍ ଫିଲିପ୍ ବ୍ରାଉନ ଓ ମିଡଫିଲ୍ଡର ଆଦିଲ ଖାନ୍ ଖବରଦାତା ସମ୍ମିଳନୀରେ କହିଛନ୍ତି। ଦଳ ପେସାଦାର ଢଙ୍ଗରେ ଖେଳ ପ୍ରଦର୍ଶନ କରିବ। ଏହା ଏକ ନକ୍‌ଆଉଟ୍ ମ୍ୟାଚ୍ ହୋଇଥିବାରୁ ଆମକୁ ସମ୍ପୂର୍ଣ୍ଣ ଶକ୍ତି ସହ ପଡିଆକୁ ଓହ୍ଲାଇବାକୁ ହେବ ବୋଲି ବ୍ରାଉନ୍ କହିଛନ୍ତି। ଆମ ଦଳରେ ଏକାଧିକ ମ୍ୟାଚ୍ ୱିନର ଅଛନ୍ତି। ହାରିଲେ ଆମେ ଘରକୁ ଯିବୁ। ତେଣୁ ଆମକୁ ଦଳଗତ ପ୍ରଦର୍ଶନ କରିବାକୁ ହେବ। ମିନର୍ଭା ଦଳକୁ ଆମେ ଆଦୌ ହାଲ୍‌କା ଭାବେ ନେଉନାହୁଁ ଓ ଏହା ଏକ ସନ୍ତୁଳିତ ଦଳ। ତେଣୁ ଜିତିବା ପାଇଁ ହିଁ ଆମେ ପଡ଼ିଆକୁ ଓହ୍ଲାଇବୁ ବୋଲି ଆଦିଲ କହିଛନ୍ତି।

ଦ୍ୱିତୀୟ କ୍ୟାଲିଫାୟର ପାଇଁ କେରଳ ବ୍ଲାଷ୍ଟର୍ସ କୋଚ୍ ନେଲୋ ଭିଙ୍ଗଡ଼ା ଓ ଫରୱାର୍ଡ ମାଟେଜ ପପ୍‌ଲାଷ୍ଟିକ୍, ଇଣ୍ଡିଆନ ଆରୋଜ କୋଚ୍ ଫ୍ଲଏଡ ପିଣ୍ଟୋ ଓ ମିଡ ଫିଲ୍ଡର ଅମରଜିତ ସିଂ କିୟାମ ମ୍ୟାଚପୂର୍ବର ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଆରୋଜ ଏକ ଯୁବ ଦଳ ହୋଇଥିବାରୁ ଆମେ ପୂରା ପ୍ରସ୍ତୁତି ସହ ପଡିଆକୁ ଓହ୍ଲାଇବୁ ବୋଲି କେରଳ କୋଚ୍ ଭିଙ୍ଗଡା କହିଛନ୍ତି। ଏହି ଅବସରରେ ସେ ଆରୋଜ ଦଳକୁ ପ୍ରଶଂସା କରିଥିଲେ। ଅନ୍ୟପଟେ ଫ୍ଲଏଡ ପିଣ୍ଟୋ ମଧ୍ୟ ଦଳର ଭଲ ପ୍ରଦର୍ଶନ ନେଇ ଆଶାବାଦୀ ଥିବା କଥା କହିଛନ୍ତି। ଏହା ଏକ ନକ୍‌ଆଉଟ ମ୍ୟାଚ୍ ହୋଇଥିବାରୁ ଆମେ ପୂରା ସାମର୍ଥ୍ୟର ସହ ଖେଳିବୁ ଓ ଯୋଜନା ଅନୁଯାୟୀ ପ୍ରଦର୍ଶନ କରିବୁ। ଦଳରେ ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ସପକ୍ଷରେ ପିଣ୍ଟୋ ମତ ଦେଇଥିଲେ। ଦ୍ରୁତ ଫୁଟବଲ ପାଇଁ ଅବଶ୍ୟ ଦଳରେ ଯୁବ ଖେଳାଳି ରହିବା ଉଚିତ୍ ବୋଲି ପିଣ୍ଟୋ କହିଛନ୍ତି।



ଖବରଦାତା ସମ୍ମିଳନୀରେ (ବାମରୁ) କେରଳ ବ୍ଲାଷ୍ଟର୍ସ ଫରୱାର୍ଡ ମାଟେଜ ପପ୍‌ଲାଷ୍ଟିକ ଓ କୋଚ୍ ନେଲୋ ଭିଙ୍ଗାଡା, ଇଣ୍ଡିଆନ ଆରୋଜ କୋଚ୍ ଫ୍ଲଏଡ୍ ପିଣ୍ଟୋ ଓ ମିଡ୍ ଫିଲ୍ଡର ଅମରଜିତ୍ ସିଂ।

## କାର୍ଯ୍ୟସୂଚୀ

**କ୍ୱାଲିଫାୟର**

- ମାର୍ଚ୍ଚ ୧୫: ପୁଣେ ସିଟି ବନାମ ମିନର୍ଭା ପଞ୍ଜାବ, ସମୟ: ଅପରାହ୍ନ ୫ଟା
- ମାର୍ଚ୍ଚ ୧୫: କେରଳ ବ୍ଲାଷ୍ଟର୍ସ ବନାମ ଇଣ୍ଡିଆନ ଆରୋଜ, ସମୟ: ରାତି ୮ଟା ୩୦
- ମାର୍ଚ୍ଚ ୧୬: ଦିଲ୍ଲୀ ଡାଇନାମସ ବନାମ ଗୋକୁଲମ କେରଳ, ସମୟ: ଅପରାହ୍ନ: ୫ଟା
- ମାର୍ଚ୍ଚ ୧୬: ଚେନ୍ନାଇନ୍ ଏଫସି ବନାମ ଆଇଜଲ ଏଫସି, ସମୟ: ରାତି ୮ଟା ୩୦

## ବିନା ଟିକେଟ୍‌ରେ ଦର୍ଶକ ମ୍ୟାଚ୍ ଦେଖିପାରିବେ

ଫୁଟବଲ ପ୍ରେମୀ ତଥା ଦର୍ଶକମାନେ ବିନା ଟିକେଟରେ ମ୍ୟାଚ୍ ଦେଖିପାରିବେ। ଦର୍ଶକମାନେ ବି,ସି ଓ ଡି ବ୍ଲକ୍ ବାଟ ଦେଇ ଷ୍ଟାଡିୟମରେ ପ୍ରବେଶ କରିବେ। ୩ ନମ୍ବର ଗେଟ ଦେଇ ଦର୍ଶକ ଏଣ୍ଟ୍ରି କରିବେ। ତେବେ ଯାନ ସହ ଆସିଥିବା ଦର୍ଶକ ୮ବି ଗେଟ୍ ଦେଇ ଷ୍ଟାଡିୟମରେ ପ୍ରବେଶ କରିବେ। ସିପିଡିଓ ଗ୍ରାଉଣ୍ଡରେ ଦର୍ଶକମାନେ ଗାଡି ପାର୍କିଂ କରିପାରିବେ।

## ସଂକ୍ଷେପରେ

### ସନ୍ଦୀପଙ୍କ ସହ କେକେଆର୍‌ର ଚୁକ୍ତି



କୋଲକାତା, ୧୪।୩: ଆଇପିଏଲ୍‌ର ଆଗାମୀ ଦ୍ୱାଦଶ ସଂସ୍କରଣ ଲାଗି କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଗୁରୁବାର କେରଳ ଦ୍ରୁତ ବୋଲର ସନ୍ଦୀପ ୱାରିୟରଙ୍କ ସହ ଚୁକ୍ତି କରିଛି। ଆଇପିଏଲ୍‌ର ଖେଳାଳି ନିଲାମୀରେ ସନ୍ଦୀପଙ୍କୁ କୌଣସି ଫ୍ରାଞ୍ଚାଇଜ କ୍ରୟ କରି ନ ଥିଲା। କିନ୍ତୁ କେକେଆର୍ ଦ୍ରୁତ ବୋଲର କମଲେଶ ନାଗରକୋଟି ଆଘାତ ପାଇବା ଯୋଗୁ ସନ୍ଦୀପଙ୍କୁ ଦଳରେ ସାମିଲ କରାଯାଇଛି। ଚଳିତ ଘରୋଇ କ୍ରିକେଟ ସିଜନରେ ସନ୍ଦୀପ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସେ ରଣଜୀ ଟ୍ରଫିରେ ୧୦ଟି ମ୍ୟାଚ୍‌ରୁ ୪୪ ଉଇକେଟ୍ ନେଇ କେରଳକୁ ପ୍ରଥମଥର ଲାଗି ଚାମ୍ପିୟନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ସୟଦ ମୁସ୍ତାକ ଅଲି ଟି୨୦ ପ୍ରତିଯୋଗିତାରେ ୬ ମ୍ୟାଚ୍‌ରୁ ୧୨ ଉଇକେଟ୍ ଅକ୍ତିଆର କରିଛନ୍ତି, ଯେଉଁଥିରେ ଆନ୍ଧ୍ରପ୍ରଦେଶ ବିପକ୍ଷରେ ଏକ ହ୍ୟାଟ୍ରିକ ସାମିଲ ରହିଛି। ସନ୍ଦୀପ ଏଥିପୂର୍ବରୁ ୨୦୧୩ରୁ ୨୦୧୫ ପର୍ଯ୍ୟନ୍ତ ରୟାଲ ଚ୍ୟାଲେଞ୍ଜର୍ସ ଦଳରେ ରହିଥିଲେ ମଧ୍ୟ ଗୋଟିଏ ବି ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ। କୋଲକାତା ମାର୍ଚ୍ଚ ୨୪ରେ ସନରାଇଜର୍ସ ହାଇଦ୍ରାବାଦ୍ ବିପକ୍ଷରେ ଖେଳି ଆଇପିଏଲ୍‌ରେ ଅଭିଯାନ ଆରମ୍ଭ କରିବ।

### ଜ୍ୟୋତ୍ସ୍ନାଙ୍କ ଅଭିଯାନ ଶେଷ

କାଇରୋ, ୧୪।୩(ପିଟି): ଏଠାରେ ଚାଲିଥିବା ମହିଳା ବ୍ଲାକ୍ ବଲ ସ୍କ୍ୱାଶ୍ ଓପନ ଟୁର୍ନାମେଣ୍ଟରେ ଭାରତୀୟ ଖେଳାଳି ଜ୍ୟୋତ୍ସ୍ନା ଚିନାପ୍ପାଙ୍କ ସ୍ମରଣୀୟ ଅଭିଯାନର ଅନ୍ତ ଘଟିଛି। ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ବିଶ୍ୱର ୫ମ ର୍ୟାଙ୍କ୍ ଜୋଲି କିଙ୍ଗ୍‌ଙ୍କଠାରୁ ସେ ପରାସ୍ତ ହୋଇଛନ୍ତି। ୩ୟ ସିଡ୍ କିଙ୍ଗ୍ ୭-୧୧, ୧୨-୧୦, ୨-୧୧, ୧୧-୫, ୧୧-୮ ଗେମ୍‌ରେ ଜ୍ୟୋତ୍ସ୍ନାଙ୍କୁ ହରାଇ ଦେଇଛନ୍ତି। ମୁକାବିଲାଟି ଏକ ଘଣ୍ଟା ୪ ମିନିଟ୍ ଧରି ଚାଲିଥିଲା। ଉଭୟଙ୍କ ମଧ୍ୟରେ କଡ଼ା ସଂଘର୍ଷ ହୋଇଥିଲା। ଜ୍ୟୋତ୍ସ୍ନା ଏକଦା ୨-୧ ବ୍ୟବଧାନରେ ଆଗୁଆ ଥିଲେ। କିନ୍ତୁ ଅସ୍ଥିର ପ୍ରଦର୍ଶନ ଯୋଗୁ ତାଙ୍କୁ ପରାଜିତ ହେବାକୁ ପଡ଼ିଥିଲା। ପୂର୍ବରୁ ଭାରତୀୟ ଖେଳାଳି କିମ୍ବଦନ୍ତୀ ନିକୋଲ ଡେଭିଡ ଓ ୬ଷ୍ଠ ସିଡ୍ ସାରା ଜାନେ ପେରୀଙ୍କୁ ହରାଇଥିଲେ।

### ସାମିଙ୍କ ବିରୋଧରେ ଚାର୍ଜଶିଟ୍



କୋଲକାତା, ୧୪।୩(ପି.ଟି.): ଟିମ୍ ଇଣ୍ଡିଆ ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ସମସ୍ୟା ପୁଣି ବଢ଼ିଛି। କୋଲକାତା ପୋଲିସ୍ ତାଙ୍କ ନାମରେ ଚାର୍ଜଶିଟ୍ ଦାଖଲ କରିଛି। ପତ୍ନୀ ହସିନ ଜାହାଁଙ୍କୁ ଯୌନ ଓ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ ଅଲିପୁର ପୋଲିସ୍ କୋର୍ଟରେ ଏହି ଚାର୍ଜଶିଟ ଦାଖଲ କରାଯାଇଛି। ଗତବର୍ଷ ମାର୍ଚ୍ଚରେ ହସିନ୍ ସାମିଙ୍କ ବିରୋଧରେ ମାମଲା ଦାଏର କରିଥିଲେ। ଧୋକା ଦେବା ସହ ଶାରୀରିକ ଓ ମାନସିକ ଭାବେ ସାମି ନିର୍ଯାତନ ଦେଉଥିବା ସେ ଅଭିଯୋଗ ଆଣିଥିଲେ। ସାମି ମ୍ୟାଚ୍ ଫିକ୍ସିଂରେ ସାମିଲ ଥିବା କଥା ହସିନ ଅଭିଯୋଗ କରିଥିଲେ। ଫଳରେ ସାମିଙ୍କୁ ସେତେବେଳେ କେନ୍ଦ୍ରୀୟ ଚୁକ୍ତିରୁ ବାଦ ଦିଆଯାଇଥିଲା। ତେବେ ପରେ ତଦନ୍ତ କରିବା ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାଙ୍କୁ ଏ ମାମଲାରେ କ୍ଲିନ୍ ଚିଟ୍ ପ୍ରଦାନ କରିଥିଲା। ଫଳରେ ସେ କେନ୍ଦ୍ରୀୟ ଚୁକ୍ତିକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସଦ୍ୟ ସମାପ୍ତ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ସାମି ୪ଟି ମ୍ୟାଚ୍ ଖେଳି ୫ ଉଇକେଟ ହାସଲ କରିଛନ୍ତି। ତେବେ ସାମି ଓ ତାଙ୍କ ଭାଇଙ୍କ ବିରୋଧରେ ହସିନ୍ ବଳାତ୍କାର ଅଭିଯୋଗ ଆଣିଥିଲେ ମଧ୍ୟ ପୋଲିସ ଏହାକୁ ଗୁରୁତ୍ୱ ଦେଇ ନାହିଁ।

■ ରାମେଶ୍ୱର କପ୍ ଜୁନିୟର କ୍ରିକେଟ

# ଗ୍ରୀନ୍ସ ଏକାଡେମୀ ସେମିଫାଇନାଲରେ

**ଭୁବନେଶ୍ୱର, ୧୪।୩(କ୍ରୀଡ଼ା ପ୍ରତିନିଧି)**

ବିଏମ୍ ହାଇସ୍କୁଲ ପଡ଼ିଆରେ ଚାଲିଥିବା ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟରେ ଦ୍ୱିତୀୟ ଦଳଭାବେ ଭୁବନେଶ୍ୱରର ଗ୍ରୀନ୍ସ ଏକାଡେମୀ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଗ୍ରୀନ୍ସ ୪୮ ରନରେ କଟକର ବିଶ୍ୱଭାରତୀକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ସ ନିର୍ଦ୍ଧାରିତ ୪୦ ଓଭରରେ ୮ ଉଇକେଟ ହରାଇ ୨୧୪ ରନ କରିଥିଲା। ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ମାନସିଂ ସର୍ବାଧିକ ୬୩, ଏସ.ହିମାଂଶୁ ୫୬ ରନ କରିଥିବାବେଳେ ବିପକ୍ଷ ଦଳର ଶିବାଶିଷ ସାହୁ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ଜବାବରେ ବିଶ୍ୱଭାରତୀ ୩୬.୨ ଓଭରରେ ୧୬୬ ରନରେ ଅଲଆଉଟ ହୋଇ ଯାଇଥିଲା। ଦଳର ସୁମନ ସୌରଭ ଓଝା ୫୫ ଓ ସଙ୍କେତ ସ୍ୱରୂପ ୩୬ ରନ କରିଥିଲେ। ବିଜୟୀ ଦଳର ବୋଲର ସୂର୍ଯ୍ୟକାନ୍ତ ଭୂତିଆ ୨୨ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିବାବେଳେ ତାରିଣୀ ପ୍ରସାଦ ନାୟକ ୩ଟି ଉଇକେଟ ନେଇଥିଲେ। ଓଡ଼ିଶା ରଣଜୀ କୋଚ୍ ରଶ୍ମିରଞ୍ଜନ ପରିଡ଼ା ଓ ଯୁବ ନେତା ସତ୍ୟଜିତ ଜେନା ଅତିଥିଭାବେ ଯୋଗଦେଇ ସୂର୍ଯ୍ୟକାନ୍ତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ନିହାର ପଟ୍ଟନାୟକ ଓ ବିଶ୍ୱଜିତ ମଲିକ ମ୍ୟାଚ ପରିଚାଳନା କରିଥିବାବେଳେ ସ୍କୋରର ଥିଲେ ଶ୍ରୀତମ ମହାନ୍ତି। ଶୁକ୍ରବାର ଗ୍ରୁପ 'ବି'ର ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲ ରାଇଜିଂ ଷ୍ଟୁଡେଣ୍ଟ୍ସ ଓ ଓସ୍କାର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ। ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଗ୍ରୀନ୍ସ ଏକାଡେମୀ ୮ ଉଇକେଟରେ ସୋଲାର କ୍ଲବକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।



ମ୍ୟାନ ଅଫ ଦି ମ୍ୟାଚ ସୂର୍ଯ୍ୟକାନ୍ତ ଭୂତିଆ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଭାଗ୍ୟଧର ଟ୍ରଫି ଫୁଟବଲ

# ଫାଇନାଲରେ କିଶୋର କ୍ଲବ

**ଭୁବନେଶ୍ୱର, ୧୪।୩(କ୍ରୀଡ଼ା ପ୍ରତିନିଧି)**

ସିଟି କ୍ଲବ ଏବଂ ଏସଜିଓ ଆନୁକୂଲ୍ୟରେ ନୟାପଲ୍ଲୀର ଇନ୍ଦିରା ମଇଦାନରେ ଚାଲିଥିବା ୪ର୍ଥ ଭାଗ୍ୟଧର ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ଦଳଭାବେ କିଶୋର କ୍ଲବ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କିଶୋର କ୍ଲବ ୨-୦ ଗୋଲରେ ୟୁନାଇଟେଡ କ୍ଲବକୁ ପରାସ୍ତ କରିଛି। ମ୍ୟାଚର ୬୦ ଓ ୬୯ ମିନିଟରେ ୨ଟି ଗୋଲ ସ୍କୋର କରିଥିବା ବିଜୟୀ ଦଳର ପ୍ରଶାନ୍ତ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଫରି ଶିବଶଙ୍କର ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ ସୁବିତ କୁମାର ପାତ୍ର ଓ ଦୁର୍ଗା ଆଚାର୍ଯ୍ୟ। ଶୁକ୍ରବାର କଟକ କ୍ରୀଡ଼ା ଛାତ୍ରାବାସ ଓ ମଙ୍ଗଳା କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ।

# ଦ୍ୟୁତୀ ମୁଖ୍ୟ ଆକର୍ଷଣ

**ପଟିଆଲା, ୧୪।୩(ପିଟି)**

**ଫେଡେରେଶନ କପ୍**

ଏଠାରେ ଶୁକ୍ରବାରଠାରୁ ୪ ଦିନିଆ ଜାତୀୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଫେଡେରେଶନ କପ୍ ଆରମ୍ଭ ହେବ। ଏଥିରେ ମୁଖ୍ୟ ଆକର୍ଷଣ ରହିବେ ଏସିଆନ୍ ଗେମ୍ସ ପଦକ ବିଜୟିନୀ ଦ୍ୟୁତୀ ଚାନ୍ଦ। ସେ ୨୦୦ ମି. ବର୍ଗ ଦୌଡ଼ରେ ନୂଆ ସ୍ପ୍ରିଣ୍ଟ ସେନ୍‌ସେଶନ ହିମା ଦାସଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏହି ଇଭେଣ୍ଟରେ ଦ୍ୟୁତୀଙ୍କ ଟାଇମିଂ ୨୩ ସେକେଣ୍ଡ ରହିଥିବାବେଳେ ହିମାଙ୍କ ଟାଇମିଂ ୨୩.୧୦ ସେକେଣ୍ଡ ରହିଛି। ଏଣୁ ଉଭୟଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଷ୍ଟାର ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଅଂଶଗ୍ରହଣ କରିବେ ନାହିଁ। ସେ ଦକ୍ଷିଣ ଆଫ୍ରିକାରେ ପ୍ରଶିକ୍ଷଣ ନେଉଛନ୍ତି। ଜାତୀୟ ରେକର୍ଡଧାରୀ ଲଙ୍ଗ ଜମ୍ପର ଏମ୍. ଶ୍ରୀକାନ୍ତ ଓ ତେଜସ୍ୱିନୀ ଶଙ୍କର ମଧ୍ୟ ଅଂଶଗ୍ରହଣ କରିବେ ନାହିଁ। ଶ୍ରୀକାନ୍ତ ଆହତ ସମସ୍ୟା ଦେଇ ଗତି କରୁଥିବାବେଳେ ଆମେରିକାର କାନ୍‌ସାସ ରାଜ୍ୟ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ତେଜସ୍ୱିନୀଙ୍କ ପରୀକ୍ଷା ଆରମ୍ଭ ହୋଇଯାଇଛି। ଏସିଆନ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ହେଲେ ଫେଡେରେଶନ କପ୍‌ରେ ଭାରତୀୟ ଆଥ୍‌ଲେଟ୍‌ଙ୍କ ଖେଳିବା ବାଧ୍ୟତାମୂଳକ ବୋଲି ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ କୁହାଯାଇଛି। ଏହି ଇଭେଣ୍ଟରେ ପୁରୁଷ କ୍ୱାର୍ଟର ମିଲର ମହମ୍ମଦ ଆନସ, ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକଧାରୀ ଜିନସନ ଜନଶନ ଓ ମନଜିତ ସିଂ (୮୦୦ ଓ ୧୫୦୦ ମି), ଅର୍ପିନ୍ଦର ସିଂ (ଟ୍ରିପଲ ଜମ୍ପ), ତାଜିନ୍ଦର ସିଂ ତୁର (ଶଟପୁଟ), ସ୍ୱପ୍ନା ବର୍ମନ (ହେପ୍ଟାଥଲନ)ଙ୍କୁ ଆକ୍‌ଶନରେ ଦେଖିବାକୁ ମିଳିବ। ୨୦୧୭ ପର୍ଯ୍ୟନ୍ତ ନୀରଜଙ୍କ ବଡ଼ ପ୍ରତିଦ୍ୱନ୍ଦ୍ୱୀ ହୋଇ ରହିଥିବା ଦାବିନ୍ଦର ସିଂ କାଙ୍ଗ ଟ୍ରାକ୍‌କୁ ଫେରିବାକୁ ଯାଉଛନ୍ତି। ତାଙ୍କୁ ଡୋପିଂ ମାମଲାରୁ ମୁକ୍ତ କରାଯାଇଛି। ତାଙ୍କ ଭଳି ନାଡା ପକ୍ଷରୁ ଡୋପିଂ ମାମଲାରୁ ମୁକ୍ତ ହୋଇଥିବା ଶଟ୍‌ପୁଟର ଇନ୍ଦରଜିତ ସିଂ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବେ।

# ବିଶ୍ୱକପ୍ ପ୍ରସ୍ତୁତିରେ ସମସ୍ୟା

**ନୂଆଦିଲ୍ଲୀ, ୧୪।୩ (ପି.ଟି.)**

ମେ ୩୦ରୁ ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଥିବାବେଳେ ଭାରତର ପ୍ରସ୍ତୁତି ନେଇ ସମସ୍ୟା ଦେଖାଦେଇଛି। ସଦ୍ୟ ସମାପ୍ତ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ଭାରତ ଘରୋଇ ପରିବେଶରେ ୩-୨ ରେ ପରାସ୍ତ ହେବା ଦ୍ୱାରା ଦଳ ବେଶ୍ ସମାଲୋଚିତ ହୋଇଛି। ଅଧିନାୟକ ବିରାଟ କୋହଲିଙ୍କ ପାଖରେ ପ୍ଲାନ- ଏ ରହିଛି ବୋଲି କହିଛନ୍ତି। ତେବେ ପ୍ଲାନ- ବି ଫେଲ୍ ମାରିଛି ବୋଲି ଏହି ସିରିଜ ପରାଜୟ ପରେ ଏକ ପ୍ରକାର ସ୍ପଷ୍ଟ ହୋଇଛି। ଭାରତ ବିଶ୍ୱକପ୍ ପ୍ରସ୍ତୁତି ଓ ଦଳ ଚୟନ ନେଇ ସମସ୍ୟାର ସମାଧାନ ହୋଇପାରିନାହିଁ ବରଂ ଏହା ବଢ଼ିଯାଇଛି।

୪ ନମ୍ବରରେ କିଏ ବ୍ୟାଟିଂ କରିବ? ଯଦି ଶିଖର ଧାୱନ କ୍ରମାଗତ ଭାବେ ବିଫଳ ହୁଅନ୍ତି ତେବେ ତୃତୀୟ ଓପନର ଭାବେ କାହାକୁ ଦଳରେ ନିଆଯିବ? ଦଳରେ ଜଣେ ଚତୁର୍ଥ ବିକଳ୍ପ ପେସ୍ ବୋଲର ରହିବେ କି ନା? ଦ୍ୱିତୀୟ ଉଇକେଟକିପର ଭାବେ କାହକୁ ଚୟନ କରାଯିବ? ରବୀନ୍ଦ୍ର ଜାଡେଜା ଆଶାନୁରୂପ ପ୍ରଦର୍ଶନ କରିଛନ୍ତି କି? ଏହି ୫ଟି ପ୍ରଶ୍ନର ଉତ୍ତର ଗତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ମିଳିପାରି ନାହିଁ।

କୋହଲି ଦୁଇଟି ଶତକ ସହ ୩୧୦, ରୋହିତ ଶର୍ମା ଦୁଇଟି ଅର୍ଦ୍ଧଶତକ ସହ ୨୦୨ରନ ସଂଗ୍ରହ କରିଛନ୍ତି। ଶିଖର ଧାୱନ, କେଦାର ଯାଦବ ଓ ବିଜୟ ଶଙ୍କର କେତୋଟି ମ୍ୟାଚ୍‌ରେ ଭଲ ଖେଳିଥିଲେ ମଧ୍ୟ ସ୍ଥିର ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ଅନୁପସ୍ଥିତି ଶେଷ ଦୁଇଟି ମ୍ୟାଚ୍‌ରେ ଅନୁଭୂତ ହୋଇଥିଲା। ରିଷଭ ପନ୍ତ ଏହି ଦୁଇଟି ମ୍ୟାଚ୍‌ରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ।

ବୋଲିଂରେ କୁଲଦୀପ ଯାଦବ ୧୦ ଓ ଯଶପ୍ରୀତ ବୁମରା ୭ଟି ଉଇକେଟ ନେଇଛନ୍ତି। ୪ଟି ମ୍ୟାଚ୍ ଖେଳି ରବୀନ୍ଦ୍ର ଜାଡେଜା ୩ଟି ଉଇକେଟ ଅକ୍ତିଆର କରିଛନ୍ତି। ଏହା ଅବଶ୍ୟ ଚୟନକର୍ତ୍ତାଙ୍କୁ ସନ୍ତୁଷ୍ଟ କରି ନ ଥିବ। ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପରାଜୟ ପରେ ଭାରତୀୟ ଦଳ ପାଇଁ ଉତ୍ତର ମିଳୁ ନ ଥିବା କେତୋଟି ପ୍ରଶ୍ନ ରହିଛି। ବିଶ୍ୱକପ୍ ପାଇଁ ପ୍ରସ୍ତୁତି ପର୍ଯ୍ୟାୟ ଏକ ପ୍ରକାର ଶେଷ ହୋଇଥିଲେ ମଧ୍ୟ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ମିଳିନାହିଁ। ବିଶ୍ୱକପ୍‌ରେ ୪ ନମ୍ବରରେ କିଏ ବ୍ୟାଟିଂ କରିବ ଏହା ହେଉଛି ସବୁଠାରୁ ବଡ଼ ପ୍ରଶ୍ନ। ଅମ୍ବାତି ରାୟୁଡୁ ୪ ନମ୍ବର ପାଇଁ ପ୍ରକୃତ ପସନ୍ଦ। ସେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଗସ୍ତରେ ଭଲ ଖେଳିଥିଲେ ମଧ୍ୟ ଏହି ସିରିଜରେ ଆଶାନୁରୂପ ପ୍ରଦର୍ଶନ କରିପାରିନାହାନ୍ତି। ଲୋକେଶ ରାହୁଲଙ୍କୁ ଏହି ସ୍ଥାନରେ ସେତେଟା ସୁଯୋଗ ଦିଆଯାଇନାହିଁ। ୪ ନମ୍ବର ସ୍ଥାନ ନେଇ ସମସ୍ୟା ଜାରି ରହିଛି। ଗୋଟିଏ ସ୍ଥାନ ନେଇ କସରତ ହେବ ବୋଲି କୋହଲି ସୂଚନା ଦେଇଥିଲେ ମଧ୍ୟ କିଛି ସ୍ପଷ୍ଟ କରିନାହାନ୍ତି। ଏହି ସ୍ଥାନ ପାଇଁ ପନ୍ତ ଓ ଅଭିଜ୍ଞ ଦୀନେଶ କାର୍ତ୍ତିକଙ୍କ ମଧ୍ୟରେ ପ୍ରତିଯୋଗିତା ହେବ ବୋଲି ଆଶା କରାଯାଉଛି। ଅଲରାଉଣ୍ଡର ହିସାବରେ ଦେଖିବାକୁ ଗଲେ ହାର୍ଦ୍ଦିକ ପାଣ୍ଡ୍ୟା ବିଜୟ ଶଙ୍କରଠାରୁ ଯଥେଷ୍ଟ ଭଲ ବୋଲର। ସିଦ୍ଧାର୍ଥ କାଉଲଙ୍କୁ ଦଳରେ ନିଆଯାଇଥିଲେ ମଧ୍ୟ ସେ ଅନ୍ତିମ ଏକାଦଶରେ ସାମିଲ ହୋଇ ନ ଥିଲେ। ଦୁଇ ଓଭର ଖରାପ୍ ବୋଲିଂ କରିବା ପରେ ଉମେଶ ଯାଦବଙ୍କୁ ବାଦ୍ ଦିଆଯାଇଥିଲା। ଚାଇନା ମ୍ୟାନ କୁଲଦୀପ ଯାଦବଙ୍କ ତୁଳନାରେ ଯୁଜବେନ୍ଦ୍ର ଚହଲଙ୍କ ନିକଟରେ ବିବିଧତାର ଅଭାବ ରହିଛି। ଏହି ଭଳି କେତୋଟି ପ୍ରଶ୍ନର ଉତ୍ତର ମିଳିବା ବାକି ରହିଛି। ତେବେ ଏପ୍ରିଲ ୨୦ ସୁଦ୍ଧା ସମ୍ପୂର୍ଣ୍ଣ ଚିତ୍ରପଟ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି। କାରଣ ଏହା ପରେ ଭାରତ ବିଶ୍ୱକପ୍ ପାଇଁ ତା'ର ଅନ୍ତିମ ୧୫ଜଣିଆ ଦଳ ଘୋଷଣା କରିବ।

# ମେସିଙ୍କ ଡବଲ୍ ଗୋଲ, କ୍ୱାର୍ଟରରେ ବାର୍ସିଲୋନା

**ବାର୍ସିଲୋନା, ୧୪।୩(ଏଏଫ୍‌ପି)**

ଲିଓନେଲ ମେସିଙ୍କ ଡବଲ୍ ଗୋଲ୍ ବଳରେ ବାର୍ସିଲୋନା ଚାମ୍ପିୟନ୍ସ ଲିଗ୍ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ବୁଧବାର ଅନୁଷ୍ଠିତ ରାଉଣ୍ଡ-୧୬ର ୨ୟ ଲେଗ୍ ମ୍ୟାଚ୍‌ରେ ବାର୍ସିଲୋନା ୫-୧ ଗୋଲରେ ଲିୟନ କ୍ଲବକୁ ପରାସ୍ତ କରିଛି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ରାଉଣ୍ଡ-୧୬ର ପ୍ରଥମ ଲେଗ୍ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଡ୍ର ରହିଥିଲା। ଫଳରେ ୨ଟି ଯାକ ଲେଗ୍‌ର ଫଳାଫଳକୁ ମିଶାଇଲେ ତାରକା ଖଚିତ ବାର୍ସିଲୋନା ୫-୧ ଗୋଲରେ ବିଜୟ ଲାଭ କରିଛି। ମେସି ମ୍ୟାଚ୍‌ର ୧୭ତମ ମିନିଟ୍‌ରେ ମିଳିଥିବା ପେନାଲ୍ଟିକୁ କୌଣସି ତ୍ରୁଟି ନ କରି ଦଳ ଗୋଲ ସ୍କୋର ଖାତା ଖୋଲିଥିଲେ। ସେହିପରି ୭୮ତମ ମିନିଟ୍‌ରେ ସେ ୨ୟ ଗୋଲସ୍କୋର କରିଥିଲେ। ମେସି ୨ଟି ଗୋଲ କରିବା ସହିତ ୨ଟି ଗୋଲରେ ସାଥୀ ଖେଳାଳିଙ୍କୁ ସହାୟତା କରିଥିଲେ। ବାର୍ସିଲୋନା ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ବ୍ରାଜିଲ ଷ୍ଟାର୍ ଫିଲିପ୍ କର୍ଟିନୋ (୩୧ତମ), ସ୍ପେନର ଗେରେଡା ପିକ୍ୟୁ (୮୧ତମ) ଓ ଔସମାନେ ଡେମ୍ବେଲେ (୮୬ତମ) ପ୍ରତିପକ୍ଷ ନେଟ୍ସ ମଧ୍ୟକୁ ବଲ୍ ପଠାଇବାରେ ସଫଳ ହୋଇଥିଲେ। ବାର୍ସିଲୋନା କ୍ରମାଗତ ୧୨ଥର ପାଇଁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।



ଲିଓନେଲ ମେସି

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୫/୨୦୧୯ Bhubaneswar, Friday, March 15/2019

## ସଂକ୍ଷେପରେ

### ୱାନ୍ ବାର୍ ୱାନ୍ ଭୋଟ: ସୋମବାର ଚୂଡ଼ାନ୍ତ ଶୁଣାଣି

**କଟକ ଅଫିସ, ୧୪।୩:** ୱାନ ବାର୍ ୱାନ ଭୋଟ ଉପରେ ହାଇକୋର୍ଟରେ ସୋମବାର ହେବ ଚୂଡ଼ାନ୍ତ ଶୁଣାଣି। ଗୁରୁବାର କଟକ ବାର୍ ଆସୋସିଏଶନ ପକ୍ଷରୁ ଆଡଭୋକେଟ ମିଲନ କାନୁନଗୋ ଓ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଆଡଭୋକେଟ ଜଗନ୍ନାଥ ପଟ୍ଟନାୟକ ଯୁକ୍ତି ରଖିଥିଲେ। ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କୁହାଯାଇଥିଲା ଯେ, କେତେଗୁଡ଼ିଏ ବାର୍ ଆସୋସିଏଶନ ନିର୍ବାଚନ ୨୦୧୮ ମେ' ୧୨ ତାରିଖ ପରେ ଅନୁଷ୍ଠିତ ହୋଇଯାଇଛି। ତେଣୁ କେତୋଟି ବାର୍ ଆସୋସିଏଶନର ନିର୍ବାଚନ ଶେଷ ହୋଇଛି ଆଉ କେତୋଟିର ନିର୍ବାଚନ ହୋଇନାହିଁ ତା'ର ବିସ୍ତୃତ ବିବରଣୀ ପରିଷଦ ପକ୍ଷରୁ ଶୁକ୍ରବାର ସତ୍ୟପାଠ ଆକାରରେ କୋର୍ଟରେ ଦାଖଲ କରାଯିବ। ଏହାପରେ ମାମଲାର ଚୂଡ଼ାନ୍ତ ଶୁଣାଣି ସୋମବାର କରାଯିବାକୁ ଦିନ ଧାର୍ଯ୍ୟ ହୋଇଛି। ସୂଚନାଥାଉ କି, ରାଜ୍ୟର ସମସ୍ତ ବାର୍‌ରେ ଏକକାଳୀନ ନିର୍ବାଚନ କରିବା ପାଇଁ ବ୍ୟବସ୍ଥା ହୋଇଥିଲା। ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଏ ନେଇ ରିଜୋଲ୍ୟୁଶନ ଆଗତ କରାଯାଇଥିଲା। ମାତ୍ର ଦୁଇ ପର୍ଯ୍ୟାୟରେ ଭୋଟ କରାଯିବାକୁ ପରବର୍ତ୍ତୀ ଅବସ୍ଥାରେ ନିଷ୍ପତ୍ତି ନିଆଯିବାରୁ ଏହାକୁ କଟକ ବାର୍ ଆସୋସିଏଶନ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇଥିଲା। ଏହାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ଆଇନଜୀବୀ ପରିଷଦ ଓ ଭାରତୀୟ ଆଇନଜୀବୀ ପରିଷଦକୁ ଜବାବ ଦାଖଲ ନିମନ୍ତେ ନୋଟିସ ଜାରି କରିଥିଲେ।

### ଆଜି ପରିଚାଳନା କମିଟି ଉପସ୍ଥାପନ ହେବ ଶ୍ରୀମନ୍ଦିର ବଜେଟ

**ପୁରୀ ଅଫିସ, ୧୪।୩:** ଶୁକ୍ରବାର ଅନୁଷ୍ଠିତ ହେବ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିବେ। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ପରିଚାଳନା କମିଟି ସଦସ୍ୟମାନେ ଯୋଗଦେବେ। ପରିଚାଳନା କମିଟିର ଏହି ବୈଠକ ବେଶ୍ ଗୁରୁତ୍ୱ ବହନ କରୁଛି। କାରଣ ଏହି ବୈଠକରେ ମୁଖ୍ୟତଃ ୨୦୧୯-୨୦ ଶ୍ରୀମନ୍ଦିର ବଜେଟ ଉପସ୍ଥାପନ କରାଯିବ। ଏଥିସହ ୨୦୧୮-୧୯ ଆର୍ଥିକ ବର୍ଷରେ ଆୟ ଏବଂ ଖର୍ଚ୍ଚ ମଧ୍ୟ ବୈଠକରେ ତର୍ଜମା କରାଯିବ। ଏହାବ୍ୟତୀତ ସଭାପତିଙ୍କ ଅନୁମୋଦନ କ୍ରମେ ଅନ୍ୟ କେତେକ ପ୍ରମୁଖ ପ୍ରସଙ୍ଗରେ ଆଲୋଚନା ହୋଇପାରେ ବୋଲି କୁହାଯାଉଛି।

### ପଦ ହରାଇଲେ ସରପଞ୍ଚ

**ପୁରୀ ଅଫିସ, ୧୪।୩ :** ଭୁଲ ତଥ୍ୟ ଦେଇ ପଞ୍ଚାୟତ ନିର୍ବାଚନରେ ବିଜୟ ଲାଭ କରିଥିବା ପୁରୀ ସଦର ବ୍ଲକ ଅନ୍ତର୍ଗତ ଚାଲିଶିବାଟିଆ ପଞ୍ଚାୟତ ସରପଞ୍ଚ ବିଦ୍ୟୁଲତା ପଣ୍ଡାଙ୍କୁ ନିଜ ପଦ ହରାଇବାକୁ ପଡିଛି। ନିୟମ ଅନୁଯାୟୀ, ଦୁଇରୁ ଅଧିକ ସନ୍ତାନ ଥିବା କୌଣସି ବ୍ୟକ୍ତି ନିର୍ବାଚନ ଲଢିପାରିବେ ନାହିଁ। ବିଦ୍ୟୁଲତାଙ୍କ ୩ଟି ସନ୍ତାନ ଥିବାବେଳେ ସେ ଭୁଲ ତଥ୍ୟ ଦେଇ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ଏ ନେଇ ତାଙ୍କ ପ୍ରତିଦ୍ୱନ୍ଦୀ ଯଶସ୍ୱିନୀ ମାଝି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ବିଚାର କରି ଜିଲା ଇଲେକ୍‌ଶନ ଟ୍ରିବ୍ୟୁନାଲ ବିଦ୍ୟୁଲତାଙ୍କ ବିରୋଧରେ ରାୟ ପ୍ରଦାନ କରିଛନ୍ତି। ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ତାଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରିବା ସହ ସେଠାରେ ପୁନଃ ନିର୍ବାଚନ ଆୟୋଜନ ଲାଗି ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

### ହାତୀ ଉପଦ୍ରବ: ଲୋକେ ଭୟଭୀତ

**ନରାଜ/କଟକ ଅଫିସ, ୧୪।୩:** ଡମପଡା ରେଞ୍ଜ ଅନ୍ତର୍ଗତ ବାଆଁରା, କୁଅମଡା, ରାମଚଣ୍ଡୀ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ହାତୀ ଉପଦ୍ରବ ଦେଖିବାକୁ ମିଳିଥିଲା। ଚନ୍ଦକା ଡମପଡା ଅଭୟାରଣ୍ୟରୁ ଏକ ହାତୀ ଆସି ବାଆଁରା ଗ୍ରାମର ମୁରଲୀ ପ୍ରଧାନଙ୍କ ପାଚେରି ଭାଙ୍ଗିଥିଲା। ଏପରି କି ଉକ୍ତ ଗ୍ରାମର ଦେବ ପାଳ, ଲକ୍ଷ୍ମଣ ପରିଡା, ପ୍ରଶାନ୍ତ ମୁଦୁଲିଙ୍କ ପରିବା, ଧାନ କ୍ଷେତରେ ପଶି ନଷ୍ଟ କରିଛି। ସେହିପରି କୁଅମଡା, ରାମଚଣ୍ଡୀ ଗ୍ରାମର ଧାନଚାଷ ଜମିରେ ବ୍ୟାପକ କ୍ଷତି ଘଟାଇଛି। ହାତୀମାନଙ୍କ ଦ୍ୱାରା ପରିବା ଓ ଧାନ ଫସଲ ନଷ୍ଟ ହେବା ଏହା ନୂଆ ଘଟଣା ନୁହେଁ। କିନ୍ତୁ ଗ୍ରାମ ଭିତରକୁ ହାତୀ ପଶିଆସିବା ଓ ପାଚେରି ଭାଙ୍ଗିବା ଲୋକଙ୍କୁ ଭୟଭୀତ କରିଛି। ଅପରପକ୍ଷରେ ଗ୍ରାମବାସୀଙ୍କ ତରଫରୁ ବନ ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ କୌଣସି ଅଧିକାରୀ କ୍ଷୟକ୍ଷତି ହୋଇଥିବା ସ୍ଥାନକୁ ଆସି ନ ଥିବା ଜଣାପଡିଛି। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ବନ ବିଭାଗ ତରଫରୁ କ୍ଷତିପୂରଣ ଦେବା ପାଇଁ ସାଧାରଣରେ ଦାବି ହେଉଛି।

---

■ ବହୁ ଅଘଟଣ ପରେ ଚେତା ପଶିଲା

# ଏସ୍‌ସିବିରେ ହେବ ଫାୟାର ଅଡିଟ



■ ସ୍କୋୟାର ମିଟରର ନିରୀକ୍ଷଣ ପାଇଁ ୨ ଟଙ୍କା

■ ମେଡିକାଲରେ ଜଳ ଯୋଗାଣ, ବିଦ୍ୟୁତ୍ ସରବରାହ ଓ ନିର୍ମାଣ କାର୍ଯ୍ୟର ହେବ ନିରୀକ୍ଷଣ

**କଟକ ଅଫିସ, ୧୪।୩**

ଏସ୍‌ସିବି ମେଡିକାଲରେ ଫାୟାର ଅଡିଟ କରାଯିବ। ପ୍ରତି ସ୍କୋୟାର ମିଟରର ନିରୀକ୍ଷଣ କରିବା ପାଇଁ ଅଗ୍ନିଶମ ବିଭାଗ ୨ ଟଙ୍କା ନେବ। ପୂର୍ତ୍ତ ବିଭାଗକୁ ସମୁଦାୟ କେତେ ସ୍କୋୟାର ମିଟର ନିରୀକ୍ଷଣ କରାଯିବ ତାହାର ହିସାବ ଦେବାକୁ କୁହାଯାଇଛି। ଏହାବାଦ ମେଡିକାଲରେ ଜଳ ଯୋଗାଣ, ବିଦ୍ୟୁତ୍ ସରବରାହ ଓ ନିର୍ମାଣ ଆଦି କାର୍ଯ୍ୟର ମଧ୍ୟ ନିରୀକ୍ଷଣ କରାଯିବ। ଏହାର ସମୁଦାୟ ରିପୋର୍ଟ ପ୍ରସ୍ତୁତ କରାଯାଇ ସରକାରଙ୍କୁ ଦିଆଯିବ। ଯୁଦ୍ଧକାଳୀନ ଭିତ୍ତିରେ ଏହି ସମସ୍ତ କାର୍ଯ୍ୟ ଆରମ୍ଭ କରିବାକୁ ମେଡିକାଲ ପକ୍ଷରୁ ନିଷ୍ପତ୍ତି ହୋଇଛି। ମେଡିକାଲ କଲେଜ ପ୍ରିନ୍ସିପାଲ ପ୍ରଫେସର ଜୟଶ୍ରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ପ୍ରିନ୍ସିପାଲଙ୍କ ଚାମ୍ବରରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଗ୍ନିଶମ ବିଭାଗ, ପୂର୍ତ୍ତ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଜିଇଡି ଓ ସେସୁର ଯନ୍ତ୍ରୀମାନେ ଯୋଗଦେଇଥିଲେ। ମୁଖ୍ୟତଃ ମେଡିକାଲରେ ଅଗ୍ନିକାଣ୍ଡକୁ ରୋକିବା ପାଇଁ ଗୁରୁତ୍ୱ ଦିଆଯାଇଛି। ନିକଟରେ ମେଡିକାଲର ପାଥୋଲୋଜି ବିଭାଗରେ ଅଗ୍ନିକାଣ୍ଡ ଘଟି ବହୁମୂଲ୍ୟ ଯନ୍ତ୍ରାଂଶଗୁଡ଼ିକ ନଷ୍ଟ ହୋଇଯାଇଛି। ଉକ୍ତ ଘଟଣାକୁ ସ୍ୱାସ୍ଥ୍ୟ ବିଭାଗ ଗୁରୁତର ସହିତ ଗ୍ରହଣ କରିଛି। ମେଡିକାଲରେ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣାକୁ ରୋକିବା ପାଇଁ କ'ଣ ସବୁ ବ୍ୟବସ୍ଥା କରାଯାଇଛି ଏବଂ କ'ଣ ସବୁ କରାଯିବା ଆବଶ୍ୟକ ତାହା ଉପରେ ବୈଠକରେ ତର୍ଜମା କରାଯାଇଥିଲା। ତେବେ ଏସ୍‌ସିବିରେ ଅଗ୍ନିକାଣ୍ଡ କିଛି ନୂଆ କଥା ନୁହେଁ। ବାରମ୍ବାର ଏଭଳି ଘଟଣା ଘଟୁଛି। ପାଥୋଲୋଜି ବିଭାଗ ପୂର୍ବରୁ ମେଡିକାଲର ପ୍ଲାଷ୍ଟିକ ସର୍ଜରୀ, ସେଣ୍ଟ୍ରାଲ ଆଇସିୟୁ ଓ କାର୍ଡିଓଲୋଜି କୋଠାରେ ଅଗ୍ନିକାଣ୍ଡ ଘଟିଛି। ମୁଖ୍ୟତଃ କାର୍ଡିଓଲୋଜି କୋଠାରେ ଅଗ୍ନିକାଣ୍ଡ ପରେ ଏସ୍‌ସିବିରେ ଏଭଳି ଅଘଟଣକୁ ରୋକିବା ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଇଥିଲା। ହାଇକୋର୍ଟ ମଧ୍ୟ ଏ କ୍ଷେତ୍ରରେ ହସ୍ତକ୍ଷେପ କରି ମେଡିକାଲ ପରିସରରେ ଏକ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ମେଡିକାଲ ପରିସରରେ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। କିନ୍ତୁ ମେଡିକାଲ କର୍ମଚାରୀଙ୍କ ଖାମଖିଆଲି ନୀତି ଏବଂ ବିଦ୍ୟୁତ୍ ବିଭାଗର ଦୁର୍ବଳ ବ୍ୟବସ୍ଥା ଯୋଗୁ ବାରମ୍ବାର ଏଭଳି ଅଘଟଣ ଘଟୁଛି। କାରଣ ମେଡିକାଲରେ ଲାଗିଥିବା ଶୀତତାପ ନିୟନ୍ତ୍ରିତ ଯନ୍ତ୍ରଗୁଡ଼ିକ ଦିନରାତି ଚାଲୁଥିବାବେଳେ ବିଭିନ୍ନ ୱାର୍ଡକୁ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ରହିଛି। ଏ ସମ୍ପର୍କରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ସିବିକେ ମହାନ୍ତି କୁହନ୍ତି, ଏବେ ମେଡିକାଲରେ ବିଦ୍ୟୁତ୍ ଓ ଅଗ୍ନି ନିରୋଧକ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ବ୍ୟବସ୍ଥା କରାଯିବ।

---

## ସ୍ୱଦେଶୀ ଜାଗରଣ ମଞ୍ଚର ବିକ୍ଷୋଭ



**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

ବାଣୀବିହାର ଛକ ନିକଟସ୍ଥ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ସ୍ୱଦେଶୀ ଜାଗରଣ ମଞ୍ଚ, ଓଡ଼ିଶା ପକ୍ଷରୁ ଗୁରୁବାର ଏକ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆତଙ୍କବାଦ ସମର୍ଥନ କରୁଥିବା ଚାଇନା ରାଷ୍ଟ୍ରପତି ଜିନ୍ ପିଙ୍ଗ୍‌ଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଭୁବନେଶ୍ୱର ମହାନଗର ସଂଯୋଜକ ବିଜୟ କୁମାର ରାଉତରାୟ କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଖୁବ୍‌ଶୀଘ୍ର ପାକିସ୍ତାନକୁ ଆତଙ୍କବାଦୀ ରାଷ୍ଟ୍ରଭାବେ ଘୋଷଣା କରିବା ପାଇଁ କହିଥିଲେ। ଏହା ସହ ଚାଇନା ସାମଗ୍ରୀକୁ ବ୍ୟବହାର ନ କରିବାକୁ ଆହ୍ୱାନ ଦେଇଥିଲେ। ବିଶ୍ୱର ସମସ୍ତ ରାଷ୍ଟ୍ର ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପକୁ ବିରୋଧ କରୁଥିବା ବେଳେ ଚାଇନା ନିଜର ଭିଟୋ ପ୍ରୟୋଗ କରି ପାକିସ୍ତାନକୁ ସମର୍ଥନ କରୁଛି। ଆତଙ୍କବାଦୀ କାର୍ଯ୍ୟକଳାପ ବନ୍ଦ ନ ହେବା ପର୍ଯ୍ୟନ୍ତ ଏଭଳି କାର୍ଯ୍ୟକ୍ରମ ସବୁସ୍ଥାନରେ ଚାଲିବ ବୋଲି ସ୍ୱଦେଶୀ ଜାଗରଣ ମଞ୍ଚର କର୍ମକର୍ତ୍ତା ଦୁଃଶାସନ ପ୍ରଧାନ, ଜୀବନ ମିଶ୍ର ଓ ବିଚିତ୍ରାନନ୍ଦ ଦାସ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଛାତ୍ରନେତା ଅଭିଳାଷ ପଣ୍ଡା, ଦୀପକ ସ୍ୱାଇଁ, ରତନ ଦିଗଲ, ପିଣ୍ଟୁ ପ୍ରତୀକ ନାୟକ, ସମ୍ବିଦ୍ ପ୍ରସାଦ ଓ ସଞ୍ଜୟ ମଲ୍ଲିକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

---

# ବାର୍ କର୍ମଚାରୀଙ୍କୁ ହତ୍ୟା

**ଭୁବନେଶ୍ୱର, ୧୪।୩ (ବ୍ୟୁରୋ)**

ଶହୀଦନଗର ଥାନା ଅଞ୍ଚଳରେ ଥିବା ଏକ ବାର୍‌ରେ ଜଣେ କର୍ମଚାରୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଗୁରୁବାର ଉଦ୍ଧାର କରିଛି। ମୃତ କର୍ମଚାରୀ ଜଣକ ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଞ୍ଜନ ମଲ୍ଲିକ (୨୧)। ତେବେ ପୋଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଅଞ୍ଜନଙ୍କ ମା'ଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ହତ୍ୟା ମାମଲା (ନଂ.୧୨୮/୧୯) ରୁଜୁ କରାଯାଇଛି। ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି।

ପୋଲିସ ସୂଚନା ମୁତାବକ, ଅଞ୍ଜନ ଆଚାର୍ଯ୍ୟବିହାର ଛକ ନିକଟରେ ଥିବା ବାର୍‌ରେ କାମ କରୁଥିଲେ। ବୁଧବାର ରାତିରେ କାମ ସାରି କର୍ମଚାରୀମାନେ ମେସ୍‌କୁ ଶୋଇବାକୁ ଚାଲିଯାଇଥିଲେ। କିନ୍ତୁ ଅଞ୍ଜନ ବାର୍‌କୁ ଲାଗି ରହିଥିବା ଅନ୍ୟ ଏକ ରୁମରେ ଏକାକୀ ଶୋଇବାକୁ ଜିଦ ଧରି ଚାଲିଯାଇଥିଲେ। ଗୁରୁବାର ପୂର୍ବାହ୍ନ ସାଢେ ୧୦ଟା ବେଳକୁ ବାର୍ ଖୋଲିବା ପରେ କର୍ମଚାରୀମାନେ ଅଞ୍ଜନ ଶୋଇଥିବା ମେସ୍ ରୁମକୁ ଯାଇଥିଲେ। ମାତ୍ର ସେଠାରେ ଅଞ୍ଜନ ଏକ ଫ୍ୟାନ୍‌ରେ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଖବର ପାଇ ଅଞ୍ଜନଙ୍କ ମା' ମଞ୍ଜୁଲତା ଥାନାରେ ହତ୍ୟା ଅଭିଯୋଗ ଆଣିଛନ୍ତି। ତାଙ୍କ ପୁଅକୁ କିଛିଦିନ ହେବ ମାନସିକ ନିର୍ଯାତନା ଦିଆଯାଉଥିଲା। ତାଙ୍କୁ ହୋଟେଲରୁ ବାହାରିଯିବାକୁ କେତେଜଣ କର୍ମଚାରୀ ଧମକ ଦେଇ ଆସୁଥିଲେ। ଶେଷରେ ତାଙ୍କୁ ମାରିଦେଲେ ବୋଲି ମଞ୍ଜୁଲତା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିପାଇଁ ସେ ହୋଟେଲ ମାଲିକଙ୍କୁ ମଧ୍ୟ ଦାୟୀ କରିଛନ୍ତି। ଅନ୍ୟପକ୍ଷରେ ହୋଟେଲ କର୍ମଚାରୀମାନେ କହିଛନ୍ତି ଯେ, ଅଞ୍ଜନ ଅନେକ ସମୟରେ କାହାସହ ଫୋନ୍‌ରେ କଥା ହେଉଥିଲେ। କଥା ହେଉଥିବାବେଳେ ମଧ୍ୟ ଟେନ୍‌ସନ ହୋଇଯାଉଥିଲେ। ଗତ କିଛି ଦିନ ହେବ ସେ ଏକାନ୍ତରେ ରହିବାକୁ ପସନ୍ଦ କରୁଥିବାବେଳେ ମାନସିକ ଚାପରେ ରହୁଥିବା ଜଣାପଡୁଥିଲା। ତେବେ ଅଞ୍ଜନଙ୍କ ମୃତ୍ୟୁକୁ ନେଇ ନାନା ଆଲୋଚନା ହେଉଛି। ଠିକ୍ ତଦନ୍ତ ହେଲେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ତାଙ୍କ ମା' କହିଛନ୍ତି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପଞ୍ଚମବେଦ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ନାଟକ ଉତ୍ସବରେ ଗୁରୁବାର ରାଉରକେଲା ସମ୍ପର୍କ ଅନୁଷ୍ଠାନ ପକ୍ଷରୁ ମଞ୍ଚସ୍ଥ ନାଟକ 'ମୁଁ ବିଜୟାନନ୍ଦ କହୁଛି'ର ଏକ ଦୃଶ୍ୟ ।

---

■ ବନାୟନର ସମୀକ୍ଷା କଲା ବନ ବିଭାଗ

# ଜଙ୍ଗଲ ସୃଷ୍ଟିରେ ରେକର୍ଡ କରିଛି ଓଡ଼ିଶା




ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ବାର୍ଷିକ 'ସମୀକ୍ଷା ୧୮-୧୯' ରିପୋର୍ଟକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

ସମଗ୍ର ଭାରତବର୍ଷରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯିଏକି ବିଗତ କିଛିବର୍ଷ ମଧ୍ୟରେ ସର୍ବାଧିକ ଜଙ୍ଗଲ ସୃଷ୍ଟି କରିବାର ରେକର୍ଡ କରିଛି। ଆମ ଜଙ୍ଗଲ ଯୋଜନା(ଏଜେୱାଇ) ଏବଂ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଫେଜ୍-୨ ତଥା 'ବନାୟନ' ପ୍ରକଳ୍ପର କାର୍ଯ୍ୟକାରିତା ମାଧ୍ୟମରେ ରାଜ୍ୟରେ ଜଙ୍ଗଲ ସୁରକ୍ଷା ଓ ବନୀକରଣ କାର୍ଯ୍ୟ ଆଗକୁ ମଧ୍ୟ ଜାରି ରହିବ ବୋଲି ପିସିସିଏଫ୍ ସନ୍ଦୀପ କୁମାର ତ୍ରିପାଠୀ କହିଛନ୍ତି। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଜଙ୍ଗଲ ଓ ପରିବେଶ ବିଭାଗ ଅଧୀନ ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ବାର୍ଷିକ ସମୀକ୍ଷା କାର୍ଯ୍ୟକ୍ରମ 'ସମୀକ୍ଷା ୧୮-୧୯' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପିସିସିଏଫ୍ ତ୍ରିପାଠୀ ଏହା କହିଛନ୍ତି।

ଏହି ଅବସରରେ ୨୦୧୮-୧୯ ଆର୍ଥିକ ବର୍ଷ ଲାଗି ଜଙ୍ଗଲ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଏଜେୱାଇ ଏବଂ 'ବନାୟନ'ର ବିକାଶ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ପିସିସିଏଫ୍ କାର୍ଯ୍ୟକ୍ରମରେ ଜଙ୍ଗଲ ସମ୍ପଦର ସୁରକ୍ଷା ଉପରେ ଗୁରୁତ୍ୱ ଦେବା ସହ ଜୈବ ବିବିଧତାର ଉଚିତ ପରିଚାଳନା ଦିଗରେ ବିଭାଗ ପ୍ରାଥମିକତା ଦେଉଥିବା କହିଥିଲେ। ଜାପାନ ଇଣ୍ଟରନ୍ୟାଶନାଲ କୋଅପରେଶନ ଏଜେନ୍ସି ସହାୟତାରେ ୨୦୧୭-୧୮ ବର୍ଷରୁ କାର୍ଯ୍ୟକାରୀ ହେଉଥିବା 'ବନାୟନ' ପ୍ରକଳ୍ପ ୨୦୨୭ ମସିହା ପର୍ଯ୍ୟନ୍ତ ଚାଲିବ। ରାଜ୍ୟରେ ଜଙ୍ଗଲ ଜମି ବୃଦ୍ଧି କରିବା ଲାଗି ମୋଟ ୧୦ ଜିଲାର ୧୪ଟି ଡିଭିଜନର ୫୦ଟି ରେଞ୍ଜ୍‌ରେ ଏହି ପ୍ରକଳ୍ପ କାର୍ଯ୍ୟ କରିବ। ୧ ହଜାର କୋଟିର ଏହି ଦଶବର୍ଷିଆ ପ୍ରକଳ୍ପ ୧୨୦୦ ବନ ସୁରକ୍ଷା ସମିତି(ଭିଏସ୍‌ଏସ୍) ମାଧ୍ୟମରେ କାର୍ଯ୍ୟକ୍ଷମ ହେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨୦୧୮-୧୯ରେ ଏହା ୪୨୩ ଭିଏସ୍‌ଏସ୍‌କୁ ଛୁଇଁବାରେ ସଫଳ ହୋଇଛି। ଉକ୍ତ ପ୍ରକଳ୍ପ ରାଜ୍ୟର ୩୬୦୦ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରି ସେମାନଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିବାକୁ ଲକ୍ଷ୍ୟ ରଖିଥିବା ସେ କହିଥିଲେ। କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ବିଭାଗ ସ୍ୱତନ୍ତ୍ର ସଚିବ ସୁଦର୍ଶନ ପଣ୍ଡା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଫେଜ୍-୧ର ସଫଳତାକୁ ଆଧାର କରି ଫେଜ୍-୨ କାର୍ଯ୍ୟକାରୀ କରାଯାଇଥିବା କହିଥିଲେ। ଏହି ପ୍ରକଳ୍ପ ଶେଷ ସୁଦ୍ଧା ରାଜ୍ୟରେ ୬୭,୦୦୦୦ ହେକ୍ଟର ଜମିରେ ବନୀକରଣ କରାଯିବା ସହ ଭିଏସ୍‌ଏସ୍ ମାଧ୍ୟମରେ ଜଙ୍ଗଲ କ୍ଷୟକୁ ୧୫ ପ୍ରତିଶତ ପର୍ଯ୍ୟନ୍ତ କମାଇବାକୁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ଏଲ୍.କେ. ତିୱାରି ସ୍ୱାଗତଭାଷଣ ଦେଇ ଉଭୟ ବନାୟନ ଏବଂ ଆମ ଜଙ୍ଗଲ ଯୋଜନା ମାଧ୍ୟମରେ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

---

# ଅଙ୍ଗଦାନକୁ ପ୍ରୋତ୍ସାହିତ କରିବା ପାଇଁ 'ଆଇ ଲାଇଭ୍ ଅନ୍' ଅଭିଯାନ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**




ଭାରତରେ ମୃତ ଶରୀର ଦାନ ଏବେ ବି ଏକ ଆହ୍ୱାନପୂର୍ଣ୍ଣ ସମସ୍ୟା। ସଚେତନତା ଓ ପାରିବାରିକ ସହମତିର ଅଭାବ ଏହାର ପ୍ରମୁଖ କାରଣ। ଭାରତରେ ଅଙ୍ଗ ପ୍ରତିରୋପଣ ତଥ୍ୟ ଅନୁଯାୟୀ, ୧୯୭୧ରୁ ୨୦୧୫ ମଧ୍ୟରେ ଭାରତରେ ପ୍ରତିରୋପଣ କରାଯାଇଥିବା

**୧୦ ପ୍ରତିଶତ ଅଙ୍ଗଦାନ ବଢ଼ିଲେ ପ୍ରତିରୋପଣ ସମସ୍ୟା ଦୂର ହେବ**

୨୧,୩୯୫ ବୃକକ୍ ମଧ୍ୟରୁ ମାତ୍ର ୭୮୩ଜଣ ମୃତ ଶରୀର ଦାନକାରୀ ଥିଲେ। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ, ଭାରତରେ ମୃତ ଶରୀର ଦାନକାରୀଙ୍କ ମଧ୍ୟରେ ହୃତ୍‌ପିଣ୍ଡ ଓ ଯକୃତ ଅପେକ୍ଷା ବୃକକ୍ ଅଧିକ ଗୁରୁତ୍ୱ ବହନ କରିଥାଏ। ଭାରତରେ ୨ ଲକ୍ଷରୁ ଅଧିକ ବୃକକ୍ ଆବଶ୍ୟକ ଥିବାବେଳେ ଆମ ପାଖରେ ମାତ୍ର ୬ ହଜାର ବୃକକ୍ ରହିଛି। ୫ରୁ ୧୦ ପ୍ରତିଶତ ଦାନକାରୀ ବୃଦ୍ଧି ପାଇଲେ ଦେଶରେ ଅଙ୍ଗ ପ୍ରତିରୋପଣ ସମସ୍ୟା ଦୂର ହୋଇପାରିବ। ଏହାକୁ ଦୃଷ୍ଟିରେ ରଖି ବିଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲ ପକ୍ଷରୁ ଅଙ୍ଗଦାନ ଓ ଅଙ୍ଗ ପ୍ରତିରୋପଣ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ 'ଆଇ ଲାଇଭ୍ ଅନ୍' ଅଭିଯାନର ଶୁଭାରମ୍ଭ କରାଯାଇଛି।

ବିଶ୍ୱ ବୃକକ୍ ଦିବସ ଅବସରରେ ଗୁରୁବାର ହସ୍ପିଟାଲ ପରିସରରେ ଏହି ଅଭିଯାନ ଆରମ୍ଭ ହୋଇଛି। ଅଙ୍ଗଦାନ ପ୍ରତି ଲୋକଙ୍କୁ ଉତ୍ସାହିତ କରିବା ଓ ଆଗ୍ରହୀ ଲୋକଙ୍କୁ ବିଭିନ୍ନ ପ୍ରକାର ସହଯୋଗ ଯୋଗାଇ ଦେବା ପାଇଁ ଏକ ଅନ୍‌ଲାଇନ୍ ପ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି। ଅଙ୍ଗ ପ୍ରତିରୋପଣ ପାଇଁ ଲୋକେ ସମ୍ମୁଖୀନ ହେଉଥିବା ଅସୁବିଧାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଥିବା ହସ୍ପିଟାଲର ୟୁନିଟ୍ ମୁଖ୍ୟ ଡା. ଜନ୍ ବର୍ଗିଜ୍ କହିଛନ୍ତି। ପୂର୍ବରୁ ଅଙ୍ଗ ଦାନକାରୀ ଓ ଗ୍ରହଣକାରୀଙ୍କ ରକ୍ତ ସମାନ ପ୍ରକାରର ହୋଇ ନ ଥିଲେ ପ୍ରତିରୋପଣ ସଫଳ ହୋଇପାରୁ ନ ଥିଲା। ମାତ୍ର ବର୍ତ୍ତମାନର ଅତ୍ୟାଧୁନିକ ପଦ୍ଧତି ବ୍ୟବହାର ଦ୍ୱାରା ଏହି ସମସ୍ୟା ଦୂର ହୋଇଥିବା ହସ୍ପିଟାଲର ୟୁରୋଲୋଜି ଏବଂ ଟ୍ରାନ୍ସପ୍ଲାଣ୍ଟ ସର୍ଜନ ଡା. ମାନସ ରଞ୍ଜନ ପ୍ରଧାନ କହିଛନ୍ତି। ସେହିଭଳି ୟୁରୋଲୋଜିର ବରିଷ୍ଠ ପରାମର୍ଶଦାତା ଡା. ବିଶ୍ୱଜିତ୍ ନନ୍ଦ କ୍ରୋନିକ୍ କିଡ୍‌ନୀ ଡିଜିଜ୍(ସିକେଡି) ବିଷୟରେ କହିଥିଲେ। ଏହି ଅବସରରେ ହସ୍ପିଟାଲ ପକ୍ଷରୁ ବୃକକ୍ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା ପ୍ୟାକେଜ୍‌ର ଶୁଭାରମ୍ଭ କରାଯାଇଥିଲା।

---

## ୮ ଗାଡ଼ି ମାଲିକଙ୍କ ବିରୋଧରେ ଗିରଫ ପରୱାନା

**କଟକ ଅଫିସ, ୧୪।୩**

ନିର୍ବାଚନ କାର୍ଯ୍ୟରେ ଅସହଯୋଗ କରିଥିବାରୁ ରିପ୍ରେଜେଣ୍ଟେଟିଭ ଅଫ ପିପୁଲ୍‌ସ ଆକ୍ଟ-୧୯୫୧ ଅନୁଯାୟୀ ୮ ଜଣ ଗାଡ଼ି ମାଲିକଙ୍କ ବିରୋଧରେ ଗିରଫ ପରୱାନା ଜାରି କରିବାକୁ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ଗାଡ଼ି ମାଲିକମାନଙ୍କ ନିକଟସ୍ଥ ଥାନାର ଆଇଆଇସିମାନଙ୍କୁ ତୁରନ୍ତ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ସୂଚନାଥାଉ କି, ଜିଲାରେ ନିର୍ବାଚନ ପରିଚାଳନା ନିମନ୍ତେ ୩୮୦୦ ଗାଡ଼ିର ଆବଶ୍ୟକତା ରହିଛି। ଏହି ଅନୁଯାୟୀ ପରିବହନ ବିଭାଗ ପକ୍ଷରୁ ଗାଡ଼ି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଅଦ୍ୟାବଧି ୩୦୦ ପାଖାପାଖି ଗାଡ଼ି ଅଧିଗ୍ରହଣ ହୋଇଥିବାବେଳେ ୮ଟି ବୋଲେରୋକୁ ନୋଟିସ୍ ଦିଆଯିବା ସତ୍ତ୍ୱେ ମାଲିକମାନେ ସେମାନଙ୍କ ଗାଡ଼ିକୁ ପଠାଇ ନ ଥିଲେ। ଫଳରେ ସେମାନଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜିଲା ମୋଟରଯାନ ନିରୀକ୍ଷକ ରଶ୍ମିରଞ୍ଜିତ ଦଳବେହେରା ସୂଚନା ଦେଇଛନ୍ତି।

## ୩ ବ୍ରାଉନସୁଗାର ବେପାରୀଙ୍କୁ ଉଠାଇନେଲା ସ୍ପେଶାଲ ସ୍କ୍ୱାଡ୍

**ଭୁବନେଶ୍ୱର, ୧୪।୩ (ବ୍ୟୁରୋ)**

ନୟାପଲ୍ଲୀ ଥାନା ନିକଟ ଦୁର୍ଗାମଣ୍ଡପ ନିକଟ ଏକ ଅନ୍ଧାରୁଆ ସ୍ଥାନରେ ବ୍ରାଉନସୁଗାର କାରବାର ହେଉଥିବା ଖବର ପାଇ ସ୍ପେଶାଲ ସ୍କ୍ୱାଡ୍ ଗୁରୁବାର ରାତି ପ୍ରାୟ ୭ଟାରେ ସେଠାରେ ଚଢ଼ାଉ କରିଥିଲା। ସେଠାରୁ ୩ଜଣଙ୍କୁ କାବୁ କରି ଥାନାକୁ ଉଠାଇ ନେଇଥିଲା ସ୍ପେଶାଲ ସ୍କ୍ୱାଡ୍। ମାତ୍ର ତାଙ୍କଠାରୁ କିଛି ବି ବ୍ରାଉନସୁଗାର ଜବତ କରିପାରି ନ ଥିବାରୁ ଏବେ ପୋଲିସ ଦ୍ୱନ୍ଦ୍ୱରେ ପଡିଛି। ତେବେ ସମ୍ପୃକ୍ତ ବ୍ୟକ୍ତି ଜଣକ ବ୍ରାଉନସୁଗାର ବ୍ୟବସାୟ କରୁଥିବା ପୋଲିସ ଜାଣିବାକୁ ପାଇବା ପରେ ଅଧିକ ପଚରାଉଚରା କରୁଛି। ଚଢ଼ାଉ ସମୟରେ ସେମାନେ ବ୍ରାଉନସୁଗାରକୁ ଅନ୍ଧାରୁଆ ସ୍ଥାନକୁ ଫିଙ୍ଗି ଦେଇଥିବା କୁହାଯାଉଛି। ସୂଚନାନୁଯାୟୀ, ସାଲିଆସାହିର ଏହି ୩ଜଣ ଯୁବକ ଦୀର୍ଘଦିନ ହେବ ଏହି ବ୍ୟବସାୟ କରିଆସୁଛନ୍ତି। ଏପରିକି ସେମାନଙ୍କୁ ସ୍ଥାନୀୟ ଥାନାର କେତେଜଣ କର୍ମଚାରୀ ସହଯୋଗ କରନ୍ତି। ପୋଲିସ ସେମାନଙ୍କଠାରୁ ଚାନ୍ଦା ନେଇ ସୁରକ୍ଷା ଦେଇଥାନ୍ତି।



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ବିପଦ ଆସିବାଠୁ ବରଂ ଭଲ, ଆସିବ ଆସିବ ବୋଲି ଯେଉଁ ଆଶଙ୍କା ତାହାହିଁ ସବୁଠାରୁ ଯନ୍ତ୍ରଣାଦାୟକ।
- ବେନ୍ ଜନସନ



## ସଂକ୍ଷେପରେ

### କାର-ବାଇକ ଧକ୍କା, ଜଣେ ଗୁରୁତର

**ଟିଗିରିଆ,୧୪।୩(ଡି.ଏନ.ଏ.):** ଟିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା-ଖଣ୍ଡହତା ପୂର୍ତ୍ତ ବିଭାଗ ରାସ୍ତାର କୋଇଲକନ୍ୟାଠାରେ ଗୁରୁବାର ଅପରାହ୍ନ ୪ଟାରେ କାର୍-ବାଇକ୍ ଧକ୍କା ହୋଇଛି। ଏଥିରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଟିଗିରିଆ ଡାକ୍ତରଖାନା ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଖବର ପାଇ ଦୁର୍ଘଟଣାସ୍ଥଳରେ ପହଞ୍ଚି କାର ଓ ବାଇକକୁ ଜବତ କରିଛି। ଗୁରୁତର ଜଣଙ୍କ ମାଣିଆବନ୍ଧ ଫାଣ୍ଡି ଅନ୍ତର୍ଗତ ବିଧାରପୁର ଗ୍ରାମର ପ୍ରତାପ କୁମାର ଦାଶ ବୋଲି ଜଣାଯାଇଛି। କାର୍ ଚାଳକ ଅନିଲ କୁମାର ବିଶୋଇ ଓ ତାଙ୍କର ଜଣେ ସାଙ୍ଗ ସାମାନ୍ୟ ଆହତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, କାରର ବାମପଟ ଆଗଚକ ଫାଟିଯିବାରୁ କାର୍‌ଟି ଭାରସାମ୍ୟ ହରାଇ ପ୍ରଥମେ ରାସ୍ତାକଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଥିଲା। ପରେ ସମ୍ମୁଖରୁ ଆସୁଥିବା ବାଇକ ଚାଳକଙ୍କ ସହ ଧକ୍କା ହୋଇଥିଲା। ଜବତ କାର (ନଂ-ଓଡି-୦୫କ୍ୟୁ-୨୨୧୫) ଏବଂ ବାଇକ ନଂ-(ଓଆର-୦୫-ଏପି ୧୭୬୭)। ଖବର ଲେଖାହେବାବେଳକୁ ଥାନାରେ ଅଭିଯୋଗ ହୋଇ ନ ଥିଲା।

### ଅବକାରୀ ଚଢ଼ାଉ, ଦୁଇ ଗିରଫ

**ସାଲେପୁର,୧୪।୩(ଡି.ଏନ.ଏ.):** ସାଲେପୁର ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୭୦ ବୋତଲ ଦେଶୀମଦ ଜବତ କରାଯିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସାଲେପୁର ଥାନା ପିକୋଳ ପଞ୍ଚାୟତ ମାଣିତ୍ରୀ ଗ୍ରାମରେ ଚଢ଼ାଉ କରାଯାଇ ପ୍ରଫୁଲ୍ଲ ବେହେରାଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୩୦ବୋତଲ ମଦ ଜବତ କରାଯାଇଛି। ସେହିପରି ସେହି ଗ୍ରାମର ହରି ବେହେରାଙ୍କ ଘରେ ଚଢ଼ାଉ କରାଯାଇ ୪୦ବୋତଲ ଦେଶୀମଦ ଜବତ କରାଯିବା ସହ ହରିଙ୍କୁ ଗିରଫ କରାଯାଇଛି। ଚୋରା ମଦବ୍ୟବସାୟରେ ସମ୍ପୃକ୍ତ ପ୍ରଫୁଲ୍ଲଙ୍କୁ ପି.ଆର୍. କେସ୍ ନଂ. ୮୩/୧୮-୧୯ ଏବଂ ହରିଙ୍କୁ ପି.ଆର୍ କେସ୍ ନଂ. ୮୪ /୧୮-୧୯ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ସାଲେପୁର ଅବକାରୀ ବିଭାଗ ସବ୍‌ଇନ୍ସପେକ୍ଟର ତିଲେସ ଫୋର ଲାକ୍ରା, ଏଏସ୍‌ଆଇ ଶରତ ଚନ୍ଦ୍ର ଜେନା, କନଷ୍ଟେବଲ ସୁନୀଲ୍ କୁମାର ବଲ, ସନାତନ ବେହେରା, ନିରଞ୍ଜନ ଖଟୁଆ, ପୂର୍ଣ୍ଣେଶ୍ୱର ମାଝି, ବିଶ୍ୱଜିତ୍ ବିଶ୍ୱାଳ ଓ ମେନେକା ସିଂ ପ୍ରମୁଖ ସାମିଲ ହୋଇଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ, ସାଧୁମେଳା ଉଦ୍‌ଯାପିତ

**ବଡ଼ମ୍ବା,୧୪।୩(ଡି.ଏନ.ଏ.):** ବଡ଼ମ୍ବା ବ୍ଲକ ଶଙ୍ଖାମେରୀ ଗ୍ରାମସ୍ଥିତ ଶ୍ରୀଶ୍ରୀ ସ୍ୱପ୍ନେଶ୍ୱର ଦେବଙ୍କ ମେରୁ ଆଶ୍ରମ ପ୍ରାଙ୍ଗଣରେ ୩ଦିନ ଧରି ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଓ ସାଧୁମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମେଳାରେ ସହ ସହ ସଂଖ୍ୟାରେ ସାଧୁସନ୍ଥ ଯୋଗଦେଇ ନାମଯଜ୍ଞ ସହିତ ଭାଗବତ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ମେରୁ ଆଶ୍ରମର ଭକ୍ତ ଓ ଶଙ୍ଖାମେରୀ ପଞ୍ଚାୟତବାସୀ ପରିଚାଳନା କରିଥିଲେ।

# ଲାଇସେନ୍ସଧାରୀ ଫେରାଉନାହାନ୍ତି ବନ୍ଧୁକ

- ଗୋଟିଏ ସପ୍ତାହ ମହଲତ ଦେଲା କମିଶନରେଟ ପୋଲିସ
- ଭୁବନେଶ୍ୱରରେ ୧୭୦୨ରୁ ଫେରିଛି ୫୮୦ ବନ୍ଧୁକ
- ଡିସିପି କହିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ

**ଭୁବନେଶ୍ୱର,୧୪।୩ (ବ୍ୟୁରୋ)**

ନିର୍ବାଚନ ତାରିଖ ଘୋଷଣା ସହ ଲାଗୁ ହୋଇଛି ଆଦର୍ଶ ଆଚରଣ ବିଧି। ଏପ୍ରିଲ ୧୧ରୁ ନିର୍ବାଚନ ଆରମ୍ଭ ହେବାକୁ ଥିବାବେଳେ ଲାଇସେନ୍ସଧାରୀଙ୍କୁ ସେମାନଙ୍କ ବନ୍ଧୁକ ସ୍ଥାନୀୟ ଥାନା ଜିମା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଅଧିକାଂଶ ଲାଇସେନ୍ସଧାରୀ ବନ୍ଧୁକ ଫେରାଉ ନ ଥିବାରୁ କମିଶନରେଟ ପୋଲିସ ଉପରେ ରାଜ୍ୟ ନିର୍ବାଚନ ଅଧିକାରୀ କ୍ଷୋଭ ପ୍ରକାଶ କରିଛନ୍ତି। ଏହାକୁ ନେଇ କମିଶନରେଟ ପୋଲିସର ଚିନ୍ତା ବଢ଼ିଥିବାବେଳେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ଗୋଟିଏ ସପ୍ତାହ ମହଲତ ଦିଆଯାଇଛି। ନିର୍ଦ୍ଦେଶକୁ ଅମାନ୍ୟ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି। ମିଳିଥିବା ତଥ୍ୟ ଅନୁସାରେ, ରାଜଧାନୀରେ ମୋଟ ୧୭୦୨ଜଣ ପିସ୍ତଲ,ରିଭଲଭର,୧୨ ରାଉଣ୍ଡ୍ ବୋର୍ ଗନ୍ ଲାଇସେନ୍ସ ନେଇଛନ୍ତି। ଇତିମଧ୍ୟରେ ମାତ୍ର ୫୮୦ଜଣ ବନ୍ଧୁକ ଫେରାଇଛନ୍ତି। ଏବେବି ୧୧୨୨ଜଣ ଲାଇସେନ୍ସଧାରୀ ସେମାନଙ୍କ ବନ୍ଧୁକ ଫେରାଇ ନ ଥିବା ଜଣାପଡିଛି। ଖଣ୍ଡଗିରି ଥାନାଞ୍ଚଳରେ ୧୩୯ଜଣ ବନ୍ଧୁକ ଲାଇସେନ୍ସ ନେଇଥିବାବେଳେ ବୁଧବାର ସୁଦ୍ଧା ୫୮ଜଣ ବନ୍ଧୁକ ଫେରାଇଛନ୍ତି। ସେହିଭଳି ଲକ୍ଷ୍ମୀସାଗର ଥାନାଞ୍ଚଳରେ ୯୫ଜଣଙ୍କ ମଧ୍ୟରୁ ୫୫ଜଣ, ନୟାପଲ୍ଲୀ ଥାନାଞ୍ଚଳରେ ୧୬୩ଜଣଙ୍କ ମଧ୍ୟରୁ ୫୩ଜଣ, ବଡ଼ଗଡ଼ ଥାନାଞ୍ଚଳରେ ୯୭ଜଣଙ୍କ ମଧ୍ୟରୁ ୪୪ଜଣ, ଜଟଣୀ ଥାନାଞ୍ଚଳରେ ୭୭ଜଣଙ୍କ ମଧ୍ୟରୁ ୩୮ଜଣ ଲାଇସେନ୍ସଧାରୀ ସେମାନଙ୍କ ବନ୍ଧୁକ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଅନ୍ୟପକ୍ଷରେ ଏୟାରଫିଲ୍ଡ ଥାନାଞ୍ଚଳରୁ ୬୭ଜଣ ବ୍ୟକ୍ତି ବନ୍ଧୁକ ଲାଇସେନ୍ସ ନେଇଥିବାବେଳେ ବାଲିଅନ୍ତା ଥାନାଞ୍ଚଳରେ ୩୮, ବାଲିପାଟଣା ଥାନାଞ୍ଚଳରେ ୩୨, କ୍ୟାପିଟାଲ ଥାନାଞ୍ଚଳରେ ୧୨୮, ଚନ୍ଦକା ୨୬, ଚନ୍ଦ୍ରଶେଖରପୁର ୮୯, ଧଉଳି ଥାନାଞ୍ଚଳରେ ୯ଜଣ ବ୍ୟକ୍ତି ବନ୍ଧୁକ ଲାଇସେନ୍ସ ନେଇଛନ୍ତି। ସେହିଭଳି ଇନ୍‌ଫୋସିଟି ଥାନାଞ୍ଚଳରେ ୧୬ଜଣ, ଖାରବେଳନଗର ଥାନାଞ୍ଚଳରେ ୮୮, ମଞ୍ଚେଶ୍ୱର ୩୫, ନନ୍ଦନକାନନ ଥାନାଞ୍ଚଳରେ ୩ଜଣ, ଶହୀଦନଗର ଥାନାଞ୍ଚଳରେ ୧୦୬, ଲିଙ୍ଗରାଜ ଥାନାଞ୍ଚଳରେ ୭୪ ଓ ତମାଣ୍ଡୋ ଥାନା ଅଞ୍ଚଳରେ ୧୫ଜଣ ବ୍ୟକ୍ତି ବନ୍ଧୁକ ଲାଇସେନ୍ସ ପାଇଛନ୍ତି। ତେବେ ଏସବୁ ଥାନାକୁ ଖୁବ୍ କମ୍‌ସଂଖ୍ୟକ ବନ୍ଧୁକ ଫେରିଥିବା ସୂଚନା ମିଳିଛି। ନିର୍ବାଚନ ତାରିଖ ପାଖେଇ ଆସୁଥିବାବେଳେ ଏହା ନିର୍ବାଚନ ସମୟରେ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ଲାଇସେନ୍ସ ପ୍ରଦାନ ସମୟରେ ରହିଥିବା ସର୍ତ୍ତ ଓ ନିୟମାବଳୀକୁ ପାଳନ କରାଯାଉ ନ ଥିବା ମଧ୍ୟ ପୋଲିସର ନଜରକୁ ଆସିଛି।



ବଡ଼ମ୍ବା ବ୍ଲକ କାଞ୍ଜିଆପାଳସ୍ଥିତ କଲ୍‌କୀ ମନ୍ଦିରଠାରେ ଅଖଣ୍ଡ ଧୂନି ଓ ଭାଗବତ ପଠନ କାର୍ଯ୍ୟକ୍ରମ ଉପଲକ୍ଷେ ଅନୁଷ୍ଠିତ କଳସ ଯାତ୍ରା।

## ଅଖଣ୍ଡ ଧୂନି, ଭାଗବତ ପଠନ କାର୍ଯ୍ୟକ୍ରମ ଶୁଭାରମ୍ଭ

**ବଡ଼ମ୍ବା,୧୪।୩(ଡି.ଏନ.ଏ.)**

ଗହଣ ଦଳ କାଳିକାମଣ୍ଡଳ ଆନୁକୂଲ୍ୟରେ ବଡ଼ମ୍ବା ବ୍ଲକ କାଞ୍ଜିଆପାଳସ୍ଥିତ କଲ୍‌କୀ ମନ୍ଦିରଠାରେ ଅଖଣ୍ଡ ଧୂନି ଓ ଭାଗବତ ପଠନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ରାଜା ନରସିଂହ ଦେବଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ କାର୍ଯ୍ୟକ୍ରମ ୧୨ଦିନ ଧରି ଅନୁଷ୍ଠିତ ହେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏକ କଳସ ଯାତ୍ରା କରାଯାଇଥିଲା। ଏଥିରେ ବହୁ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ କାଳିକା ମଣ୍ଡଳ ଦଳ ପରିଚାଳନା କରୁଛନ୍ତି।

## ■ କ୍ଷେତ୍ରଟ ଆଇଡିଆଲ ପବ୍ଲିକ ସ୍କୁଲ

## ତୃତୀୟ ଦିନରେ ଅଭିଭାବକଙ୍କ ଧାରଣା



ଧାରଣାରେ ବସିଥିବା ଅଭିଭାବକ।

**ରଘୁନାଥପୁର, ୧୪।୩( ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ପାଟେଣିଗାଁ ବର୍ତ୍ତିସ୍ଥିତ କ୍ଷେତ୍ରଟ ଆଇଡିଆଲ ପବ୍ଲିକ ସ୍କୁଲରେ ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କ ଶିକ୍ଷାଖର୍ଚ୍ଚ ଦାବି ନେଇ ବିଇଓ ଅଫିସ ସମ୍ମୁଖରେ ଅଭିଭାବକ ପକ୍ଷରୁ ଚାଲିଥିବା ଧାରଣା ୩ ଦିନ ପହଞ୍ଚିଛି। ଶିକ୍ଷାଖର୍ଚ୍ଚ ନ ମିଳିବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଅନଶନକାରୀ ପ୍ରକାଶ କରିଥିଲେ। ସେମାନଙ୍କ ଦାବି ମୁତାବକ ପ୍ରସ୍ତାବ ସହ ତଦନ୍ତ ରିପୋର୍ଟ ଜିଲାସ୍ତରକୁ ପଠାଇ ଦିଆଯାଇଛି ବୋଲି ଏବିଇଓ ନରହରି ମିଶ୍ର ପ୍ରକାଶ କରିଛନ୍ତି। ଆମ ପାଖରେ କୌଣସି କାର୍ଯ୍ୟନାହିଁ, ଯାହା ଉପରସ୍ତରରେ ସିଦ୍ଧାନ୍ତ ନିଆଯିବ ବୋଲି ବିଇଓ ରାଜ୍ୟଶ୍ରୀ ସାହୁ ପ୍ରକାଶ କରିଛନ୍ତି। ତେବେ ଅନଶନକାରୀ ଆଡଭାଇଜରି କମିଟିର ଭାଇସ ଚେୟାରମ୍ୟାନ ରୂପେନ୍ଦ୍ର ମିଶ୍ର, ସମସ୍ତ କାର୍ଯ୍ୟ ବିଇଓଙ୍କ କାର୍ଯ୍ୟାଳୟରୁ ହେଉଛି। ହେଲେ ଠିକ୍ ତଦନ୍ତ ରିପୋର୍ଟ ପ୍ରଦାନ କରାଯିବାରେ ଅବହେଳା ପ୍ରଦର୍ଶନ କରାଯାଉଛି ବୋଲି ସେ ଗୁରୁତର ଅଭିଯୋଗ କରିଛନ୍ତି। ଫଳରେ ଗତ ୨୦୧୪-୧୫, ୨୦୧୫-୧୬ ଆର୍ଥିକ ବର୍ଷର ଶିକ୍ଷାଖର୍ଚ୍ଚ ଆସିପାରୁନି ବୋଲି ମତବ୍ୟକ୍ତ କରିଛନ୍ତି। ଗୁରୁବାର ସଂଯୁକ୍ତା ସେଠୀ, ସୁକାନ୍ତି ବାରିକ, ଲକ୍ଷ୍ମୀପ୍ରିୟା ଦାସ, ଶକୁନ୍ତଳା ଦାସ, ଶ୍ୟାମ ସିଂ, ମିନତି ମାହାଳି, ଉମା ସେଠୀ, ବିଜୟ କୁମାର ସେଠୀଙ୍କ ସମେତ ସମସ୍ତ ଅଭିଭାବକ ଉପସ୍ଥିତ ରହି ପ୍ରତିବାଦ କରିବା ସହ ଶିକ୍ଷାଖର୍ଚ୍ଚ ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କହିଛନ୍ତି।

# ବରିଷ୍ଠ ନାଗରିକଙ୍କ ପାଇଁ ଅର୍ଥ ବ୍ୟବସ୍ଥା କରିବାକୁ ଅନୁରୋଧ

**ବାଙ୍କୀ,୧୪।୩(ସ୍ୱ.ପ୍ର.)**

ଚଳିତ ବଜେଟ୍‌ରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କିଷାନ ଯୋଜନା, ରାଷ୍ଟ୍ରୀୟ ଗୋକୁଳ ଯୋଜନା, ଶ୍ରମିକ କଲ୍ୟାଣ ଓ ମନରେଗା ଯୋଜନାରେ ପର୍ଯ୍ୟାପ୍ତ ଅର୍ଥ ବ୍ୟବସ୍ଥା କରିଛନ୍ତି। ସେହିପରି ଓଡ଼ିଶା ସରକାର କାଳିଆ, ପିଠା ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମଧ୍ୟ ପର୍ଯ୍ୟାପ୍ତ ଅର୍ଥ ବ୍ୟବସ୍ଥା କରିଛନ୍ତି। ମାତ୍ର ବରିଷ୍ଠ ନାଗରିକ, ଯେଉଁମାନେ ଦେଶର ସମ୍ପଦ ସେମାନଙ୍କ ଉନ୍ନତି ଓ ସୁରକ୍ଷା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ବଜେଟ୍‌ରେ କୌଣସି ବ୍ୟବସ୍ଥା କରି ନାହାନ୍ତି। ଏହାକୁ ନେଇ ବାଙ୍କୀ ବରିଷ୍ଠ ନାଗରିକ ସଂଘ ସଭାପତି ବିରଞ୍ଚି ଦାସ ପୃଥକଭାବେ ପ୍ରଧାନମନ୍ତ୍ରୀ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ପତ୍ରଲେଖି ବରିଷ୍ଠ ନାଗରିକଙ୍କ କଲ୍ୟାଣ ନିମନ୍ତେ ଅର୍ଥ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ଦାସ ଉଲ୍ଲେଖ କରିଛନ୍ତି, ବୃଦ୍ଧ ମାତାପିତା ସେମାନଙ୍କ ସନ୍ତାନସନ୍ତତିଙ୍କ ଦ୍ୱାରା ଅବହେଳିତ ହୋଇ ଅସୁରକ୍ଷିତ ଅବସ୍ଥାରେ କାଳତିପାତ କରୁଛନ୍ତି। ଏତଦ୍ ବ୍ୟତୀତ ସମାଜରେ ଅନେକ ନିଃସହାୟ ବିଧବା, ନିଃସନ୍ତାନ ବୃଦ୍ଧାବୃଦ୍ଧ ବିଭିନ୍ନ ନିର୍ଯାତନାର ଶିକାର ହେଉଛନ୍ତି। ସମାଜରେ ଉପରୋକ୍ତ ବ୍ୟକ୍ତିବିଶେଷଙ୍କ ଭରଣ ପୋଷଣ ଓ ସୁରକ୍ଷା ସକାଶେ ଦେଶରେ ପ୍ରଚଳିତ କାର୍ଯ୍ୟବିଧି ଆଇନ ୧୯୭୩ରେ ପର୍ଯ୍ୟାପ୍ତ ବ୍ୟବସ୍ଥା ନ ଥିବା ହେତୁ ଭାରତ ସରକାର 'ମେଣ୍ଟେନାସ୍ ଆଣ୍ଡ୍ ୱେଲ୍‌ଫେୟାର ଅଫ ପ୍ୟାରେଣ୍ଟସ୍ ଆକ୍ଟ ଆଣ୍ଡ୍ ସିନିୟର ସିଟିଜେନସ୍ ଆକ୍ଟ, ୨୦୦୭' ପ୍ରଣୟନ କରିଛନ୍ତି। ଉକ୍ତ ଆଇନ ଅନୁଯାୟୀ ବୃଦ୍ଧାବୃଦ୍ଧ ପିତାମାତା, ଜେଜେବାପା, ଜେଜେମା' ଓ ନିଃସନ୍ତାନ ବ୍ୟକ୍ତଙ୍କୁ ଭରଣପୋଷଣ ଓ ସାମାଜିକ ସୁରକ୍ଷା ଅପେକ୍ଷା କୃତ ଅଧିକ ସୁବିଧା ସହଜରେ ବିନାଖର୍ଚ୍ଚରେ ଯୋଗାଇଦେବା ପାଇଁ ଉପଖଣ୍ଡ ସ୍ତରରେ ଗଠିତ ହୋଇଥିବା ଟ୍ରିବ୍ୟୁନାଲକୁ କ୍ଷମତା ପ୍ରଦାନ କରାଯାଇଛି। ମାତ୍ର ଦୀର୍ଘବର୍ଷ ହେଲା ଏହି ଯୋଜନାମାନ କେବଳ ଆଇନରେ ସୀମାବଦ୍ଧ ଥିବା ମନେହେଉଛି। ରାଜ୍ୟ ସରକାରଙ୍କ ବଜେଟରେ ଅର୍ଥର ବ୍ୟବସ୍ଥା ନ ଥିବାରୁ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ପର୍ଯ୍ୟାପ୍ତ ସୁରକ୍ଷା ଓ ଚିକିତ୍ସାର ପ୍ରସାର ହୋଇ ପାରୁନାହିଁ। ଫଳରେ ସେମାନେ ସମସ୍ତ ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି।

## ନାଳ କଡ଼ରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଟିଗିରିଆ,୧୪।୩(ଡି.ଏନ.ଏ.)**

ଦୁଇ ଦିନ ଧରି ନିଖୋଜ ଥିବା ଟିଗିରିଆ ଥାନା ଅଧୀନ ହରିଡ଼ାପଶି ଗ୍ରାମର ବିଜୟ ରାଉତ(୬୧)ଙ୍କ ମୃତଦେହ ଗୁରୁବାର ଗୋଡ଼ିଝରିଆ କଲରାଗଡ଼ ଛକ ନିକଟବର୍ତ୍ତୀ ଏକ ନାଳ କଡ଼ରୁ ଉଦ୍ଧାର କରାଯାଇଛି। ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବିଜୟଙ୍କ ମୃତଦେହ ଉଦ୍ଧାର କରିଥିଲା। ପରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରିବା ପାଇଁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲା। ବିଜୟ ନିଖୋଜ ଥିବା ନେଇ ତାଙ୍କ ସାନ ଭାଇ ଅଜୟ କୁମାର ରାଉତ ଗୁରୁବାର ଥାନାରେ ଅଭିଯୋଗ କରିଥିଲେ। ସେ ଅଭିଯୋଗରେ ତାଙ୍କ ଭାଇ ବୁଧବାରଠାରୁ ନିଖୋଜ ଥିବା ଦର୍ଶାଇଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ-୨/୧୯ ରୁଜୁ ହୋଇଛି। ଏଏସଆଇ ରତ୍ନାକର ପ୍ରଧାନ ମାମଲାର ତଦନ୍ତ କରୁଛନ୍ତି। ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ପ୍ରଧାନ ପ୍ରକାଶ କରିଛନ୍ତି।

# ନିର୍ବାଚନ ଖର୍ଚ୍ଚ ପରିଚାଳନା, ଆଚରଣବିଧି ପାଳନକୁ ଗୁରୁତ୍ୱ

**ନିର୍ବାଚନୀ ବୈଠକ**

- ଟିମ୍ ଅଧିକାରୀଙ୍କୁ ପ୍ରଶିକ୍ଷଣ
- ୯ ସହକାରୀ ଖର୍ଚ୍ଚ ଅଟକଳ ପର୍ଯ୍ୟବେକ୍ଷକ ନିଯୁକ୍ତ

**କଟକ ଅଫିସ, ୧୪।୩**

ଆଗାମୀ ସାଧାରଣ ନିର୍ବାଚନକୁ ଅବାଧ, ମୁକ୍ତ, ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳନା କରିବା ନିମନ୍ତେ ପ୍ରଶାସନ ଗୁରୁତ୍ୱ ଦେଇଛି। ଏହି କାର୍ଯ୍ୟକୁ ନିଷ୍ଠାର ସହ ସମ୍ପାଦନ କରିବାକୁ ଗୁରୁବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଅଧ୍ୟକ୍ଷତା କରି ଆଦର୍ଶ ଆଚରଣବିଧିକୁ କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲାର ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ ଖର୍ଚ୍ଚ ଅଟକଳ ପରିଚାଳନା ଟିମ୍ ଗଠନ ହୋଇଥିବାବେଳେ ଏଥିପାଇଁ ୯ ଜଣ ସହକାରୀ ଖର୍ଚ୍ଚ ଅଟକଳ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି । ସେହିପରି ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୩ଟି ଲେଖାଏ ଫ୍ଲାଇଂ ସ୍କ୍ୱାଡ, ଷ୍ଟାଟିକ ସର୍ଭେଲାନ୍ସ ଟିମ୍, ଭିଡିଓ ସର୍ଭେଲାନ୍ସ ଟିମ୍ ଗଠନ କରାଯାଇଛି । ନିର୍ବାଚନ ପ୍ରକ୍ରିୟା ଚାଲୁ ରହିଥିବାବେଳେ ଭିଡିଓ ଉତ୍ତୋଳନ ପାଇଁ ୪୫ ଜଣ ଭିଡିଓଗ୍ରାଫରଙ୍କୁ ନିୟୋଜିତ କରାଯାଇଛି । ଜିଲାର ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ଅଭିଯୋଗ ପରିଚାଳନା ସେଲ୍ କାର୍ଯ୍ୟ କରୁଛି । ଏତଦ୍‌ବ୍ୟତୀତ ନିର୍ବାଚନ ପରିଚାଳନାରେ ନିୟୋଜିତ ସମସ୍ତ ମାଜିଷ୍ଟ୍ରେଟ ଓ ପୋଲିସ ଅଧିକାରୀ ନିର୍ବାଚନ ଆଚରଣବିଧି ଉଲଂଘନ ସମ୍ବନ୍ଧୀୟ ପ୍ରାପ୍ତ ଅଭିଯୋଗଗୁଡ଼ିକର ୧୦୦ ମିନିଟ୍ ମଧ୍ୟରେ ସମାଧାନ କରିବା ପାଇଁ ବ୍ୟବସ୍ଥା ହୋଇଛି। ଏଥିପାଇଁ ସି.ଭିଜିଲ ଆପ୍‌ର ଉପଯୋଗ କରାଯାଉଥିବା ଜିଲାପାଳ ଅଗ୍ରୱାଲ ପ୍ରକାଶ କରିବା ସହିତ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ କରାଇଥିଲେ । ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଶ୍ରୀକାନ୍ତ ତରାଇ, ପିଡି ଡିଆରଡିଏ ସରୋଜକାନ୍ତ ମହାନ୍ତି, ଅତିରିକ୍ତ ଟ୍ରେଜେରି ଅଧିକାରୀ ରମେଶ ଚନ୍ଦ୍ର ଘଡେଇ, ଜିଲା ସୂଚନା ଅଧିକାରୀ ଅଶୋକ ଷଡଙ୍ଗୀ, ଡେପୁଟି କଲେକ୍ଟର ରୀତା ସାହୁ, ସହକାରୀ ଜିଲାପାଳ ପ୍ରିୟଙ୍କା ମଲ୍ଲିକ, ନମିତା ମହାନ୍ତିଙ୍କ ସମେତ ଜିଲାର ସମସ୍ତ ବିଡିଓ, ତହସିଲଦାର, ପୋଲିସ ଓ ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ସାଲେପୁର ନାବାଳିକା ବଳାତ୍କାର, ହତ୍ୟା ମାମଲା

## ସାକ୍ଷ୍ୟ ଦେଲେ ତଦନ୍ତକାରୀ ଅଧିକାରୀ

**କଟକ ଅଫିସ, ୧୪।୩**

ସାଲେପୁର ନାବାଳିକା ବଳାତ୍କାର ହତ୍ୟା ମାମଲାର ଶୁଣାଣି ସ୍ୱତନ୍ତ୍ର କୋର୍ଟରେ ଜାରି ରହିଛି। ଏହି କ୍ରମରେ ଗୁରୁବାର ମାମଲାର ତଦନ୍ତକାରୀ ଅଧିକାରୀ ଦେବେନ୍ଦ୍ର କୁମାର ମଲ୍ଲିକ କୋର୍ଟରେ ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରିଥିଲେ। ତଦନ୍ତକାରୀ ଅଧିକାରୀଙ୍କୁ ମିଶାଇଲେ ଉକ୍ତ ଘଟଣାରେ ମୋଟ୍ ୨୩ ଜଣ ଅଦ୍ୟାବଧି ସାକ୍ଷ୍ୟ ପ୍ରଦାନ କରିସାରିଲେଣି। ସୂଚନାଥାଉ କି, ଏହି ଘଟଣା ଗତବର୍ଷ ଏପ୍ରିଲ ୨୧ ତାରିଖରେ ସାଲେପୁର ଅଞ୍ଚଳରେ ଘଟିଥିଲା। ୬ ବର୍ଷର ଏହି ନାବାଳିକାଙ୍କୁ ସ୍ଥାନୀୟ ଅଞ୍ଚଳର ମହମ୍ମଦ ମୁସ୍ତାକ ନାମକ ଜଣେ ଯୁବକ ବଳାତ୍କାର କରିବା ପରେ ହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ନାବାଳିକା ଜଣକ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଏପ୍ରିଲ ୨୯ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଶାଶୁ, ଶ୍ୱଶୁରଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ

**ଅଭିନେତ୍ରୀ ନିକିତା ମୃତ୍ୟୁ ମାମଲା**

**କଟକ ଅଫିସ, ୧୪।୩**

ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ବେହେରା ଓରଫ ନିକିତାଙ୍କ ମୃତ୍ୟୁ ମାମଲାରେ ତାଙ୍କ ଶାଶୁ କୁନ୍ତଳା ଓ ଶ୍ୱଶୁର ଲିଙ୍ଗରାଜ ସାହୁଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ ମିଳିଛି। ଜାମିନ ମିଳିଥିଲେ ମଧ୍ୟ ଆବଶ୍ୟକ ସ୍ଥଳେ ଉଭୟ ଶାଶୁ ଓ ଶ୍ୱଶୁର ତଦନ୍ତରେ ପୋଲିସକୁ ସହଯୋଗ କରିବା ପାଇଁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଏପ୍ରିଲ ୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉ କି, ଗତ ଜାନୁୟାରୀ ୪ ତାରିଖ ରାତିରେ ନିକିତା ତାଙ୍କ ବାପଘର ଛାତ ଉପରୁ ତଳକୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାରେ ପୋଲିସ ନିକିତାଙ୍କ ସ୍ୱାମୀ ଲିପନ ସାହୁଙ୍କୁ ଗିରଫ କରିବା ସହିତ ଶାଶୁ ଓ ଶ୍ୱଶୁରଙ୍କ ନାମରେ ମାମଲା ରୁଜୁ କରିଥିଲା।



କଟକ ବକ୍ସିବଜାରସ୍ଥିତ ଜଗତପୁର୍ତ୍ତି ରାସ୍ତାରେ ଜଣେ ବୁଲା ବ୍ୟବସାୟୀ ଠେଲାଗାଡ଼ିରେ ଖରାଦିନିଆ ଫଳ ବିକ୍ରୟ ପାଇଁ ଯାଉଛନ୍ତି।

### ■ କୋର୍ଟ ମାମଲା ହସ୍ତାନ୍ତରକୁ ବିରୋଧ

# ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ସାଲେପୁର,୧୪।୩ (ଡି.ଏନ.ଏ.)**

ସାଲେପୁର କୋର୍ଟ ଅଧୀନରେ ଥିବା ଜଗତ୍‌ପୁର ଥାନାର ବିଭିନ୍ନ ମାମଲାକୁ କଟକ ଗ୍ରାମାଞ୍ଚଳ ବିଚାର ବିଭାଗୀୟ କୋର୍ଟକୁ ତୁରନ୍ତ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଆସିଛି। ଏକଥା ଜାଣିବା ପରେ ସାଲେପୁର କୋର୍ଟର ଆଇନଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ଏହି ଘଟଣାକୁ ନେଇ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ କୋର୍ଟ ସମ୍ମୁଖରେ ଧାରଣା ଦେଇଛନ୍ତି। ଯଦ୍ୱାରା କୋର୍ଟ କାର୍ଯ୍ୟ ଅଚଳ ହୋଇପଡ଼ିଛି।

ସୂଚନାଯୋଗ୍ୟ, ସାଲେପୁର କୋର୍ଟରେ ମାହାଙ୍ଗା, ନିଶ୍ଚିନ୍ତକୋଇଲି ଓ ସାଲେପୁର ବ୍ଲକର ବିଭିନ୍ନ ମାମଲା ଗୁଡ଼ିକ ଦାଖଲ କରାଯାଉଥିଲା। ତେବେ ସାଲେପୁର ବ୍ଲକର ଜଗତ୍‌ପୁର ଥାନା ଅଧୀନରେ ପ୍ରାୟ ୧୨ଟି ପଞ୍ଚାୟତ ରହିଛି। ତେଣୁ ଏହି ଥାନା ଅଧୀନ ମାମଲା ଗୁଡ଼ିକ କଟକକୁ ହସ୍ତାନ୍ତର ହେବାକୁ ନିର୍ଦ୍ଦେଶ ଆସିବାରୁ ପ୍ରତିବାଦରେ ଆଇନଜୀବୀ ଆନ୍ଦୋଳନ କରିଛନ୍ତି। ଯେ ପର୍ଯ୍ୟନ୍ତ ଏହାର ପୁନର୍ବିଚାର କରା ନ ଯାଉଛି ସେ, ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆଇନଜୀବୀ ସୂଚନା ଦେଇଛନ୍ତି। ଆନ୍ଦୋଳନରେ ସଚ୍ଚିଦାନନ୍ଦ କର, ଦୀପକ ମହାନ୍ତି, ସତ୍ୟସ୍ୱରୂପ ଦାଶ, ରବୀନ୍ଦ୍ର ମହାପାତ୍ର, ଶ୍ରୀବତ୍ସ ନାୟକ, ଭାସ୍କର ବେହେରା, ଦେବେନ୍ଦ୍ରନାଥ ସାହୁ, ଗୌତମରାୟ ଚୌଧୁରୀ, କ୍ଷୀରୋଦ ଚନ୍ଦ୍ର ବେହେରା, ସ୍ନିଗ୍ଧାରାଣୀ ସାହୁ, ଜୟନ୍ତୀ ସେଠୀ ଓ କରୁଣାକର ମହାପାତ୍ରଙ୍କ ସମେତ ଅନ୍ୟ ଆଇନଜୀବୀ ସାମିଲ ହୋଇଛନ୍ତି।



ସାଲେପୁର କୋର୍ଟ ଆଗରେ ଆଇନଜୀବୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି।



ବିପଦ ଆସିବାଟା ବରଂ ଭଲ, ଆସିବ ଆସିବ ବୋଲି ଯେଉଁ ଆଶଙ୍କା ତାହାହିଁ ସବୁଠାରୁ ଯନ୍ତ୍ରଣାଦାୟକ।
- ବେନ୍ ଜନସନ



## ସଂକ୍ଷେପରେ

### ସାହିତ୍ୟରେ ରଙ୍ଗର ପର୍ବ ହୋଲି

**କଟକ ଅଫିସ, ୧୪।୩:** ସାହିତ୍ୟରେ ରଙ୍ଗର ପର୍ବ ହୋଲି ଶୀର୍ଷକ ଆଲୋଚନାଚକ୍ର ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଓଏମ୍‌ପିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି କୈଳାସ ଚନ୍ଦ୍ର ଜେନା ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପଣ୍ଡିତ ଚୈତନ୍ୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ କବି ଉଦୟ କେଶରୀ ବର୍ମା, ପ୍ରସନ୍ନ ସ୍ୱାଇଁ, ଅକ୍ଷୟ କୁମାର ବଳ ଓ ନବୀନ କୁମାର ପାଠୀ ଯୋଗଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ମନୋରଞ୍ଜନ ପଣ୍ଡା ପ୍ରାରମ୍ଭିକ ସୂଚନା, ମହେନ୍ଦ୍ର କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ବନଲତା ସିଂହ, ବିନୋଦିନୀ ମିଶ୍ର, ସନାତନ ନାୟକ, ଶ୍ରୀବତ୍ସ ବିଶ୍ୱାଳ, ଉତ୍ତମ ପ୍ରଧାନ, ଅମୂଲ୍ୟ ବେହେରା, ଲକ୍ଷ୍ମଣ ପଢ଼ିହାରୀ, ରାଜକିଶୋର ସ୍ୱାଇଁ, ବସନ୍ତ ସାହୁ, ସୁନି ଦାଶ ଅଂଶଗ୍ରହଣ କରିଥିଲେ। ସୁଧୀର ନାୟକ ଧନ୍ୟବାଦ ଦେଇଥିଲେ।

### ସମ୍ବାଦପତ୍ର ବିକ୍ରେତା ସଂଘର ପ୍ରସ୍ତୁତି ବୈଠକ

**କଟକ ଅଫିସ, ୧୪।୩:** ସମ୍ବାଦପତ୍ର ବିକ୍ରେତା ସଂଘ ପରିଭ୍ରମଣ ଯିବା ପୂର୍ବରୁ ଏକ ପ୍ରସ୍ତୁତି ବୈଠକ ବାରବାଟୀ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୯ ତାରିଖରେ ସଂଘର ୫୦ ଜଣ ସଭ୍ୟ ଆସାମର ଗୁଆହାଟୀ, ସିଲଂ, ଚେରାପୁଞ୍ଜି, କାଜିରଙ୍ଗା, କଲିକତା ଇତ୍ୟାଦି ସ୍ଥାନ ପରିଭ୍ରମଣରେ ଯିବେ। ସମସ୍ତ ସଭ୍ୟ କିଭଳି ସୁବିଧାରେ ଯିବେ, କେଉଁ ହୋଟେଲରେ ରହିବେ, ଭଲ ଭାବରେ କିପରି ସମସ୍ତ ସ୍ଥାନ ପରିଭ୍ରମଣ କରିବେ ତାହାକୁ ନେଇ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ହୋଇଥିଲା। ସଂଘ ସଭାପତି ବିଜୟ କୁମାର ପଢ଼ିହାରୀ, ଉପସଭାପତି ସିନୁ ରେଡ଼ି, ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ କୁମାର ମହାନ୍ତି, ସଭ୍ୟ ମନୋଜ ପାଲ, ସନ୍ତୋଷ ମହାନ୍ତି, ପ୍ରଶାନ୍ତ କୁମାର ସାହୁ ଓ ହିମାଂଶୁ ମହାପାତ୍ରଙ୍କୁ ଏହି ପରିଭ୍ରମଣର ଦାୟିତ୍ୱ ଦିଆଯାଇଥିଲା।

### ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

**ଚୌଦ୍ୱାର,୧୪।୩(ଡି.ଏନ୍.ଏ.):** ଚୌଦ୍ୱାରସ୍ଥିତ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନର ପ୍ରତିଷ୍ଠା ଦିବସ ଉପଲକ୍ଷେ ଗୁରୁବାର ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ସ୍ଥାନୀୟ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପବ୍ଲିକ୍ ୱେଲଫେୟାର ସୋସାଇଟି ସହଯୋଗିତାରେ ଅନୁଷ୍ଠିତ ଶିବିରରେ ୫୨୪ଜଣ ରୋଗୀଙ୍କ ଚିକିତ୍ସା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଶିବିରକୁ ଇମ୍ପାର ଉପସଭାପତି ବିଜୟାନନ୍ଦ ମହାପାତ୍ର ଉଦ୍‌ଘାଟନ କରିଥିବା ବେଳେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ଇମ୍ପା ଜିଏମ୍ ସାରଦା ପ୍ରସାଦ ରାଓ ଓ ଯୁବନେତା ବିଷ୍ଣୁ ଚରଣ ପରିଡା ଅତିଥିଭାବେ ଯୋଗଦେଇଥିଲେ। ଏହା ସହ ଚୌଦ୍ୱାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଫାଉଣ୍ଡେଶନ ପକ୍ଷରୁ ନିର୍ମିତ ସମୂହ ଶୌଚାଳୟକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଇମ୍ପା ଲୋକ ସମ୍ପର୍କ ଅଧିକାରୀ ଧ୍ରୁବଚରଣ ରାଉତ, ମାନସ ପ୍ରଧାନ, ସଂଭ୍ରାନ୍ତ ଲେଙ୍କା, ବିଷ୍ଣୁଚରଣ ସାହୁ, ପଞ୍ଚାନନ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଲାଇସେନ୍ସଧାରୀ ଫେରାଉ ନାହାନ୍ତି ବନ୍ଧୁକ

- ■ଗୋଟିଏ ସପ୍ତାହ ମହଲତ ଦେଲା କମିଶନରେଟ ପୋଲିସ
- ■ଭୁବନେଶ୍ୱରରେ ୧୭୦୨ରୁ ଫେରିଛି ୫୮୦ ବନ୍ଧୁକ
- ■ଡିସିପି କହିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ

**ଭୁବନେଶ୍ୱର,୧୪।୩ (ବ୍ୟୁରୋ)**

ନିର୍ବାଚନ ତାରିଖ ଘୋଷଣା ସହ ଲାଗୁ ହୋଇଛି ଆଦର୍ଶ ଆଚରଣ ବିଧି। ଏପ୍ରିଲ ୧୧ରୁ ନିର୍ବାଚନ ଆରମ୍ଭ ହେବାକୁ ଥିବାବେଳେ ଲାଇସେନ୍ସଧାରୀଙ୍କୁ ସେମାନଙ୍କ ବନ୍ଧୁକ ସ୍ଥାନୀୟ ଥାନା ଜିମା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଅଧିକାଂଶ ଲାଇସେନ୍ସଧାରୀ ବନ୍ଧୁକ ଫେରାଉ ନ ଥିବାରୁ କମିଶନରେଟ ପୋଲିସ ଉପରେ ରାଜ୍ୟ ନିର୍ବାଚନ ଅଧିକାରୀ କ୍ଷୋଭ ପ୍ରକାଶ କରିଛନ୍ତି। ଏହାକୁ ନେଇ କମିଶନରେଟ ପୋଲିସର ଚିନ୍ତା ବଢ଼ିଥିବାବେଳେ କଡା ଆଭିମୁଖ୍ୟ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ଗୋଟିଏ ସପ୍ତାହ ମହଲତ ଦିଆଯାଇଛି। ନିର୍ଦ୍ଦେଶକୁ ଅମାନ୍ୟ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି। ମିଳିଥିବା ତଥ୍ୟ ଅନୁସାରେ, ରାଜଧାନୀରେ ମୋଟ ୧୭୦୨ଜଣ ପିସ୍ତଲ,ରିଭଲଭର,୧୨ ରାଉଣ୍ଡ୍ ବୋର୍ ଗନ୍ ଲାଇସେନ୍ସ ନେଇଛନ୍ତି। ଇତିମଧ୍ୟରେ ମାତ୍ର ୫୮୦ଜଣ ବନ୍ଧୁକ ଫେରାଇଛନ୍ତି। ଏବେବି ୧୧୨୯ଜଣ ଲାଇସେନ୍ସଧାରୀ ସେମାନଙ୍କ ବନ୍ଧୁକ ଫେରାଇ ନ ଥିବା ଜଣାପଡିଛି। ଖଣ୍ଡଗିରି ଥାନାଞ୍ଚଳରେ ୧୩୯ଜଣ ବନ୍ଧୁକ ଲାଇସେନ୍ସ ନେଇଥିବାବେଳେ ବୁଧବାର ସୁଦ୍ଧା ୫୮ଜଣ ବନ୍ଧୁକ ଫେରାଇଛନ୍ତି। ସେହିଭଳି ଲକ୍ଷ୍ମୀସାଗର ଥାନାଞ୍ଚଳରେ ୯୫ଜଣଙ୍କ ମଧ୍ୟରୁ ୫୫ଜଣ, ନୟାପଲ୍ଲୀ ଥାନାଞ୍ଚଳରେ ୧୬୩ଜଣଙ୍କ ମଧ୍ୟରୁ ୫୩ଜଣ, ବଡ଼ଗଡ଼ ଥାନାଞ୍ଚଳରେ ୯୭ଜଣଙ୍କ ମଧ୍ୟରୁ ୪୪ଜଣ, ଜଟଣୀ ଥାନାଞ୍ଚଳରେ ୭୭ଜଣଙ୍କ ମଧ୍ୟରୁ ୩୮ଜଣ ଲାଇସେନ୍ସଧାରୀ ସେମାନଙ୍କ ବନ୍ଧୁକ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଅନ୍ୟପକ୍ଷରେ ଏୟାରଫିଲ୍ଡ ଥାନାଞ୍ଚଳରୁ ୬୭ଜଣ ବ୍ୟକ୍ତି ବନ୍ଧୁକ ଲାଇସେନ୍ସ ନେଇଥିବାବେଳେ ବାଲିଅନ୍ତା ଥାନାଞ୍ଚଳରେ ୩୮, ବାଲିପାଟଣା ଥାନାଞ୍ଚଳରେ ୩୨, କ୍ୟାପିଟାଲ ଥାନାଞ୍ଚଳରେ ୧୨୮, ଚନ୍ଦକା ୨୬, ଚନ୍ଦ୍ରଶେଖରପୁର ୮୯, ଧଉଳି ଥାନାଞ୍ଚଳରେ ୯ଜଣ ବ୍ୟକ୍ତି ବନ୍ଧୁକ ଲାଇସେନ୍ସ ନେଇଛନ୍ତି। ସେହିଭଳି ଇନ୍‌ଫୋସିଟି ଥାନାଞ୍ଚଳରେ ୧୬ଜଣ, ଖାରବେଳନଗର ଥାନାଞ୍ଚଳରେ ୮୮, ମଞ୍ଚେଶ୍ୱର ୩୫, ନନ୍ଦନକାନନ ଥାନାଞ୍ଚଳରେ ୩ଜଣ, ଶହୀଦନଗର ଥାନାଞ୍ଚଳରେ ୧୦୬, ଲିଙ୍ଗରାଜ ଥାନାଞ୍ଚଳରେ ୭୪ ଓ ତମାଣ୍ଡୋ ଥାନା ଅଞ୍ଚଳରେ ୧୫ଜଣ ବ୍ୟକ୍ତି ବନ୍ଧୁକ ଲାଇସେନ୍ସ ପାଇଛନ୍ତି। ତେବେ ଏସବୁ ଥାନାକୁ ଖୁବ୍ କମ୍‌ସଂଖ୍ୟକ ବନ୍ଧୁକ ଫେରିଥିବା ସୂଚନା ମିଳିଛି। ନିର୍ବାଚନ ତାରିଖ ପାଖେଇ ଆସୁଥିବାବେଳେ ଏହା ନିର୍ବାଚନ ସମୟରେ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ଲାଇସେନ୍ସ ପ୍ରଦାନ ସମୟରେ ରହିଥିବା ସର୍ତ୍ତ ଓ ନିୟମାବଳୀକୁ ପାଳନ କରାଯାଉ ନ ଥିବା ମଧ୍ୟ ପୋଲିସର ନଜରକୁ ଆସିଛି।



କଟକ ବକ୍ସିବଜାରସ୍ଥିତ ଜନଗହଳିପୂର୍ଣ୍ଣ ରାସ୍ତାରେ ଜଣେ ବ୍ୟବସାୟୀ ଠେଲାଗାଡିରେ ଖରାଦିନିଆ ଫଳ ନେଇ ବିକ୍ରି କରିବାକୁ ଯାଉଛନ୍ତି।

ଠିକାସଂସ୍ଥାଠାରୁ ଧଳସାମନ୍ତ ଭ୍ରାତାଙ୍କ ଚାନ୍ଦା ଆଦାୟ ମାମଲା

# ୨ ଜଣ ସାକ୍ଷ୍ୟ ଦେଲେ

**କଟକ ଅଫିସ, ୧୪।୩**

ଠିକା ସଂସ୍ଥା ରାମ୍‌କୀର ସହଯୋଗୀ ବିବିଜେ ସିଣ୍ଡିକେଟ୍‌ଠାରୁ ଧଳସାମନ୍ତ ଭ୍ରାତା ଚାନ୍ଦା ନେବା ମାମଲାରେ ଗୁରୁବାର ୨ ଜଣ ସାକ୍ଷ୍ୟ ପ୍ରଦାନ କରିଛନ୍ତି। କଟକ ଜେଏମ୍‌ଏଫ୍‌ସିଙ୍କ ଅଦାଲତରେ ସାକ୍ଷ୍ୟ ପ୍ରଦାନ ସମୟରେ ଏହି ଦୁଇ ଜଣ ମହିଳା ସାକ୍ଷୀ ସିଣ୍ଡିକେଟ୍‌ର କାରବାର ସମ୍ପର୍କରେ କିଛି ଜାଣି ନ ଥିବା କହିଥିଲେ। ନାମକୁମାତ୍ର ସେମାନେ ସିଣ୍ଡିକେଟ୍‌ର ନିର୍ଦ୍ଦେଶକ ଥିଲେ ମଧ୍ୟ ଏହାର କାରବାର ସମ୍ପର୍କରେ ତାଙ୍କୁ କିଛି ଜଣା ନ ଥିବା କୋର୍ଟଙ୍କ ଆଗରେ କହିଥିଲେ। ତେବେ ଏହି ସାକ୍ଷ୍ୟ ଗ୍ରହଣ ସମୟରେ ସୁଶାନ୍ତ ଏବଂ ସୁଶୀଲ ଧଳସାମନ୍ତଙ୍କୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ହାଜର କରାଯାଇଥିଲା।




ଜଗତ୍‌ପୁର ଥାନା ଅଞ୍ଚଳରେ ବିପର୍ଯ୍ୟସ୍ତ ହୋଇପଡିଥିବା ଆଇନଶୃଙ୍ଖଳାରେ ସୁଧାର ଆଣିବା ଦାବି ନେଇ ଗୁରୁବାର କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ସମ୍ମୁଖରେ ସିପିଆଇ ମହାନଦୀ ନଗର ଆଞ୍ଚଳିକ କମିଟି ପକ୍ଷରୁ ବିକ୍ଷୋଭ।

### 'ସହାୟ' ଠାରେ ଏକ ଦିବସୀୟ କର୍ମଶାଳା

**କଟକ ଅଫିସ, ୧୪।୩**

କିଶୋର ଅବସ୍ଥାରେ ଦେଖାଦେଉଥିବା ବ୍ୟବହାରର ପରିଚାଳନା ସଂକ୍ରାନ୍ତରେ ଏକଦିବସୀୟ କର୍ମଶାଳା ଗୁରୁବାର ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା 'ସହାୟ'ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ସିବି ମେଡ଼ିକାଲ କଲେଜ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ମାନସିକ ବିଭାଗ ଡା. ସଞ୍ଜୟ କୁମାର ପତି, କ୍ଲିନିକାଲ୍ ସାଇକୋଲୋଜିଷ୍ଟ ଡା. ନଗେନ୍ଦ୍ରନାଥ ସାମନ୍ତରାୟ, ସାମାଜିକ କର୍ମୀ ମାନସୀ ରାଣୀ ପଣ୍ଡା ଉପସ୍ଥିତ ରହି ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। 'ସହାୟ' ଅନୁଷ୍ଠାନର ଅବୈତନିକ ସମ୍ପାଦିକା ମୃଣାଳିନୀ ପାଢ଼ୀ ଅଧକ୍ଷତା କରିଥିଲେ। ଅନୁଷ୍ଠାନର ଅଧକ୍ଷ, ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

■ ଅଭିନେତ୍ରୀ ନିକିତା ମୃତ୍ୟୁ ମାମଲା

## ଶାଶୁ, ଶ୍ୱଶୁରଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ

**କଟକ ଅଫିସ, ୧୪।୩:** ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ବେହେରା ଓରଫ ନିକିତାଙ୍କ ମୃତ୍ୟୁ ମାମଲାରେ ତାଙ୍କ ଶାଶୁ କୁନ୍ତଳା ଓ ଶ୍ୱଶୁର ଲିଙ୍ଗରାଜ ସାହୁଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ ମିଳିଛି। ଜାମିନ ମିଳିଥିଲେ ମଧ୍ୟ ଆବଶ୍ୟକ ସ୍ଥଳେ ଉଭୟ ଶାଶୁ ଓ ଶ୍ୱଶୁର ତଦନ୍ତରେ ପୋଲିସକୁ ସହଯୋଗ କରିବା ପାଇଁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଏପ୍ରିଲ ୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉ କି, ଗତ ଜାନୁୟାରୀ ୪ ତାରିଖ ରାତିରେ ନିକିତା ତାଙ୍କ ବାପଘର ଛାତ ଉପରୁ ତଳକୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାରେ ପୋଲିସ ନିକିତାଙ୍କ ସ୍ୱାମୀ ଲିପନ ସାହୁଙ୍କୁ ଗିରଫ କରିବା ସହିତ ଶାଶୁ ଓ ଶ୍ୱଶୁରଙ୍କ ନାମରେ ମାମଲା ରୁଜୁ କରିଥିଲା।

■ବାସୋପଯୋଗୀ ଜମି ଆବଣ୍ଟନ ମାମଲା

# ସିଡିଏ କର୍ତ୍ତୃପକ୍ଷଙ୍କୁ ଜବାବ ତଲବ

**କଟକ ଅଫିସ, ୧୪।୩**

ସିଡିଏ ସେକ୍ଟର-୧୩ରେ ବାସୋପଯୋଗୀ ଜମି ଆବଣ୍ଟନ ନିମନ୍ତେ ସିଡିଏ କର୍ତ୍ତୃପକ୍ଷ ସର୍ବସାଧାରଣରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଆବେଦନକାରୀମାନଙ୍କର ସମସ୍ତ ଦରଖାସ୍ତ ସହିତ ଆବଶ୍ୟକ ତଥ୍ୟ ଏବଂ କାଗଜାତ ସିଡିଏ କର୍ତ୍ତୃପକ୍ଷ ଗ୍ରହଣ କରି ସେମାନଙ୍କଠାରୁ ଦାବି ମୁତାବକ ସମସ୍ତ ପ୍ରାପ୍ୟ ୨୦୦୭-୦୮ ମସିହାରେ ଗ୍ରହଣ କରିଥିଲେ। କିନ୍ତୁ ୨୦୦୮ ମସିହାଠାରୁ ଅଦ୍ୟାବଧି ଆବେଦନକାରୀଙ୍କୁ ଜମି ହସ୍ତାନ୍ତର କରାଯାଇନାହିଁ। ଅନ୍ୟପକ୍ଷରେ ବାସ୍ତବିକ ଆବେଦନକାରୀ ଜମିର ସମସ୍ତ ମୂଲ୍ୟ ପଇଠ କରିଥିଲେ ସୁଦ୍ଧା ଏଯାବତ୍ ଲିଜ ଡିଡ୍ (ଲିଜ୍ ଦଲିଲ) ସମ୍ପାଦନ କରାଯାଇନାହିଁ। ଆବେଦନକାରୀ ଗୌତମ ପଟ୍ଟନାୟକ, ସର୍ବେଶ୍ୱର ବେହେରା, ପ୍ରସାଦ ପଟ୍ଟନାୟକ ଓ ପ୍ରଭାସ ମହାନ୍ତି ତାଙ୍କ ଆବେଦନପତ୍ରରେ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟ ତଥା ଟାଳଟୁଳ ନୀତି ଯୋଗୁ ସମସ୍ତ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଛନ୍ତି ବୋଲି ଦର୍ଶାଇଛନ୍ତି। ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧକ୍ଷ ପ୍ରେମରାଜ ବହିଦାର, ସଦସ୍ୟ ତପନ କୁମାର ମଣ୍ଡଳ ଓ ପ୍ରଦୀପ କୁମାର ପଟ୍ଟନାୟକ ପ୍ରମୁଖ ଉକ୍ତ ମାମଲାକୁ ଗମ୍ଭୀରତାର ସହିତ ବିଚାରକରି ସିଡିଏ କର୍ତ୍ତୃପକ୍ଷଙ୍କଠାରୁ ଜବାବ ତଲବ କରିଛନ୍ତି।

■ସାଲେପୁର ନାବାଳିକା ବଳାତ୍କାର, ହତ୍ୟା ମାମଲା

# ସାକ୍ଷ୍ୟ ଦେଲେ ତଦନ୍ତକାରୀ ଅଧିକାରୀ

**କଟକ ଅଫିସ, ୧୪।୩**

ସାଲେପୁର ନାବାଳିକା ବଳାତ୍କାର ହତ୍ୟା ମାମଲାର ଶୁଣାଣି ସ୍ୱତନ୍ତ୍ର କୋର୍ଟରେ ଜାରି ରହିଛି। ଏହି କ୍ରମରେ ଗୁରୁବାର ମାମଲାର ତଦନ୍ତକାରୀ ଅଧିକାରୀ ଦେବେନ୍ଦ୍ର କୁମାର ମଲ୍ଲିକ କୋର୍ଟରେ ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରିଥିଲେ। ତଦନ୍ତକାରୀ ଅଧିକାରୀଙ୍କୁ ମିଶାଇଲେ ଉକ୍ତ ଘଟଣାରେ ମୋଟ୍ ୨୩ ଜଣ ଅଦ୍ୟାବଧି ସାକ୍ଷ୍ୟ ପ୍ରଦାନ କରିସାରିଲେଣି। ସୂଚନାଥାଉ କି, ଏହି ଘଟଣା ଗତବର୍ଷ ଏପ୍ରିଲ ୨୧ ତାରିଖରେ ସାଲେପୁର ଅଞ୍ଚଳରେ ଘଟିଥିଲା। ୬ ବର୍ଷର ଏହି ନାବାଳିକାଙ୍କୁ ସ୍ଥାନୀୟ ଅଞ୍ଚଳର ମହମ୍ମଦ ମୁସ୍ତାକ ନାମକ ଜଣେ ଯୁବକ ବଳାତ୍କାର କରିବା ପରେ ହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ନାବାଳିକା ଜଣକ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଏପ୍ରିଲ ୨୯ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଆଚରଣ ବିଧି ଲାଗୁ ପରେ ହଟିଲା ହୋର୍ଡିଂ

**ଫୁଲନଖରା,୧୪।୩ (ଡି.ଏନ୍.ଏ.)**

ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ କଟକ ମହାନଗର ନିଗମ(ସିଏମ୍‌ସି)ର ୫୬ନଂ. ୱାର୍ଡ ଗୋପାଳପୁର କାଠଯୋଡି ବ୍ରିଜଠାରୁ ଫୁଲନଖରା ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଲାଗିଥିବା ସରକାରୀ ବିଜ୍ଞାପନ ସମ୍ପର୍କିତ ହୋର୍ଡିଂ ଓ ନେତାଙ୍କ ଫଟୋଥିବା ବ୍ୟାନରକୁ ଉଚ୍ଛେଦ କରାଯାଇଛି। ସିଏମ୍‌ସିର ସ୍ୱତନ୍ତ୍ର ସ୍କ୍ୱାର୍ଡ ପକ୍ଷରୁ ଏହି ହୋର୍ଡିଂକୁ ହଟାଇ ଦିଆଯାଇଥିଲା।

# କୁମାର ଭାଇଙ୍କ ପଦଯାତ୍ରାର ସ୍ମୃତି ଉତ୍ସବ ଉଦ୍‌ଘାଟିତ

**କଟକ ଅଫିସ, ୧୪।୩**

ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ପ୍ରତିଷ୍ଠାତା ପୂଜ୍ୟଶ୍ରୀ କୁମାର ଭାଇଙ୍କ ପବିତ୍ର ପଦଯାତ୍ରାର ସ୍ମୃତି ଉତ୍ସବ ଉପଲକ୍ଷେ କଟକ ବିଡାନାସୀସ୍ଥିତ ସ୍ମୃତିପୀଠରେ ଗୁରୁବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଲୋକସମ୍ପର୍କ ସମ୍ପାଦିକା ଡ. ଅରୁନ୍ଧତି ଦେବୀଙ୍କ ପୌରୋହିତ୍ୟ ଓ ନିର୍ଦ୍ଦେଶିକା ସତ୍ୟଭାମା ଦେବୀଙ୍କ ମାର୍ଗଦର୍ଶନରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କଟକ ତିନିକୋଣିଆ ବଜାର ଅର୍ବାନ କୋଅପରେଟିଭ୍ ବ୍ୟାଙ୍କର ଶାଖା ପରିଚାଳକ ପ୍ରଦୀପ୍ତ କୁମାର ମହାନ୍ତି କହିଥିଲେ, ଏକତା ହିଁ ବଳ। ସୁସଂଗଠିତ ଶୃଙ୍ଖଳିତ ହୋଇ ପରସ୍ପରକୁ ସହଯୋଗ କରି କାର୍ଯ୍ୟ କଲେ ପୂଜ୍ୟଶ୍ରୀ କୁମାର ଭାଇଙ୍କ ପରିକଳ୍ପିତ ଶୋଭନୀୟ ସମାଜ ଗଠିତ ହୋଇପାରିବ। କଟକ ଶିଶୁ ମଙ୍ଗଳ କମିଟିର ଅଧକ୍ଷ ମନ୍ଦାକିନୀ ଜେମା ମୁଖ୍ୟବକ୍ତା ଭାବେ ଯୋଗଦେଇଥିବାବେଳେ ରେବାଦେବୀ ଶୋଭନୀୟ ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଡ. ବନଲତା ଦେବୀ ଧନ୍ୟବାଦ ଦେଇଥଲେ।



ପୁରୀଘାଟ ଦେବୀଗଡା କାଠଯୋଡୀ ନଦୀତଟ ନିକଟରେ କୁଢକୁଢ ଆବର୍ଜନା ପକାଯାଉଥିବାରୁ ନଦୀତଟ ପୋତି ହୋଇ ସଙ୍କୁଚିତ ହେବାରେ ଲାଗିଛି।

# ସେଣ୍ଟ ଜାଭିୟର୍ସ ସ୍କୁଲରେ ସମର କ୍ୟାମ୍ପ

**କଟକ ଅଫିସ,୧୪।୩**

ବାରବାଟୀ ଷ୍ଟାଡିୟମସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲରେ ସମର କ୍ୟାମ୍ପ ଆୟୋଜନ କରାଯାଇଛି। ଏହି କ୍ୟାମ୍ପରେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ପାଇଁ ଦେଶର ଦୁଇ ଖ୍ୟାତନାମା ମହିଳା ତୀରନ୍ଦାଜ ଏଲ.ବୋମ୍ବଲ୍ୟ ଦେବୀ ଓ ମଙ୍ଗଲ ସିଂ ଚାମ୍ପିଆ ପହଞ୍ଚିଥିଲେ। ଛାତ୍ରୀଛାତ୍ରଙ୍କ ସହିତ ସମୟ ବିତାଇବା ସହ କ୍ରୀଡ଼ା ଦିଗରେ ଆଗ୍ରହୀ ହେବାକୁ ପରାମର୍ଶ ଦେଇଥିଲେ। ବୋମ୍ବଲ୍ୟ ଓ ମଙ୍ଗଲ ତୀରନ୍ଦାଜୀ କ୍ରୀଡ଼ାରେ ଅବଦାନ ପାଇଁ ମର୍ଯ୍ୟାଦାଜନକ ଅର୍ଜୁନ ଆୱାର୍ଡର ଅଧିକାରୀ ହୋଇଛନ୍ତି। ସୂଚନାଥାଉ କି, ଏହି ଦୁଇ ପ୍ରତିଭା ବାରବାଟୀ ଷ୍ଟାଡିୟମରେ ଆୟୋଜିତ ହୋଇଥିବା ଜାତୀୟ ସିନିୟର ତୀରନ୍ଦାଜୀ ଚାମ୍ପିୟନଶିପରେ ଅଂଶଗ୍ରହଣ କରିଛନ୍ତି। ବିଦ୍ୟାଳୟର ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସମର କ୍ୟାମ୍ପରେ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

### ୧୯ରେ ଅରିଲୋ ମେଳଣ

**ଫୁଲନଖରା,୧୪।୩(ଡି.ଏନ୍.ଏ.)**

କଟକ ସଦର ଥାନା ଅଧୀନ ଅରିଲୋର ଜନାର୍ଦ୍ଦନ ଦେବଙ୍କ ପ୍ରସିଦ୍ଧ ଦୋଳଯାତ୍ରା ଆସନ୍ତା ୧୯ରେ ଅନୁଷ୍ଠିତ ହେବ। ଚଳିତବର୍ଷ ଦୋଳ ମେଳଣରେ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ଓ ଦୋଳ ମେଳଣ କମିଟି ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏହି ମେଳଣରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଦୋଳ ବିମାନ ସାମିଲ ହୋଇଥାନ୍ତି। ଜନାର୍ଦ୍ଦନ ଦେବଙ୍କ ପୀଠରୁ ମେଳଣ ପଡିଆ ପର୍ଯ୍ୟନ୍ତ ରାସ୍ତା ଉଭୟ ପାର୍ଶ୍ୱକୁ ସଫା କରାଯିବା ସହ ଦୋକାନବଜାର ଖୋଲିବା ପାଇଁ ସ୍ଥାନ ଚିହ୍ନଟ ହୋଇଛି। ମେଳଣରେ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର, ପାନୀୟ ଜଳଯୋଗାଣର ବ୍ୟବସ୍ଥା କରାଯାଇଛି। ମେଳଣରେ ଡିଜେ ସାଉଣ୍ଡକୁ ବ୍ୟାନ କରାଯାଇଥିବା ବେଳେ ଯାତ୍ରାରେ ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କଟକ ସଦର ଥାନାର ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି।

# ନିର୍ବାଚନ ଖର୍ଚ୍ଚ ପରିଚାଳନା, ଆଦର୍ଶ ଆଚରଣବିଧି ପାଳନକୁ ଗୁରୁତ୍ୱ

**ନିର୍ବାଚନୀ ବୈଠକ**

■ଟିମ୍ ଅଧିକାରୀଙ୍କୁ ପ୍ରଶିକ୍ଷଣ

**କଟକ ଅଫିସ, ୧୪।୩**

ଆଗାମୀ ସାଧାରଣ ନିର୍ବାଚନକୁ ଅବାଧ, ମୁକ୍ତ, ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳନା କରିବା ନିମନ୍ତେ ପ୍ରଶାସନ ଗୁରୁତ୍ୱ ଦେଇଛି। ଏହି କାର୍ଯ୍ୟକୁ ନିଷ୍ଠାର ସହ ସମ୍ପାଦନ କରିବାକୁ ଗୁରୁବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଅଧକ୍ଷତା କରି ଆଦର୍ଶ ଆଚରଣବିଧିକୁ କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲାର ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ ଖର୍ଚ୍ଚ ଅଟକଳ ପରିଚାଳନା ଟିମ୍ ଗଠନ ହୋଇଥିବାବେଳେ ଏଥିପାଇଁ ୯ ଜଣ ସହକାରୀ ଖର୍ଚ୍ଚ ଅଟକଳ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୩ଟି ଲେଖାଏ ଫ୍ଲାଇଂ ସ୍କ୍ୱାଡ, ଷ୍ଟାଟିକ ସର୍ଭେଲାନ୍ସ ଟିମ୍, ଭିଡିଓ ସର୍ଭେଲାନ୍ସ ଟିମ୍ ଗଠନ କରାଯାଇଛି। ନିର୍ବାଚନ ପ୍ରକ୍ରିୟା ଚାଲୁ ରହିଥିବାବେଳେ ଭିଡିଓ ଉତ୍ତୋଳନ ପାଇଁ ୪୫ ଜଣ ଭିଡିଓଗ୍ରାଫରଙ୍କୁ ନିୟୋଜିତ କରାଯାଇଛି। ଜିଲାର ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ଅଭିଯୋଗ ପରିଚାଳନା ସେଲ୍ କାର୍ଯ୍ୟ କରୁଛି। ଏତଦ୍‌ବ୍ୟତୀତ ନିର୍ବାଚନ ପରିଚାଳନାରେ ନିୟୋଜିତ ସମସ୍ତ ମାଜିଷ୍ଟ୍ରେଟ ଓ ପୋଲିସ ଅଧିକାରୀ ନିର୍ବାଚନ ଆଚରଣବିଧି ଉଲଂଘନ ସମ୍ବନ୍ଧୀୟ ପ୍ରାପ୍ତ ଅଭିଯୋଗଗୁଡିକର ୧୦୦ ମିନିଟ୍ ମଧ୍ୟରେ ସମାଧାନ କରିବା ପାଇଁ ବ୍ୟବସ୍ଥା ହୋଇଛି। ଏଥିପାଇଁ ସି.ଭିଜିଲ ଆପ୍‌ର ଉପଯୋଗ କରାଯାଉଥିବା ଜିଲାପାଳ ଅଗ୍ରୱାଲ ପ୍ରକାଶ କରିବା ସହିତ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ କରାଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଶ୍ରୀକାନ୍ତ ତରାଇ, ପିଡି ଡିଆରଡିଏ ସରୋଜକାନ୍ତ ମହାନ୍ତି, ଅତିରିକ୍ତ ଟ୍ରେଜେରି ଅଧିକାରୀ ରମେଶ ଚନ୍ଦ୍ର ଘଡେଇ, ଜିଲା ସୂଚନା ଅଧିକାରୀ ଅଶୋକ ଷଡଙ୍ଗୀ, ଡେପୁଟି କଲେକ୍ଟର ରୀତା ସାହୁ, ସହକାରୀ ଜିଲାପାଳ ପ୍ରିୟଙ୍କା ମଲ୍ଲିକ, ନମିତା ମହାନ୍ତିଙ୍କ ସମେତ ଜିଲାର ସମସ୍ତ ବିଡିଓ, ତହସିଲଦାର, ପୋଲିସ ଓ ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ।



ବିପଦ ଆସିବାଟା ବରଂ ଭଲ, ଆସିବ ଆସିବ ବୋଲି
ଯେଉଁ ଆଶଙ୍କା ତାହାହିଁ ସବୁଠାରୁ ଯନ୍ତ୍ରଣାଦାୟକ।
- ବେନ୍ ଜନସନ

## ସଂକ୍ଷେପରେ

### ନୃତ୍ୟଶିଳ୍ପୀଙ୍କ ଶ୍ରାଦ୍ଧୋତ୍ସବ



ଖୋର୍ଦ୍ଧା ଅଫିସ,୧୪।୩:ବାଣପୁର କଲେଜ ରୋଡସ୍ଥିତ ଦେବଯାନୀ ପାଠାଗାର ପରିସରରେ ନୃତ୍ୟଶିଳ୍ପୀ ଦେବଯାନୀ ମହାରଣାଙ୍କ ଦ୍ୱାଦଶ ଶ୍ରାଦ୍ଧ ଉତ୍ସବ ଓ ପାଠାଗାରର ଦ୍ୱାଦଶ ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଭା ଆରମ୍ଭରେ ଦେବଯାନୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଭାପତି କଥାକାର ଶିବ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟିକ ରାମଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଚିନ୍ତାମଣି ମିଶ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ କବି ପୁରୁଷୋତ୍ତମ ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ କବି ପ୍ରହ୍ଲାଦ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଆରମ୍ଭରେ ଶିକ୍ଷକ ବାଳମୁକୁନ୍ଦ ଦାସଙ୍କ ସଂଯୋଜନାରେ ସ୍ଥାନୀୟ କବିମାନେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅନୁଷ୍ଠାନର ସମ୍ପାଦକ ଶେଷଦେବ ମହାରଣା ବିବରଣୀ ପାଠ କରିବା ସହ ଧନ୍ୟବାଦ ଦେଇଥିଲେ।

### ଗଡମାଣତୀରରେ ବିଜେଡିର କର୍ମୀ ସମ୍ମିଳନୀ
### ବିଧାୟକଙ୍କୁ ଦଳୀୟ ଟିକେଟରୁ ବଞ୍ଚିତ କରା ନ ଯାଉ

ଖୋର୍ଦ୍ଧା ଅଫିସ,୧୪।୩:
ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ବିଜେଡି ଟିକେଟ୍‌ରୁ ବଞ୍ଚିତ ନ କରିବାକୁ ଖୋର୍ଦ୍ଧା ଜିଲା ବେଗୁନିଆ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ କର୍ମୀ ସମ୍ମିଳନୀ ଚାଲୁ ରହିଛି। ଏଥିରେ ବିଧାୟକ ଉପସ୍ଥିତ ନ ଥିଲେ। ଏପରିସ୍ଥଳେ ଗଡମାଣତୀରରେ ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୪ନଂ. ଜୋନର ଦେଉଳି, ଗୋବିନ୍ଦପୁର, ଗଡମାଣତୀର,ବୋତଲମା, ହୀରାପୁର, ଶଗଡଭଙ୍ଗା, ସିକୋ, ହଜ ଆଦି ୮ ପଞ୍ଚାୟତର କର୍ମୀମାନେ ଯୋଗ ଦେଇଥିଲେ। ବେଗୁନିଆ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ବିଧାୟକ ଜଗଦ୍ଦେବଙ୍କୁ ପୁଣି ଦଳୀୟ ଟିକେଟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ବ୍ଲକ ଚେୟାରମ୍ୟାନ ଜାନକୀ ସ୍ୱାଇଁ, ଭାଇସ ଚେୟାରମ୍ୟାନ ତନୁଜା ପାଟଶାଣୀ, ପୂର୍ବତନ ଭାଇସ୍ ଚେୟାରମ୍ୟାନ ବାବାଜୀ ପ୍ରଧାନ, ବ୍ଲକ ଯୁବ ସଭାପତି ବିଭୂତି ମହାନ୍ତି, ଶ୍ରୀନିବାସ ପାଇକେରା ଉପସ୍ଥିତ ଥିଲେ। ନିବାସ ସୁନ୍ଦରାୟ ସମ୍ମିଳନୀକୁ ପରିଚାଳନା କରିଥିଲେ। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଭାଜପା ନେତା ଜ୍ୟୋତିରିନ୍ଦ୍ରନାଥ ମିତ୍ର(ଜିତୁ) ବିଜେଡିରେ ମିଶିବା ପରେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ବେଗୁନିଆରୁ ନିର୍ବାଚନ ଲଢ଼ିବାକୁ କୁହାଯାଉଛି।

### ବାଇକ, ଟଙ୍କା, ମୋବାଇଲ ଫୋନ୍ ଜବତ: ୨ ଗିରଫ

ଭୁବନେଶ୍ୱର,୧୪।୩ (ବୁରୋ)- ମଞ୍ଚେଶ୍ୱର ଥାନା ଅଞ୍ଚଳରେ ବୁଧବାର ରାତିରେ ଏକ ଲୁଟ୍ ହୋଇଛି। ଏଥିରେ ସମ୍ପୃକ୍ତ ଦୁଇଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ କଟକ ଜିଲା କିଶନନଗର ଥାନା ଅଞ୍ଚଳର ହବିବୁର ରେହେମାନ ଓରଫ ହବିବ (୨୨) ଓ ସହିଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତି ଅଞ୍ଚଳର ସର୍ବେଶ୍ୱର ନାୟକ(୨୪)। ପୋଲିସ ସେମାନଙ୍କ ନିକଟରୁ ଲୁଟ୍ ୫ ହଜାର ଟଙ୍କା, ଲୁଟ୍‌ରେ ବ୍ୟବହୃତ ବାଇକ (ଓଡି୦୨ଭି୦୫୦୧) ଓ ମୋବାଇଲ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟଜଣେ ସହଯୋଗୀ ଅଭିଯୁକ୍ତ ଦେବାଶିଷ ପ୍ରଧାନ ଫେରାର ରହିଛି। ତାକୁ ଧରିବା ନେଇ ପୋଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି।
ସୂଚନା ମୁତାବକ, ଯାଜପୁର କୁଆଖିଆ ଅଞ୍ଚଳର ସୌମ୍ୟ ରଞ୍ଜନ ଦାସ (୨୬) ରାତି ୧ଟାରେ ଚକେଇସିଆଣୀରୁ ଜଣେ ସାଙ୍ଗଙ୍କୁ ଛାଡ଼ିବା ପାଇଁ ରେଲ୍‌ୱେ ଷ୍ଟେଶନ ଆସୁଥିଲେ। ପଳାଶୁଣୀ ଛକ ନିକଟରେ ଗୋଟିଏ ବାଇକରେ ତିନିଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରି ଅଟକାଇଥିଲେ। ଦୁଇଜଣଙ୍କୁ ମାଡ଼ ମାରିବା ସହ ପର୍ସ ଓ ୫ ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ପିସିଆର ଅଭିଯୁକ୍ତମାନଙ୍କ ପିଛା କରି ପ୍ରଥମେ ହବିବୁରଙ୍କୁ କାବୁ କରିଥିଲେ। ତାଙ୍କୁ ପଚରାଉଚରା ପରେ ଚଢ଼ାଉ କରି ସର୍ବେଶ୍ୱରଙ୍କୁ ଗିରଫ କରିଥିଲା।

## ■ ଅରାଙ୍ଗ ଗାଁରେ କଙ୍ଗାରୁ କୋର୍ଟ ପ୍ରସଙ୍ଗ
# ଅଭିଯୋଗ ପରେ ବଢୁଛି ନିର୍ଯାତନା

■ ମହିଳା କମିଶନରଙ୍କୁ ଫେରାଦ ହେଲେ ପତ୍ନୀ
■ ମାନବ ଅଧିକାର କମିଶନରଙ୍କୁ ଭେଟିଲେ ସ୍ୱାମୀ

ଖୋର୍ଦ୍ଧା ଅଫିସ,୧୪।୩

ଆଧୁନିକ ସମାଜରେ ବାସନ୍ଦ ରୂପକ କୁତ୍ସିତ ପ୍ରଥାର ବିଲୋପ ଏ ପର୍ଯ୍ୟନ୍ତ ହୋଇ ପାରିଲାନି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଦେଉଳିପାଟଣା ଅରାଙ୍ଗ ଗାଁରେ। ଗାଁରେ କଙ୍ଗାରୁ କୋର୍ଟ କରାଯାଇ ବାସନ୍ଦ କରାଯାଇଥିବା ଦୁଃଶାସନ ସ୍ୱାଇଁଙ୍କ ପରିବାରକୁ ହଇରାଣ କରାଯାଉଛି। ନ୍ୟାୟ ପାଇବାକୁ ଅଭିଯୋଗ କରିବା ପରେ ଏହି ପରିବାର ଉପରେ ନିର୍ଯାତନା ବଢ଼ି ଚାଲିଛି। କ'ଣ କରିବେ, କିପରି ଚଳିବେ ସେ ଚିନ୍ତାରେ ବ୍ୟସ୍ତ ବିବ୍ରତ ଦୁଃଶାସନ ଗୁରୁବାର ମାନବ ଅଧିକାର କମିଶନରଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ପତ୍ନୀ ବାସନ୍ତୀ ମହିଳା କମିଶନରଙ୍କୁ ଭେଟି ପରିବାରର ଦୁଃଖ ଦୁର୍ଦ୍ଦଶାକୁ ଅନୁରୂପ ଭାବେ ଫେରାଦ୍ ହୋଇ ଜଣାଇଛନ୍ତି।

ଦୁଃଶାସନଙ୍କ ଅଭିଯୋଗ ଅନୁସାରେ, ଦୋଷ ନ ଥାଇ କଙ୍ଗାରୁ କୋର୍ଟରେ ଦୋଷୀ ସାବ୍ୟସ୍ତ କରାଗଲା। ନଳକୂପରୁ ପାଣି ନେବାକୁ ମନା। ଗାଁରେ ଦୋକାନୀ ସଉଦା ଦେଉନାହାନ୍ତି। ପୋଖରୀରେ ଗାଧୋଇବା ମନା। ଅନ୍ୟ ବିଲ ଦେଇ ନିଜ ଜମିକୁ ଯିବା ବାରଣ କରାଯାଇଛି। ସର୍ବସାଧାରଣ, ଗୋଚର ଓ ଅନାବାଦୀ ଜମିରେ ଗାଈ ଚରିବାକୁ ସୁଯୋଗ ଦିଆଯାଉନି। ସପ୍ତମ ଶ୍ରେଣୀରେ ପଢୁଥିବା ପୁଅ ମାନସିକ ଚାପରେ ରହିଛି। ସହପାଠୀ ଖେଳାଉ ନ ଥିବାବେଳେ କଥା ହେଉନାହାନ୍ତି। ବାଟରେ ଗଲେ କମେଣ୍ଟ ମାରୁଛନ୍ତି। ବାସନ୍ଦର ପ୍ରଥମ ସମୟରେ ନ୍ୟାୟ ପାଇଁ ଫେବୃୟାରୀ ୧୬ରେ ଜଙ୍କିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବହୁ କଷ୍ଟରେ ଅଭିଯୋଗ ରଖିଲା। ହେଲେ ନ୍ୟାୟ ଦେଲାନି। ୨୪ ଘଣ୍ଟା ଭିତରେ ମାମଲା ରୁଜୁ କରିବାର ନିୟମ ରହିଛି। ହେଲେ ମୋ ପରି ଜଣେ ଦିନ ମଜୁରିଆର ଅଭିଯୋଗକୁ ଅଣଦେଖା କରାଯାଇ ମାମଲା ରୁଜୁ କରାଗଲାନାହିଁ। ଥାନାରୁ ଭରସା ତୁଟାଇ ୧୦ ଦିନ ପରେ ଫେବୃୟାରୀ ୨୫ରେ ଏସ୍‌ପିଙ୍କୁ ଫେରାଦ୍ ହେଲି। ପ୍ରତିଶ୍ରୁତି ମିଳିଲା। ନ୍ୟାୟ ମିଳିବ। ଘରକୁ ଫେରିବା ବେଳକୁ ଏସ୍‌ପି ଅଫିସକୁ ଯାଇଥିବାରୁ କମେଣ୍ଟ ଶୁଣିବାକୁ ମିଳିଲା। ମାରିଦେବେ, ପିଟିଦେବେ, ଦେଖିନେବେ ବୋଲି ବାସନ୍ଦ କରିଥିବା ଲୋକେ କହି ବୁଲିଲେ। ସତକୁ ସତ କିଛି ଲୋକ ଏକାଠି ହୋଇ ଆକ୍ରମଣ କରିବାକୁ ଉଦ୍ୟମ ଆରମ୍ଭ କରିଦେଲେ। ପରିସ୍ଥିତି ଏପରି ସନ୍ଧ୍ୟାରେ ଘରୁ ବାହାରି ହେଉନି। ଦିନରେ ଗାଁ, ବଜାର ରାସ୍ତାରେ ଯିବା ଭୟ ଲାଗୁଛି। ଫଳରେ ବଞ୍ଚିବା ଦୁର୍ବିସହ ହୋଇପଡିଛି। ଆଗକୁ ଦୋଳ ପର୍ବ ଆସୁଛି। ଠାକୁର ଚାଚେରୀ ଭୋଗ ଦ୍ୱାରରେ ଖାଇବେନି ବୋଲି ଚେତାବନୀ ମିଳି ସାରିଲାଣି। ପୁଣି ଓଲଟା ଧମକ ମିଳିଲା ମିଥ୍ୟା ମାମଲା କରିବେ। ପତ୍ନୀ ବାସନ୍ତୀଙ୍କ ଅଭିଯୋଗ ଅନୁସାରେ, ମୋ ପରିବାର ପରି ଗାଁର ଅନେକ ପରିବାରକୁ ଦୋଷ ନ ଥାଇ ଦଣ୍ଡିତ କରାଗଲାଣି। ଦୋଷ ନ ଥାଇ ଭୁଲ ମାଗିବା, ହାତଗୁଞ୍ଜା, ଜରିମାନା ଦେୟ ଦେଇ ଆଜ୍ଞା ଆଜ୍ଞା କରିଲେ ଦୋଷ ମାଫ। ପ୍ରତିବାଦ କଲେ ଭୁଲ। ମିଥ୍ୟା ମାମଲା କରି ଫସାଇ ଦେଉଛନ୍ତି। କିଛି ବର୍ଷ ତଳେ ମୋ ଝିଅକୁ ଯୌତୁକ ନିର୍ଯାତନା ମୋ ପରିବାର ଉପରେ ଦାଉ ସାଧି ଥିଲା। ଏବେ ପୁଣି ମୋ ପରିବାର ପଛରେ ଛାଇ ପରି ପଡି ରହିଛନ୍ତି। ଗାଁର କେତେଜଣ ଲୋକଙ୍କ ଦୌରାତ୍ମ୍ୟରେ ଗାଁର ଲୋକମାନେ ନୀରବରେ ପ୍ରତିବାଦ କରୁଥିଲେ ହେଁ ମୁହଁ ଖୋଲୁନାହାନ୍ତି। ପ୍ରଶାସନିକ ସ୍ତରରେ ପଦକ୍ଷେପ ଅଭାବରୁ କେତେଜଣ ଅସମାଜିକ ଲୋକଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ଏଣୁ ସ୍ୱାମୀ ଓ ସ୍ତ୍ରୀ ଉଭୟ ଅନୁରୋଧ କରିଛନ୍ତି ବାସନ୍ଦ ପ୍ରଥାର ବିଲୋପ ପାଇଁ ସରକାର କଡା ପଦକ୍ଷେପ ନିଅନ୍ତୁ। ଯେଉଁମାନେ ଗାଁରେ କଙ୍ଗାରୁ କୋର୍ଟ କରି ବେଆଇନ ଭାବେ ଜରିମାନା ସହ ନିର୍ଯାତନା ଦେଉଛନ୍ତି ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରି ବାସନ୍ଦ ପରିବାରକୁ ନ୍ୟାୟ ଦିଆଯାଉ। ନଚେତ ବାସନ୍ଦ ଭଳି ଏକ କୁତ୍ସିତ ପ୍ରଥାକୁ ରୋକିବା କାଠିକର ପାଠ ହୋଇପଡିବ ବୋଲି ନିବେଦନ କରିଛନ୍ତି।



ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟ ନିକଟରେ ଥିବା ଡ୍ରେନ ଉପରେ ନିର୍ମାଣ କାର୍ଯ୍ୟ ଚାଲିଛି ।

## ଡ୍ରେନ ଉପରେ ନିର୍ମାଣ କାର୍ଯ୍ୟ

ଖୋର୍ଦ୍ଧା ଅଫିସ,୧୪।୩

ଖୋର୍ଦ୍ଧା ହଳଦିଆ ରାସ୍ତାରେ ଗୁରୁଜଙ୍ଗସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଦେବୋତ୍ତର ଜମି ଉପରେ ନିର୍ମାଣ କରୁଛନ୍ତି କନ୍‌ଷ୍ଟ୍ରକସନ୍ କାର୍ଯ୍ୟ। ଏହି ଜମିର ପ୍ଲଟ ଶାରଦ କିସମ ହୋଇଥିବା ବେଳେ ଦୋବୋତ୍ତର ବିଭାଗର ବୋଲି ଅଭିଯୋଗ ହୋଇଛି। ପୁଣି ପୌର ପରିଷଦର ଡ୍ରେନ ଉପରେ ଚାଲିଛି ନିର୍ମାଣ କାର୍ଯ୍ୟ। ଡ୍ରେନକୁ ପୋତି ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ନର୍ଦ୍ଦମା ଓ ବର୍ଷା ହେଲେ ପାଣି ନିଷ୍କାସନରେ ବାଧା ଉପୁଜିବା ସହ ଲୋକଙ୍କ ଘର ଭିତରେ ପାଣି ପଶିବାର ସମ୍ଭାବନା ରହିଛି। ବେଆଇନ ନିର୍ମାଣ ବିରୋଧରେ ସାଧାରଣରେ ବିରୋଧ କରାଗଲାଣି। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୨ କିମି ଓ ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟଠାରୁ ମାତ୍ର ୫୦୦ ମିଟର ଦୂରରେ ଏହି ବେଆଇନ ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନାହିଁ। ଅଞ୍ଚଳବାସୀ ପୂର୍ବରୁ ଜିଲାପାଳ, ଖୋର୍ଦ୍ଧା ତହସିଲଦାରଙ୍କୁ ଲିଖିତ ଆକାରରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ। ଉଲ୍ଲେଖଥାଉ କି ଖୋର୍ଦ୍ଧାରେ ସରକାରୀ ଜମି, ଦେବୋତ୍ତର ସମ୍ପତ୍ତି ଓ ଜମିକୁ ମାଫିଆମାନେ ଖୁବ୍ ସହଜରେ ହାତେଇ ନେଉଛନ୍ତି। ଫଳରେ ସଙ୍କୁଚିତ ହୋଇ ଚାଲିଛି ସରକାରୀ ଜାଗା ଓ ଦେବୋତ୍ତର ଜମି।

## ଶଗଡ଼ଭଙ୍ଗାରେ ଭାଜପାର ବିଜୟ ସଂକଳ୍ପ ପଦଯାତ୍ରା



ବେଗୁନିଆ ଅଞ୍ଚଳରେ ଭାଜପା ପକ୍ଷରୁ ବାହାରିଥିବା ବିଜୟ ସଂକଳ୍ପ ପଦଯାତ୍ରା ।

ବେଗୁନିଆ,୧୪।୩ (ଡି.ଏନ.ଏ.)
ଆସନ୍ତା ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ସେଥିପାଇଁ ବିଭିନ୍ନ ଦଳ ନିଜର ବିଜୟ ପାଇଁ ଅନେକ ରଣନୀତି ପ୍ରସ୍ତୁତି କଲେଣି। ଏ କ୍ଷେତ୍ରରେ ମଧ୍ୟ ବେଗୁନିଆ ବ୍ଲକ ଭାଜପା ପକ୍ଷରୁ ଗାଁ ଗହଳିରେ ବୁଲି ପଦଯାତ୍ରା କରାଗଲାଣି। ଗୁରୁବାର ଶଗଡଭଙ୍ଗା ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ବିଜୟ ସଂକଳ୍ପ ପଦଯାତ୍ରା କରାଯାଇଥିଲା। ଏଥିସହ ଲୋକମାନଙ୍କ ସମସ୍ୟା ସମ୍ପର୍କରେ ମତାମତ ନିଆଯିବା ସହ ଆମ ଦଳ ବିଜୟ ହାସଲ କଲେ ସମସ୍ତ ଯୋଜନା କାର୍ଯ୍ୟକାରୀ ହେବ ବୋଲି ପ୍ରତିଶ୍ରୁତି ବାର୍ତ୍ତା ଦେଇଥିଲେ। ମଣ୍ଡଳ ସଭାପତି ସଞ୍ଜୟ ପ୍ରସାଦ ଛୁଆଳସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଂକଳ୍ପ ପଦଯାତ୍ରାରେ ଭାଜପାର ରାଜ୍ୟ ସମ୍ପାଦକ ଡ. ଯତୀନ ମହାନ୍ତି ଯୋଗ ଦେଇଥିଲେ। ଏଥିରେ ନୃସିଂହ ଚରଣ ପାଇକରାୟ, ସନ୍ତୋଷ କୁମାର ପଟ୍ଟନାୟକ, ଧ୍ରୁବ ଚରଣ ବାହିନୀପତି, ଯଜ୍ଞେଶ୍ୱର ସୁନ୍ଦରାୟ, ଏକଲବ୍ୟ ମହାନ୍ତି, ରାମଚନ୍ଦ୍ର ସେନାପତି, ବିଦ୍ୟାଧର ସାହୁ, ସହଦେବ ବେହେରା, ଯୋଗୀନାଥ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

### ଭାଜପାର ରୁଦ୍ଧଦ୍ୱାର ବୈଠକ

ଖୋର୍ଦ୍ଧା ଅଫିସ,୧୪।୩:

ଭାଜପା ପକ୍ଷରୁ ଖୋର୍ଦ୍ଧାରେ କାର୍ଯ୍ୟକର୍ତ୍ତାମାନଙ୍କ ପକ୍ଷରୁ ରୁଦ୍ଧଦ୍ୱାରା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭାଜପାର ଜିଲା କାର୍ଯ୍ୟାଳୟ ପୂର୍ବତନ ବିଧାୟକ ତଥା ପୂର୍ବତନ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଜିତୁ ମିତ୍ରଙ୍କ ହୋଇଥିବାବେଳେ ଏବେ ଏଠାରେ ତାଲା ଝୁଲୁଛି। ଜିତୁ ଭାଜପାରୁ ଇସ୍ତଫା ଦେଇ ବିଜେଡିରେ ମିଶିବା ପରେ ଏପରିସ୍ଥିତି ଉପୁଜିଛି। ନିର୍ବାଚନ ନିକଟତର ହେଉଥିବାରୁ କାହାକୁ ଟିକେଟ୍ ମିଳିବ ଏବଂ କିଏ ପ୍ରାର୍ଥୀ ହେବ ସେ ନେଇ ଆଲୋଚନା ହୋଇଥିଲା ବୋଲି ଜଣାପଡିଛି। ତେବେ ଗୁପ୍ତ ବୈଠକ ସମ୍ପର୍କରେ କ'ଣ ଆଲୋଚନା ହେଲା ସେନେଇ ଜଣେ କାର୍ଯ୍ୟକର୍ତ୍ତାଙ୍କୁ ପଚାରିବାରୁ କିଛି କହି ନ ଥିଲେ।

### ଗାଡି ମୋଟର ଯାଞ୍ଚ

ଖୋର୍ଦ୍ଧା ଅଫିସ,୧୪।୩:

ବାଣପୁର ପୋଲିସ ପକ୍ଷରୁ ବାଣପୁର ବଜାରର ବିଭିନ୍ନ ସ୍ଥାନରେ ଗୁରୁବାର ଗାଡି ମୋଟରର ବୀମା, ଲାଇସେନ୍ସ, କାଗଜପତ୍ର ତନଖି କରାଯାଇଥିଲା। ଠିକ୍ କାଗଜପତ୍ର ନ ଥିବା ୧୬ ଜଣ ଗାଡି ଚାଳକଙ୍କଠାରୁ ୧୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଦୁଇଜଣ ଦୁର୍ବୃତ୍ତ ବଜାର ମଧ୍ୟରେ ଥିବା ଏକ ବାଇକ୍‌ର ଡିକି ଭାଙ୍ଗି ସେଥିରୁ ୩ ଲକ୍ଷ ଟଙ୍କାର ରୂପା ଅଳଙ୍କାର ଲୁଟି ନେଇ ଯିବା ପରେ ଗାଡି ମୋଟରକୁ ଯାଞ୍ଚ କରାଯାଇଛି। ଘଟଣାର ୪୮ ଘଣ୍ଟା ବିତି ଯାଇଥିଲେ ମଧ୍ୟ ପୋଲିସ ଲୁଟେରା କିମ୍ବା ଲୁଟ ଅଳଙ୍କାରର କୌଣସି ସନ୍ଧାନ ପାଇନାହିଁ।

## ■ ବନ୍ଦ ହେବନି ଠାକୁରଙ୍କ ଭୋଗଖିଆ ପରମ୍ପରା
# ଦେବୋତ୍ତର କମିଶନରଙ୍କୁ ଖଣ୍ଡପୀଠଙ୍କ ନିର୍ଦ୍ଦେଶ

ଖୋର୍ଦ୍ଧା ଅଫିସ,୧୪।୩:

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଇଞ୍ଜନପୁର ଗାଁକୁ ଗବପଦର ବିଜେ ଶ୍ରୀରାମେଶ୍ୱର ଦେବଙ୍କ ଭୋଗଖିଆ ପରମ୍ପରା ବନ୍ଦ ହେବନି। ପରମ୍ପରା ବଜାୟ ରଖିବାକୁ ଟ୍ରଷ୍ଟବୋର୍ଡର ମ୍ୟାନେଜିଂ ଟ୍ରଷ୍ଟିଙ୍କ ସହ ତୁରନ୍ତ ଯୋଗାଯୋଗ କରି ପଦକ୍ଷେପ ନେବାକୁ ହାଇକୋର୍ଟର ଦୁଇଜଣିଆ ଖଣ୍ଡପୀଠ ଦେବୋତ୍ତର କମିଶନରଙ୍କୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ, ଗବପଦର ବିଜେ ଶ୍ରୀରାମେଶ୍ୱର ଦେବଙ୍କ ସହ ବୁଢ଼ା ଲିଙ୍ଗେଶ୍ୱରଦେବ ଓ ଦଧିବାମନ ଦେବ ପ୍ରତିବର୍ଷ ଫାଲଗୁନ ମାସ ଏକାଦଶୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଚାଚେରୀ ଭୋଗ ଖାଇବାକୁ ଇଞ୍ଜନପୁର ଗାଁକୁ ଆସନ୍ତି। ଚଳିତବର୍ଷ ଏହା ମାର୍ଚ୍ଚ ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଚେରୀ ଭୋଗ ଖାଇବାର ତିଥି ପଡିଛି। ପୁଣି ହୋଲି ପର ଦିବସରେ ରାମେଶ୍ୱର ଦେବ ଅନ୍ୟ ଠାକୁରଙ୍କ ସହ ଇଞ୍ଜନପୁର ଓ ଭେଲେରୀ ଗାଁରେ ଅନୁରୂପ ଭାବେ ଚାଚେରୀ ଭୋଗ ଖାଆନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ ଓ ଚରଣ ଚକା ଠାକୁରଙ୍କ ନିମନ୍ତ୍ରଣକୁ ରକ୍ଷା କରି ରାମେଶ୍ୱର ଦେବ ଇଞ୍ଜନପୁର ଗାଁରେ ସଜ୍ଜିତ ହୋଇ ଶ୍ରୀ ଉମାମହେଶ୍ୱର ଦେବ ବାଲୁଗାଁଙ୍କ ସହ ମିଶି ଐତିହାସିକ ପଞ୍ଚୁଦୋଳ ଯାତ୍ରାକୁ ଯାଇଥାନ୍ତି। ପରଦିନ ମେଳଣ ଶେଷ ହେବା ପରେ ଇଞ୍ଜନପୁର ଗାଁକୁ ରାମେଶ୍ୱର ଦେବ ଫେରନ୍ତି। ତେବେ ଚଳିତବର୍ଷ ରାମେଶ୍ୱର ଦେବଙ୍କ ମ୍ୟାନେଜିଂ ଟ୍ରଷ୍ଟି ଠାକୁରଙ୍କ ଭୋଗ ଖାଇବାକୁ ଯିବେନି ବୋଲି ଇଞ୍ଜନପୁର ଗାଁକୁ ମୌଖିକ ଭାବେ ଖବର ପଠାଇଥିଲେ। ଏ ଖବର ଜାଣିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ଅକ୍ଷୟ ପଣ୍ଡା, ଲକ୍ଷ୍ମୀଧର ପାଣିଗ୍ରାହୀ ପ୍ରମୁଖ ୫ଜଣ ହାଇକୋର୍ଟରେ ଆଶ୍ରୟ ନେଇଥିଲେ। ହାଇକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ବିଚାରପତି ବି. ମହାନ୍ତି ଓ ପି. ପଟ୍ଟନାୟକ ମକଦ୍ଦମାର ବିଚାର କରି ଉପରୋକ୍ତ ନିର୍ଦ୍ଦେଶ ଦେଇଥିବା ଗ୍ରାମବାସୀଙ୍କ ଆଇନଜୀବୀ ଜୟଦେବ ବେହେରା ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଜିଲାପାଳ, ଏସ୍‌ପି, ଉପଜିଲାପାଳ, ତହସିଲଦାର, ବାଲୁଗାଁ ଥାନା ଆଇଆଇସିଙ୍କୁ ଅବଗତ କରାଯାଇଥିବା ଆଇନଜୀବୀ ସୂଚନା ଦେଇଛନ୍ତି।

## ■ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା
# ୧୮ରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ

ପୁରୁଣା ଭୁବନେଶ୍ୱର, ୧୪।୩(ଡି.ଏନ.ଏ.)–
ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କର ପବିତ୍ର ଅଶୋକାଷ୍ଟମୀ ଅବସରରେ ରୁକୁଣା ରଥଯାତ୍ରା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଜୋରସୋର ପ୍ରସ୍ତୁତି ଚାଲିଛି। ରୁକୁଣା ରଥର ଚକ ନିର୍ମାଣ ପାଇଁ ନୟାଗଡ଼ ବନଖଣ୍ଡରୁ ଆମ୍ବକାଠ ବୁଧବାର ବିଳମ୍ବିତ ରାତିରେ ରଥ ଖଳାରେ ଆସି ପହଞ୍ଚିଛି। ଅନ୍ୟ ଆମ୍ବ ଲଗ୍‌ଗୁଡ଼ିକ କଟକସ୍ଥିତ ଖପୁରିଆ ସ' ମିଲ୍‌କୁ ଚିରଟ ପାଇଁ ପଠାଯାଇଛି। ତେଣୁ ଆସନ୍ତା ୧୮ ତାରିଖରେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ସେବାୟତମାନେ ବିଧିମୁତାବକ ରଥଖଳାରେ କାଠକୁ ପୂଜାର୍ଚ୍ଚନା କରିବା ପରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ଉକ୍ତ ଦିନ ମାହେନ୍ଦ୍ର ବେଳା ଥିବାରୁ କାଠ ପୂଜା ହେବା ସହ ରଥ ନିର୍ମାଣ ପାଇଁ ସର୍ଦ୍ଦାରୀ ମହାରଣା ସେବାୟତ ବଟକୃଷ୍ଣ ମହାରଣା କାର୍ଯ୍ୟ ତୁଲାଇବେ। ଆସନ୍ତା ଏପ୍ରିଲ୍ ୧୩ରେ ଶ୍ରୀଜୀଉଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହେବ।

## ଝାଁଳା ପଞ୍ଚାୟତର ଭାଜପାର ଶୋଭାଯାତ୍ରା

ଝାଁଳା,୧୪।୩(ଡି.ଏନ.ଏ.)

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଜଟଣୀରେ ବିଭିନ୍ନ ଦଳ ପକ୍ଷରୁ ସଭା, କର୍ମୀ ସମ୍ମିଳନୀ, ଶୋଭାଯାତ୍ରା ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜଟଣୀ ବ୍ଲକ ଅନ୍ତର୍ଗତ ଝାଁଳା ପଞ୍ଚାୟତରେ ଗୁରୁବାର ଭାଜପା ପକ୍ଷରୁ ବିଜୟ ସଂକଳ୍ପ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ ଯୋଗଦେଇ ଝାଁଳା, ମୁଣ୍ଡମୁହାଣ, ଗୋପାଳପୁର, ଓଗାଳପଡ଼ା, ବଡ଼ସାହି, ରାଧାଚରଣପୁର ଗ୍ରାମ ବୁଲି ଲୋକଙ୍କ ସହିତ ମିଶିଥିଲେ। ସେ କହିଥିଲେ, ପ୍ରଶାସନିକ ଅଧିକାରୀମାନେ ମାସକୁ ୨୦ଦିନ ଗାଁ ବୁଲି ସମସ୍ୟା ଓ ଏହାର ପ୍ରତିକାର ପାଇଁ ଉଦ୍ୟମ କଲେ ସମାଜରୁ ଅନେକ ଅସୁବିଧା ଦୂରୀକରଣ ହୋଇପାରିବ। ଏହି ପଞ୍ଚାୟତର ଗୋପାଳପୁର ଗ୍ରାମ ଦଳିତ ସାହିରେ ଜଣଙ୍କ ଘରେ ଅପରାଜିତା ମଧ୍ୟାହ୍ନଭୋଜନ କରିଥିଲେ। ଏହି ଶୋଭାଯାତ୍ରାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ଜେନା, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ବିଶ୍ୱରଞ୍ଜନ ବଡଜେନା, ସରପଞ୍ଚ ପ୍ରଦୋଷ ଜେନା, ଭୀଷ୍ମ ଜେନା ଓ ଅନେକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



ଝାଁଳାରେ ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ ଶୋଭାଯାତ୍ରାରେ ଯାଉଛନ୍ତି ।

## ■ ଜଟଣୀ ମ୍ୟୁନିସିପାଲିଟି
# ହୁଇସିଲ ମାରି ଅଳିଆ ସଂଗ୍ରହ ଅଭିଯାନ ବିଫଳ

ଜଟଣୀ,୧୪।୩(ଡି.ଏନ.ଏ.)

ନଗରବାସୀଙ୍କୁ ସୁବିଧା ପ୍ରଦାନ ନା'ରେ ଜଟଣୀ ମ୍ୟୁନିସିପାଲିଟିରେ ବିଭିନ୍ନ ସାମଗ୍ରୀ ଯେଉଁ ପରିମାଣରେ କ୍ରୟ ହେଉଛି ଓ ଏ ବାବଦରେ ଅର୍ଥ ବ୍ୟୟ କରାଯାଉଛି ତାହା ଲୋକଙ୍କ କାମରେ ଆସୁନି। ଟ୍ରାଇ ସାଇକେଲ ଓ ଡଷ୍ଟବିନ୍‌ରେ ଅଳିଆ, ଆବର୍ଜନା ନେବାକୁ ଲକ୍ଷାଧିକ ଟଙ୍କା ବ୍ୟୟରେ କିଣା ଯାଇଥିଲା। ସଫେଇ କର୍ମଚାରୀ ହୁଇସିଲ ମାରି ଅଳିଆ ସଂଗ୍ରହ କରିବା ଅଭିଯାନ କରାଯାଇଥିଲେ ହେଁ ତାହା ଏଠାରେ ବିଫଳ ହୋଇଛି। ଯେତେ ସାମଗ୍ରୀ କ୍ରୟ ହେବ ସେତେ କମିଶନ ମିଳିବ। କମ୍ପାନୀଠାରୁ ମୋଟା ଅଙ୍କର କମିଶନ ମିଳିଗଲା ପରେ କ୍ରୟ ହୋଇଥିବା ସାମଗ୍ରୀ ଲୋକଙ୍କ କାମରେ ଲାଗୁଛି ନା ନାହିଁ ତା' ଉପରେ କେହି ଧ୍ୟାନ ଦେଉନାହାନ୍ତି। ଏପରି ଭାବେ ଚାଲିଛି ଜଟଣୀ ମ୍ୟୁନିସିପାଲିଟି।

ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ହୁଇସିଲ୍ ମାରି ପ୍ରତି ଘରୁ ଅଳିଆ ସଂଗ୍ରହ ପାଇଁ ୫୦ଟି ଟ୍ରାଇ ସାଇକେଲ୍ ୬ ମାସ ପୂର୍ବେ କିଣାଯାଇଥିଲା। ଏହି ଟ୍ରାଇ ସାଇକେଲ ସହ ଏଥିରେ ଅଳିଆ ରଖିବା ପାଇଁ ପ୍ଲାଷ୍ଟିକ ବକେଟ ଲକ୍ଷାଧିକ ଟଙ୍କାରେ କିଣାଯାଇଥିଲା। ପ୍ରତି ଟ୍ରାଇ ସାଇକେଲ୍‌ରେ ୬ଟି ବକେଟ୍ ରହିବା ବ୍ୟବସ୍ଥା ରହିଥିଲା। ୩ଟି ସବୁଜରଙ୍ଗର ବକେଟ୍‌ରେ ଶୁଖିଲା ଓ ନୀଳରଙ୍ଗର ୩ଟି ବକେଟ୍‌ରେ ଓଦାଳିଆ ଆବର୍ଜନା ରହିବା ବ୍ୟବସ୍ଥା ହୋଇଥିଲା। ସଫେଇ କର୍ମଚାରୀ ସକାଳୁ ଏହି ଟ୍ରାଇ ସାଇକେଲ୍ ନେଇ ହୁଇସିଲ ମାରି ୱାର୍ଡର ଘର ଘର ବୁଲି ଅଳିଆ ସଂଗ୍ରହ କରିବା ନିଷ୍ପତ୍ତି ହୋଇ ଅଭିଯାନ ଆରମ୍ଭ ହୋଇଥିଲା। ପରେ ଏହା ଡମ୍ପିଂ ୟାର୍ଡରେ ପକାଇବା ପାଇଁ ସ୍ଥିର ହୋଇଥିଲା। ଏଥିପାଇଁ ପ୍ରତି ୱାର୍ଡକୁ ୨ଟି ଲେଖାଏ ଟ୍ରାଇ ସାଇକେଲ୍ ଯୋଗାଇ ଦିଆଯାଇଥିଲା। ହେଲେ ୨ରୁ ୩ ଦିନ ଏହା ଚାଲିବା ପରେ ଏହି ଅଭିଯାନ ବନ୍ଦ ହୋଇଯାଇଥିଲା। ଲକ୍ଷାଧିକ ଟଙ୍କାରେ କିଣାଯାଇଥିବା ଟ୍ରାଇ ସାଇକେଲ୍‌ଗୁଡ଼ିକ ବିଭିନ୍ନ ୱାର୍ଡରେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏପରି କି ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସରରେ ମଧ୍ୟ ୧୫ରୁ ଅଧିକ ସାଇକେଲ୍ ପଡ଼ି ରହି କଳଙ୍କି ଲାଗିଲାଣି। ଟ୍ରାଇ ସାଇକେଲ୍ ସହ ପୌର ପରିଷଦର ବିଭିନ୍ନ ୱାର୍ଡର ଗଳିକନ୍ଦି ସହିତ ମୁଖ୍ୟ ରାସ୍ତାପାର୍ଶ୍ୱରେ ପ୍ଲାଷ୍ଟିକ ଡଷ୍ଟବିନ୍‌ର ବ୍ୟବସ୍ଥା ହୋଇଥିଲା। ଏହି ଡଷ୍ଟବିନ୍ କ୍ରୟ ଓ ସ୍ଥାପନ ପାଇଁ ମଧ୍ୟ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇଥିଲା। ଏହି ଡଷ୍ଟବିନ୍‌ଗୁଡିକ ଲୋକଙ୍କ କାମରେ ବିଶେଷ ଆସୁନାହିଁ। ଆବଶ୍ୟକ ନ ଥିବା ଅନେକ ସ୍ଥାନରେ ଏହାକୁ ଲଗାଯାଇଥିବା ବେଳେ ଅନ୍ୟ ଯେଉଁଠି ଲୋକେ ଅଳିଆ ପକାଉଛନ୍ତି ସେଠାରେ ଡଷ୍ଟବିନ୍‌ଗୁଡିକ ଭାଙ୍ଗିରୁଜି ଗଲାଣି। ଏ ନେଇ ପୂର୍ବତନ କାଉନ୍‌ସିଲର ଲୁସେନ୍ ରାୟ, ବିଷ୍ଣୁ ସାହୁ, ଶୁଭେନ୍ଦୁ ପରିଜା କୁହନ୍ତି, ଏତେ ଟଙ୍କା ଖର୍ଚ୍ଚ କରାଯାଇ ସହରକୁ ସ୍ୱଚ୍ଛ ରଖିବାକୁ ଆରମ୍ଭ ହୋଇଥିବା ଉପରୋକ୍ତ କାର୍ଯ୍ୟ ଲୋକଙ୍କ ସେବାରେ ଆସୁନାହିଁ। କରଦାତାଙ୍କ ଅର୍ଥରେ କିଣାଯାଇଥିବା ଏହିସବୁ ସାମଗ୍ରୀ ସହରବାସୀଙ୍କ ସେବାରେ ନ ଲାଗିବା ପରିତାପର ବିଷୟ ବୋଲି ସେମାନେ କହିଛନ୍ତି। ଏଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର କୁହନ୍ତି, ଅଳ୍ପଦିନ ହେବ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏ ନେଇ ଦାୟିତ୍ୱରେ ଥିବା କର୍ମଚାରୀ ଓ ସଫେଇ କାର୍ଯ୍ୟ ନେଇଥିବା ଘରୋଇ ଠିକା ସଂସ୍ଥା ସହ ଆଲୋଚନା କରି ଏହାର ସୁଚାରୁ ଭାବେ ପରିଚାଳନା ପାଇଁ ଗୁରୁତ୍ୱ ଦିଆଯିବ ବୋଲି ସେ କହିଥିଲେ।

**ଲକ୍ଷାଧିକ ଟଙ୍କାର ଟ୍ରାଇ ସାଇକେଲ, ଡଷ୍ଟବିନ୍ ଜରାଜୀର୍ଣ୍ଣ ଅବସ୍ଥାରେ**



ଜଟଣୀ ମ୍ୟୁନିସିପାଲିଟି ପରିସରରେ ଅଳିଆ ବୋହିବାକୁ ଥିବା ଟ୍ରାଇସାଇକେଲ ଖତ ଖାଉଛି ।



ବିପଦ ଆସିବାଟା ବରଂ ଭଲ, ଆସିବ ଆସିବ ବୋଲି
ଯେଉଁ ଆଶଙ୍କା ତାହାହିଁ ସବୁଠାରୁ ଯନ୍ତ୍ରଣାଦାୟକ।
- ବେନ୍ ଜନସନ



## ସଂକ୍ଷେପରେ

### ସ୍କୁଲ ଆଗରୁ ଛାତ୍ରୀଙ୍କୁ ଉଠାଇବା ଘଟଣା ଓଏଚ୍ଆରସିରେ ଅଭିଯୋଗ

**ପୁରୀ ଅଫିସ,୧୪।୩:** ଗତ ମାର୍ଚ୍ଚ ୮ତାରିଖରେ ପୁରୀ ଜିଲା ସ୍କୁଲ ଆଗରୁ ଜଣେ ଅପହୃତା ଛାତ୍ରୀଙ୍କୁ ଟାଉନ ଥାନା ପୋଲିସ ତାଙ୍କୁ ଉଠାଇନେଇଥିଲା। ଜଣେ ମହିଳା ପୋଲିସ କର୍ମଚାରୀ ତାଙ୍କୁ ଗଳା ଧକ୍କା ମାରି ପୋଲିସ ଭ୍ୟାନକୁ ରାସ୍ତାରେ ଟାଣି ଟାଣି ନେଇଥିଲେ। ଏହି ଘଟଣାରେ ଗୁରୁବାର ସଚେତନ ନାଗରିକ ମଞ୍ଚ ଆବାହକ ଆଇନଜୀବୀ ପ୍ରସନ୍ନ କୁମାର ଦାଶ ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆରସି)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ସର୍ବ ସମ୍ମୁଖରେ ଜଣେ ନାବାଳିକାଙ୍କୁ ଗଳା ଧକ୍କା ମାରି ରାସ୍ତାରେ ନେବା ଶିଶୁର ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଶିଶୁ ଅଧିକାର ସମ୍ପର୍କରେ ଅବଗତ ଥିବା ସତ୍ତ୍ୱେ ପୋଲିସ ନିଜ ମାନବିକତାର ହରାଇ ବସିଥିଲା। ସଂପୃକ୍ତ ମହିଳା ପୋଲିସ ଏବଂ ଟାଉନ ଥାନା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଲାଗି ସେ ଓଏଚଆରସିଙ୍କ ନିକଟରେ ଦାବି କରିଛନ୍ତି। ଟାଉନ ଥାନା ଅଞ୍ଚଳରୁ ଜଣେ ନାବାଳିକା ଦଶମ ଶ୍ରେଣୀର ଛାତ୍ରୀ ଅପହରଣ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଅପହୃତା ଛାତ୍ରୀ ଜିଲା ସ୍କୁଲରେ ପରୀକ୍ଷା ଦେଉଥିବା ଜାଣି ତାଙ୍କ ବାପା ପୋଲିସକୁ ଖବରଦେଇଥିଲେ। ମାର୍ଚ୍ଚ ୮ତାରିଖରେ ସାଢେ ୧୨ଟାରେ ଛାତ୍ରୀ ଜଣକ ପରୀକ୍ଷା ଦେଇ ସ୍କୁଲ ଗେଟ ବାହାରକୁ ଆସିଥିଲେ। ସେହି ସମୟରେ ସାଦା ପୋଷାକରେ ଜଗି ରହିଥିବା ଜଣେ ମହିଳା ପୋଲିସ ତାଙ୍କୁ ଜୋର ଜବରଦସ୍ତ ଗଳା ଧକ୍କା ମାରି ସେଠାରୁ ନେଇଯାଇଥିଲେ। ପୋଲିସ ନାବାଳିକାଙ୍କୁ ଉଦ୍ଧାର ପରେ ତାଙ୍କୁ ଜିଲା ଶିଶୁ କଲ୍ୟାଣ କମିଟି ଆଗରେ ହାଜର କରି ନ ଥିଲା।

### ମଦ, ଭାଙ୍ଗ ଜବତ: ୫ଗିରଫ



**ପୁରୀ ଅଫିସ, ୧୪।୩:** ଆଗକୁ ରହିଛି ସାଧାରଣ ନିର୍ବାଚନ। ପୁରୀ ସହରକୁ ନିଶା ମୁକ୍ତ ଲାଗି ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ବେଆଇନ ଭାବେ ମଦ ଓ ଭାଙ୍ଗ ବିକ୍ରି କରୁଥିବା ଅଭିଯୋଗ କ୍ରମେ ସମୁଦ୍ରକୂଳ, ସଦର ଓ ଟାଉନ ଥାନା ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଳିଆପଣ୍ଡାର ଟୁଟୁ ମଲିକ(୩୦), ରେବତୀ ରମଣର ଚନ୍ଦନ ଭୋଇ(୩୫), ସିଟି ରୋଡର ତାରା ମହାନ୍ତି(୪୬), ନରେନ୍ଦ୍ରକୋଣର ଜୟନ୍ତୀ ଭୋଇ(୩୮), ମଙ୍ଗଳା ସାହିର ସନ୍ତୋଷୀ ନାୟକ(୩୦)। ସେମାନଙ୍କ ନିକଟରୁ ପୋଲିସ ୩୫ଲିଟର ଦେଶୀ ମଦ ଓ ୪କେଜି ୫ଶହ ଗ୍ରାମ ଭାଙ୍ଗ ଜବତ କରିଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ



**ପୁରୀ ଅଫିସ,୧୪।୩:** ଡ. ସୁରେଶ ଚନ୍ଦ୍ର ଦାଶଙ୍କ ସ୍ତ୍ରୀ ଶୈଳବାଳା ଦାସଙ୍କର ଗୁରୁବାର ସକାଳ ୭ଟାରେ ନୂଆଦିଲ୍ଲୀସ୍ଥିତ ଆପୋଲୋ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ସ୍ୱର୍ଗତ ମଧୁସୂଦନ ନନ୍ଦ ଓ ଶକୁନ୍ତଳା ନନ୍ଦଙ୍କ ଝିଅ। ମୃତ୍ୟୁ ପରେ ଶୈଳବାଳାଙ୍କ ଶେଷକୃତ୍ୟ ଦୟାନନ୍ଦ ମୁକ୍ତିଧାମରେ ସମ୍ପନ୍ନ ହୋଇଛି। ସେ ପୁରୀ ବାସିନ୍ଦା ହୋଇଥିବା ବେଳେ ଜଣେ ଧର୍ମପରାୟଣା ଓ ମିଷ୍ଟଭାଷୀ ମହିଳା ଥିଲେ।

# ଚିନ୍ତା ବଢ଼ାଇଲେଣି ଯୁବ ଆଶାୟୀ

**ପୁରୀ ନିର୍ବାଚନମଣ୍ଡଳୀ**

**ପୁରୀ ଅଫିସ,୧୪।୩**

ସାଧାରଣ ନିର୍ବାଚନକୁ ନେଇ ଜୋର୍ ଧରିଲାଣି ପ୍ରସ୍ତୁତି। ସବୁ ଦଳରେ ଏବେ ଟିକେଟକୁ ନେଇ ଚାଲିଛି ଅଙ୍କକଷା। କିଏ ପାଇବ ଦଳୀୟ ଟିକେଟ, କିଏ ପଡିବେ ବାଦ୍ ରାଜନୀତିର ଏହି ଅଙ୍କ ସବୁ ଦଳର ମୁଖିଆଙ୍କୁ ଅଡୁଆରେ ପକାଇଛି। ସେମିତି ପ୍ରମୁଖ ନେତୃବୃନ୍ଦଙ୍କ ଦଳଡିଆଁ ବି ଆରମ୍ଭ ହୋଇଯାଇଛି। ହେଲେ ପୁରୀ ନିର୍ବାଚନମଣ୍ଡଳୀରେ ସବୁ ଦଳରେ ଚିନ୍ତା ବଢ଼ାଇଲେଣି କିଛି ଯୁବ ଆଶାୟୀ। ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଏବଂ ଭାଜପାରେ ଯୁବ ଆଶାୟୀ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ନିର୍ବାଚନ ଯେତେ ପାଖେଇ ଆସୁଛି ଏମାନେ ସେତେ ସକ୍ରିୟ ହେଉଥିବା ଚର୍ଚ୍ଚା ହେଉଛି। ଦଳ ଯଦି ଅଣଦେଖା କରେ ତେବେ ଏମାନଙ୍କ ମଧ୍ୟରୁ କେହି କେହି ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ମଧ୍ୟ କହିଲେଣି, ଯାହା ଏବେ ପ୍ରତି ଦଳକୁ ଅଡୁଆରେ ପକାଇଥିବା ଚର୍ଚ୍ଚା ହେଉଛି। ଏହି ତାଲିକା ମଧ୍ୟରେ ବିଜେଡିର ଶୁଭାଶିଷ ଖୁଣ୍ଟିଆ, କଂଗ୍ରେସର ସ୍ୱାଧୀନ କୁମାର ପଣ୍ଡା ଏବଂ ଭାଜପାର ଶାଶ୍ୱତ ମହାପାତ୍ର, ଭବାନୀ ଦାସମହାପାତ୍ର ରହିଛନ୍ତି।

ବିଜେଡିରୁ ଏଥର ଟିକେଟ ପାଇବା ନେଇ ନିଶ୍ଚିତ ଅଛନ୍ତି ମହେଶ୍ୱର ମହାନ୍ତି। ଲଗାତର ୫ଥର ବିଧାୟକ ହୋଇ ଜିତିଆସିଥିବା ମହେଶ୍ୱରଙ୍କ ପାଇଁ ଏଥର କିନ୍ତୁ ସହଜ ନୁହେଁ ବୋଲି ଚର୍ଚ୍ଚା ହେଲାଣି। ଗୋଟିଏ ପଟେ ପରିବର୍ତ୍ତନର ହାୱା ଏବଂ ଅନ୍ୟପଟେ ଦଳୀୟ କନ୍ଦଳ ତାଙ୍କ ପାଇଁ ପ୍ରତିବନ୍ଧକ ସାଜିପାରେ ବୋଲି କୁହାଯାଉଛି। ସେହିପରି ପୁରୀ ଜିଲା ବିଜେଡିରେ ଫାଟ ମଧ୍ୟ ବଢ଼ିବାରେ ଲାଗିଛି। ଏଥର ମହେଶ୍ୱରଙ୍କ ଟିକେଟ ଉପରେ ବି ଆଖି ପଡିଲାଣି। ଅନେକ ଦଳୀୟ କର୍ମୀ ଏବଂ ନେତୃବୃନ୍ଦ ନୂଆମୁହଁ ଖୋଜୁଥିବା ବେଳେ ଯୁବନେତା ଶୁଭାଶିଷ ଖୁଣ୍ଟିଆ ଆଗକୁ ବାହାରିଛନ୍ତି। ବିଜୁ ପଟ୍ଟନାୟକ ଜୟନ୍ତୀରେ ଜିଲା ବିଜେଡି ପୃଥକ୍ ଭାବେ ସିଂହଦ୍ୱାରରେ ଦୀପଦାନ



ସାସ୍ୱତ ମହାପାତ୍ର



ସ୍ୱାଧୀନ ପଣ୍ଡା



ଭବାନୀ ଦାସମହାପାତ୍ର



ସୁବାସିଶ ଖୁଣ୍ଟିଆ

କରିଥିଲା। ଏଥିରୁ ଦଳୀୟ କନ୍ଦଳ ପଦାରେ ପଡ଼ିଥିଲା। ଶୁଭାଶିଷ କହିଛନ୍ତି, ମୁଖ୍ୟମନ୍ତ୍ରୀ ଯୁବଗୋଷ୍ଠୀକୁ ଆଗକୁ ବଢ଼ାଇବା ଲାଗି ଚାହୁଁଛନ୍ତି। ରାଜ୍ୟ ବିଜୁ ଜନତା ଦଳର ସମ୍ପାଦକ, ଜୀବନବିନ୍ଦୁର ଜିଲା ସଂଯୋଜକ ଏବଂ ଖଣ୍ଡପଡ଼ା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିଛି। ସରକାରଙ୍କ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖରେ କିପରି ପହଞ୍ଚି ପାରିବ ସେନେଇ କାମ କରୁଛି। ତେଣୁ ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଆଶା ରଖିଛି।

ସେହିପରି କଂଗ୍ରେସରୁ ଯୁବ ଆଶାୟୀ ସ୍ୱାଧୀନ ପଣ୍ଡା ଉଭା ହୋଇଛନ୍ତି। କଂଗ୍ରେସର ଆଗଧାଡ଼ିର ନେତା ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ଅନୁଗତ ଭାବେ ଜଣାଶୁଣା ସ୍ୱାଧୀନ ବିଭିନ୍ନ ସମୟରେ ପୁରୀ ସହରର ବିକାଶ ପାଇଁ ସ୍ୱର ଉଠାଇଛନ୍ତି। ବିଗତ ଦିନରେ ବେଦାନ୍ତ ବିରୋଧୀ ସଂଘର୍ଷ ସମିତି, ଭୂ-ସମ୍ପତ୍ତି ସୁରକ୍ଷା ପରିଷଦ, ମଧୁର ଜଳ, ଚିଟ୍‌ଫଣ୍ଡ, ଶ୍ରୀମନ୍ଦିର ପ୍ରସଙ୍ଗ, ସ୍ୱର୍ଗଦ୍ୱାର ଜମି ଦୁର୍ନୀତି ଭଳି ଏକାଧିକ ପ୍ରସଙ୍ଗରେ ସହରବାସୀଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନ କରିଛନ୍ତି। ଯଦି ଦଳ ତାଙ୍କୁ ଅଣଦେଖା କରେ ତେବେ ସେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି କହିଛନ୍ତି। ଏଥିପାଇଁ ସେ ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଦେଇଥିବା ସୂଚନା ଦେଇଛନ୍ତି।

ଛାତ୍ର ଜୀବନରୁ ରାଜନୀତି ସହ ରହିଥିବା ଶାଶ୍ୱତ ବର୍ତ୍ତମାନ ଭାଜପା ଜିଲା ଯୁବମୋର୍ଚ୍ଚାର ଉପସଭାପତି ଅଛନ୍ତି। ପୂର୍ବରୁ ଭାଜପା ନଗର ଯୁବମୋର୍ଚ୍ଚା ସଭାପତି ରହିଥିଲେ। ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ ସେ ଆଗାମୀ ନିର୍ବାଚନ ପାଇଁ ଆଶାୟୀ ଅଛନ୍ତି। ଦଳ ଯଦି ତାଙ୍କୁ ସୁଯୋଗ ଦିଏ ତେବେ ସେ ଅଧିକ ଖୁସି ହେବେ। ଯଦି ଅନ୍ୟ କାହାକୁ ପୁରୀରୁ ପ୍ରାର୍ଥୀ କରାଯାଏ, ତେବେ ତାଙ୍କ ପ୍ରତି ସହଯୋଗ ରହିବ ବୋଲି କହିଛନ୍ତି ଶାଶ୍ୱତ। ସେହିପରି ଭବାନୀ କହିଛନ୍ତି, ମୁଁ ସମ୍ପୂର୍ଣ୍ଣ ଭାବେ ଆଶାୟୀ ରହିଛି। ଯଦି ବି ଦଳ ପ୍ରାର୍ଥୀ ହେବା ପାଇଁ ସୁଯୋଗ ନ ଦିଏ, ତେବେ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସ୍ୱାର୍ଥ ନିମନ୍ତେ ଦଳ ଯେଉଁ ଉପଦେଶ ଦେବ, ତାହାକୁ ମାନିନେବି। ପ୍ରତ୍ୟେକ ଦଳରେ ଏବେ ନୂଆ ନୂଆ ଯୁବ ଆଶାୟୀ ବାହାରିବା ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବରୁ ନୀରବ ଥିବା ଏହି ଯୁବ ଆଶାୟୀମାନେ ହଠାତ୍ ସକ୍ରିୟ ହେବା ପଛର କାରଣକୁ ନେଇ ପ୍ରତ୍ୟେକ ଦଳ ଭିତରେ ଚାଲିଛି ଆଲୋଚନା। କେହି କେହି ଏହା ଦଳୀୟ କନ୍ଦଳର ଫଳ ବୋଲି କହୁଥିବା ବେଳେ ଆଉ କେହି ଏହାକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି।



ଭାଜପା ପକ୍ଷରୁ ଅନୁଷ୍ଠିତ ପିଏମ୍‌କେଭିୱାଇ କାର୍ଯ୍ୟକ୍ରମ।

## ଆଚରଣବିଧି ଉଲ୍ଲଂଘନ: ବ୍ୟାନର, ଗଞ୍ଜି ଜବତ

**ନିମାପଡ଼ା,୧୪।୩(ଡି.ଏନ୍.ଏ.)**

ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ମାତ୍ର ନିମାପଡ଼ା ବ୍ଲକରେ ଭାଜପା ଏହି ନିୟମକୁ ଉଲ୍ଲଂଘନ କରୁଥିବା ନେଇ ଗୁରୁବାର ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ସ୍ଥାନୀୟ ବ୍ଲକ ଅଧୀନ ତୁଳସୀପୁର ପଞ୍ଚାୟତର ଅମରେଶ୍ୱର ଛକଠାରେ ଥିବା ପ୍ରାଚୀ ରିସର୍ଚ୍ଚ ସେଣ୍ଟରଠାରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା(ପିଏମ୍‌କେଭିୱାଇ)ର ଏକ ବ୍ୟାନର ଲଗାଯିବା ସହ କେତେଜଣ ଭାଜପା ନେତୃବୃନ୍ଦ ଶତାଧିକ ଯୁବକଙ୍କୁ ଏକତ୍ରିତ କରି ଗଞ୍ଜି ପ୍ରଦାନ କରିଥିଲେ। ଏହା ସହ ୧ଲକ୍ଷ ଟଙ୍କା ଲେଖାଏ ଋଣ ପ୍ରଦାନ କରାଯିବା ନେଇ ପ୍ରଲୋଭନ ଦେଖାଇଥିବା ବିଜେଡି ନେତା ପ୍ରକାଶ ସାହୁ, ବିଜୟ ଦାଶ, ଅରକ୍ଷିତ ଭୋଇଙ୍କ ସମେତ ବହୁ ନେତୃବୃନ୍ଦ ନିମାପଡ଼ା ବ୍ଲକର ନିର୍ବାଚନ ରିଟର୍ଣ୍ଣିଂ ଅଫିସର ତଥା ତହସିଲଦାର ଓ ଟେଲିଫୋନ ଯୋଗେ ବିଡିଓ ଦାମୋଦର ଖୁଣ୍ଟିଆଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଖବରପାଇ ତହସିଲଦାର କମଳଜିତ ଦାସ ସମାରୋହ ସ୍ଥାନରେ ପହଞ୍ଚି ବ୍ୟାନର ଓ ୫୦ଟି ଗଞ୍ଜିକୁ ଜବତ କରିଛନ୍ତି। ଯେ କୌଣସି ବ୍ୟକ୍ତି ଆଦର୍ଶ ଆଚରଣ ବିଧି ଉଲଂଘନ କରନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦାସ କହିଛନ୍ତି।

■ ପିଇଓଙ୍କ ବାରମ୍ବାର ବଦଳି

## ୬ସପ୍ତାହ ମଧ୍ୟରେ ବିଚାର ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ସାକ୍ଷୀଗୋପାଳ, ୧୪।୩(ସ୍ୱ.ପ୍ର,)**

ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଦାଶବିଦ୍ୟାଧରପୁର ପଞ୍ଚାୟତରେ ବାରମ୍ବାର ପଞ୍ଚାତ ନିର୍ବାହୀ ଅଧିକାରୀଙ୍କ ବଦଳି ସମ୍ପର୍କିତ ଏକ ମାମଲାର ବିଚାର କରି ହାଇକୋର୍ଟ ପୁରୀ ଜିଲାପାଳଙ୍କୁ ୬ ସପ୍ତାହ ମଧ୍ୟରେ ବିଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ବିଶ୍ୱନାଥ ରଥ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ସତ୍ୟବାଦୀ ବିଡିଓ ଶିବାନନ୍ଦ ସ୍ୱାଇଁଙ୍କୁ ପଚାରିବାରୁ କୋର୍ଟଙ୍କ ନିର୍ଦ୍ଦେଶ ଆମାର ହସ୍ତଗତ ହୋଇଛି। ଶିଘ୍ର ଏ ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

ପ୍ରକାଶ ଯେ, ଦାଶବିଦ୍ୟାଧରପୁର ପଞ୍ଚାୟତରେ ଗତ ଦୁଇ ବର୍ଷ ମଧ୍ୟରେ ୭ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବଦଳି ହୋଇଛି। ନିର୍ବାହୀ ଅଧିକାରୀଙ୍କ ବାରମ୍ବାର ବଦଳି ଯୋଗୁ ଉନ୍ନୟନ କାର୍ଯ୍ୟ ବାରମ୍ବାର ବାଧାପ୍ରାପ୍ତ ହେଉଛି। ଫଳରେ ୧କୋଟିରୁ ଊର୍ଦ୍ଧ୍ୱ ପରିମାଣର ଅର୍ଥ ଖର୍ଚ୍ଚ ହୋଇ ନ ପାରି ପଞ୍ଚାୟତର ବିଭିନ୍ନ ଏକାଉଣ୍ଟରେ ପଡ଼ିରହିଛି। ଏ ନେଇ ସରପଞ୍ଚ ହରିହର ନନ୍ଦ ବିଡିଓ, ପୁରୀ ଜିଲାପାଳ ଓ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ପରେ ନିରାଶ ହୋଇ ସରପଞ୍ଚ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟମାନେ ହାଇକୋର୍ଟରେ ଡବ୍ଲୁପିସି ନମ୍ବର ୪୬୯୧/୨୦୧୯ରେ ଅଭିଯୋଗ ଦାଖଲ କରିଥିଲେ।



ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବେଦ ବିଭାଗ ପକ୍ଷରୁ ଆୟୋଜିତ ୧୦୦ କ୍ଲାସ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ୧୦୦ କ୍ଲାସ୍ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ପୁରୀ ଅଫିସ,୧୪।୩**

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବେଦ ବିଭାଗ ଦ୍ୱାରା ଆୟୋଜିତ ସମସ୍ତଙ୍କ ପାଇଁ ବୈଦିକ କକ୍ଷ ୧୦୦ କ୍ଲାସ୍‌ବିଶିଷ୍ଟ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରାଧାମାଧବ ଦାଶ ଉଦ୍‌ଘାଟନ କରିଥିଲେ। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସଂସ୍କୃତ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଗୋପାଳକୃଷ୍ଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର ବେଦପାଠ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବେଦ ବିଭାଗର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଦିବାକର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଭାଗର ଆରମ୍ଭ ଓ ୨୫ ବର୍ଷରେ ପଦାର୍ପଣ ବିଷୟରେ କହିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ସଚ୍ଚିଦାନନ୍ଦ ମହାପାତ୍ର, ପରୀକ୍ଷା ନିୟନ୍ତ୍ରକ ଡ. ମଧୁସୂଦନ ମିଶ୍ର, ପଣ୍ଡିଚେରୀସ୍ଥିତ ଶ୍ରୀଅରବିନ୍ଦ ଭାରତୀୟ ସଂସ୍କୃତି ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ସମ୍ପଦାନନ୍ଦ ମିଶ୍ର ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହରିହର ହୋତା ସଭାପତିତ୍ୱ କରିଥିବା ବେଳେ ଅଦ୍ୱୈତ ବେଦାନ୍ତ ବିଭାଗର ଅଧ୍ୟକ୍ଷ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମର ସଫଳ ରୂପାୟନ ବିଷୟରେ କହିଥିଲେ। ଏହି ଅବସରରେ ଅତିଥିମାନେ ସ୍ନାତକୋତ୍ତର ବେଦ ବିଭାଗର ପତ୍ରିକା ଶ୍ରୌତବିଦ୍ୟାକୁ ଉନ୍ମୋଚନ କରିଥିଲେ। ୧୦୦ କ୍ଲାସ୍‌ବିଶିଷ୍ଟ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଭାଗନେଇ ଅତିଥିଙ୍କଠାରୁ ପ୍ରମାଣପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ବେଦ ବିଭାଗର ଅଧ୍ୟାପିକା ଡ. ପରାମ୍ବା ଶ୍ରୀଯୋଗମାୟା ଧନ୍ୟବାଦ ଦେଇଥିଲେ।

## ଭୋଟର ସଚେତନତା ଗୃହରେ ତାଲା: ଜିଲାପାଳ କ୍ଷୁବ୍ଧ

**ଗୋପ, ୧୪।୩(ଡି.ଏନ୍.ଏ.)**

ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଗୁରୁବାର ଅଚାନକ ଗୋପ ବ୍ଲକରେ ଭୋଟର ସଚେତନତା କାର୍ଯ୍ୟକ୍ରମର ତଦାରଖ ପାଇଁ ପହଞ୍ଚିଥିଲେ। ମାତ୍ର ଭୋଟର ସଚେତନତା ଗୃହରେ ତାଲା ପଡ଼ିଥିବା ଦେଖି ଜିଲାପାଳ କ୍ଷୁବ୍ଧ ହୋଇଥିଲେ। ଏହି ସମୟରେ ବିଡିଓଙ୍କ ସମେତ ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ପ୍ରଗତି ସହାୟକ ଆଦି ବିଭିନ୍ନ ବିଭାଗର କର୍ମଚାରୀ ଅନୁପସ୍ଥିତ ଥିବା ନେଇ ବିରକ୍ତି ପ୍ରକାଶ କରିବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏହା ସହ ଗୋପ ବ୍ଲକର ବିଭିନ୍ନ ସ୍ଥାନରେ ସରକାରୀ ବିଜ୍ଞାପନ ଗୁଡ଼ିକ ହଟାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲାପାଳ ଏହି ବ୍ଲକକୁ ଅଚାନକ ପରିଦର୍ଶନରେ ଆସିଥିବାବେଳେ କର୍ମଚାରୀଙ୍କ ମଧ୍ୟରେ କୋକୁଆ ଭୟ ଖେଳିଯାଇଛି। ଏ ସମ୍ପର୍କରେ ଗୋପ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ଜିଲାପାଳ ଗୋପ ବ୍ଲକରେ ପହଞ୍ଚିଥିବାବେଳେ ମୁଁ ହୋର୍ଡିଂ ଖୋଲିବା କାର୍ଯ୍ୟରେ ବ୍ୟସ୍ତ ଥିଲି। ଏହା ସହ ଭୋଟର ସଚେତନତା ଗୃହ ସମ୍ପର୍କରେ ଦୃଷ୍ଟି ଦେବି ବୋଲି ସେ କହିଥିଲେ।

ଯୋଗାଣ ଏବଂ ମାପ ଓଜନ ବିଭାଗର ଚଢ଼ାଉ

## ୧୫ ହଜାର ଟଙ୍କା ଜରିମାନା ଆଦାୟ

**ପୁରୀ ଅଫିସ,୧୪।୩**

ପୁରୀ ଜିଲା ଯୋଗାଣ ଏବଂ ମାପ ଓଜନ ବିଭାଗ ପକ୍ଷରୁ ଗୁରୁବାର ଚଢାଉ କରାଯାଇ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବାବେଳେ ୨ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓଙ୍କ ସୂଚନା ମୁତାବକ, ଦୁଇ ବିଭାଗ ପକ୍ଷରୁ ମିଳିତ ଭାବେ ପ୍ରବର୍ତ୍ତନ ସ୍କ୍ୱାଡ୍ ଦ୍ୱାରା ୧୨ ଓ ୧୩ ତାରିଖ ଦୁଇଦିନ ଧରି ଚଢାଉ କରାଯାଇଥିଲା। ମୁକ୍ତେଶ୍ୱର ବଜାର ପାରାଡାଇଜ୍ ଫିଲିଙ୍ଗ ଷ୍ଟେଶନ, ବୀରହରେକୃଷ୍ଣପୁର ଜୟରାଧା ଫିଲିଙ୍ଗ ଷ୍ଟେଶନ, କାଦୁଆର କେଦାରନାଥ ଫୁଏଲ୍‌ସ, ସତ୍ୟବାଦୀର ମଙ୍ଗଳା ଫିଲିଙ୍ଗ ଷ୍ଟେଶନ ଏବଂ ରିଆ ଗ୍ୟାସ୍ ଏଜେନ୍‌ସି ଗ୍ରାମୀଣ ବିତରକ ଉପରେ ଅଚାନକ ଚଢାଉ କରାଯାଇଥିଲା। ରିଆ ଗ୍ୟାସ୍ ଏଜେନ୍‌ସିରେ ଅନିୟମିତତା ପରିଲକ୍ଷିତ ହୋଇଥିବାରୁ ମାପ ଓଜନ ବିଭାଗ ତରଫରୁ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି ପୁରୀ ବଗଲା ଛକସ୍ଥିତ ପ୍ରିୟା ସାଉଥ୍ ଇଣ୍ଡିଆନ ଭେଜ୍ ରେଷ୍ଟୁରାଣ୍ଟ ଉପରେ ଚଢାଉ କରାଯାଇ ଯୋଗାଣ ବିଭାଗ ପକ୍ଷରୁ ୨ଟି ଘରୋଇ ଏଲ୍‌ପିଜି ସିଲିଣ୍ଡର ଜବତ କରାଯାଇଥିଲା। ପେଟ୍ରୋଲ ପମ୍ପଗୁଡ଼ିକରେ ଅନିୟମିତତା ସମ୍ବନ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି ବୋଲି ଯୋଗାଣ ଅଧିକାରୀ ଦେଓ କହିଛନ୍ତି।

## ଦ୍ୱିତୀୟ ବିବାହକୁ ନେଇ ଥାନାରେ ଜଣେ ଅଟକ

**ବ୍ରହ୍ମଗିରି, ୧୪।୩(ଡି.ଏନ୍.ଏ.)**

ବ୍ରହ୍ମଗିରି ଥାନା ଅଞ୍ଚଳରେ ଜଣେ ବିବାହିତ ଯୁବକ ଦ୍ୱିତୀୟ ବିବାହ କରୁଥିବା ନେଇ ଅଭିଯୋଗ ହେବା ପରେ ବ୍ରହ୍ମଗିରି ଥାନାରେ ଅଟକ ରହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଥାନା ଅଞ୍ଚଳର ଜଣେ ଯୁବକ ପୂର୍ବରୁ ବିବାହ କରିଥିଲେ। ତାଙ୍କର ସ୍ତ୍ରୀ ଏବଂ ସନ୍ତାନ ରହିଛନ୍ତି। ପରେ ଅନ୍ୟଜଣେ ଯୁବତୀଙ୍କୁ ପ୍ରେମ ବିବାହ ଉଦ୍ୟମ କରୁଥିବା ସମୟରେ ପ୍ରଥମ ସ୍ତ୍ରୀ ଏ ନେଇ ବ୍ରହ୍ମଗିରି ଥାନାରେ ଅଭିଯୋଗ କରିବାରେ ପୋଲିସ ସଂପୃକ୍ତ ଯୁବକଙ୍କୁ ଆଣି ଥାନାରେ ଅଟକ ରଖିଛି।

## ଆତ୍ମରକ୍ଷା ତାଲିମ ଶିବିର

**ବ୍ରହ୍ମଗିରି, ୧୪।୩(ଡି.ଏନ୍.ଏ.):** ବ୍ରହ୍ମଗିରିସ୍ଥିତ ଅଲାରନାଥ ଧନ୍ଦାମୂଳକ ମହାବିଦ୍ୟାଳୟରେ ଗୁରୁବାରଠାରୁ ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ମହାନ୍ତି ଯୋଗଦେଇଥିଲେ। ପ୍ରଶିକ୍ଷିକା ପୁଷ୍ପାଞ୍ଜଳି ମିଶ୍ର ଓ ସୁନିତା ସାହୁ ଏହି ଶିବିରରେ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ୧୦୦ଜଣ ଛାତ୍ରୀ ଶିବିରରେ ପ୍ରଶିକ୍ଷଣ ନେଉଛନ୍ତି।

## ମୁଗ ଫସଲରେ ପୋକ, ଚାଷୀ କ୍ଷତିଗ୍ରସ୍ତ


**ସାକ୍ଷୀଗୋପାଳ, ୧୪।୩(ଡି.ଏନ୍.ଏ.)**

ଚଳିତ ରବିଋତୁରେ ସତ୍ୟବାଦୀ ବ୍ଲକର ବିଭିନ୍ନ ମୌଜାରେ କରାଯାଇଥିବା ମୁଗ ଫସଲରେ ପୋକ ଲାଗିଛି। ପ୍ରଥମେ କୁହୁଡି ଯୋଗୁ ମୁଗ ଫସଲରେ ଜଉପୋକ ଧରିବା ପରେ ଏବେ ଫଳ ଧରିବା ବେଳକୁ ଧଳାମାଛି, କାଣ୍ଡିମୁଣ୍ଡି ଓ ଭୂତାଣୁଜନିତ ରୋଗ ଆକ୍ରାନ୍ତରେ ମୁଗଗଛର ପତ୍ରଗୁଡିକ ସଂକ୍ରମିତ ହୋଇ ଝାଉଁଳି ପଡୁଛି। ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ସଂକ୍ରମିତ ଫସଲରେ କୀଟନାଶକ ସିଞ୍ଚନ କରାଗଲେ ମଧ୍ୟ ସୁଫଳ ମିଳୁନି। ଫଳରେ ଚାଷ ପାଇଁ ଅର୍ଥବ୍ୟୟ କରି ଏବେ ଫସଲ ଆଶା ହରାଇ ଚାଷୀମାନେ କ୍ଷତିରେ ପଡିଥିବା କହିଛନ୍ତି। ସତ୍ୟବାଦୀ ବ୍ଲକର ମହୁରା, କେତକୀପାଟଣା, ବଳପୁର, ବିଶ୍ୱନାଥପୁର, ରାୟଖଣ୍ଡି, ବିଦ୍ୟାଧରପୁର, କାଦୁଆ, ବୀରରାମଚନ୍ଦ୍ରପୁର, ଶୁକଳ, ଅଳଗୁମ ଆଦି ପଞ୍ଚାୟତର କେତେକ ଚାଷଜମିରେ ରୋଗ ସଂକ୍ରମଣ ହୋଇଥିବା ଚାଷୀମାନେ କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ମାଗଣା କୀଟନାଶକ ଯୋଗାଇଦେବାକୁ ଦାବି କରିଛନ୍ତି।

## ଯୁବନେତୃତ୍ୱ ତାଲିମ ଶିବିର ଉଦ୍‌ଯାପିତ

**କୋଣାର୍କ, ୧୪।୩(ଡି.ଏନ୍.ଏ.)**

ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟର ସ୍ୱୟଂଚାଳିତ ସଂସ୍ଥା ନେହେରୁ ଯୁବକେନ୍ଦ୍ର ପୁରୀ ଆନୁକୂଲ୍ୟରେ କୋଣାର୍କସ୍ଥିତ ଅର୍ବାନ ହାଟଠାରେ ଚାଲିଥିବା ତିନିଦିନିଆ ଯୁବନେତୃତ୍ୱ ଓ ବିକାଶ ଶୀର୍ଷକ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଡି.ମାଲେଶ୍ୱର ରାଓ ଯୋଗଦେଇଥିଲେ। ଫ୍ରେଣ୍ଡସ କ୍ଲବ୍ ସଭାପତି ତଥା ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ବାହିନୀପତି, ସୋଲାର ସମ୍ପାଦକ ହରିଶ୍ ଚନ୍ଦ୍ର ଦାଶ, ବ୍ୟବସାୟୀ ମହାସଂଘ ସଭାପତି ସୁବାସ ନାୟକ, ଶଭ୍ରାଂଶୁ ସେଠୀ ଓ ସୁନୀଲ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଯୁବ ସମାଜକୁ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଶିବିରରେ ପ୍ରଶିକ୍ଷକ ଭାବେ ସଂଗ୍ରାମ ସାମନ୍ତରାୟ, ଡେପୁଟି କଲେକ୍ଟର ସୁଧାକର ସାମନ୍ତରାୟ, ଏନ୍‌ସିସି ଅଧିକାରୀ ବିନୟ ଭୂଷଣ ମହାନ୍ତି, କୋଣାର୍କ ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ, ନେହେରୁ ଯୁବକେନ୍ଦ୍ରର ଯୁବ ସଂଯୋଜକ ଜୟଶଙ୍କର ଯୋଶୀ ପ୍ରମୁଖ ଯୁବ ପ୍ରଶିକ୍ଷାର୍ଥୀମାନଙ୍କୁ ଯୁବନେତୃତ୍ୱ ଓ ତାହାର ବିକାଶ, ସାମାଜିକ ବିଧିବ୍ୟବସ୍ଥା, ଭୋଟ ଦେବାର ଅଧିକାର, ସ୍ୱାସ୍ଥ୍ୟ ଓ ପରିମଳ ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦିଲୀପ କୁମାର ନାୟକ, ଦିଲୀପ ଜେନା ଓ ମାନସ କୁମାର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।





ତାଲିମ ଶିବିରରେ ଯୋଗଦେଇଥିବା ତାଲିମଦାତା ଓ ଅତିଥି।

# ଅବାଧରେ ଚାଲିଛି ନିଶା କାରବାର

**ପୁରୀ ଅଫିସ,୧୪।୩**

ପର୍ଯ୍ୟଟନ ସହର ପୁରୀ ନିଶା ବେପାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସହରର ଗଳିକନ୍ଦିରେ ଚାଲିଛି ଖୁଲମ୍‌ଖୁଲା ନିଶା କାରବାର। ଏଥିରେ କେତେଜଣ ପୋଲିସ ଏବଂ ଅବକାରୀ ବିଭାଗର ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ନିଶା ବେପାରୀମାନେ ନିଜ କାୟା ବିସ୍ତାର କରି ଚାଲିଛନ୍ତି। କୋରେକ୍ସ, ଗଞ୍ଜେଇ ସିଗାରେଟ୍, ବ୍ରାଉନ୍‌ସୁଗାର, ନିଶା ବଟିକା ପ୍ରଭୃତି ବହୁଳମାତ୍ରାରେ ବିକ୍ରି ହେଉଛି। କଲେଜ ଓ ସ୍କୁଲ ଛାତ୍ରୀଛାତ୍ର ଏହାର ଶିକାର ହେଉଛନ୍ତି। ଷ୍ଟେଶନ ରୋଡ୍, ବଡ଼ଶଙ୍ଖ, ମେଡିକାଲ ଛକ, ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ଅଞ୍ଚଳ, ବାଲିସାହି, ଲୋକନାଥ ରୋଡ୍, ସ୍ୱର୍ଗଦ୍ୱାର, ବେଳାଭୂମି ପ୍ରଭୃତି ସ୍ଥାନରେ ବହୁଳ ମାତ୍ରାରେ ନିଶାଦ୍ରବ୍ୟ ବିକ୍ରି ହେଉଛି। କୁମ୍ଭାରପଡ଼ା ଥାନା ଅଧୀନ ଦେବୀଘାଟ ଛକ, ବାସେଳି ସାହି, ଗୋଖାସାହି ଛକରେ ଖୋଲାଖୋଲି ବ୍ରାଉନ୍‌ସୁଗାର ବିକ୍ରି ଚାଲିଛି। ବିଭିନ୍ନ ସ୍କୁଲ ଏବଂ କଲେଜ ଆଗରେ ଅବାଧରେ ଗଞ୍ଜେଇ ସିଗାରେଟ୍, କୋରେକ୍ସ ବିକ୍ରି ହେଉଛି। କେତେଜଣ ପୋଲିସ କର୍ମଚାରୀ ମୋଟାଅଙ୍କର ମାସିକିଆ ବଟି ନେଇ ଏହାକୁ ପ୍ରଶ୍ରୟ ଦେଉଛନ୍ତି। ଅବକାରୀ ବିଭାଗ ଛୋଟ ବେପାରୀଙ୍କୁ ଧରି ବାହାବା ନେଉଥିବା ବେଳେ ବଡ଼ ବେପାରୀଙ୍କୁ ଧରିବାକୁ ସାହସ କରୁ ନ ଥିବା ଅଭିଯୋଗ ହେଉଛି। ମୋଚିସାହି ଛକ, ଭିଆଇପି ରୋଡ୍, ଅଠରନଳା, ସ୍ୱର୍ଗଦ୍ୱାର, ଜେଲ ରୋଡ୍, ମାର୍କେଟ ଛକ ପ୍ରଭୃତି ସ୍ଥାନରେ ଥିବା ମଦ ଦୋକାନ ନିକଟରେ ଓପନ୍ ବାର୍ ଚାଲିଛି।

ଯୁବନେତା ସ୍ୱାଧୀନ ପଣ୍ଡା କୁହନ୍ତି, ପୁରୀ ସହର ଏବେ ନିଶା ବେପାରୀଙ୍କ ଚରାଭୂଇଁ ପାଲଟିଛି। ପୋଲିସ, ଅବକାରୀ ବିଭାଗ ଏବଂ ମାଫିଆଙ୍କ ମଧୁଚନ୍ଦ୍ରିକା ଯୋଗୁ ସହରରେ ଏବେ ଜୁଆଡି, ମଦ ବ୍ୟବସାୟୀଙ୍କ ରାଜ୍ ଚାଲିଛି। କଂଗ୍ରେସ ଯୁବନେତା ବିଶ୍ୱନାଥ ଦାଶ କୁହନ୍ତି, କଲେଜ ପରିସରରେ ବିଦ୍ୟାର୍ଥୀମାନେ ମଦ୍ୟପାନ କରୁଥିବା ଭିଡିଓ ଦୁଇଥର ଭାଇରାଲ ହେଲାଣି। ସ୍କୁଲ ଆଗରେ ନିଶା ସାମଗ୍ରୀ ବିକ୍ରି ହେଉଛି। ଆଖି ଥାଇ ବି ପୋଲିସ ଓ ଅବକାରୀ ବିଭାଗ ଅନ୍ଧ ଭଳି ଆଚରଣ କରୁଛନ୍ତି। ଲୋକମାନେ ରାଜରାସ୍ତା ଓ ବେଳାଭୂମିରେ ବସି ମଦ୍ୟପାନ ଏବଂ ନିଶା ସେବନ କରୁଥିବା ଭିଡିଓ ଭାଇରାଲ ହୋଇଥିଲା। ବେଳାଭୂମିରେ ରାତିସାରା ମଦ ଦୋକାନରେ ମଦ ବିକ୍ରି ହେଉଛି। ମାସିକିଆ ବଟି ନେଇ ପୋଲିସ ସେହି ରାସ୍ତାରେ ପାଟ୍ରୋଲିଂ ଲାଗି ଯାଉ ନ ଥିବା ସ୍ଥାନୀୟ ବାସିନ୍ଦା ଗଣମାଧ୍ୟମକୁ କହିଛନ୍ତି।

ଏ ନେଇ ଏସ୍‌ପି ଉମାଶଙ୍କର ଦାଶ କୁହନ୍ତି, ପୁରୀକୁ ଅପରାଧ ଏବଂ ନିଶାମୁକ୍ତ ସହର ଲାଗି ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ ହୋଇଛି। ନିକଟରେ ଦେବୀଘାଟରୁ ୪ଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରାଯାଇଥିଲା। ଆଗକୁ ମଧ୍ୟ ଏହି ଅଭିଯାନ ଜାରି ରହିବ। ଏ ନେଇ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଦରକାର। କୌଣସି ସ୍ଥାନରେ ନିଶା କାରବାର ଚାଲୁଥିବା ନଜରକୁ ଆସିଲେ, ପୋଲିସକୁ ଖବର ଦିଅନ୍ତୁ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।

■ ପ୍ରଶ୍ରୟ ଦେଉଛନ୍ତି ପୋଲିସ, ଅବକାରୀ ବିଭାଗ
■ ଶିକାର ହେଉଛନ୍ତି କଲେଜ, ସ୍କୁଲ ଛାତ୍ର
■ ମାସିକିଆ ବଟି ନେଇ ପୋଲିସ ଚୁପ୍
■ ପୁରୀ ହେବ ଅପରାଧ ଓ ନିଶାମୁକ୍ତ : ଏସ୍‌ପି